# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୩୦/୨୦୨୧ (୧୬ ପୃଷ୍ଠା) | Bhubaneswar, Thursday, September 30/2021 | ★★★★

୪୭ଶ ଭାଗ ୩୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ମହିଳା ବିଗ୍‌ବାଶ୍ ଲିଗ୍‌ରେ ରୋଡ୍ରିଗ୍ରେଜ**

ଯୁବ ବ୍ୟାଟର ଜେମିମା ରୋଡ୍ରିଗ୍ରେଜ ପ୍ରଥମଥର ପାଇଁ ମହିଳା ବିଗ୍‌ବାଶ୍ ଲିଗ୍‌ରେ ମେଲବୋର୍ନ ରେନେଗାଡେସ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି।

୧୧

୧୪

**ଲେହେଙ୍ଗା-ଜୋତାରେ ତାପସୀଙ୍କ ଏକ୍ସପେରିମେଣ୍ଟ**

ବଲିଉଡ୍ ମୁଭି 'ରଶ୍ମି ରକେଟ୍'ର ପ୍ରଥମ ଗୀତ 'ଘନି କୁଲ ଛୋରୀ' ରିଲିଜ୍ ହୋଇଛି। ଏଥିରେ ଅଭିନେତ୍ରୀ ତାପସୀ ପନ୍ନୁ ଲେହେଙ୍ଗା ସହ ଜୋତା ପିନ୍ଧିଥିବା ଦେଖିବାକୁ ମିଳିଛି।






କଟକ ମାତାମଠ ନିକଟ କାନ୍ଥରେ ବାର୍ତ୍ତା ରହିଛି ଜଳ ହିଁ ଜୀବନ ଓ ଏହାର ସୁରକ୍ଷା। ହେଲେ ସେଠାରେ ଏକ ଟ୍ୟାପ୍‌ରୁ ପାଣି ଅପଚୟ ହେଉଛି।

# ବିଜୁ ଗାଁ ଗାଡ଼ି ଅଗଡ଼

*ଗ୍ରାମାଞ୍ଚଳକୁ ଉତ୍ତମ ଯୋଗାଯୋଗ ଲକ୍ଷ୍ୟ ନେଇ ୨୦୧୪ ଫେବୃୟାରୀ ୨୨ରେ ରାଜ୍ୟରେ ଗଡ଼ିଥିଲା 'ବିଜୁ ଗାଁ ଗାଡ଼ି'। ହେଲେ ରାଜ୍ୟ ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନାରେ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ମାନେ ବାଧକ ସାଜିଛନ୍ତି। ସେମାନଙ୍କ ଘରୋଇ ବସ୍ ପ୍ରୀତି ଯୋଗୁ ଯୋଜନା ଆରମ୍ଭ ହେବାର ୨/୩ ବର୍ଷ ମଧ୍ୟରେ ସତେ ଯେମିତି ସ୍ଥାଣୁ ପାଲଟିଯାଇଛି। ଯୋଜନାରେ କେତେଜଣ ଗାଡ଼ି କିଣିଥିଲେ ମଧ୍ୟ ପର୍ମିଟ ନ ପାଇ ହାତବାନ୍ଧି ବସିଛନ୍ତି। ଯେଉଁ କେତେକ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନ ଚାଲୁଛି ଖର୍ଚ୍ଚ ଉଠୁ ନ ଥିବାରୁ ସେଥିରୁ ମଧ୍ୟ ଅଧିକାଂଶ ବନ୍ଦ ହୋଇଗଲାଣି।*

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ଦୁର୍ଗମ ଓ ମାଓବାଦୀପ୍ରବଣ ଅଞ୍ଚଳକୁ ପରିବହନ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୨ ଜିଲାର ୧୧୮ ବ୍ଲକରେ ବିଜୁ ଗାଁ ଗାଡ଼ି ଚଳାଇଥିଲେ। ସେହି ଜିଲାଗୁଡ଼ିକ ହେଲା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କନ୍ଧମାଳ, କଳାହାଣ୍ଡି, ମୟୂରଭଞ୍ଜ, ବାଲେଶ୍ୱର, ଗଜପତି, କେନ୍ଦୁଝର, ସମ୍ବଲପୁର ଏବଂ ସୁନ୍ଦରଗଡ଼। ଦ୍ୱିତୀୟ ପର୍ଯ୍ୟାୟରେ ଏହା ଆଉ ୫ଟି ଜିଲା ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ସୋନପୁର ଏବଂ ଦେବଗଡ଼କୁ ସମ୍ପ୍ରସାରଣ କରାଯାଇଥିଲା। ପରେ ଏହା ରାଜ୍ୟର ବାକି ୧୩ଟି ଜିଲାରେ ପରିବହନ




ସେବା ନ ଥିବା ପଞ୍ଚାୟତଗୁଡ଼ିକ ସହିତ ସଂଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବସ୍ ଓ ଅନ୍ୟ ଯାତ୍ରୀବାହୀ ଗାଡ଼ିମାଲିକଙ୍କୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଯେଉଁମାନେ ବସ୍ କିମ୍ବା ଅନ୍ୟାନ୍ୟ ଛୋଟ ଯାତ୍ରୀ ପରିବହନ ଯାନ ଚଳାଇବେ, ସେମାନଙ୍କୁ ରୋଡ୍ ଟ୍ୟାକ୍ସ କିମ୍ବା ପର୍ମିଟ ଫି' ୫ ବର୍ଷ ଯାଏ ଦେବାକୁ ପଡ଼ିବ ନାହିଁ। ଏଥିସହିତ ଯାତ୍ରୀବାହୀ ଗାଡ଼ି କିଣିଲେ ଋଣ ସୁଧ ଉପରେ ସ୍ୱତନ୍ତ୍ର ରିହାତି ୫ ପ୍ରତିଶତ ମିଳିବ। ପ୍ରଥମ ପର୍ଯ୍ୟାୟରେ ୧୦ରୁ ୨୬ ଜଣ ବସି ଯିବା ଭଳି ଯାତ୍ରୀବାହୀ ଗାଡ଼ିକୁ ଅନୁମତି ଦିଆଯାଇଥିଲା। ୨୦୧୫ରେ ଏହାକୁ ସର୍ବନିମ୍ନ ୭ ଜଣ ବସିବା କ୍ଷମତାଥିବା ଯାନଗୁଡ଼ିକ ପାଇଁ ଅନୁମତି ମିଳିଥିଲା। ୧୨ଟି ଜିଲାରେ ପ୍ରଥମ ବର୍ଷରେ ୧ ହଜାର ଯାନ ଚାଲିବାକୁ ଅନୁମତି ଦିଆଯାଇଥିଲା। ଗାଡ଼ି କ୍ରୟ ବାବଦରେ ହିତାଧିକାରୀଙ୍କୁ ସୁଧ ରିହାତି ବାବଦରେ ୪.୨୫ କୋଟି ଟଙ୍କା ଦିଆଯାଇଥିଲା। ସେହିପରି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ୧୦୦ ବସ୍ ଚଳାଇବାକୁ ଓଡ଼ିଶା ସଡ଼କ ପରିବହନ ନିଗମକୁ ୨୧ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। କିନ୍ତୁ ଆର୍‌ଟିଓମାନଙ୍କ ସ୍ଥାନୀୟ ଘରୋଇ ବସ୍ ମାଲିକ ସଂଘ ସହ ସଲାସୁତରା ଯୋଗୁ ବିଜୁ ଗାଁ ଗାଡ଼ି ଅଗଡ଼ ହୋଇପଡ଼ିଛି। ରାଜ୍ୟ ସଡ଼କ ପରିବହନ ☞ପୃଷ୍ଠା-୪




# ୪୯,୨୭୯ ଛାତ୍ରୀଛାତ୍ରଙ୍କୁ ର୍‍ୟାଙ୍କ୍

**ଓଜେଇଇ ଫଳ ପ୍ରକାଶ**

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ-୨୦୨୧) ଫଳ ବୁଧବାର ପ୍ରକାଶ ପାଇଛି। ମୋଟ ୪୯,୨୭୯ଜଣ ଛାତ୍ରୀଛାତ୍ରଙ୍କୁ ର୍‍ୟାଙ୍କ୍ ମିଳିଛି। ବି.ଟେକ୍‌ରେ ପୀୟୁଷ ଚନ୍ଦୁକା ଟପ୍ପର ହୋଇଥିବାବେଳେ ଏଲ୍‌ଇ.ଟେକ୍ (ଡିପ୍ଲୋମା)ରେ ପିଙ୍କିରାଣୀ ସାହୁ, ଏଲ୍‌ଇ.ଟେକ୍ (ବିଏସ୍‌ସି)ରେ ଦୀପକ ସା, ବି. ଫାର୍ମାରେ ଲକ୍ଷ୍ମୀପ୍ରିୟା ସେନାପତି, ଏମ୍‌ବିଏରେ ଆଶୁତୋଷ ରଥ, ଏମ୍‌ସିଏରେ ନିଶିକାନ୍ତ ପରିଡ଼ା, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏରେ ରୁଦ୍ରପ୍ରସାଦ ରଥ, ଏଲ୍‌ଇ.ଫାର୍ମାରେ ଗୁଣାକର ସାହୁ, ଏମ୍.ଫାର୍ମାରେ କେ ସଞ୍ଜନା ସୁବୁଦ୍ଧି, ଏମ୍. ଆର୍କିଟେକ୍‌ରେ ପ୍ରଣବ ଚନ୍ଦ୍ର ବିନ୍ଧାଣି, ଏମ୍. ପ୍ଲାନ୍‌ରେ ବିଶ୍ୱଜିତ ସ୍ୱାଇଁ ଟପ୍ପର ହୋଇଛନ୍ତି। ସେହିପରି ଏମ୍.ଟେକ୍‌ର ୧୧ଟି ବିଷୟରେ ମଧ୍ୟ ଟପ୍ପର ତାଲିକା ପ୍ରକାଶ ପାଇଛି। ସିଭିଲ ଇଞ୍ଜିନିୟରିଂରେ ସୌମ୍ୟା ସାହୁ, ଇଲେକ୍ଟ୍ରିକାଲରେ ସତ୍ୟବ୍ରତ ସାହୁ, ମେକାନିକାଲରେ ମଳୟ କୁମାର ଓଝା, କମ୍ପ୍ୟୁଟର ସାଇନ୍ସରେ ସୌମ୍ୟ ସଙ୍କେତ ପାତ୍ର, ଇଲେକ୍ଟ୍ରୋନିକ ଆଣ୍ଡ କମ୍ୟୁନିକେଶନରେ ଦୀପକ କୁମାର ପୃଷ୍ଟି, କେମିକାଲ ଇଞ୍ଜିନିୟରିଂରେ ସମ୍ବିତ ନାୟକ, ମେଟାଲର୍ଜିକାଲରେ ସମ୍ବିତ କୁମାର ସାହୁ, ଏନଭାର୍ନମେଣ୍ଟାଲରେ ଅମିତ କର, ବାୟୋଟେକ୍ନୋଲୋଜିରେ ସୁସ୍ମିତା ପତି, ପ୍ଲାଷ୍ଟିକରେ ସାଇସ୍ୱପ୍ନା ରାଉତରାୟ ଓ ଟେକ୍ସଟାଇଲ ଇଞ୍ଜିନିୟରିଂରେ ଅଜିତ କୁମାର ସାହୁ ଟପ୍ପର ହୋଇଛନ୍ତି। ପରୀକ୍ଷାର୍ଥୀମାନେ ୱେବସାଇଟ୍ www.ojee.nic.in ଓ www.odishajee.comରୁ ନିଜର ର୍‍ୟାଙ୍କ୍ ଜାଣିପାରିବେ ବୋଲି ସୂଚନା ଦିଆଯାଇଛି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଲୋକସେବା ଭବନରେ ଫଳ ଘୋଷଣା କରିବା ସହିତ ଫଳ ପୁସ୍ତିକାକୁ ମଧ୍ୟ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ ଏବଂ ଓଜେଇଇର ଅଧ୍ୟକ୍ଷ ଓ ସଚିବ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୨୧-୨୨ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ୧୨ଟି ☞ପୃଷ୍ଠା-୪

# କ୍ରାଇମ୍‌ବ୍ରାଞ୍ଚ ହାତରେ ମହିଳାଙ୍କ ଫଟୋ

**ଡିଆର୍‌ଡିଓରୁ ଗୁପ୍ତ ତଥ୍ୟ ଲିକ୍ ମାମଲା**

■ **ପ୍ରୋଫାଇଲ ଫଟୋ ସହ ଭିଡିଓ କଲ୍ ମ୍ୟାଚ୍ କରୁଛି: ଏଡିଜି**

**କଟକ ଅଫିସ,୨୯।୯**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ଗୁପ୍ତତଥ୍ୟ ମାମଲାରେ ସନ୍ଦିଗ୍ଧ ମହିଳାଙ୍କ ଫଟୋ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି। ରହସ୍ୟମୟୀଙ୍କ ଗୋଟିଏ ଆକାଉଣ୍ଟରେ ପ୍ରୋଫାଇଲ୍ ଫଟୋ ସହ ଭିଡିଓ କଲ୍ ମ୍ୟାଚ୍ କରୁଛି। ବ୍ୟାଙ୍କ ଆକାଉଣ୍ଟ ଛଡ଼ା ଆଉ କେଉଁ ମାଧ୍ୟମରେ ମହିଳା ଜଣକ ଅଭିଯୁକ୍ତଙ୍କୁ ଟଙ୍କା ପଠାଉଥିଲେ ତାହାର ତଦନ୍ତ କରାଯାଉଛି। ଅନ୍ୟ ଦେଶର ସହାୟତା ନେବାକୁ ଚାହିଁଲେ ଇଣ୍ଟରପୋଲର ସହାୟତା ନେବାକୁ ପଡ଼ିଥାଏ। ସେହିପରି ଡାଟା ଯାଞ୍ଚ ହେଲା ପରେ ଅଭିଯୁକ୍ତଙ୍କୁ ପୁଣି ରିମାଣ୍ଡରେ ଅଣାଯାଇପାରେ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଗଣମାଧ୍ୟମକୁ ବୁଧବାର ସୂଚନା ଦେଇଛନ୍ତି। କ୍ରାଇମ୍‌ବ୍ରାଞ୍ଚର ଏକ ତଦନ୍ତକାରୀ ଟିମ୍ ବାଲେଶ୍ୱରରେ ରହି ତଦନ୍ତ ଚଳାଇଛନ୍ତି। ☞ପୃଷ୍ଠା-୪

## କ୍ରାଇମ୍‌ବ୍ରାଞ୍ଚକୁ ମିଳିଲା ଲାଏ ଡିଟେକ୍ସନ୍ ରିପୋର୍ଟ

■ **ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା**

**କଟକ ଅଫିସ,୨୯।୯**

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାରେ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ଲାଏ ଡିଟେକ୍ସନ୍ ରିପୋର୍ଟ କ୍ରାଇମବ୍ରାଞ୍ଚ ନିକଟରେ ପହଞ୍ଚିଛି। ପୂର୍ବରୁ ଉପରୋକ୍ତ ୩ଜଣ ଦେଇଥିବା ବୟାନ ଏବଂ ଲାଏ ଡିଟେକ୍ସନର ରିପୋର୍ଟକୁ ଯାଞ୍ଚ କରାଯାଉଛି। ରିପୋର୍ଟ ଆଧାରରେ ତଦନ୍ତ ଆଗକୁ ବଢ଼ିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ବୁଧବାର ଗଣମାଧ୍ୟମକୁ କହିଛନ୍ତି। ଗତ ୧୮ ତାରିଖରେ ଡିଏଫ୍‌ଓ ବେହେରା ଏବଂ ରୋଷେୟା କୁମ୍ଭଙ୍କ ଭୁବନେଶ୍ୱରସ୍ଥିତ ରାଜ୍ୟ ଫୋରେନ୍ସିକ୍ ଲାବରେ ଲାଏ ଡିଟେକ୍ସନ ଟେଷ୍ଟ ☞ପୃଷ୍ଠା-୪

## ଏସ୍‌ଆଇ ନିଲମ୍ବିତ

■ **ବଲଙ୍ଗା ଥାନା ବିସ୍ଫୋରଣ ଘଟଣା**



ତଅପୋଇ ନାୟକ

**ବଲଙ୍ଗା,୨୯।୯(ଡି.ଏନ୍.ଏ.)**

ବଲଙ୍ଗା ଥାନା ବିସ୍ଫୋରଣ ଘଟଣାରେ ବୁଧବାର ଏସ୍‌ଆଇ ତଅପୋଇ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତଅପୋଇ ଥାନାର ମାଲଖାନା ଦାୟିତ୍ୱରେ ଥିଲେ। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ଚାକିରିରୁ ଏସ୍‌ପି କନ୍‌ୱର ବିଶାଲ ସିଂ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ମଧ୍ୟରାତ୍ରିରେ ବଲଙ୍ଗା ଥାନାରେ ବଡ ଧରଣର ବିସ୍ଫୋରଣ ଘଟିଥିଲା। ☞ପୃଷ୍ଠା-୪

# ଶାହାଙ୍କୁ ଭେଟିଲେ ଅମରିନ୍ଦର



**ନୂଆଦିଲ୍ଲୀ,୨୯।୯**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅମରିନ୍ଦର ସିଂ ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ସାକ୍ଷାତ୍ କରିଛନ୍ତି। ପଞ୍ଜାବ କଂଗ୍ରେସରେ ସଙ୍କଟ ସୃଷ୍ଟି ହୋଇଥିବାବେଳେ ପୂର୍ବତନ କ୍ୟାବିନେଟ ସହଯୋଗୀ ନବଜୋତ୍ ସିଂ ସିଦ୍ଧୁଙ୍କ ଯୋଗୁ ମୁଖ୍ୟମନ୍ତ୍ରୀ ପଦ ହରାଇଥିବା ଅମରିନ୍ଦର ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। କାରଣ ସେ ରାଜନୀତି ଛାଡ଼ିନାହାନ୍ତି ଏବଂ ଶେଷ ଯାଏ ଲଢ଼ିବେ ବୋଲି ନିକଟରେ ଅମରିନ୍ଦର କହିଥିଲେ। ଶାହାଙ୍କ ସହ କୃଷି ଆଇନ ବିରୋଧରେ ଚାଲିଥିବା କୃଷକ ଆନ୍ଦୋଳନର ସମାଧାନ ପାଇଁ ଅନୁରୋଧ କରିଥିବା ନେଇ ଅମରିନ୍ଦର ଟୁଇଟ୍ କରିଛନ୍ତି।

# ନୂଆ ପ୍ରଜାତିର 'ବ୍ଲାଇଣ୍ଡ୍ ଇଲ୍' ଆବିଷ୍କୃତ

**୪ ଗବେଷକଙ୍କ ମଧ୍ୟରେ ଜଣେ ଓଡ଼ିଆ**

**ଭୁବନେଶ୍ୱର, ୨୯।୯(ବ୍ୟୁରୋ)**

ଆଶ୍ଚର୍ଯ୍ୟ ହେଲେ ବି ସତ। ଏକ ବ୍ଲାଇଣ୍ଡ ସ୍କୁଲ ବା ଦୃଷ୍ଟିହୀନ ବିଦ୍ୟାଳୟ ପରିସର କୂଅ ଭିତରୁ ମିଳିଥିବା ବ୍ଲାଇଣ୍ଡ ଇଲ୍ (ଯେଉଁ ଇଲ୍‌ର ଆଖି ନାହିଁ)କୁ ଏକ ନୂଆ ପ୍ରଜାତିର ମାଛ ଭାବେ ମାନ୍ୟତା ମିଳିଛି। ଏହା ଉପରେ ଭାରତର ୪ଜଣ ଗବେଷକ ୨୦୧୯ରୁ ଗବେଷଣା ଜାରି ରଖିଥିଲେ। ଏହି ଗବେଷଣା ନିବନ୍ଧଟି ମାଛଙ୍କ ଉପରେ ପ୍ରକାଶିତ ହେଉଥିବା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଜର୍ନାଲ 'ଆକୁଆ: ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ଇଥିଓଲୋଜି'ର ସଦ୍ୟତମ ସଂସ୍କରଣରେ ପ୍ରକାଶିତ ହୋଇଛି। ୪ଜଣ ଗବେଷକଙ୍କ ମଧ୍ୟରେ ଜଣେ ଓଡ଼ିଆ ମଧ୍ୟ ଅଛନ୍ତି। ସେ ହେଲେ ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜେଡ୍‌ଏସ୍‌ଆଇ)ର ସାଇଣ୍ଟିଷ୍ଟ ଇନ୍‌ଚାର୍ଜ ଡ. ଅନିଲ ମହାପାତ୍ର। ଅନ୍ୟ ୩ଜଣ ହେଲେ ଜୟାସିମ୍ହାନ୍ ପ୍ରବୀନରାଜ, ତେଜସ୍ ଠାକରେ ଓ ଆନମ୍ ପୱନ କୁମାର। ସେହି ନୂଆ ପ୍ରଜାତି ବ୍ଲାଇଣ୍ଡ ଇଲ୍‌ର ବୈଜ୍ଞାନିକ ନାମ ରଖାଯାଇଛି ରକ୍ଥାମିକ୍‌ଥିସ୍ ମୁମ୍ବା(Raktha-michthys Mumba)। ଏହାର ସାଧାରଣ ନାମ 'ମୁମ୍ବାଇ ବ୍ଲାଇଣ୍ଡ ଇଲ୍' ଦିଆଯାଇଛି।



ବ୍ଲାଇଣ୍ଡ ଇଲ୍

୨୦୧୯ରେ ମହାରାଷ୍ଟ୍ରର ମୁମ୍ବାଇର ଯୋଗେଶ୍ୱରୀ ୱେଷ୍ଟରେ ଥିବା ଏକ ବ୍ଲାଇଣ୍ଡ ସ୍କୁଲ ପରିସର କୂଅରେ ଏଭଳି ବିରଳ ମାଛ ଦେଖିବାକୁ ମିଳିଥିଲା। ପମ୍ପ ଦ୍ୱାରା ପାଣି ଶୁଖାଇ ୫ଟି ବ୍ଲାଇଣ୍ଡ ଇଲ୍ ଧରାଯାଇ ଗବେଷଣା କରାଯାଇଥିଲା। ଏହି ଗବେଷଣାରୁ ୫ଟି ଯାକ ସ୍ପେସିମେନ୍‌କୁ ପରୀକ୍ଷା ନିରୀକ୍ଷା କରିବାରୁ ଏହା ସାରା ବିଶ୍ୱରେ ମିଳୁଥିବା ଅନ୍ୟସବୁ ବ୍ଲାଇଣ୍ଡ ଇଲ୍ ପ୍ରଜାତିଠାରୁ ଭିନ୍ନ ଥିବା ଜଣାପଡ଼ିଥିଲା। ଏହାର ଡିଏନ୍‌ଏ ଆନାଲିସିସ ଗୋପାଳପୁର ଜେଡ୍‌ଏସ୍‌ଆଇ ଡିଏନ୍‌ଏ ଲାବରେଟୋରିରେ ହୋଇଥିବାବେଳେ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

ଜର୍ମାନୀ ନିର୍ବାଚନ ଦୃଶ୍ୟପଟ

## ଟିଏମ୍‌ସିରେ ମିଶିଲେ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ



**କୋଲକାତା,୨୯।୯:** ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାକ୍ତନ କଂଗ୍ରେସ ନେତା ଲୁଇଜିହ୍ନୋ ଫାଲେଇରୋ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। କୋଲକାତାରେ ଟିଏମ୍‌ସି ଏମ୍‌ପି ଅଭିଶେକ ବାନାର୍ଜୀଙ୍କ ଉପସ୍ଥିତିରେ ସେ ଓ ଅନ୍ୟ କେତେଜଣ ନେତା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳରେ ସାମିଲ ହୋଇଛନ୍ତି। ଗୋଆର ବିକାଶ ପାଇଁ ବିଭାଜନକାରୀ ତତ୍ତ୍ୱଙ୍କ ସହ ମୁକାବିଲାରେ ଏହା ସହାୟକ ହେବ ବୋଲି ଟୁଇଟ୍ କରି ମମତା ଫାଲେଇରୋଙ୍କୁ ଟିଏମ୍‌ସିକୁ ସ୍ୱାଗତ କରିଛନ୍ତି।

# କିଏ ନିଷ୍ପତ୍ତି ନେଉଛନ୍ତି ଜଣାନାହିଁ

### କଂଗ୍ରେସ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଲେ ସିବଲ

ନୂଆଦିଲ୍ଲୀ,୨୯।୯

ପଞ୍ଜାବ କଂଗ୍ରେସରେ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଦଳର ବରିଷ୍ଠ ନେତା କପିଲ ସିବଲ ବୁଧବାର ପରୋକ୍ଷରେ ଗାନ୍ଧୀ ପରିବାରର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। 'ଜି-୨୩' କେବେହେଲେ 'ଜୀ ହଜୁର-୨୩' ନୁହେଁ। କଂଗ୍ରେସରେ ଏବେ ନିର୍ବାଚିତ ଅଧ୍ୟକ୍ଷ ନାହାନ୍ତି। ଦଳରେ କିଏ ନିଷ୍ପତ୍ତି ନେଉଛନ୍ତି ତାହା ଆମକୁ ଜଣାନାହିଁ ବୋଲି ସେ କହିଛନ୍ତି।

ଗତବର୍ଷ କଂଗ୍ରେସର ୨୩ ନେତା ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳୀୟ ସଙ୍ଗଠନରେ ପରିବର୍ତ୍ତନ ଆଣି ନେତୃତ୍ୱ ପରିବର୍ତ୍ତନ କଥା ଉଠାଇଥିଲେ। ଏହି ଅସନ୍ତୁଷ୍ଟ ନେତାଙ୍କ ଗୋଷ୍ଠୀକୁ ଜି-୨୩ କୁହାଯାଉଛି। ସେମାନଙ୍କ ମଧ୍ୟରୁ କପିଲ ସିବଲ ଅନ୍ୟତମ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସିବଲ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜି-୨୩ ପକ୍ଷରୁ କହିଛନ୍ତି,



କପିଲ ସିବଲ

ଲୋକେ କାହିଁକି କଂଗ୍ରେସ ଛାଡୁଛନ୍ତି? ଏହା ଆମର ଦୋଷ କି ତା'ର ସମୀକ୍ଷା କରାଯାଇପାରେ। ଆମକୁ ତୁରନ୍ତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ଡାକିବାକୁ ପଡ଼ିବ। ଅନ୍ତତଃ ଆଲୋଚନା ହୋଇପାରିବ। ଆମେ ଦଳର ଆଦର୍ଶକୁ ତ୍ୟାଗକରି ଅନ୍ୟତ୍ର ଯିବୁନାହିଁ। ଦୁଃଖର ବିଷୟ ହେଉଛି ହାଇକମାଣ୍ଡଙ୍କ ନିକଟର ଲୋକେ କଂଗ୍ରେସ ଛାଡୁଛନ୍ତି ଏବଂ ଯାହାଙ୍କୁ ସେମାନଙ୍କ ଘନିଷ୍ଠ ନୁହନ୍ତି ବୋଲି ବିବେଚନା କରାଯାଏ, ସେମାନେ ଏବେ ବି ଦଳରେ ଅଛନ୍ତି। ଆମେ ଜି-୨୩, କିନ୍ତୁ ଜୀ ହଜୁର-୨୩ ନୋହୁଁ। ଆମେ ପ୍ରସଙ୍ଗଗୁଡ଼ିକୁ ଉଠାଇବା ଜାରି ରଖିବୁ। ବର୍ତ୍ତମାନ ଲାଗିରହିଥିବା ସ୍ଥିତିକୁ ଦେଖିପାରିବୁ ନାହିଁ। ଖବରଦାତା ସମ୍ମିଳନୀରେ ଏହି ବିଷୟ କହିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନ ଥିଲା ବୋଲି ସିବଲ ପ୍ରକାଶ କରିଛନ୍ତି। ସିବଲଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି ଯେତେବେଳେ କି ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ପଦରୁ ପୂର୍ବତନ କ୍ରିକେଟର ନବଜୋତ୍ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଭାଜପା ଆଡ଼କୁ ଢଳିବା ଆରମ୍ଭ କରିଛନ୍ତି। ସେହିପରି ଜି-୨୩ରେ ସାମିଲ ଥିବା ବରିଷ୍ଠ ନେତା ଗୁଲାମନବୀ ଆଜାଦ ମଧ୍ୟ ପଞ୍ଜାବ ପ୍ରସଙ୍ଗରେ ସୋନିଆଙ୍କ ନିକଟକୁ ସିଡବ୍ଲ୍ୟୁସି ବୈଠକ ଡାକିବା ପାଇଁ ପତ୍ର ଲେଖିଛନ୍ତି।

## ମମତାଙ୍କ ଭାଗ୍ୟ ପରୀକ୍ଷା ଆଜି



ମମତା ବାନାର୍ଜୀ

- ଭବାନୀପୁରରେ ୧୪୪ ଧାରା
- ଉପନିର୍ବାଚନରେ ବର୍ଷା ବାଧକ

କୋଲକାତା,୨୯।୯

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ବିଧାନସଭା ଆସନରେ ଗୁରୁବାର ଉପନିର୍ବାଚନ ହେବ। ଏଠାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତାଙ୍କ ବିରୋଧରେ ଭାଜପା ପ୍ରିୟଙ୍କା ଟିବ୍ରେୱାଲଙ୍କୁ ପ୍ରାର୍ଥୀ କରିଥିବାବେଳେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)ର ଶ୍ରୀଜୀବ ବିଶ୍ୱାସ ମଧ୍ୟ ଭାଗ୍ୟ ପରୀକ୍ଷା ପାଇଁ ମଇଦାନକୁ ଓହ୍ଲାଇଛନ୍ତି। ଏହି ଆସନରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିନାହିଁ।

ମମତା ୨୦୧୧ ଓ ୨୦୧୬ରେ ଭବାନୀପୁର ଆସନରୁ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଗତ ବିଧାନସଭା ନିର୍ବାଚନରେ ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କୁ ଟକ୍କର ଦେବା ପାଇଁ ମମତା ନନ୍ଦିଗ୍ରାମ ଆସନରୁ ଲଢ଼ିଥିଲେ। କିନ୍ତୁ ନନ୍ଦିଗ୍ରାମରେ ସେ ହାରିଯାଇଥିଲେ। ମୁଖ୍ୟମନ୍ତ୍ରୀ ପଦରେ ରହିବା ପାଇଁ ମମତାଙ୍କୁ ୬ ମାସ ଭିତରେ ବିଧାୟକ ଭାବେ ନିର୍ବାଚିତ ହେବା ଜରୁରୀ ଥିବାରୁ ଟିଏମ୍‌ସି ଟିକେଟରେ ଜିତିଥିବା ଶୋଭନଦେବ ଚଟ୍ଟୋପାଧ୍ୟାୟ ଏହି ହାଇପ୍ରୋଫାଇଲ ଆସନ ତାଙ୍କ ପାଇଁ ଛାଡ଼ିଦେଇଛନ୍ତି। ଭବାନୀପୁରର ୯୭ ପୋଲିଂ ସେଣ୍ଟରରେ ୨୮୭ ବୁଥ୍‌ର ବ୍ୟବସ୍ଥା କରାଯାଇଛି। ସେହିପରି ଜାଙ୍ଗିପୁରର ୩୬୩ ଓ ସମଶେରଗଞ୍ଜ ଆସନର ୩୨୯ ବୁଥ୍‌ରେ ମତଦାନ ହେବ। ଏହାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ୩ ନିର୍ବାଚନମଣ୍ଡଳୀରେ ୫୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଯବାନଙ୍କୁ ମୁତୟନ କରାଯାଇଛି। ବୁଥ୍ ବାହାରେ କୋଲକାତା ପୋଲିସ ଅଫିସରମାନେ ରହିବେ। ମତଦାନ କେନ୍ଦ୍ରର ୨୦୦ ମିଟର ପରିଧିରେ ୧୪୪ ଧାରା ଜାରି କରାଯାଇଛି। ଭୋଟ ଗ୍ରହଣର ଦିନକ ପୂର୍ବରୁ ଉପନିର୍ବାଚନରେ ବାଧକ ସାଜିଛି ପ୍ରବଳ ବର୍ଷା। ନିର୍ବାଚନ କମିଶନ ଜଳସେଚନ ବିଭାଗ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୩ ଆସନରେ ଅକ୍ଟୋବର ୩ରେ ଭୋଟ ଗଣତି କରାଯିବ।

# ଶାନ୍ତିଶୃଙ୍ଖଳା ସ୍ଥିତି ପରଖିଲେ ଜିଲାପାଳ, ଏସ୍‌ପି

### ପିପିଲି ଉପନିର୍ବାଚନ

- ଆଜି ମତଦାନ କରିବେ ଭୋଟର
- ସୁରକ୍ଷା ଦାୟିତ୍ୱରେ ୨୨ ପ୍ଲାଟୁନ୍ ଫୋର୍ସ

ପୁରୀ ଅଫିସ/ପିପିଲି/ଡେଲାଙ୍ଗ,୨୯।୯ (ସ୍ୱ.ପ୍ର./ଡି.ଏନ୍.ଏ.)

ରାତି ପାହିଲେ ପିପିଲି ବିଧାନସଭା ଆସନ ପାଇଁ ଉପନିର୍ବାଚନ। ପ୍ରାୟ ୨ଲକ୍ଷ ୨୯ହଜାର ୯୯୮ ଭୋଟର ସେମାନଙ୍କର ବିଧାୟକ ନିର୍ଦ୍ଧାରଣ କରିବେ। ଏ ନେଇ ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ଚଳଚଞ୍ଚଳ ହୋଇଛି। ନିର୍ବାଚନ ମଣ୍ଡଳୀରେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଭାଜପା ସହ ବିଜେଡି ପ୍ରାର୍ଥୀ ମଧ୍ୟରେ କଡ଼ା ଟକ୍କର ଚାଲିଛି। ଗୁରୁବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ



ଡେଲାଙ୍ଗ ଅଞ୍ଚଳର ଏକ ବୁଥ୍‌କୁ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ତଦାରଖ କରୁଛନ୍ତି।

ଭୋଟରମାନେ ମତ ସାବ୍ୟସ୍ତ କରିବେ। ଏ ନେଇ ସମସ୍ତ ପ୍ରଶାସନିକ ପ୍ରସ୍ତୁତି ସରିଛି।

ଶାନ୍ତିଶୃଙ୍ଖଳାରେ ମତଦାତାମାନେ କିପରି ଭୋଟ କରିବେ ସେନେଇ ଗୁରୁବାର ପୁରୀ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କେ. ବିଶାଲ ସିଂ, ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପ୍ରଦୀପ କୁମାର ସାହୁ ଓ ସାଧାରଣ ପର୍ଯ୍ୟବେକ୍ଷକ ଏମ.ଭି.ବ୍ରହ୍ମୋୟା ଡେଲାଙ୍ଗ ଓ ପିପିଲି ଅଞ୍ଚଳ ଗସ୍ତ କରି କେତେକ ବୁଥ ପରିଭ୍ରମଣ କରିଛନ୍ତି। ଏଥିସହ ସମସ୍ତ ପ୍ରଶାସନିକ ଅଧିକାରୀ, ନିର୍ବାଚନ ଅଧିକାରୀ ଏବଂ ପୋଲିସ ଅଧିକାରୀମାନଙ୍କ ସହ ଜିଲାପାଳ ଆଲୋଚନ କରିଥିଲେ। ମୋଟ ୩୪୮ଟି ବୁଥ ଥିବାବେଳେ ୧୦୨ଟି ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ ରହିଛି। ୧୭୫ଟି ବୁଥରେ ୱେବକାଷ୍ଟିଂ, ୨୩ଟି ବୁଥରେ ମାଇକ୍ରୋ ପର୍ଯ୍ୟବେକ୍ଷକ, ୧୨ଟି ବୁଥରେ ଭିଡିଓ ଉତ୍ତୋଳନ ଏବଂ ୨୦ଟି ବୁଥ ଆଦର୍ଶ ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ବୈଷୟିକ ତ୍ରୁଟି ସୁଧାରିବା ପାଇଁ ୮ଜଣ ଇଞ୍ଜିନିୟର ଏବଂ ନିର୍ବାଚନ ପରିଚାଳନା ପାଇଁ ମୋଟ ୨ହଜାର ପୋଲିଂ ଅଫିସର ଓ କର୍ମଚାରୀ ନିୟୋଜିତ ରହିବେ। ନିରପେକ୍ଷ ଓ ଶାନ୍ତିଶୃଙ୍ଖଳା ନିର୍ବାଚନ ପାଇଁ ୭୦ଟି ରିଜର୍ଭ ପୋଲିଂ ପାର୍ଟି ରଖାଯାଇଥିବା ବେଳେ ୨ହଜାର ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ୩ଜଣ ଜୋନାଲ ସେକ୍ଟର ଅଫିସର, ୨୧ଜଣ ସେକ୍ଟର ଅଫିସର, ୩ଟି ଏଫଏସଜି, ୩ଟି ଏସଏସଜି ଟିମ୍, ୩୨ଟି ମୋବାଇଲ ଟିମ୍, ୨୨ ପ୍ଲାଟୁନ୍ ଫୋର୍ସ, ୬ ପ୍ଲାଟୁନ ବିଏସ୍‌ଏଫ୍ ଯବାନଙ୍କ ନଜରରେ ରହିବ ସମସ୍ତ ନିର୍ବାଚନ ବୁଥ। ବୁଥରେ ସର୍ବାଧିକ ୧ହଜାର ମତଦାତା ମତଦାନ କରିପାରିବେ। ଭୋଟରମାନେ ନିଜର ଆଧାର କାର୍ଡ ଦେଖାଇ କିମ୍ବା ନିଜର ଭୋଟର ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି ଦେଖାଇ ଭୋଟ ଦେଇପାରିବେ। ପ୍ରତି ଭୋଟରମାନଙ୍କ ପ୍ରବେଶ ସମୟରେ ଥର୍ମାଲ ସ୍କ୍ରିନିଂ କରାଯିବ, ଯଦି ତାପମାତ୍ରା ଅଧିକ ଥାଏ ସେମାନେ ମତଦାନର ଶେଷ ସମୟରେ ମତଦାନ କରିପାରିବେ। ପ୍ରତି ପୋଲିଂ ବୁଥରେ ଆଙ୍ଗନୱାଡି ଓ ଆଶା କର୍ମୀ ରହିବେ। ବୟସ୍କ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ହ୍ୱିଲଚେୟାରର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ବର୍ମା କହିଛନ୍ତି। ଜିଲାପାଳ, ଏସ୍‌ପିଙ୍କ ସମୀକ୍ଷା ସମୟରେ ଏସ୍‌ଡିପିଓ ଦେବଦତ୍ତ ବରାଳ ଏବଂ ପିପିଲି ବିଡିଓ, ଡେଲାଙ୍ଗ ବିଡିଓ, ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ, ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଢେଇ,ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ନିର୍ବାଚନ ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର ଓ ସୁମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ଖବର...**

## ଚନ୍ଦନ ହଜୁରୀଙ୍କ ସ୍ମୃତିରେ ଡାକଟିକେଟ ଲୋକାର୍ପିତ



ଡାକଟିକେଟ ଲୋକାର୍ପିତ କରାଯାଉଛି।

ପୁରୀ ଅଫିସ୍, ୨୯।୯

୧୮୫୭ ମସିହା ସିପାହୀ ବିଦ୍ରୋହ ତଥା ପ୍ରଥମ ସ୍ୱାଧୀନତା ସଂଗ୍ରାମର ପୁରୋଧା ବିପ୍ଳବୀ ବୀର ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ ଭାବେ ପରିଚିତ)ଙ୍କ ସ୍ମୃତିରେ ଏକ ପାଞ୍ଚଟଙ୍କିଆ ଡାକଟିକେଟ ବୁଧବାର ଲୋକାର୍ପିତ ହୋଇଛି। ପୁରୀ ମଣିକର୍ଣିକା ସାହିସ୍ଥିତ ଚନ୍ଦନ ହଜୁରୀ କଚେରି ଘର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଡାକଟିକେଟ ଲୋକାର୍ପିତ ହୋଇଥିଲା। ପୁରୀ ଡାକମଣ୍ଡଳର ବରିଷ୍ଠ ଅଧିକାରୀ ବିପିନ ବିହାରୀ ମହାନ୍ତି, ସହକାରୀ ଅଧିକାରୀ ଭଗବାନ ନାୟକ, ଡାକ ବିଭାଗ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ ନାୟକ, ହଜୁରୀ ଭୀମସେନ ଖୁଣ୍ଟିଆ, ହଜୁରୀ ରବିନାରାୟଣ ଖୁଣ୍ଟିଆ, ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ହଜୁରୀ ପୂର୍ଣଚନ୍ଦ୍ର ଖୁଣ୍ଟିଆ, ହଜୁରୀ ରାମନାରାୟଣ ଖୁଣ୍ଟିଆ, ହଜୁରୀ ବିଶ୍ୱନାଥ ଖୁଣ୍ଟିଆ ଯୋଗଦେଇଥିଲେ। ପୁରୀ ଚାଖି ଖୁଣ୍ଟିଆ ସ୍ମୃତି କମିଟି ସମ୍ପାଦକ ଧ୍ରୁବଚରଣ କର, ବରିଷ୍ଠ ସଭ୍ୟ ପୂର୍ଣଚନ୍ଦ୍ର ଗୋଛିକାର, କୃଷ୍ଣଚନ୍ଦ୍ର ମହାପାତ୍ର, ସୁକାନ୍ତ ପଣ୍ଡା, ଶ୍ୟାମାକାହ୍ନା ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ଏବଂ ଜିଲାବାସୀଙ୍କ ଦୀର୍ଘବର୍ଷର ଅନୁରୋଧ ପରେ ଡାକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

## ଅଭିଯୁକ୍ତ ଉଦୟଙ୍କୁ ମିଳିଲା ଜାମିନ

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣା

ନୂଆଦିଲ୍ଲୀ, ୨୯।୯

କନ୍ଧମାଳ ଜିଲା ଚକାପାଦସ୍ଥିତ ଜଲେଶପେଟା ଆଶ୍ରମ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଉଦୟଙ୍କୁ ସୁପ୍ରିମକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଏ.ଏମ୍. ଖାନ୍‌ୱିଲ୍‌କର, ଦୀନେଶ ମାହେଶ୍ୱରୀ ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉଦୟଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ପୂର୍ବରୁ ଉଦୟ ତାଙ୍କର ଦଣ୍ଡକୁ ଖାରଜ କରିବା ସହ ଜାମିନ ପ୍ରଦାନ କରିବାକୁ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଥିଲେ। ମାତ୍ର ଉଚ୍ଚ ଅଦାଲତ ଉକ୍ତ ଆବେଦନକୁ ଗତ ଜାନୁୟାରୀ ୨୮ରେ ଖାରଜ କରିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ଉଦୟ ସର୍ବୋଚ୍ଚ ଅଦାଲତରେ ଏକ ସ୍ୱତନ୍ତ୍ର ଅନୁମତି ଆବେଦନ(ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ, ସେ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜେଲରେ ସଜା କାଟୁଛନ୍ତି। ତାଙ୍କୁ ବିନା କାରଣରେ ଏହି ମାମଲାରେ ଛନ୍ଦି ଦିଆଯାଇଛି। ପୋଲିସ ମଧ୍ୟ ହତ୍ୟାରେ ବ୍ୟବହୃତ ପିସ୍ତଲକୁ ଉଦୟଙ୍କ ଠାରୁ ଜବତ କରିଥିବା ନେଇ ଯେଉଁ ଯୁକ୍ତି ବାଢ଼ିଥିଲା, ତାହାକୁ ପ୍ରମାଣ କରିପାରି ନାହିଁ। ଏପରି କି ସାକ୍ଷୀମାନଙ୍କ ବୟାନକୁ ଆଧାର କରି ତଳ କୋର୍ଟଙ୍କ ଆଜୀବନ ଦଣ୍ଡାଦେଶ ମଧ୍ୟ ଠିକ୍ ନୁହେଁ। ଉଦୟ ଏଯାବତ୍ ପାରୋଲରେ ଯାଇ ନ ଥିବାରୁ ତାଙ୍କୁ ଜାମିନ ପ୍ରଦାନ କରିବାକୁ ସର୍ବୋଚ୍ଚ ଅଦାଲତରେ ପ୍ରାର୍ଥନା କରିଥିଲେ। ପୂର୍ବରୁ ସୁପ୍ରିମକୋର୍ଟ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାରେ ୭ଜଣ ଅଭିଯୁକ୍ତ ମୁଣ୍ଡା ବଡ଼ମାଝି, ଭାସ୍କର ସୁନାମାଝି, ଦୁର୍ଯ୍ୟୋଧନ ସୁନାମାଝି, ସନାତନ ବଡ଼ମାଝି, ବୁଦ୍ଧଦେବ ନାଏକ, ବିଜୟ କୁମାର ଶ୍ୟାମସେଠ ଏବଂ ଗଡ଼ନାଥ ଚାଲାଣ ସେଠଙ୍କୁ ୨୦୧୯ରେ ଜାମିନ ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ରେ କନ୍ଧମାଳ ଚକାପାଦସ୍ଥିତ ଜଲେଶପେଟା ଆଶ୍ରମରେ ପ୍ରାୟ ୫୦ ଜଣ ବ୍ୟକ୍ତି ଆଶ୍ରମ ପରିସରରେ ପ୍ରବେଶ କରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କ ୪ସହଯୋଗୀଙ୍କୁ ହତ୍ୟା କରିଥିଲେ। ଏହି ହତ୍ୟା ଘଟଣାକୁ ନେଇ ପରବର୍ତ୍ତୀ ସମୟରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ହୋଇଥିଲା। ଯେଉଁଥିରେ ୩୮ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଉକ୍ତ ଘଟଣାରେ ୭ଜଣଙ୍କୁ ଗିରଫ କରିବା ସହ ୨୦୦୯ରେ ଚାର୍ଜସିଟ ଦାଖଲ କରିଥିଲା। ପରେ ୨୦୧୧ରେ ପୋଲିସ ଉଦୟଙ୍କ ସମେତ ଆଉ ୭ଜଣଙ୍କ ବିରୋଧରେ ଏକ ଅତିରିକ୍ତ ଚାର୍ଜସିଟ ଦାଖଲ କରିଥିଲା। ୨୦୧୩ ସେପ୍ଟେମ୍ବର ୩୦ରେ କନ୍ଧମାଳ ଅତିରିକ୍ତ ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷ ୭ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପରେ ସେହି ବର୍ଷ ଅକ୍ଟୋବରରେ ଉଦୟଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା।

## ସମବାୟ ସମିତି ସମ୍ପାଦକ ନିଲମ୍ବିତ

### ଧାନମଣ୍ଡି ପଞ୍ଜୀକରଣରେ ଅନିୟମିତତା ଅଭିଯୋଗ

ଦିଗପହଣ୍ଡି,୨୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ଜ୍ୟୋତିରଞ୍ଜନ ପଣ୍ଡା ବୁଧବାର ନିଲମ୍ବିତ ହୋଇଛନ୍ତି। ଧାନମଣ୍ଡି ପଞ୍ଜୀକରଣରେ ବ୍ୟାପକ ଅନିୟମିତତା, ବେଆଇନ ଭାବେ ସାର ବିକ୍ରି ସମେତ ଚାଷୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରସ୍ଥିତ ସମବାୟ ପ୍ରଶାସକ ସନ୍ତୋଷ କୁମାର ନାୟକ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ବ୍ରହ୍ମପୁର ସହକାରୀ ସମବାୟ ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି। ସମବାୟ ସମିତି ଅଧୀନରେ ଥିବା ବିଭିନ୍ନ ଗ୍ରାମାଞ୍ଚଳର ବହୁ ଚାଷୀମାନେ ନିଜ ଅମଳ ଧାନକୁ ବିକିବା ସକାଶେ ଉକ୍ତ ସେବା ସମବାୟ ସମିତି ଧାନମଣ୍ଡି ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ଖରିଫ୍ ଋତୁରେ ସମବାୟ ସମିତିରେ ରେଜିଷ୍ଟ୍ରିଭୁକ୍ତ ୩୨୬ ଜଣଙ୍କ ଚାଷୀଙ୍କ ମଧ୍ୟରୁ ଧାନମଣ୍ଡିରେ ମାତ୍ର ୨୦୦ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଛି। ୧୨୬ ଜଣ ଚାଷୀ ଧାନ ମଣ୍ଡିରେ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା, ସରକାରଙ୍କ ପକ୍ଷରୁ କୃଷକଙ୍କ ହିତ ନିମନ୍ତେ ଆସୁଥିବା ସାର, ବିହନ ଆଦି ଚଢା ଦରରେ ବିକ୍ରି କରାଯାଉଥିବା, ସମିତି କାର୍ଯ୍ୟାଳୟକୁ ଆସୁଥିବା ଚାଷୀଙ୍କ ପ୍ରତି ସମବାୟ ସମ୍ପାଦକଙ୍କ ଦୁର୍ବ୍ୟବହାର ନେଇ ସଂପୃକ୍ତ ଅଞ୍ଚଳର ବହୁ ଚାଷୀ ପୂର୍ବରୁ ଦିଗପହଣ୍ଡି ଥାନାଧିକାରୀ ଓ ସ୍ଥାନୀୟ ବିଧାୟକ ବାଚସ୍ପତି ଡ .ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ଏନେଇ ସମବାୟ ପ୍ରଶାସକ ଏବଂ ସମବାୟ ନିବନ୍ଧକଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ସମବାୟ ସମିତି ପରିଚାଳନାରେ ବହୁ ଅନିୟମିତତା କରାଯାଇଥିବା ଜଣାପଡିଥିଲା। ଏହାକୁ ଭିତ୍ତିକରି ସମବାୟ ସମିତି ସମ୍ପାଦକଙ୍କୁ ଚିଠି ନଂ. ୧୪୭୯/୨୧ ପ୍ରକାରେ ନିଲମ୍ବନ କରାଯାଇଥିବା ବେଳେ ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ସମବାୟ ସମିତିର ସମ୍ପାଦକଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବ୍ରହ୍ମପୁର ସହକାରୀ ସମବାୟ ନିବନ୍ଧକ ସୂଚନା ଦେଇଛନ୍ତି।

## ସମୁଦ୍ରରେ ମାଛ ମାରିବାକୁ ଯାଇ ବୃଦ୍ଧ ମୃତ

ଅସ୍ତରଙ୍ଗ,୨୯।୯(ଡି.ଏନ୍.ଏ.)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅଣକଣା ଗ୍ରାମର ମତ୍ସ୍ୟଜୀବୀମାନେ ବୁଧବାର ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ଭାରସାମ୍ୟ ହରାଇ ଡଙ୍ଗାରେ ପଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ରାଜକିଶୋର ନାୟକ(୬୩)। ଏ ସମ୍ପର୍କରେ ରାଜକିଶୋରଙ୍କ ସାନଭାଇ ଅଧୀର ନାୟକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ନରେ ରାଜକିଶୋରଙ୍କ ସମେତ ଗ୍ରାମର ୫ଜଣ ବ୍ୟକ୍ତି ଏକ ଡଙ୍ଗାରେ ସ୍ଥାନୀୟ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ମାଛ ମାରିବା ସମୟରେ ସମୁଦ୍ର ଢେଉ ମାଡ଼ରେ ଡଙ୍ଗାଟି ଭାରସାମ୍ୟ ହରାଇଥିଲା। ଏହି ସମୟରେ ରାଜକିଶୋର ଭୟଭୀତ ହୋଇ ହଠାତ ଟାପା ଭିତରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଅନ୍ୟମାନେ ତାଙ୍କୁ ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରି ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ରାଜକିଶୋରଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ହେବା ପରେ ତାଙ୍କୁ ନିଜ ଗ୍ରାମକୁ ଆଣିଥିଲେ। ଏ ଖବର ଶୁଣିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ପରିବେଶ ମଞ୍ଜୁରୀ ଜାଲ୍ ରିପୋର୍ଟ, କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲା କଂଗ୍ରେସ

### ଖରସ୍ରୋତା ମେଗା ଜଳଯୋଗାଣ ପ୍ରକଳ୍ପ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ଖରସ୍ରୋତା ନଦୀରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭରୁ ବିରୋଧ ହେଉଛି। ଏବେ ଆର୍‌ଟିଆଇ ତଥ୍ୟ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରିଛି ବୋଲି କଂଗ୍ରେସ କହିଛି। ଆର୍‌ଟିଆଇ ତଥ୍ୟ ଅନୁସାରେ ଆଇଆଇଟି ହାଇଦ୍ରାବାଦ ଜାଲ୍ ରିପୋର୍ଟ ଦେଖାଇ ସରକାର ପ୍ରକଳ୍ପ ମଞ୍ଜୁର କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି ।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

କଂଗ୍ରେସ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସତ୍ୟପ୍ରକାଶ ନାୟକ କହିଛନ୍ତି, ପ୍ରକଳ୍ପ ମଞ୍ଜୁରୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆଇଆଇଟି ହାଇଦ୍ରାବାଦର ଜାଲ୍ ରିପୋର୍ଟ ରାଜ୍ୟ ଇତିହାସର ସବୁଠାରୁ କଳଙ୍କିତ ଘଟଣା। ଖରସ୍ରୋତା ନଦୀ ଉପରେ ଭଦ୍ରକ ଜିଲା ପାଇଁ ହେଉଥିବା ୧ ହଜାର କୋଟି ଟଙ୍କାର ମେଗା ଜଳଯୋଗାଣ ପ୍ରକଳ୍ପ ଏକ ଦୁର୍ନୀତି ବୋଲି ଆଇଆଇଟି ହାଇଦ୍ରାବାଦ କର୍ତ୍ତୃପକ୍ଷ ଦେଇଥିବା ତଥ୍ୟରୁ ପ୍ରମାଣିତ ବୋଲି ସେ କହିଛନ୍ତି। ଯେହେତୁ ପରିବେଶ ମଞ୍ଜୁରୀ ପାଇଁ ଜାଲ୍ ରିପୋର୍ଟ ବଳରେ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହି ପ୍ରକଳ୍ପ ସଂପୂର୍ଣ୍ଣ ବେଆଇନ ଏବଂ ଅବୈଧ। ତେଣୁ ତୁରନ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ପରିବେଶ ମଞ୍ଜୁରୀ ପାଇଁ ଜାଲ୍ ରିପୋର୍ଟ ପ୍ରଦାନ କରିବା ଏକ ଧର୍ତ୍ତବ୍ୟ ଅପରାଧ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସହ ଆରଡବ୍ଲ୍ୟୁଏସ୍‌ଏସ୍‌ର ମୁଖ୍ୟଯନ୍ତ୍ରୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବା ପାଇଁ କଂଗ୍ରେସ ଦାବି କରିଛି। ଏଭଳି ଏକ ବିରାଟ ଦୁର୍ନୀତି ସମ୍ଭବ ହେବା ପଛରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକାକୁ ଏଡାଇ ଦିଆଯାଇପାରିବନାହିଁ। ଯଦି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଏହି ଘୋଟାଲାରେ କୌଣସି ଭୂମିକା ନାହିଁ ତେବେ ଜାଲ୍ ରିପୋର୍ଟ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀ ଦିଅନ୍ତୁ ବୋଲି କଂଗ୍ରେସ ପକ୍ଷରୁ ସତ୍ୟପ୍ରକାଶ ଦାବି କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୩୭,୬୫,୫୦୮ | ୪୭,୮୨,୫୧୩ | ୨୧,୦୬,୧୨,୧୧୧ |
| ଭାରତ | ୩,୩୭,୩୭,୩୯୪ | ୪,୪୮,୦୭୪ | ୩,୩୦,୦୬,୧୫୮ |
| ଓଡ଼ିଶା | ୧୦,୨୫,୮୭୪ | ୮୧୯୨(+୫୩) | ୧୦,୧୨,୫୮୩ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବନ ବିଭାଗ ଚୁପ୍, ଆଢୁଆଳରେ ଅଧିକାରୀ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

## ମୁଣ୍ଡଳିରେ ଓଡ୍ରାଫ ବୋଟ୍ ଟ୍ରାଜେଡି, ହାତୀ ମୃତ୍ୟୁ ଘଟଣା



ମହାନଦୀର କଟକ ମୁଣ୍ଡଳି ବ୍ରିଜ ତଳେ ଫସିଥିବା ହାତୀକୁ ଉଦ୍ଧାର କରିବାକୁ ଯାଇ ଓଡ୍ରାଫ୍ ବୋଟ୍ ଓଲଟି ଦୁଇଜଣଙ୍କ ଜୀବନ ଗଲା। ଏଥିସହ ଉକ୍ତ ହାତୀର ବି ମୃତ୍ୟୁ ହେଲା। କାହା ପାଇଁ ଏତେବଡ଼ ଘଟଣା ଘଟିଲା ତାହାର ଉତ୍ତର ଏବେ କାହା ପାଖରେ ନାହିଁ। ସମସ୍ତଙ୍କର ଗୋଟିଏ କଥା ଏହା ଏକ ଦୁର୍ଘଟଣା ଥିଲା। ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ବନ ବିଭାଗର ନିରବତାକୁ ନେଇ। ଇତିମଧ୍ୟରେ ଘଟଣାକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାନୁଷ୍ଠାନ ଶୂନ। ହାତୀକୁ ସୁରକ୍ଷା ଦେବା ବନ ବିଭାଗର କାମ। ଫସିଥିବା ହାତୀକୁ ଉଦ୍ଧାର ପାଇଁ ବନ ବିଭାଗ ପ୍ରଥମେ ଠିକ୍ କୌଶଳ ଆପଣାଇଥିଲା କି? ଓଡ୍ରାଫକୁ ପାଣିକୁ ପଠାଇ ଅଧିକାରୀମାନେ କରୁଥିଲେ କ'ଣ? ପୁଣି ଓଡ୍ରାଫ ସହିତ ଗଣମାଧ୍ୟମ ପ୍ରତିନିଧି ବୋଟ୍‌ରେ ଯିବାବେଳେ ସେମାନେ ବାରଣ କଲେ ନାହିଁ କାହିଁକି? ଏପରି ଅନେକ ପ୍ରଶ୍ନ ଭିତରେ ଏବେ କିଏ ଓଡ୍ରାଫକୁ ଦୋଷ ଦେଉଛି ତ' ଆଉ କିଏ ଉକ୍ତ ଗଣମାଧ୍ୟମ ମାଲିକଙ୍କୁ। କିନ୍ତୁ ଏହାରି ଭିତରେ ବନ ବିଭାଗର ଅଧିକାରୀ ପୂରା ଆଢୁଆଳରେ ରହିଯାଇଛନ୍ତି। ଘଟଣା ସ୍ଥଳରେ ସେମାନେ ଉପସ୍ଥିତ ଥିଲେ ମଧ୍ୟ ସେଭଳି କୌଣସି ଆଖି ଦୃଶିଆ ପଦକ୍ଷେପ ନେଇ ନ ଥିଲେ। ହାତୀ ବାରମ୍ବାର ଉପରକୁ ଆସିବାକୁ ଚେଷ୍ଟା କରୁଥିବାବେଳେ ଲୋକଙ୍କ ସମାଗମ ବାଟ ଓଗାଳିଥିଲା। ବନ ଅଧିକାରୀମାନେ ଚାହିଁଥିଲେ ଘଟଣାସ୍ଥଳରେ ୧୪୪ ଧାରା ଜାରି କରିବା ପାଇଁ ଜିଲା ପ୍ରଶାସନକୁ ଜଣାଇପାରିଥାନ୍ତେ। ତାହା ନ କରି ସେମାନେ ଖାଲି ମୃତ୍ୟୁ ଖେଳର ଦର୍ଶକ ସାଜିଥିଲେ। ପୂରା ଘଟଣାରେ ବନ ବିଭାଗର ବିଫଳତା ଓ ଅଧିକାରୀଙ୍କ ଦୁର୍ବଳତା ସ୍ପଷ୍ଟ ଦେଖାଯାଉଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ପିସିସିଏଫ୍ ଶଶି ପଲ୍ କହିଛନ୍ତି, ହାତୀ ମୃତ୍ୟୁର ତଦନ୍ତ ଚାଲିଛି। କାହାର ତ୍ରୁଟି ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ହେବ।

ସୂଚନାଯୋଗ୍ୟ, ଗତ ୨୪ ତାରିଖ ସକାଳେ ଆଠଗଡ଼ ସୁକାସନ ଜଙ୍ଗଲରୁ ୧୮ ଟିକିଆ ହାତୀ ପଲ ମହାନଦୀ ପାର ହୋଇ ଚନ୍ଦକାକୁ ଫେରୁଥିବାବେଳେ ଏକ ଦନ୍ତା ଭାସିଯାଇ ମୁଣ୍ଡଳି ବ୍ୟାରେଜଠାରେ ଅଟକି ରହିଥିଲା। ଆଠଗଡ଼ ବନବିଭାଗ ଓ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିବାରେ ବିଫଳ ହେବାରୁ ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ୍) ଟିମ୍‌ର ସହାୟତା ନେଇଥିଲେ। ଆଠଗଡ଼, ଡମପଡ଼ା, ଚନ୍ଦକାର ବନ ଅଧିକାରୀଙ୍କ ସହ ବନ ବିଭାଗର ୧୦ ଜଣିଆ ବିଶେଷଜ୍ଞ ଦଳର ଉପସ୍ଥିତିରେ ଓଡ୍ରାଫ ଟିମ୍ ବୋଟ୍ ସହାୟତାରେ ଗଜ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ଓଡ୍ରାଫ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଯବାନ ସୀତାରାମ ମୁର୍ମୁ ଏବଂ ଓଟିଭି ରିପୋର୍ଟର ଅରିନ୍ଦମ ଦାସଙ୍କ ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ବନ ବିଭାଗ ନିଆଁହୁଳା ଦେଖାଇ ହାତୀକୁ ଘଉଡାଉଥିବାବେଳେ ହାତୀଟି ଭାସି ନିଖୋଜ ହୋଇଯାଇଥିଲା। ରବିବାର ସକାଳରେ ତା'ର ମୃତଦେହ ସାତବାଟିଆ ନଦୀପଠାରେ ଠାବ କରାଯାଇ ସୋମବାର ବ୍ୟବଚ୍ଛେଦ କରାଯାଇଥିଲା।

## କିଛି କରିବାର ନ ଥିଲା, ଅପରେଶନ ବଡ଼ ଭୁଲ୍ ଥିଲା



କମଳ ଲୋଚନ ପୁରୋହିତ

ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ଚାକିରି କାଳରେ ପ୍ରାୟ ୩୫ ହାତୀଙ୍କୁ ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜ୍ କରିବା ସହିତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀଙ୍କୁ ଟ୍ରାଙ୍କୁଲାଇଜେଶନ ଟ୍ରେନିଂ ଦେଇଥିବା ଏବଂ ଏଭଳି ବହୁ ଗଜରାଜ ଅପରେଶନର ଅଭିଜ୍ଞତା ଥିବା ଅବସରପ୍ରାପ୍ତ ଡିଏଫ୍‌ଓ କମଳ ଲୋଚନ ପୁରୋହିତ କୁହନ୍ତି, ମୁଣ୍ଡଳିରେ ହାତୀ ଉଦ୍ଧାର ପାଇଁ କିଛି ବି କରିବାର ନ ଥିଲା। କେବଳ ଦୁଇ ପଟୁ ବ୍ରିଜ୍‌କୁ ବନ୍ଦ କରିଦେଇ ଜରୁରିକାଳୀନ ଗାଡ଼ିକୁ ବିନା ହର୍ନ ବଜେଇ ଛାଡ଼ିବାର ଥିଲା। ହାତୀକୁ ଡାଳ ପକେଇ ବା ଟାୟାର ପକାଇ ଉଦ୍ଧାର କରିବା ନିହାତି ଭୁଲ୍ ଥିଲା। ଏହାଦ୍ୱାରା ହାତୀ କ୍ରୋଧିତ ହେଉଥିଲା। ହାତୀ ପାଖକୁ କଦଳୀ ପକାଇବା ଦ୍ୱାରା ହାତୀ ଆହୁରି ବିରକ୍ତ ହେଉଥିଲା, କାରଣ ବିପଦରେ ଥାଇ ତା' ପାଖକୁ କିଏ ଟେକା ପକେଇଲା କି ଖାଦ୍ୟ ପକେଇଲା ସେଇଟା ହାତୀ ଜାଣୁ ନ ଥିଲା। ତେବେ ଦିନ ଦ୍ୱିପହରରେ ହାତୀକୁ ଡ୍ରାଇଭ୍ କରିବା ପାଇଁ ନିଷ୍ପତ୍ତି ନେବା ସବୁଠୁ ବଡ଼ ଭୁଲ୍ ଥିଲା। ଏହାକୁ କିଏ ଓ କାହିଁକି ଅନୁମତି ଦେଲା। ହାତୀଟି ସନ୍ଧ୍ୟା ହେଲା ପରେ ନିଜେ ନିଜେ ନିଜ ରାସ୍ତାରେ ଯାଇଥାନ୍ତା ବୋଲି କମଳଲୋଚନ କହିଛନ୍ତି।

## ୧୪୪ ଧାରା ଜାରି କରିବାର ଥିଲା



ଶୁଭେନ୍ଦୁ ମଲ୍ଲିକ

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ୨୦୧୨ରେ ସୋନପୁରରେ ଏକ ଦୋକାନ ଭିତରେ କଲରାପତରିଆ ବାଘ ପଶିଥିବାବେଳେ ତତ୍କାଳୀନ ଜିଲାପାଳ ଗଗନ ବିହାରୀ ସ୍ୱାଇଁ ଘଟଣା ସ୍ଥଳରେ ରହି ୧୪୪ ଧାରା ଜାରି କରିବା ସହିତ ଲୋକଙ୍କୁ ଘଉଡ଼େଇବା ପାଇଁ ନିଜେ ଲାଠି ଚାର୍ଜ କରିଥିଲେ। ମୁଣ୍ଡଳି ଘଟଣାରେ ଉଭୟ ଚନ୍ଦକା ଡିଏଫ୍‌ଓ ଓ ଭୁବନେଶ୍ୱର ଆର୍‌ସିସିଏଫ୍ ଉପସ୍ଥିତ ଥାଇ କ'ଣ ପାଇଁ ଜିଲା ପ୍ରଶାସନକୁ ୧୪୪ ପାଇଁ ଅନୁରୋଧ କଲେ ନାହିଁ ତାହା ବୁଝି ହେଉ ନାହିଁ। ୨୦୧୮ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ହାତୀ ଦାଉରୁ ଫସଲ, ଜୀବନ ବଞ୍ଚାଇବାବେଳେ ନିଆଁ ହୁଳା ଦେଖାଇ ଘଉଡ଼ାଇବା ଉଚିତ୍। ମାତ୍ର ହାତୀଟି ନିଜେ ଜୀବନମରଣ ଭୟରେ ଥିବାବେଳେ ତାକୁ ନିଆଁ ହୁଳା ଦେଖାଇ କୂଳକୁ ଆଣିବା ପ୍ରୟାସ ବନ ଅଧିକାରୀଙ୍କର କେବଳ ନିୟମ ଉଲ୍ଲଂଘନ ନୁହେଁ, ବଡ଼ ଭୁଲ୍ ଥିଲା।

# ସରକାରଙ୍କ ନିଷ୍ପତ୍ତି କାଏମ କଲେ ହାଇକୋର୍ଟ

## ଲଟେରି ଜରିଆରେ ମଦ ଦୋକାନ ଲାଇସେନ୍ସ ମାମଲା

କଟକ ଅଫିସ,୨୯।୯



ଲଟେରି ଜରିଆରେ ମଦ ଦୋକାନ ଲାଇସେନ୍ସ ସମ୍ପର୍କିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆଗତ ସମସ୍ତ ଆବେଦନଗୁଡ଼ିକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଫଳରେ ସରକାରଙ୍କ ନିଷ୍ପତ୍ତି କାଏମ ରହିଛି। ମୁଖ୍ୟବିଚାରପତି ଏସ୍.ମୁରଲୀଧର ଓ ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ୩୧ଟି ମାମଲାର ଏକତ୍ର ଶୁଣାଣି ଗତ ଅଗଷ୍ଟ ୯ କରାଯାଇ ରାୟ ସଂରକ୍ଷିତ ରହିଥିଲା। ବୁଧବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ଲଟେରି ବ୍ୟବସ୍ଥା ଅସାମ୍ବିଧାନିକ ଓ ବେଆଇନ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିବାବେଳେ ହାଇକୋର୍ଟ ଏହାକୁ ଗ୍ରହଣ କରି ନାହାନ୍ତି। ଅନ୍ୟପକ୍ଷରେ ଅବକାରୀ ରାଜସ୍ୱକୁ ଦୃଷ୍ଟିରେ ରଖି ନିଲାମ, ଟେଣ୍ଡର, ଲଟେରି ବା ଅନ୍ୟ କେଉଁ ମାଧ୍ୟମରେ ଲାଇସେନ୍ସ ପ୍ରଦାନ କରାଯିବ ସେ ନେଇ ସରକାର ନିଷ୍ପତ୍ତି ନେଇ ପାରିବେ। ଏହା ନୀତିଗତ ନିଷ୍ପତ୍ତି ହୋଇଥିବାରୁ ଏଥିରେ କୌଣସି ଆଇନ ଉଲ୍ଲଂଘନ ହୋଇ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ସମସ୍ତ ଆବେଦନକୁ ଖାରଜ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ, ରାଜ୍ୟରେ ଥିବା ସମସ୍ତ ବିଦେଶୀ ଠିପି ବନ୍ଦ ଓ ଦେଶୀ ମଦ ଦୋକାନଗୁଡ଼ିକର ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଅଧିକ ରାଜସ୍ୱ ଆଦାୟ ପାଇଁ ଲଟେରି ବ୍ୟବସ୍ଥା ସପକ୍ଷରେ ସରକାର ନିଷ୍ପତ୍ତି ନେଇଥିଲେ। ଯାହାକୁ ବିରୋଧ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା।


ପଞ୍ଜାବ ନେସନାଲ୍ ବ୍ୟାଙ୍କ୍ ...ବିଶ୍ୱାସ ର ପ୍ରତୀକ! punjab national bank ...the name you can BANK upon!
ମୁଖ୍ୟ କାର୍ଯ୍ୟାଳୟ, ପ୍ଲଟ୍ ନଂ-4 ସେକ୍ଟର-10 ଦ୍ୱାରକା, ନୂଆଦିଲ୍ଲୀ-110075
(ଇମେଲ୍ : operations@pnb.co.in)
ଇ-ଓବିସି ଏବଂ ଇ-ୟୁଏନ୍ଆଇ ଗ୍ରାହକଙ୍କ ପାଇଁ ମହତ୍ୱପୂର୍ଣ୍ଣ ଘୋଷଣା
ପ୍ରିୟ ଗ୍ରାହକଗଣ, ଯେପରି କି ବିଭିନ୍ନ ପ୍ରକାର ସୁଯୋଗ ଗୁଡିକରେ ପ୍ରଥମରୁ ହିଁ ବିଭିନ୍ନ ପ୍ରକାର ଚ୍ୟାନେଲ୍ ଯେପରିକି ଏସ୍ଏମ୍ଏସ୍ ଆଲର୍ଟ କରିବା, କର୍ପୋରେଟ୍ ୱେବସାଇଟ୍, ସୋସିଆଲ୍ ମିଡିଆ, ପ୍ରିଣ୍ଟ୍ ମିଡିଆ, ଏଟିଏମ୍ ଶାଖାଗୁଡିକ ମାଧ୍ୟମରେ ସୂଚୀତ କରାଯାଇଅଛି, ଏହା ପରେ ପୁଣି ଥରେ ସୂଚୀତ କରାଯାଉଅଛି ଯେ, ଇଓବିସି ଏବଂ ଇୟୁଏନ୍ଆଇ ର ପୁରୁଣା ଚେକ୍ ବୁକ୍ 01.10.2021 ରୁ ବନ୍ଦ ହେବାକୁ ଯାଉଛି । ଦୟାକରି ନିଜର ଇଓବିସି ଏବଂ ଇୟୁଏନ୍ଆଇ ର ପୁରୁଣା ଚେକ୍‌କୁ ବୁକ୍ ଅଧୁନାତନ ପିଏନ୍‌ବି ଆଇଏଫ୍ଏସ୍‌ସି (IFSC) ଏବଂ ଏମ୍ଆଇସିଆର୍ (MICR) ସହିତ ପିଏନ୍‌ବି ର ଚେକ୍ ବୁକ୍‌ରେ ପରିବର୍ତ୍ତନ କରନ୍ତୁ । ଆପଣ ନିଜ ଶାଖାରୁ ନିଜର ନୂଆ ଚେକ୍ ବୁକ୍ କିମ୍ବା ଏଟିମ / ଆଇବିଏସ୍ / ପିଏନ୍‌ବି ୱାନ୍ ମାଧ୍ୟମରେ ପାଇପାରିବେ ।
ସମସ୍ତ ଗ୍ରାହକମାନଙ୍କୁ ଅନୁରୋଧ କି, କୌଣସି ପ୍ରକାର କାରବାର ଅସୁବିଧାରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନଠାରୁ କେବଳ ପିଏନ୍‌ବି ଆଇଏଫ୍ଏସ୍‌ସି (IFSC) ଏବଂ ଏମ୍ଆଇସିଆର୍ (MICR) ସହିତ ଅଧୁନାତନ ପିଏନ୍‌ବି ର ନୂଆ ଚେକ୍ ବୁକ୍‌ର ବ୍ୟବହାର କରନ୍ତୁ । କୌଣସି ପ୍ରକାର ସାହାଯ୍ୟ ଏବଂ ପ୍ରଶ୍ନ ପାଇଁ ଦୟାକରି ଆମର ଟୋଲ୍-ଫ୍ରି ନମ୍ବର 18001802222 ରେ ଯୋଗାଯୋଗ କରନ୍ତୁ ।
ମୁଖ୍ୟ ଜେନେରାଲ୍ ମ୍ୟାନେଜର୍


## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**-ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ବୁଧବାର ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସୁନ୍ଦରଗଡ଼ ଜିଲା ନୂଆଗାଁ ବିଡିଓ ତୃପ୍ତି ବରାଇଙ୍କୁ ବରଗଡ଼ ଜିଲା ବିଜେପୁର ବିଡିଓ ଭାବେ ବଦଳି କରାଯାଇଥିବାବେଳେ ଦେବଗଡ଼ ଡେପୁଟି କଲେକ୍ଟର ବିକ୍ରାଣି କିସ୍‌ପତଙ୍କୁ ସୁନ୍ଦରଗଡ଼ ଜିଲା ନୂଆଗାଁ ବିଡିଓ, କୋରେଇ ବିଡିଓ ଶ୍ୱେତାସ୍ମିସ୍ୱାଙ୍କୁ ବାଲିଅନ୍ତା, ରାଇରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ରଙ୍କୁ ବିଶୋଇ, କିଶୋରନଗର ବିଡିଓ ଶ୍ୟାମଳ କୁମାର ରାୟଙ୍କୁ ବାଙ୍କୀ-ଡମପଡ଼ା ବିଡିଓ ଭାବେ ବଦଳି କରାଯାଇଛି।

## କୋରାପୁଟ ବୈପାରୀଗୁଡ଼ାରେ ଟର୍ଚ୍ଚ ଲାଇଟ୍‌ରେ ରୋଗୀଙ୍କୁ ଚିକିତ୍ସା।




## ୨ ରେଳପଥ ଦୋହରୀକରଣକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୨୯।୯:** ଗୁଜରାଟର ରାଜକୋଟ-କାନାଲସ ଏବଂ ମଧ୍ୟପ୍ରଦେଶର ନିମଚ-ରତଲାମ ରେଳଲାଇନ ଦୋହରୀକରଣ ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି(ସିସିଇଏ) ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଥମ ପ୍ରକଳ୍ପ ଲାଗି ନିର୍ଦ୍ଧାରିତ ଖର୍ଚ୍ଚ ୧୦୮୦.୫୮ କୋଟି ଟଙ୍କା ରହିଛି। ମୋଟ ୧୧୧.୨୦ କି.ମି. ଲାଇନ ଦୋହରୀକରଣ ହେବାକୁ ଥିବା ବେଳେ ୪ ବର୍ଷରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଅଧିକ ରେଳ ଚଳାଚଳ କରାଇବାରେ ସହାୟକ ହେବ। ସୌରାଷ୍ଟ୍ର ଅଞ୍ଚଳର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଏହା ଯୋଗଦାନ ରଖିବ ବୋଲି ରେଳୱେ ପକ୍ଷରୁ ସୂଚନା ମିଳିଛି। ସେହିଭଳି ନିମଚ-ରତଲମ ପ୍ରକଳ୍ପରେ ୧୦୯୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖାଯାଇଛି। ଏହାର ୧୩୨.୨୯ କି.ମି. ଲାଇନ ଦୋହରୀକରଣ ହେବ। ଏହି ପ୍ରକଳ୍ପକୁ ମଧ୍ୟ ୪ ବର୍ଷରେ ଶେଷ କରିବା ଯୋଜନା ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହି ଲାଇନରେ ରେଳୱେର କ୍ଷମତା ବଢ଼ିବ।

### ଷ୍ଟକ୍ ବଜାରରେ ସୂଚୀଭୁକ୍ତ ହେବ ଇସିଜିସି

ରାଷ୍ଟ୍ରାୟତ୍ତ ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ(ଇସିଜିସି)କୁ ପୁଞ୍ଜିବଜାରରେ ସୂଚୀଭୁକ୍ତ କରାଇବେ। ଏହାକୁ ୪୪୦୦ କୋଟି ଟଙ୍କାର ପାଣ୍ଠି ଯୋଗାଣ ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଆସନ୍ତା ୫ ବର୍ଷରେ ଏହି ରାଶି ପ୍ରଦାନ କରାଯିବ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତ୍ୱରିତ ଭିତ୍ତିରେ ଇସିଜିସିରେ ୫୦୦ କୋଟି ଟଙ୍କାର ପାଣ୍ଠି ଦିଆଯିବ। ଏହାକୁ ଆସନ୍ତା ବର୍ଷ ସୁଦ୍ଧା ପୁଞ୍ଜିବଜାରରେ ସୂଚୀଭୁକ୍ତ କରାଇବା ଯୋଜନା ରଖାଯାଇଛି। ଚଳିତ ଆର୍ଥିକ ବର୍ଷ ସେପ୍ଟେମ୍ବର ସୁଦ୍ଧା ରପ୍ତାନି ୧୮୫ ବିଲିୟନ ଡଲାର ଛୁଇଁବ ବୋଲି ଗୋୟଲ କହିଛନ୍ତି।

### ଏନ୍‌ଇଆଇଏକୁ ୧୬୫୦ କୋଟି

କେନ୍ଦ୍ର କ୍ୟାବିନେଟ ନ୍ୟାଶନାଲ ଏକ୍ସପୋର୍ଟ ଇନ୍ସ୍ୟୁରାନ୍ସ ଆକାଉଣ୍ଟ (ଏନ୍‌ଇଆଇଏ) ସ୍କିମ୍‌କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛି। ଆଗାମୀ ୫ ବର୍ଷରେ ଏହି ଯୋଜନା ଲାଗି ୧୬୫୦ କୋଟି ଟଙ୍କାର ଅନୁଦାନ ସରକାର ଦେବେ। ଫୋକସ ବଜାରଗୁଡିକ ପ୍ରୋଜେକ୍ଟ ରପ୍ତାନି କ୍ଷେତ୍ରରେ ଏହା ସହାୟକ ହୋଇପାରିବ। ରପ୍ତାନି ବୀମା ପ୍ରଦାନ ଦ୍ୱାରା ଘରୋଇ ବଜାରରୁ ରପ୍ତାନିକୁ ପ୍ରୋତ୍ସାହନ ପ୍ରଦାନ ଲାଗି ସରକାର ଇସିଜିସି ସ୍ଥାପନ କରିଛନ୍ତି। କୌଣସି ବାଣିଜ୍ୟିକ ଏବଂ ରାଜନୈତିକ କାରଣ ଲାଗି ବିଦେଶରେ କ୍ରେତାଙ୍କଠାରୁ ପେମେଣ୍ଟ ଲାଭରେ ସମସ୍ୟା ଉପୁଜିଲେ ଏଭଳି ବୀମା ସହାୟକ ହୋଇପାରିବ।


ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ Union Bank of India
Azadi Ka Amrit Mahotsav
www.unionbankofindia.co.in
ନୂଆ ଆଇଏଫ୍ଏସ୍‌ସି
ନୂଆ ଚେକ୍ ବହି ନିଅନ୍ତୁ
ପ୍ରିୟ ସମ୍ମାନନୀୟ ଗ୍ରାହକବୃନ୍ଦ,
ଆମେ ଆପଣଙ୍କ ଦୃଷ୍ଟିକୁ ଏହା ଆଣିବାକୁ ଚାହୁଁଛୁ ଯେ, ଇ-ଆନ୍ଧ୍ର ବ୍ୟାଙ୍କ/ଇ-କର୍ପୋରେଶନ୍ ବ୍ୟାଙ୍କର ପୁରୁଣା ଆଇଏଫ୍ଏସ୍‌ସି/ଏମ୍ଆଇସିଆର୍ କୋଡ୍ ବ୍ୟବହାର କରି ଏନ୍ଇଏଫ୍‌ଟି/ଆରଟିଜିଏସ୍/ଆଇଏମ୍‌ପିଏସ୍/ଇସିଏସ୍/ଏନ୍ଏସିଏଚ୍/ପୋଷ୍ଟ ଡେଟେଡ୍ ଚେକ୍ ଜରିଆରେ ସମ୍ପାଦନ କରାଯାଉଥିବା ସମସ୍ତ ନେଣଦେଣକୁ କେବଳ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ଅନୁମତି ଦିଆଯିବ ।
୧ ଅକ୍ଟୋବର ୨୦୨୧ଠାରୁ, ଇ-ଆନ୍ଧ୍ର ବ୍ୟାଙ୍କ ଏବଂ ଇ-କର୍ପୋରେଶନ୍ ବ୍ୟାଙ୍କ ଶାଖାଗୁଡ଼ିକର ଖାତା ବାବଦୀୟ ସମସ୍ତ ଅନ୍‌ଲାଇନ୍ ନେଣଦେଣ ନିମନ୍ତେ ପାଇଁ କେବଳ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଇଏଫ୍ଏସ୍‌ସି/ଏମ୍ଆଇସିଆର୍ କୋଡ୍ ବୈଧ ହେବ । ତେଣୁ, ଆପଣଙ୍କ ଅର୍ଥପ୍ରେରଣକାରୀଙ୍କୁ ନୂଆ ଆଇଏଫ୍ଏସ୍‌ସି ସମ୍ପର୍କରେ ୩୦ ସେପ୍ଟେମ୍ବର ୨୦୨୧ ପୂର୍ବରୁ ସୂଚିତ କରିଦିଅନ୍ତୁ । ଦୟାକରି ବ୍ୟାଙ୍କ ଦ୍ୱାରା ଗ୍ରାହକମାନଙ୍କୁ ଜାରି କରାଯାଇଥିବା ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଚେକ୍ ବହିକୁ ବ୍ୟବହାର କରନ୍ତୁ।
ହେଲ୍ପଲାଇନ୍ ନଂ.: 1800 208 2244 / 1800 425 1515 / 1800 425 3555 | @unionbankofindia
@UnionBankTweets UnionBankInsta UnionBankofIndiaUtube



ଫିଗର GOOD ତ ସ୍ମାର୍ଟ LOOK
ଗ୍ରୀନ୍ ଟି, ଡାଳଚିନି, ତୁଳସୀ, ବିଲାତି ତେନ୍ତୁଳି, ସପୁରି, କୋକମ୍, ଶୁଣ୍ଠି ଭଳି 15 ଆୟୁର୍ବେଦିକ ଜଡ଼ିବୁଟିର ଅର୍କରେ ପ୍ରସ୍ତୁତ
JOLLY FAT-GO
କ୍ୟାପସୁଲ ଏବଂ ମସାଜ୍ ଅଏଲ୍
ଶରୀରର ମେଟାବୋଲିଜମ୍ ବଢ଼ାଏ ଏବଂ ପ୍ରଭାବ ଦେଖାଏ
ଯେମିତି ନାମ, ସେମିତି କାମ
ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । 0161-520-1588



ଉପ ନିର୍ବାଚନ-୨୦୨୧ ଓଡ଼ିଶା
DSPL - 158
୧୧୦ -ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ପାଇଁ ଜରୁରୀ ସୂଚନା
ମତଦାନ ପାଇଁ ନିମ୍ନୋକ୍ତ ୧୨ଟି ପରିଚୟ ପତ୍ରରୁ ଯେ କୌଣସି ଗୋଟିଏ ଅନିବାର୍ଯ୍ୟ ଅଟେ
ମତଦାନ ତାରିଖ ସେପ୍ଟେମ୍ବର ୩୦ ତାରିଖ ସକାଳ ୭ ଘଣ୍ଟା ରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ
ଭୋଟର ଫଟୋ ପରିଚୟ ପତ୍ର
ଡ୍ରାଇଭିଂ ଲାଇସେନ୍ସ
ଫଟୋ ଥିବା ସରକାରୀ ଚାକିରି କ୍ଷେତ୍ରର ପରିଚୟପତ୍ର
ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ୍‌ବୁକ
ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ
ସାଂସଦ, ବିଧାୟକଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର
ଏମଏନଆରଇଜିଏର ଜବ କାର୍ଡ
ଫଟୋ ଥିବା ପେନ୍‌ସନ୍ ଦସ୍ତାବିଜ
ଏନପିଆର ସ୍ମାର୍ଟକାର୍ଡ
ପାସ୍‌ପୋର୍ଟ
ପାନ୍ କାର୍ଡ
ଆଧାରକାର୍ଡ
ଭୋଟର ତାଙ୍କର ନାମ ଏବଂ ତାଲିକା ଜାଣିବା ପାଇଁ ଏନ୍‌ଭିଏସ୍‌ପି.ଇନ୍ (nvsp.in) କିମ୍ବା "Voter Helpline" Mobile App ସହଯୋଗ ନିଅନ୍ତୁ ।
ସୌଜନ୍ୟ : ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
OIPR-12001/13/0011/2122

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ମଧ୍ୟରେ ସମ୍ପର୍କର ସେତୁକୁ ଭାଙ୍ଗିଦେଇଛନ୍ତି।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ପୂର୍ଣ୍ଣିମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପ୍ରାଣୀର ଭଲ ମନ୍ଦ ବାଣୀ**
**ମରଣ କାଳେ ତାହା ଜାଣି ।**

ଆତ୍ମା ଯେତେବେଳେ ପରମାତ୍ମାଙ୍କଠାରେ ଲୀନ ହେବାକୁ ଯାଉଥାଏ ସେତେବେଳେ ସେ ନିଜକୁ ଈଶ୍ୱରଙ୍କଠାରେ ସମର୍ପି ଦେଇଥାଏ। ଜୀବନରେ ଯେତେ ଯାହା କର୍ମ ଅପକର୍ମ କରିଥାଏ ସେସବୁ ପ୍ରକାଶ କରିବାରେ ଆଉ କୁଣ୍ଠାବୋଧ କରି ନ ଥାଏ। ମୃତ୍ୟୁ ନିକଟତର ହେଲେ ମଣିଷ ସବୁ ସତକଥା କହିପକାଏ ବୋଲି ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିକା ଖାଉଥିଲି ନିଶ ପୋଡ଼ିଗଲା**
**କହିବାକୁ ମାଡ଼େ ଲାଜ,**
**ଭାତ ରାନ୍ଧୁ ରାନ୍ଧୁ ହାତ ପୋଡ଼ିଗଲା**
**ଗୋଡ଼ ଯାକ ହେଲା ପେଯ।**

କେତେଜଣ ବ୍ୟକ୍ତି ନିହାତି ଅପଦାର୍ଥ ବା ଅନାଡ଼ି ପ୍ରକୃତିର ହୋଇଥାନ୍ତି। ତାଙ୍କ ଦ୍ୱାରା କୌଣସିଟି କାର୍ଯ୍ୟ ସୁଚାରୁ ରୂପେ ହୋଇପାରି ନ ଥାଏ। ଏପରି ବ୍ୟକ୍ତି ଯେଉଁଥିରେ ହାତ ଦିଅନ୍ତି ସେଥିରେ ଅସଫଳ ହେବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ରେକର୍ଡ ରୁମ୍‌ରେ ନକଲି ଚାବିକାଠି ତଥ୍ୟ ନାହିଁ

**ଶ୍ରୀମନ୍ଦିର ରତ୍ନଭଣ୍ଡାର**



**ପୁରୀ ଅଫିସ,୨୯।୯**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତର ଗୃହ ଚାବିକାଠି ପ୍ରସଙ୍ଗ ଦିନକୁ ଦିନ ନାନା ପ୍ରଶ୍ନ ଘେରକୁ ଟାଣି ହୋଇଯାଉଛି। ଏ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଥିବାବେଳେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ରତ୍ନଭଣ୍ଡାର ଭିତର ଗୃହ ଚାବିକାଠି ହଜିଥିବା ଘଟଣା ସେତେବେଳେ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ୨୦୧୮ ଏପ୍ରିଲ୍ ୪ରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା ରତ୍ନଭଣ୍ଡାର ଭିତର ଗୃହ ଚାବିକାଠି ହଜିଥିବା କଥା ସ୍ୱୀକାର କରିଥିଲେ। ଏହାପରେ ଏନେଇ ତଦନ୍ତ ପାଇଁ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କ ନେତୃତ୍ୱରେ ସରକାର ଏକ ତଦନ୍ତ କମିଶନ ଗଠନ କରିଥିଲେ। ତେବେ କମିଶନ କାର୍ଯ୍ୟ ଆରମ୍ଭ କରିବାର କିଛିଦିନ ପରେ ଜୁନ ୧୩ରେ ନାଟକୀୟ ଢଙ୍ଗରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ୍ ରେକର୍ଡ ରୁମ୍‌ରୁ ନକଲି ଚାବିକାଠି ମିଳିଥିବା କଥା ଗଣମାଧ୍ୟମରେ ପ୍ରକାଶ କଲେ। ତେବେ ସେହି ନକଲି ଚାବିକାଠି ଘଟଣା କେତେ ସତ ସେନେଇ ଏବେ ପ୍ରଶ୍ନ ଉଠିଛି। ଯଦି ତାହା ସତ, ତେବେ ଏକଥା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ, ରେକର୍ଡ ରୁମ୍‌ରେ ଏହି ଚାବିକାଠି କେବେନା କେବେ ଦାଖଲ ଓ ହସ୍ତାନ୍ତର ହୋଇଥିବ। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ରେକର୍ଡ ରୁମ୍‌ରେ ଚାବିକାଠି ରହିବା, ଦାଖଲ ହେବା କିମ୍ବା ସ୍ଥାନାନ୍ତର ହେବା ନେଇ ଉଲ୍ଲେଖ ନାହିଁ। ସମ୍ପ୍ରତି ସୂଚନା ଅଧିକାର ଆଇନ ବଳରେ ଜିଲା ରେକର୍ଡ ରୁମ୍‌ରୁ ଏହି ତଥ୍ୟ ମିଳିଛି। ସୋମବାର ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଏଭଳି ତଥ୍ୟ ପାଇବା ପରେ ଗଣମାଧ୍ୟମ ଆଗରେ ଉପସ୍ଥାପନ କରି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି, ପୁରୀ ଜିଲା ରେକର୍ଡ ରୁମ୍ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟରଙ୍କ ଦସ୍ତଖତରେ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରୀମନ୍ଦିର ଭିତର ଭଣ୍ଡାର ଘର ଚାବିକାଠି କେତେ ତାରିଖରେ ଦାଖଲ ହୋଇଛି, କେତେ ତାରିଖରେ ନିଆଯାଇଛି ଓ ନିଆଯିବା ପରେ ପୁଣି କେବେ ଦାଖଲ ହୋଇଛି ସେନେଇ କୌଣସି ତଥ୍ୟ ନାହିଁ। ଏହା କିଭଳି ସମ୍ଭବ ବୋଲି ବରାଳ ପ୍ରଶ୍ନ କରିଛନ୍ତି। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ରେକର୍ଡ ରୁମ୍‌ରୁ ନକଲି ଚାବିକାଠି ନେବା ପୂର୍ବରୁ କେବେ ତାହା ଦାଖଲ ହୋଇଥିଲା ଏବଂ ସେ ଚାବିକାଠି ନେବା ପରେ ରେକର୍ଡ ରୁମ୍ ରେଜିଷ୍ଟରରେ ପୁଣି ଏହା ହସ୍ତାନ୍ତରର ତାରିଖ କାହିଁକି ଉଲ୍ଲେଖ ନାହିଁ ତାହା ବୁଝାପଡୁନାହିଁ। ଯଦି ରେକର୍ଡ ରୁମ୍‌ରେ ଚାବିକାଠି ଦାଖଲ ହୋଇନାହିଁ ତେବେ ଆସିଲା କୁଆଡୁ। ଜିଲାପାଳ ଚାବିକାଠି ଖୋଜି ପାଇଲେ କିପରି। ବିନା ରେଜିଷ୍ଟ୍ରାରରେ ଚାବିକାଠି ଦାଖଲ ହେବା ଓ ହସ୍ତାନ୍ତର ହେବା ସମ୍ଭବପର ହେବା ସମ୍ଭବ ହୋଇ ନ ଥିବା ବେଳେ ଅଗ୍ରୱାଲ୍ ସଂପୃକ୍ତ ଚାବିକାଠିକୁ ନିଜ ପାଖରେ ରଖି ନ ଥିଲେ ତ ବୋଲି ବରାଳ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଚାବିକାଠି ହଜିଥିବା ଓ ନକଲି ଚାବିକାଠି ମିଳିବା ଏସବୁ କେବଳ ନାଟକ। ସରକାର ମୁଖ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ଚାହୁଁଛନ୍ତି। ରତ୍ନଭଣ୍ଡାର ଖୋଲିବାକୁ ସରକାର ଭୟ କରୁଛନ୍ତି, ଯାହା ଫଳରେ ମିଛ ଉପରେ ମିଛ କହି ଚାଲିଛନ୍ତି। ନକଲି ଚାବି ଦାଖଲ କିମ୍ବା ହସ୍ତାନ୍ତର ହୋଇ ନ ଥିବା ବେଳେ ଜିଲାପାଳଙ୍କୁ ଚାବି ମିଳିବା ଏକ ଅବାସ୍ତବ କଥା। ଅନ୍ୟପକ୍ଷରେ ଜିଲା ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ, ଏଏସ୍‌ଆଇ

**ଦେବଗଡ଼,୨୯।୯(ଡି.ଏନ୍.ଏ.):** ମଦଭାଟି ମାଲିକଙ୍କଠାରୁ ଦେଢଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ପଡିଛନ୍ତି ଦେବଗଡ଼ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ର ଏବଂ ବାରକୋଟ ଅବକାରୀ ଏଏସ୍‌ଆଇ ମଥୁରା ମୋହନ ପ୍ରଧାନ। ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୌଣସି କାମକୁ ନେଇ ଦେବଗଡ଼ ଭାରପ୍ରାପ୍ତ ଅବକାରୀ ଅଧୀକ୍ଷକ ମହାପାତ୍ର ବାରକୋଟ ଥାନା ଅନ୍ତର୍ଗତ ବିଦେଇ ବଡକୁଦର ସରକାରୀ ଦେଶୀ ମଦଭାଟି ମାଲିକ ରାଜେନ୍ଦ୍ର ଜୟସ୍ୱାଲଙ୍କଠାରୁ ୩ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ମଦଭାଟି ମାଲିକ ଜୟସ୍ୱାଲ ଭିଜିଲାନ୍ସ ବିଭାଗକୁ ସୂଚନା ଦେଇଥିଲେ। ଅବକାରୀ ଅଧୀକ୍ଷକଙ୍କୁ ଜାଲରେ ପକାଇବା ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟରେ ଦେଢଲକ୍ଷ ଟଙ୍କା ପ୍ରଦାନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ଅବକାରୀ ଅଧୀକ୍ଷକ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବାରକୋଟ ଅବକାରୀ ଏଏସ୍‌ଆଇ ମଥୁରା ମୋହନ ପ୍ରଧାନ ବିଦେଇ ବଡକୁଦର ମଦଭାଟିକୁ ଯାଇଥିଲେ। ସେଠାରେ ମଦଭାଟି ମାଲିକ ଜୟସ୍ୱାଲ ଏଏସ୍‌ଆଇ ପ୍ରଧାନଙ୍କୁ ରାସାୟନିକ ପ୍ରଲେପ ବୋଳା ଦେଢଲକ୍ଷ ଟଙ୍କା ପ୍ରଦାନ କରିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଛପି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏହା ସହ ତାଙ୍କୁ ଗିରଫ କରି ଦେବଗଡ଼ ଆଣିଥିଲେ। ଏହାପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଭାରପ୍ରାପ୍ତ ଅବକାରୀ ଅଧୀକ୍ଷକ ମହାପାତ୍ର ରହୁଥିବା ଭଡାଘରେ ଚଢାଉ କରାଯାଇଥିଲା। ପରେ ବାରକୋଟ ବ୍ଲକର ପୁରୁଣାପାଣି ଗ୍ରାମରେ ଥିବା ଅବକାରୀ ଏଏସ୍‌ଆଇଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ଅଧିକାରୀ ଯାଇ ଯାଞ୍ଚ କରିଥିଲେ।


## classifieds Everyday
0674-2580101, 2549302




**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canalroad, Cuttack. Call- 8093080009/10. D-21768




**SALE**

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: 9861814701, Dist.- Khordha. D-21646

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

**ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434.** D-70898

2000sqft. residential yellowzone plot for sale at Pahala, Bhubaneswar. Price- 36lakhs (Brokers excuse). Contact: 7894639282. D-71173

**"2 Nos of Plots are for Sale. 2700sqft. at Godia Pokhri and 4600 sqft. near Jatni Gate 500mtr from NH. Contact 7077735599".** D-21736

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (outright). 9348232008. D-21774

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456.** D-71701

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71702

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952.** D-71703

**କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ commercial Hub "Grandbazar" ସମ୍ମୁଖରୁ 1 k.m. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 9078699286.** D-71714




Ashirvaad Salon and SPA get good massage for your health tha best therapy. 7077181074. D-70487

Swarna SPA newly open positively health benefits with expert therapist. 9556978408. D-71172

Newly Open Saikrupa Panchakarma Spa positively health benefits with Expert. 8984068077. D-21717

**Refreshing your mind, your body with tha best therapy at Lotus Spa. 8018891951.** D-70488

Monalisa massage Club: All types Body massage with hiprofile smart lady rooms service available. 9708545108. D-21775

Take wellness relax massage trained ladies/gents therapist 800/-, 7008773793. D-71417

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ବିଜୁ ଗାଁ ଗାଡ଼ି ...

ନିଗମ ଦ୍ୱାରା କାଁ ଭାଁ କିଛି ଗାଡ଼ି ଗଡୁଥିଲେ ମଧ୍ୟ ଏହା ଗାଁ ଲୋକଙ୍କୁ ଫାଇଦା ଦେଇପାରୁ ନାହିଁ।

ଆର୍‌ଟିଓମାନଙ୍କର କାର୍ଯ୍ୟକଳାପକୁ ନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆର୍‌ଟିଓମାନେ ଏହି ଯୋଜନା ପାଇଁ ଅଧିକ ଯାନବାହନକୁ ସାମିଲ କରିବା ନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହି ଯୋଜନା ଏକପ୍ରକାର ବିଫଳ ହୋଇଥିବା ସିଏଜି ଯାଞ୍ଚ ବେଳେ ଜାଣିବାକୁ ପାଇଛନ୍ତି। ଯାତ୍ରୀମାନଙ୍କ ଚଳାପଥକୁ ବିଚାରକୁ ନିଆ ନ ଯିବା ଯୋଗୁ ଏହି ଯୋଜନା ଏକପ୍ରକାର ବିଫଳ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। କେବଳ ସେତିକି ନୁହେଁ, ଆର୍‌ଟିଓଙ୍କ ବେଆଇନ କାରବାର ଯୋଗୁ ସରକାରଙ୍କୁ ମଧ୍ୟ କ୍ଷତି ସହିବାକୁ ପଡ଼ିଛି। କାରଣ ଏହି ଯୋଜନାରେ ଗଜପତି, କୋରାପୁଟ ଏବଂ ସୁନ୍ଦରଗଡ଼ ଜିଲା ଆର୍‌ଟିଓ ଅଧୀନରେ ୧୬୯ ଯାନ ବିନା ପର୍‌ମିଟରେ ଚଳାଚଳ କରୁଥିଲା। ଆଶ୍ଚର୍ଯ୍ୟ କଥା ହେଉଛି ଯେ ପର୍‌ମିଟ ନ ଥିବା ଉକ୍ତ ଯାନଗୁଡ଼ିକ ମଧ୍ୟରୁ ୧୧୯ଟି ଯାନକୁ ବେଆଇନ ଭାବେ ପର୍‌ମିଟ ଫି' ଏବଂ ରୋଡ୍ ଟିକସ ମଧ୍ୟ ଛାଡ଼ କରାଯାଇଛି। ଏଥିଯୋଗୁ ବିଜୁ ଗାଁ ଗାଡ଼ି ଯୋଜନାରେ ରାଜକୋଷରୁ ୨୧.୯୬ ଲକ୍ଷ ଟଙ୍କାର କ୍ଷତି ହୋଇଛି। ବିଜୁ ଗାଁ ଗାଡ଼ି ଯୋଜନା ଆରମ୍ଭ ପୂର୍ବରୁ ମାର୍ଗ ଚିହ୍ନଟ ହୋଇ ନ ଥିବାରୁ ଏହାର ଫାଇଦା ଗ୍ରାମାଞ୍ଚଳ ଲୋକଙ୍କୁ ମିଳି ପାରି ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ଏହି ଯୋଜନାରେ ବସ୍ ଚଳାଇବାକୁ ଆଗ୍ରହ ଦେଖାଇଥିବା କୋରାପୁଟର ମଳୟ ଆଶା କହିଛନ୍ତି ଯେ ଆର୍‌ଟିଓମାନଙ୍କର ମନମାନି, ରୁଟ୍ ପର୍‌ମିଟ ନ ଦେବା ଯୋଗୁ ଗତ ୩ ବର୍ଷ ହେବ ଋଣରେ ଗାଡ଼ି କିଣି ଘରେ ଥୋଇଛନ୍ତି। କୋରାପୁଟ ଭଳି ଦୁର୍ଗମ ଅଞ୍ଚଳର ଲୋକମାନେ ଏହାର କୌଣସି ସୁବିଧା ପାଇପାରୁ ନାହାନ୍ତି। ସରକାର ଘୋଷଣା କରିଥିବା ସବ୍‌ସିଡି ମଧ୍ୟ ମିଳି ନାହିଁ। ଏହା ସତ୍ତ୍ୱେ ବସ୍ ଚଳାଇବାକୁ ଇଚ୍ଛା ଥିଲେ ମଧ୍ୟ ରୁଟ୍ ପର୍‌ମିଟ ଜାଣିଶୁଣି ଦିଆଯାଉ ନାହିଁ। ସ୍ଥାନୀୟ ବସ୍ ମାଲିକଙ୍କୁ ଆର୍‌ଟିଓମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ସରକାରଙ୍କ ଲକ୍ଷ୍ୟ ଧୂଳିସାତ ହୋଇଛି।

ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଯାତ୍ରୀମାନଙ୍କ ସଂଖ୍ୟା କମ୍ ହେବା ସହ କ୍ଷତି ହେଉଥିବାରୁ ବସ୍‌ମାଲିକମାନେ ସେତେଟା ଆଗ୍ରହ ଦେଖାଉନାହାନ୍ତି। ସ୍ଥାନୀୟ ଆର୍‌ଟିଓମାନେ ମଧ୍ୟ ଏ ଦିଗରେ ସଚେତନ ହେଉ ନ ଥିବାରୁ ଯୋଜନାର ଫାଇଦା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। କ୍ଷତି ହେଲେ ଏହି ଯୋଜନା ଜାରି ରଖିବା ମଧ୍ୟ କଷ୍ଟକର ବ୍ୟାପାର।

### ନୂଆ ପ୍ରଜାତିର 'ବ୍ଲାଇଣ୍ଡ ଇଲ୍' ...

ଡ. ଅନିଲ ମହାପାତ୍ର ଦାୟିତ୍ୱରେ ଥିଲେ। ଡିଏନ୍‌ଏ ଆନାଲିସିସରେ ଏହି ନୂଆ ବ୍ଲାଇଣ୍ଡ ଇଲ୍‌ଟି ନିଜର ନିକଟ ସମ୍ପର୍କୀୟଙ୍କଠାରୁ ପ୍ରାୟ ୨୩ % ଅଲଗା ଥିଲା। ଏହା ଦେଖିବାକୁ ପତଳା, ୨୬୫ ମିଲିମିଟର ପର୍ଯ୍ୟନ୍ତ ବଢ଼ିଥାନ୍ତି ଏବଂ ଦେହର ରଙ୍ଗ ଗୋଲାପୀ-ନାଲି ରଙ୍ଗର ହୋଇଥାଏ। ଏହି ଇଲ୍‌ରେ ଆଖି, ଫିନ୍ ଓ କାତି ନ ଥାଏ। ଅଦ୍ୟାବଧି ଏହି ମୁମ୍ବାଇ ବ୍ଲାଇଣ୍ଡ ଇଲ୍ କେବଳ ସେହି ଦୃଷ୍ଟିହୀନ ସ୍କୁଲ କୂଅରୁ ହିଁ ଦେଖିବାକୁ ମିଳିଛି। ଏହା ଏକ ମଧୁର ଜଳ ଇଲ୍। ଓଡ଼ିଶାରେ ଯଦି କାହା ବାଡ଼ିରେ ଥିବା କୂଅ ଭିତରୁ କେବେ ଏହିପରି କିଛି ଇଲ୍ ବା ଅନ୍ୟ କିଛି ଚିହ୍ନି ନ ପାରୁ ଥିବା ମାଛ ବା ଅନ୍ୟ କିଛି ଜୀବ ମିଳନ୍ତି, ତେବେ ତାହାକୁ ମାରି ବା ଫୋପାଡ଼ି ନ ଦେଇ ଜେଡ୍‌ଏସ୍‌ଆଇ ଗୋପାଳପୁର କାର୍ଯ୍ୟାଳୟକୁ ଜଣାଇବାକୁ ଡ. ମହାପାତ୍ର ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ନୂଆ ପ୍ରଜାତି ଇଲ୍‌ର ଫଟୋକୁ ଆକ୍ୱା ଜର୍ନାଲ ତା'ର କଭର ପୃଷ୍ଠାରେ ସ୍ଥାନ ଦେଇଛି।

### କ୍ରାଇମବ୍ରାଞ୍ଚକୁ ମିଳିଲା ଲାଏ ଡିଟେକ୍ସନ୍....

ହୋଇଥିଲା। ୨୦ତାରିଖରେ ମୃତ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ମଧ୍ୟ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଥିଲା। କଡ଼ା ସୁରକ୍ଷା ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ବିଦ୍ୟାଙ୍କୁ ଫୋରେନ୍‌ସିକ ଲାବ୍‌କୁ ନେଇଥିଲା। ବିଦ୍ୟା ପୂର୍ବରୁ ଦେଇଥିବା ବୟାନର ସତ୍ୟତା ଜାଣିବାକୁ ବିଶେଷଜ୍ଞମାନେ ଦୀର୍ଘ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

ସୂଚନାଯୋଗ୍ୟ, ପାରଳାଖେମୁଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସରେ ଜୁଲାଇ ୧୨ ରାତି ପ୍ରାୟ ୯ଟାରେ ସୌମ୍ୟଙ୍କ ଦେହରେ ନିଆଁ ଲାଗିଯାଇଥିଲା। ସୌମ୍ୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାରଳାଖେମୁଣ୍ଡି ମେଡ଼ିକାଲ ପରେ ବ୍ରହ୍ମପୁର ଏମ୍‌କେସିଜି ଓ କଟକର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ୧୩ ତାରିଖ ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣା ପରେ ଡିଏଫ୍‌ଓ ବେହେରା ବିବାଦ ଓ ସନ୍ଦେହ ଘେରକୁ ଆସିଥିଲେ। ବିଦ୍ୟାଭାରତୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସୌମ୍ୟଙ୍କ ପରିବାର ଲୋକେ ମଧ୍ୟ ଡିଏଫ୍‌ଓ ବେହେରାଙ୍କ ଉପରକୁ ଅଙ୍ଗୁଳି ଉଠାଇବା ସହିତ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ୩୪ ଦିନ ପରେ ଅର୍ଥାତ୍ ଅଗଷ୍ଟ ୧୪ରେ ପୋଲିସ ଡିଜି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଦ୍ୟାଭାରତୀଙ୍କ ସମେତ ଏକାଧିକଙ୍କ ବୟାନ ରେକର୍ଡ କରିଥିଲେ ମଧ୍ୟ ମୃତ୍ୟୁର କାରଣ ପାଇପାରି ନ ଥିଲା କ୍ରାଇମବ୍ରାଞ୍ଚ। ଏଥିସହ ବିଦ୍ୟାଭାରତୀ ଓ ଡିଏଫ୍‌ଓ ମିଛ କହୁଛନ୍ତି ବୋଲି ସୌମ୍ୟଙ୍କ ବାପା ଅଭିଯୋଗ ଉଠାଇବା ପରେ ଲାଏ ଡିଟେକ୍ସନ କରାଯାଇଥିଲା।

### କ୍ରାଇମ୍‌ବ୍ରାଞ୍ଚ ହାତରେ ...

ଅଭିଯୁକ୍ତମାନେ ଯେତିକି ସୂଚନା ଦେଇଛନ୍ତି ଓ ଯେତିକି ଟେକ୍‌ନିକାଲ ଡାଟା ଅଛି, ତାହାକୁ ନେଇ ଅଧିକ ତଦନ୍ତ କରାଯିବ। ଦରକାର ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ଆଇଟିଆରର ୫ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଠିକା କର୍ମଚାରୀ ଝାମ୍ପୁରା ଗ୍ରାମର ବସନ୍ତ ବେହେରା, ଶ୍ରୀକୋଣା ଗ୍ରାମର ଶେଖ୍ ମୁଶାଫିର, ପାଳଶିଆର ତାପସ ରଞ୍ଜନ ନାୟକ, ବୁଆଁଳ ଗାଁର ହେମନ୍ତ କୁମାର ମିସ୍ତ୍ରି ଓ ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର। ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୭ ଦିନିଆ ରିମାଣ୍ଡରେ ଆଣି କଟକ ମୁଖ୍ୟାଳୟରେ ଜେରା କରିବା ପରେ କୋର୍ଟରେ ହାଜର କରିଥିଲା। ସୋସିଆଲ୍ ମିଡିଆରେ ୭ଟି ଆକାଉଣ୍ଟ ଖୋଲି ରହସ୍ୟମୟୀ ମହିଳା ଅଭିଯୁକ୍ତଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ଏପରିକି ବିବାହ ପ୍ରସ୍ତାବ ମଧ୍ୟ ଦେଇଥିଲେ।

### ଏସ୍‌ଆଇ ନିଲମ୍ବିତ

ଏହି ବିସ୍ଫୋରଣରେ ଥାନା ଛାତ ଓ କାନ୍ଥ ଫାଟି ଖଣ୍ଡ ଖଣ୍ଡ ହୋଇ ଏଣେତେଣେ ପଡ଼ିବା ସହ କମ୍ପ୍ୟୁଟର, ଅନ୍ୟାନ୍ୟ ସାମଗ୍ରୀ ସମେତ ଫାଇଲପତ୍ର ନଷ୍ଟ ହୋଇଯାଇଥିଲା। ତେବେ ସୌଭାଗ୍ୟବଶତଃ କର୍ମଚାରୀମାନେ ରକ୍ଷା ପାଇଯାଇଥିଲେ। ଏ ନେଇ ମଙ୍ଗଳବାର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଏବଂ ଏସ୍‌ପି ସିଂ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ବୁଧବାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ମିଳିବା ପରେ ତଅପୋଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ବିସ୍ଫୋରଣ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

### ୪୯,୨୭୯ ଛାତ୍ରୀଛାତ୍ର..

ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା (ଓଜେଇଇ) ଗତ ୬ରୁ ୧୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ପରୀକ୍ଷା କରାଯାଇଥିଲା। ଚଳିତବର୍ଷ ପ୍ରଥମଥର ପାଇଁ ୩୦ ଜିଲା ଓ ରାଜ୍ୟ ବାହାରେ ୩ ସହରରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ୩୦ ସହରରେ ୫୭ କେନ୍ଦ୍ର ଏବଂ ପଶ୍ଚିମବଙ୍ଗର କୋଲକାତା, ଝାଡ଼ଖଣ୍ଡର ରାଞ୍ଚି ଓ ବିହାରର ପାଟଣାରେ ପରୀକ୍ଷା କେନ୍ଦ୍ରଗୁଡ଼ିକ ପରିଚାଳିତ ହୋଇଥିଲା। ୬୫,୭୬୩ଜଣ ପିଲା ପଞ୍ଜୀକରଣ କରିଥିବାବେଳେ ୭୫ ପ୍ରତିଶତ ଅର୍ଥାତ୍ ୪୯,୩୬୦ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୪୯,୨୭୯ଜଣ ଛାତ୍ରୀଛାତ୍ରଙ୍କୁ ର୍‍ୟାଙ୍କ୍ ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ମାନସିକ ସୁସ୍ଥତା ଫେରି ପାଇବେ। ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକଙ୍କୁ ଦାୟୀ କରିବେ।

**ବୃଷ**



ଈର୍ଷାପରାୟଣ ବ୍ୟକ୍ତିଙ୍କ ପରୋକ୍ଷ ଶତ୍ରୁତା କାରଣରୁ ଭୁଲ୍ ନ କରି ମଧ୍ୟ ଦୋଷୀ ବିବେଚିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି । ଅର୍ଥ କିମ୍ବା ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ**



ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି , ଜମିଜମା ବିବାଦର ସମାଧାନ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। କର୍ମକ୍ଷେତ୍ରରେ, କଳା ସାହିତ୍ୟରେ, ରାଜନୈତିକ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**



ନୂତନ କର୍ମାରମ୍ଭରେ ସାମାନ୍ୟ ପ୍ରାଥମିକ ପ୍ରତିବନ୍ଧକ ଦେଖାଦେବ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଖୁସୀ ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**ସିଂହ**



ଆର୍ଥିକ ସଂକଟ ମଧ୍ୟରେ ଗତି କରିବାକୁ ପଡ଼ିବ। ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ଅବଶ୍ୟ ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**କନ୍ୟା**



ଆଜି ଅପରାହ୍ନରେ ହଠାତ୍ ବନ୍ଧୁଙ୍କ ଜରିଆରେ ଅଭିଳଷିତ ଜିନିଷଟି ପାଇବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଚିତ୍ରା ନକ୍ଷତ୍ରର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିବ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା**



ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ, କିନ୍ତୁ ସମ୍ପୂର୍ଣ୍ଣ ସଫଳତା ପାଇବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**



ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ଅବଶ୍ୟ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ଧନୁ**



ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଆଜି ଦିନ ମଧ୍ୟରେ ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ମଧ୍ୟ ପ୍ରଫୁଲ୍ଲ ରହିବ। ଯେ କୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣହରକତ ହେବାକୁ ପଡ଼ିପାରେ।

**ମକର**



ପୂର୍ବାହ୍ନରେ କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିପାରେ। ଆଜିର ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**



ବିଭିନ୍ନ ପ୍ରକାର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ଚାହିଁବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ**



ଆଜି ଯେଉଁ କାମରେ ହାତଦେବେ, ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ। ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

# ମାନବବାଦ ସଙ୍ଗଠନର ୨ ସମର୍ଥକ ଅଟକ

**ଖୋର୍ଦ୍ଧା ଅଫିସ, ୨୯।୯:** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଅଭିମାନପୁର ଗ୍ରାମରେ ମାନବବାଦ ସଙ୍ଗଠନର ସମର୍ଥକମାନେ ପୁଣି ଲୋକଙ୍କୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଏହି ସଙ୍ଗଠନ ପୁନର୍ବାର ସକ୍ରିୟ ହୋଇ ଉଠିଥିବା ସ୍ପଷ୍ଟ ହୋଇଛି। ଦୁଇଦିନ ତଳେ ଅଭିମାନପୁର ଗ୍ରାମରେ ମାନବବାଦ ସଙ୍ଗଠନର କେତେଜଣ ସମର୍ଥକ ମାରଣାସ୍ତ୍ର ଧରି ସଙ୍ଗଠନକୁ ବିରୋଧ କଲେ କିମ୍ବା ଏହା ବିରୋଧରେ କୌଣସି ମନ୍ତବ୍ୟ ଦେଲେ ପରିମାଣ ଭୟଙ୍କର ହେବ ବୋଲି ଧମକଚମକ ଦେଉଥିବାବେଳେ ଗ୍ରାମବାସୀ ୨ଜଣଙ୍କୁ ମାଡ଼ିବସିଥିଲେ। ପରେ ଉଭୟଙ୍କୁ ପୋଲିସ ଜିମା ଦେଇଛନ୍ତି।

# ଜିଆଇ ଟ୍ୟାଗ୍ ଦୌଡ଼ରେ କୁଚିଣ୍ଡା ଲଙ୍କା

## ପ୍ରକ୍ରିୟା ଆରମ୍ଭ କଲା ପ୍ରଶାସନ



କୁଚିଣ୍ଡା ଅଞ୍ଚଳରେ ହୋଇଥିବା ଲଙ୍କା ଚାଷ।

ସମ୍ବଲପୁର,୨୯।୯(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଲଙ୍କା ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେଶନ) ଟ୍ୟାଗ୍ ଦୌଡ଼ରେ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଢ଼ାଖୋଲ ଏନ୍ଏସିରେ ଏକ୍‌ଜିକ୍ୟୁଟିଭ୍ ଅଫିସର ଥିବା ଆଇଏଏସ୍ (ଶିକ୍ଷାନବିସ) ଆଶୁତୋଷ କୁଲକର୍ନି ନିଜସ୍ୱ ଉଦ୍ୟମରେ ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରିଛନ୍ତି। ପୂର୍ବରୁ କୁଚିଣ୍ଡା ଉପଖଣ୍ଡରେ ଉତ୍ପାଦିତ ଲଙ୍କାର ଆକାର, ଆକର୍ଷଣକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାର ଟ୍ରେଡରମାନେ ଏଠାକୁ କିଣିବାକୁ ଆସୁଥିଲେ। ଏବେ ଜିଆଇ ଟ୍ୟାଗ୍ ମିଳିଲେ ବଜାରରେ ଲଙ୍କାର ମାନ ଆହୁରି ବୃଦ୍ଧି ପାଇବ। ଏହା ଦ୍ୱାରା ଚାଷୀଙ୍କୁ ଉଚିତ ମୂଲ୍ୟ ମିଳିପାରିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଓର୍‌ମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା କହିଛନ୍ତି, କୁଚିଣ୍ଡା ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଲଙ୍କାଚାଷ କରନ୍ତି। ରବି ଓ ଖରିଫ ସମୟରେ ପ୍ରାୟ ୭୮୪୫ ହେକ୍ଟର ଜମିରେ ଲଙ୍କା ଚାଷ ହୋଇଥାଏ। ୧୨ ହଜାର ଚାଷୀ ଲଙ୍କାଚାଷ କରି ରୋଜଗାର କରନ୍ତି। କୁଇଣ୍ଟାଲ ପିଛା ୩ ହଜାରରୁ ୩୫ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରନ୍ତି। ସ୍ୱାବଲମ୍ବୀ ହୋଇ ଚାଷ ପରିମାଣ ବୃଦ୍ଧି କରିବା ପାଇଁ କିଛିବର୍ଷ ହେବ ଲଙ୍କା ଗୁଣ୍ଡ ତିଆରି କରିବା ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଏସ୍ଏଚ୍‌ଜି ମହିଳାମାନେ ତାଲିମ ନେଇ ଲଙ୍କାଗୁଣ୍ଡ ତିଆରି କରୁଛନ୍ତି। ଏହାକୁ କୁଇଣ୍ଟାଲ ପିଛା ୧୫ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ପ୍ଲାଣ୍ଟ ହେବା ଫଳରେ ଚାଷୀମାନେ ଉଚିତ ଦର ପାଇପାରୁଛନ୍ତି। ଏବେ ଅଧିକ ବଜାର ସୁବିଧା ପାଇଁ ଜିଆଇ ଟ୍ୟାଗ୍ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ଏକ ଏଜେନ୍ସିର ସହଯୋଗ ନିଆଯାଇଛି। ଏଜେନ୍ସି କର୍ମକର୍ତ୍ତା କୁଚିଣ୍ଡା ଲଙ୍କା ଚାଷ କିଭଳି ହେଉଛି, କେତେ ପରିବାର ନିୟୋଜିତ ଅଛନ୍ତି, କେବେଠାରୁ ଆରମ୍ଭ ହୋଇଛି, ଲଙ୍କାର ମାନ ଓ ବଜାରରେ ଚାହିଦା ପ୍ରଭୃତି ଦିଗରେ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ଯଦି ଜିଆଇ ଟ୍ୟାଗ୍ ମିଳିଯାଏ ତା'ହେଲେ ଦେଶ ବାହାରେ ମଧ୍ୟ ବ୍ୟବସାୟ କରିହେବ। ଲଙ୍କାର ମାନ ବୃଦ୍ଧି ପାଇବ। ଚାଷୀମାନେ ଅଧିକ ମୂଲ୍ୟରେ ଲଙ୍କା ବିକ୍ରି କରିପାରିବେ ବୋଲି କହିଥିଲେ।

ଐତିହାସିକ ତଥ୍ୟ ଅନୁଯାୟୀ କୁଚିଣ୍ଡା ଅଞ୍ଚଳ ଅଣଜଳସେଚିତ। ଧାନ ଓ ଅନ୍ୟ ଫସଲ ପାଇଁ ଅଧିକ ପାଣିର ଆବଶ୍ୟକ ପଡିଥାଏ। ତେଣୁ ବାରମ୍ବାର ମରୁଡ଼ି ଓ ଜଳ ନିଅଣ୍ଟ ହୋଇ ଫସଲ ନଷ୍ଟ ହେଉଥିଲା। ୧୯୦୧ରେ ତତ୍କାଳୀନ ବାମଣ୍ଡା ରାଜା ବାସୁଦେବ ସୁଧଳ ଦେଓ ଚାଷୀ ଓ ଚାଷକୁ ନେଇ ଚିନ୍ତାରେ ପଡିଥିଲେ। ସେ ବିକଳ୍ପ ଚାଷ ପାଇଁ ଚିନ୍ତା କରିଥିଲେ। ସେ ସମୟରେ ଉନ୍ନତମାନର ଲଙ୍କା ବିହନ ଚାଷୀଙ୍କୁ ଯୋଗାଇ ଚାଷ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ପ୍ରଥମେ ଦ୍ୱନ୍ଦ୍ୱରେ ଥିବା ଚାଷୀ ପରେ ଲଙ୍କା ଚାଷକୁ ପ୍ରାଧାନ୍ୟ ଦେଇଥିଲେ। ଜଳବାୟୁ ସହଯୋଗ ଓ ଚାଷୀଙ୍କ ପରିଶ୍ରମରେ ଏହି ଅଞ୍ଚଳ ଲଙ୍କା ଚାଷରେ ଏକ ନମ୍ବର ହୋଇପାରିଛି। ପ୍ରାୟ ୧୨୦ ବର୍ଷ ପରେ ଏହି ଅଞ୍ଚଳ ଲଙ୍କା ଚାଷରେ ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିଛି। ଏବେ ଜିଆଇ ଟ୍ୟାଗ୍ ମିଳିଲେ କୁଚିଣ୍ଡାର ଲଙ୍କା ଚାଷୀମାନଙ୍କର ସାମାଜିକ, ଆର୍ଥିକ ଉନ୍ନତି ହେବ ବୋଲି ଆଶା କରାଯାଉଛି।

# କସ୍‌ମେଟିକ୍ ପ୍ଲାଷ୍ଟିକ ସର୍ଜରିର ଚାହିଦା ବଢ଼ୁଛି

ପ୍ଲାଷ୍ଟିକ ସର୍ଜରି କଥା ଶୁଣିଲେ ଲୋକେ ଭାବନ୍ତି କେବଳ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବୋଧେ କରାଯାଇଥାଏ। କିନ୍ତୁ ଦୁର୍ଘଟଣା, ପୋଡ଼ିଯିବା, ସାପ କାମୁଡ଼ା ଆଦି କ୍ଷେତ୍ରରେ ରୋଗୀଙ୍କ ପ୍ଲାଷ୍ଟିକ ସର୍ଜରି ବହୁତ ହେଉଛି। ପ୍ଲାଷ୍ଟିକ୍ ସର୍ଜରି ସମ୍ପର୍କରେ ଅଧିକ ଜାଣିବା ପାଇଁ ବିଶିଷ୍ଟ ସର୍ଜନ ଡା. ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସହିତ 'ଧରିତ୍ରୀ'ର ଅସମାପିକା ସାହୁଙ୍କ ଆଳାପ। ୧୯୭୦ ନଭେମ୍ବର ୨୪ରେ ଭଞ୍ଜନଗରରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ମୀକାନ୍ତ ବ୍ରହ୍ମପୁର ଏମ୍‌କେସିଜିରେ ଏମ୍‌ବିବିଏସ୍, ଜେନେରାଲ ସର୍ଜରିରେ ଏମ୍‌ଏସ୍ କରିଛନ୍ତି। ଏହାପରେ ସେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରୁ ପ୍ଲାଷ୍ଟିକ ସର୍ଜରିରେ ଏମ୍‌ସିଏଚ୍ କରିଥିଲେ। ଚିକିତ୍ସା କ୍ଷେତ୍ରରେ ତାଙ୍କର ୧୫ବର୍ଷର ଅଭିଜ୍ଞତା ରହିଛି।



ଡା. ଲକ୍ଷ୍ମୀକାନ୍ତ ମିଶ୍ର

**ଧରିତ୍ରୀ ଆଳାପ**

**ପ୍ରଶ୍ନ– ପ୍ଲାଷ୍ଟିକ ସର୍ଜରି କେତେ ପ୍ରକାରର?**

ଉତ୍ତର–ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ ସର୍ଜରି ରହିଛି। ମୁଣ୍ଡଠାରୁ ଗୋଡ଼ର ନଖ ପର୍ଯ୍ୟନ୍ତ ପ୍ଲାଷ୍ଟିକ ସର୍ଜରି କରିହେବ। ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସ୍‌ମେଟିକ୍ ସର୍ଜରି କରାଯାଇଥାଏ। ଆଉ ଗୋଟେ ହେଲା ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି। ସେହିପରି ହାତଗୋଡ଼ କଟିଗଲେ ତାକୁ ଯୋଡ଼ିବା ପାଇଁ ମାଇକ୍ରୋଭାସ୍କୁଲାର ସର୍ଜରି କରାଯାଇଥାଏ।

**ପ୍ରଶ୍ନ– କେଉଁ ରୋଗ ପାଇଁ ପ୍ଲାଷ୍ଟିକ ସର୍ଜରି କରାଯାଇଥାଏ?**

ଉତ୍ତର– କ୍ୟାନ୍‌ସର ରୋଗୀଙ୍କର ଯଦି କୌଣସି ଅଂଶ କାଟି ଦିଆଯାଏ, ତାକୁ ପୁଣି ଠିକ୍ କରିବା ପାଇଁ କ୍ୟାନ୍‌ସର ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି କରାଯାଇଥାଏ। ସେହିପରି ମଧୁମେହ ରୋଗୀଙ୍କର ଯଦି ଘା' ନ ଶୁଖେ, ସେ କ୍ଷେତ୍ରରେ ବି ପ୍ଲାଷ୍ଟିକ ସର୍ଜରି କରାଯାଇଥାଏ।

**ପ୍ରଶ୍ନ– ଯଦି ଜଣେ ପ୍ଲାଷ୍ଟିକ ସର୍ଜରି ନ କରେ ତେବେ କ'ଣ କ୍ଷତି ହେବ?**

ଉତ୍ତର– ସୌନ୍ଦର୍ଯ୍ୟ ପାଇଁ ମଣିଷ ସବୁବେଳେ ଚାହେଁ। ତେଣୁ କସ୍‌ମେଟିକ୍ ସର୍ଜରି ଲୋକେ କରୁଛନ୍ତି। କିନ୍ତୁ ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି ଗୁରୁତ୍ୱ ବହନ କରିଥାଏ। ଯଦି କିଏ ନିଆଁରେ ପୋଡ଼ି ହୋଇଯାଇଥିବ, ଆଉ ତା' ମୁହଁ ବେକରେ ଲାଗିଯାଇ ତଳକୁ ରହିଥିବ। ତେବେ ତାକୁ ଶୀଘ୍ର ପ୍ଲାଷ୍ଟିକ ସର୍ଜରି କରିଦେବା ଉଚିତ। ନଚେତ୍ ତାଙ୍କର ମେରୁଦଣ୍ଡର ଆକାର ବଦଳିବା ସହିତ ସମସ୍ୟା ମଧ୍ୟ ଦେଖାଯିବ। ସେହିଭଳି ଆଉ କିଛି ସର୍ଜରି କରିଲେ ମଣିଷ ତା'ର ବ୍ୟବହାରିକ ଜୀବନଯାପନ ଭଲରେ କରିପାରିବ।

**ପ୍ରଶ୍ନ– ଓଡ଼ିଶାରେ ସବୁ ହସ୍ପିଟାଲରେ ପ୍ଲାଷ୍ଟିକ ସର୍ଜନ ନାହାନ୍ତି। ଏହାର କାରଣ କ'ଣ?**

ଉତ୍ତର– ବର୍ତ୍ତମାନ ପ୍ଲାଷ୍ଟିକ ସର୍ଜରିର ଚାହିଦା ବଢ଼ିଲାଣି। କଟକ, ଭୁବନେଶ୍ୱର ଭଳି ଜାଗାରେ ପ୍ରାୟ ସବୁ ହସ୍ପିଟାଲରେ ସର୍ଜନ ରହୁଛନ୍ତି। କିନ୍ତୁ ରିମୋଟ୍ ଏରିଆରେ ଏହାର ଉନ୍ନତି ହୋଇନି। ସରକାରଙ୍କ ସହଯୋଗ ରହିବା ଦରକାର। ସଚେତନତା ସୃଷ୍ଟି ହେଲେ ଓ ସେଠିକାର ହସ୍ପିଟାଲରେ ଯଦି ଚିକିତ୍ସା ପାଇଁ ସବୁ ପ୍ରକାର ବ୍ୟବସ୍ଥା ରୁହନ୍ତା, ତେବେ ସେଠାକୁ ବି ଯାଇ ପ୍ଲାଷ୍ଟିକ ସର୍ଜନମାନେ କାମ କରନ୍ତେ।

**ପ୍ରଶ୍ନ– ପ୍ଲାଷ୍ଟିକ ସର୍ଜରି ବହୁ ବ୍ୟୟବହୁଳ ବୋଲି କୁହନ୍ତି। ଏହା କେତେ ଦୂର ଠିକ୍ ?**

ଉତ୍ତର– ନା। ଆଗରୁ ଏହା ବ୍ୟୟବହୁଳ ଥିଲା। କିନ୍ତୁ ଏବେ ବହୁ ସୁବିଧା ହୋଇଗଲାଣି। ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି ପାଇଁ ସରକାର ଏବେ ବିଏସ୍‌କେୱାଇ, ବିକେକେୱାଇ ଯୋଜନାରେ ମାଗଣାରେ ଚିକିତ୍ସା କରୁଛନ୍ତି। ତେବେ ବେସରକାରୀ ହସ୍ପିଟାଲରେ ବି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ତା'ର ଏକ ଚତୁର୍ଥାଂଶ କମ୍ ଟଙ୍କାରେ ଚିକିତ୍ସା କରାଯାଉଛି।

**ପ୍ରଶ୍ନ– ଓଡ଼ିଶାରେ କସ୍‌ମେଟିକ୍ ସର୍ଜରିର ଚାହିଦା ରହିଛି କି?**

ଉତ୍ତର– ନିଶ୍ଚିତ। ଏବେ କସ୍‌ମେଟିକ୍ ସର୍ଜରିର ଚାହିଦା ବଢ଼ିଲାଣି। ସୌନ୍ଦର୍ଯ୍ୟ ପାଇଁ କେବଳ ଝିଅ ନୁହେଁ, ପୁଅମାନେ ବି ଅଧିକ ଆସୁଛନ୍ତି।

**ପ୍ରଶ୍ନ– ଓଡ଼ିଶାରେ କେଉଁ ପ୍ରକାର ରୋଗୀ ଅଧିକ ଆସୁଛନ୍ତି?**

ଉତ୍ତର– ଓଡ଼ିଶାରେ ଦୁର୍ଘଟଣାଜନିତ ରୋଗୀ ଅଧିକ ଆସୁଛନ୍ତି। ଏହାପରେ ମଧୁମେହ ରୋଗୀ ଓ କସ୍‌ମେଟିକ୍ ସର୍ଜରି ପାଇଁ ଆସୁଛନ୍ତି।

**ପ୍ରଶ୍ନ– ଏକ ସଫଳ ଓ ସ୍ମରଣୀୟ ଚିକିତ୍ସା ସମ୍ପର୍କରେ କହିବେ?**

ଉତ୍ତର– ୨୦୦୭ରେ କାମାକ୍ଷାନଗରର ଜଣେ ଝିଅ ଚୁଲିରେ ରୋଷେଇ କରିବା ସମୟରେ ବାତ(ଫିଡ୍‌ସ) ମାରିଥିଲା ଏବଂ ସେ ଚୁଲି ଉପରେ ପଡ଼ିଯାଇଥିଲା। ଫଳରେ ତା'ର କପାଳ ଓ ମୁଣ୍ଡର ଆଗ ଭାଗ ପୋଡ଼ିଗଲା। ସେତେବେଳେ ତାକୁ ୧୫ ବର୍ଷ ହୋଇଥିଲା। ତାକୁ ପ୍ରଥମେ ଚିକିତ୍ସା କରି ତା'ର ଜୀବନ ବଞ୍ଚାଗଲା। କିନ୍ତୁ କପାଳରେ ତା'ର ଚିହ୍ନ ରହିବା ସହିତ ମୁଣ୍ଡ ଆଗରେ ଆଉ ଚୁଟି ଉଠିଲାନି। ଝିଅଟି ବହୁତ ସୁନ୍ଦର ଥିଲା। କିନ୍ତୁ ସେହି ସମସ୍ୟା ଯୋଗୁ ତା'ର ବାହାଘର ସମସ୍ୟା ଦେଖାଯାଇଥିଲା। ତେଣୁ ତା'ର ପ୍ଲାଷ୍ଟିକ ସର୍ଜରି କରିବାକୁ ଘରଲୋକ ନିଷ୍ପତ୍ତି ନେଲେ। ୨୦୧୧ରୁ ୨୦୨୦ ପର୍ଯ୍ୟନ୍ତ ତା'ର ୮ଥର ମୁଁ ସର୍ଜରି କରିଥିଲି। ଏବେ ତା'ର କପାଳରୁ ଚିହ୍ନ ଯିବା ସହିତ ମୁଣ୍ଡରେ ଚୁଟି ମଧ୍ୟ ହେଲାଣି। ଗତବର୍ଷ ତା'ର ବାହାଘର ହୋଇଥିଲା ଓ ଏବେ ତା'ର ଏକ ଛୁଆଟିଏ ହେଇଛି। ସେ ଏବେ ଖୁସିରେ ଅଛି। ଝିଅଟି ଚିକିତ୍ସା ପରେ ବାହା ହୋଇ ଖୁସିରେ ରହିବା ହିଁ ମୋତେ ଅଧିକ ଖୁସି ଦେଇଛି।

**ପ୍ରଶ୍ନ– ସମୟ ମିଳିଲେ କ'ଣ କରନ୍ତି?**

ଉତ୍ତର– ଯଦି କ୍ରିକେଟ୍ ମ୍ୟାଚ୍ ଦେଉଥିବ, ଦେଖେ। ବିରାଟ କୋହଲି ମୋର ପ୍ରିୟ ଖେଳାଳି। ସମୟ ମିଳିଲେ ମାଗାଜିନ ବି ପଢ଼େ। ନ ହେଲେ ପୁରୁଣା ପ୍ଲାଷ୍ଟିକ ସର୍ଜନମାନଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କରେ। ସେମାନେ କେମିତି, କେଉଁ ଚିକିତ୍ସାରେ ସଫଳ ହୋଇଛନ୍ତି, ତାହା ଜାଣିବାକୁ ଭଲଲାଗେ।

**ପ୍ରଶ୍ନ– ବାହାରକୁ ଯାଇ ବୁଲିବା ପାଇଁ ପସନ୍ଦ କରନ୍ତି?**

ଉତ୍ତର– ହଁ। ଭାରତ ଭିତରେ ମୋତେ ବହୁ ଜାଗା ପସନ୍ଦ। ଉତ୍ତର ଭାରତର ପର୍ଯ୍ୟଟନସ୍ଥଳୀ ମୋତେ ବେଶି ଭଲଲାଗେ।

# ଜାତୀୟ ଟିଭି ଚ୍ୟାନେଲରେ ପ୍ରସାରିତ ହେବ ନଟିଆ କମେଡି

ଭୁବନେଶ୍ୱର, ୨୯।୯(ବ୍ୟୁରୋ)




ଭାରତର ପ୍ରମୁଖ ମନୋରଞ୍ଜନ ଭିତ୍ତିକ ଚ୍ୟାନେଲ 'ଦି କ୍ୟୁ ଟିଭି' ନଟିଆ କମେଡିକୁ ନିଜ ଚ୍ୟାନେଲରେ ପ୍ରସାରିତ କରିବା ପାଇଁ ଉତ୍କଳ କାର୍ଟୁନ ସହ ଚୁକ୍ତି କରିଛି। ଏହି ଚୁକ୍ତିନାମା ଅନୁସାରେ ନଟିଆ କମେଡିର ସମସ୍ତ ଅଧ୍ୟାୟ ହିନ୍ଦୀରେ ଡବିଂ ହୋଇ ଦେଢ଼ବର୍ଷ ଲାଗି 'ଦି କ୍ୟୁ ଟିଭି'ରେ ପ୍ରସାରିତ ହେବ। ଏହା ଓଡ଼ିଶାର ପ୍ରଥମ ଏପରି ଏକ ସିରିଜ୍, ଯାହାକି ହିନ୍ଦୀ ଭାଷାରେ ଡବିଂ ହୋଇ ସାରା ଭାରତରେ ପ୍ରସାରିତ ହେବ। ଉତ୍କଳ କାର୍ଟୁନ ପକ୍ଷରୁ କୁହାଯାଇଛି, ଏହାର ପ୍ରଥମ ଶ୍ରେୟ ସମସ୍ତ ଓଡ଼ିଶାବାସୀଙ୍କର। ସେମାନଙ୍କ ଭଲପାଇବା ନଟିଆକୁ ଏତେ ଆଗକୁ ନେଇଗଲା ଯେ ଏବେ ଜାତୀୟ ଚ୍ୟାନେଲ୍ ଏହା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନଟିଆ କମେଡି ଓଡ଼ିଶାର ଘରେ ଘରେ ପରିଚିତ। ପିଲାମାନେ ନଟିଆ କମେଡି ଦେଖିବା ପାଇଁ ଯେତିକି ଆଗ୍ରହ ପ୍ରକାଶ କରୁଛନ୍ତି ବଡ଼ମାନେ ମଧ୍ୟ ସେତିକି ଆଗ୍ରହ ଦେଖାଉଛନ୍ତି।

# ବଲାଙ୍ଗୀରରେ ପରୀକ୍ଷା ଦେଲେ ବିଦ୍ୟାଭାରତୀ

**ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା**

**ବଲାଙ୍ଗୀର ଅଫିସ,୨୯।୯:** ଗଜପତି ଜିଲା ପାରଳାଖେମୁଣ୍ଡିର ଦିବଂଗତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସ୍ତ୍ରୀ ବିଦ୍ୟାଭାରତୀ ବୁଧବାର ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରରେ ଫାଇନାଲ ପରୀକ୍ଷା ଦେଇଛନ୍ତି। ବୁଧବାରଠାରୁ ଫାଇନାଲ ପରୀକ୍ଷା ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଆନିମଲ ହେଲ୍‌ଥ ମ୍ୟାନେଜ୍‌ମେଣ୍ଟ ଓ ଫାଷ୍ଟଆଡ କେୟାର ବିଷୟରେ ସେ ପରୀକ୍ଷା ହୋଇଥିଲେ। ଏହି ପରୀକ୍ଷା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଭାରତୀ ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରର ଛାତ୍ରୀଭାବେ ତାଲିମ ଗ୍ରହଣ କରୁଥିଲେ। ତାଙ୍କର ଫାଇନାଲ ପରୀକ୍ଷା ପାଇଁ ସେ ଏବେ ବଲାଙ୍ଗୀର ଆସିଛନ୍ତି। ଏସିଏଫ୍ ମୃତ୍ୟୁ ମାମଲାକୁ ନେଇ ଗତ ଜୁଲାଇ ମାସରେ ପାରଳାଖେମୁଣ୍ଡି ପୋଲିସ ଟିମ୍ ବଲାଙ୍ଗୀର ପହଞ୍ଚି ତଦନ୍ତ କରିଥିଲେ। ଏହି ତାଲିମ କେନ୍ଦ୍ର କ୍ୟାମ୍ପସ ଅନ୍ତର୍ଗତ ଛାତ୍ରୀନିବାସରେ ବିଦ୍ୟାଭାରତୀ ରହୁଥିବା ରୁମ୍‌କୁ ପୋଲିସ ସିଲ୍ କରିଦେଇଥିଲା। ସେହି ଦିନରୁ ଉକ୍ତ ଛାତ୍ରୀନିବାସ ରୁମ୍ ସିଲ୍ ରହିଛି। ଏଣୁ କ୍ୟାମ୍ପସ ଭିତର ହଷ୍ଟେଲ ରୁମ୍‌ରେ ନ ରହି ବିଦ୍ୟାଭାରତୀ ବାହାରେ କୁଆଡେ ରହୁଥିବା ଜଣାପଡିଛି। ପୂର୍ବାହ୍ନ ୧୦ଟା ପୂର୍ବରୁ ସେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେଠାରୁ ସେ ଚାଲିଯାଇଥିଲେ। ପରୀକ୍ଷା କେନ୍ଦ୍ରକୁ ଆସିବାବେଳେ ଏବଂ ଗଲାବେଳେ ମୁହଁକୁ ସେ ଓଢ଼ଣିରେ ଘୋଡାଇ ରଖିଥିବା ଦେଖାଯାଇଥିଲା। ପରୀକ୍ଷା ସମୟରେ ସେ ତାଙ୍କର କୌଣସି ସହପାଠୀ କିମ୍ବା ସହପାଠିନୀଙ୍କ ସହ କଥାବାର୍ତ୍ତା କରି ନ ଥିବା ଜଣାପଡିଛି।

# ବଳାତ୍କାରୀଙ୍କୁ ୬ବର୍ଷ ଜେଲ

**ବାରିପଦା ଅଫିସ,୨୯।୯:** ମୟୂରଭଞ୍ଜ ଜିଲା ବାରିପଦା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମହେନ୍ଦ୍ର କୁମାର ସୂତ୍ରଧର ଏହାର ବିଚାର କରି ଦୋଷୀ ସୁନାରାମ ଟୁଡୁ(୨୨)ଙ୍କୁ ୬ବର୍ଷ କାରାଦଣ୍ଡ ଶୁଣାଣି କରିଛନ୍ତି। ଏହାସହ ୬ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୦୧୮ ଜୁନ୍ ୨୫ରେ ଠାକୁରମୁଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଏକୁଟିଆ ପାଇ ସୁନାରାମ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୨୬/୧୮) ରୁଜୁ କରି ଅଭିଯୁକ୍ତ ସୁନାରାମଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ଉକ୍ତ ମାମଲା ପରିଚାଳନା କରିଥିଲେ।

# 'ଗୁଣାତ୍ମକ ଶିକ୍ଷା ଲକ୍ଷ୍ୟ ପୂରଣ କରିବ ପିଏମ୍ ପୋଷଣ'

**ଭୁବନେଶ୍ୱର,୨୯।୯(ବ୍ୟୁରୋ):** ପୋଷଣ ସମେତ ଶିକ୍ଷାକ୍ଷେତ୍ରରେ ପିଲାଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୫ ବର୍ଷ ପାଇଁ ୧,୩୧,୦୦୦ କୋଟି ଟଙ୍କାର ପିଏମ୍ ପୋଷଣ ଶକ୍ତି ନିର୍ମାଣ ଯୋଜନା (ପିଏମ୍ ପୋଷଣ)କୁ ମଞ୍ଜୁରୀ ଦେଇଛନ୍ତି। ଏହି ପଦକ୍ଷେପ ଛାତ୍ରୀଛାତ୍ରଙ୍କ ଜିରୋ ହଙ୍ଗର ସହ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ପୋଷଣ ପାଇଁ ଭାରତ ସରକାର ଖାଦ୍ୟ ଅନ୍ନର ମୂଲ୍ୟ ସହ ୯୯,୦୬୧.୭୩ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ପିଏମ୍ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ ବାଲବାଟିକା ଶିଶୁଙ୍କ ସହ ଦେଶର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ପଢୁଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ। ପ୍ରଧାନମନ୍ତ୍ରୀ ଜିରୋ ହଙ୍ଗର ସହ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ପୂରଣ କରିବା ପାଇଁ ନିରନ୍ତର ସହଯୋଗ କରୁଛନ୍ତି ବୋଲି ଧର୍ମେନ୍ଦ୍ର ଟୁଇଟ୍ କରିଛନ୍ତି।



ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀନ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା। – ଶ୍ରୀଅରବିନ୍ଦ



# ଜର୍ମାନୀ ନିର୍ବାଚନ ଦୃଶ୍ୟପଟ



ଜନ୍ ୱର୍ନର ମୁଲେର

ଜର୍ମାନୀର ସଂଘୀୟ ବା ସାଧାରଣ ନିର୍ବାଚନ ଶେଷ ହୋଇଛି। ଏଥିରେ କିଛି ଭଲ ମନ୍ଦ ଖବର ପଦାକୁ ଆସିଛି। ପ୍ରଥମେ ମନ୍ଦ ଖବରକୁ ଦେଖିବା। ନିର୍ବାଚନରେ ଦକ୍ଷିଣପନ୍ଥୀ ଅଲଟର୍‌ନେଟିଭ ଫର୍ ଜର୍ମାନୀ(ଏଏଫ୍‌ଡି) ପାର୍ଟି କ୍ଷତି ସହିଲେ ମଧ୍ୟ ୧୦%ରୁ ଅଧିକ ଭୋଟ ପାଇଛି। ଦଳରେ ଲଗାତର ଅନ୍ତର୍କନ୍ଦଳ ଓ ବହୁ ଦୁର୍ନୀତି ସାମ୍‌ନାକୁ ଆସିଥିବା ସତ୍ତ୍ୱେ ଏହି ପୁରାତନ ପାର୍ଟି ଜର୍ମାନୀ ରାଜନୈତିକ ଦୃଶ୍ୟପଟରେ ଦୀର୍ଘଦିନ ରହିଆସିଛି ଏବଂ ଆଗକୁ ରହିବ ବୋଲି ଜଣାପଡୁଛି। ନିର୍ବାଚନର ଭଲ ଖବର ହେଉଛି, ଏହା ଅନେକ ପ୍ରକାର ପାରମ୍ପରିକ ତଥା ଅତି ଦକ୍ଷିଣପନ୍ଥୀ ବିଚାରାଧାରାକୁ ଅସତ୍ୟ ପ୍ରମାଣିତ କରିଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଗଣତନ୍ତ୍ର ସବୁବେଳେ ସଂସ୍କୃତିଗତ ଲଢ଼େଇ ମଧ୍ୟରେ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବା ; ରାଜନୈତିକ ଶକ୍ତିକୁ ସୁଦୃଢ଼ କରିବା ଲାଗି ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ମେଣ୍ଟ ଜରୁରୀ ନୁହେଁ ; ଏବଂ ସାମାଜିକ ଗଣତାନ୍ତ୍ରିକ ପାର୍ଟିଗୁଡ଼ିକ ଇସ୍‌ଲାମ ବିରୋଧୀ ଭାବ ବଢ଼ାଇ ଓ ନାଗରିକଙ୍କ ସୁରକ୍ଷା ନୀତିକୁ ଅଗ୍ରାଧିକାର ନ ଦେଇ ଭଲ ପ୍ରଦର୍ଶନ କରିବାର ସିଦ୍ଧାନ୍ତକୁ ନିର୍ବାଚନ ଅସ୍ୱୀକାର କରିଛି। ପର୍ଯ୍ୟବେକ୍ଷକମାନେ ପ୍ରକାଶ କରିଛନ୍ତି ଯେ, ଲୋକମାନଙ୍କୁ ଫିଲୋସଫିକାଲ ଚିନ୍ତାଧାରାରୁ ବାହାର କରି ଏକ ସମ୍ମିଳିତ ତଥା ମୁକ୍ତ ବିଚାର ଆଡ଼କୁ ନେଉଥିବା ପାଶ୍ଚାତ୍ୟ ଉଦାରବାଦୀ ଚିନ୍ତାଧାରା ଏବଂ ବ୍ୟକ୍ତି ଓ ସାମାଜିକ ବିଚାରରେ ସୀମିତ ସ୍ଥିତି ସହ ସଂଗ୍ରାମ କରି ଆଧୁନିକ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ରାଜନୀତି ତା'ସ୍ଥିତି ନିରୂପଣ କରୁଛି। କମ୍ ହେଉ କି ବେଶି, ଯେତେବେଳେ ସାଧାରଣ ପ୍ରଭେଦକୁ ଦୃଷ୍ଟିରେ ରଖି କେତେକ ବିବାଦ ବିଚାରକୁ ନିଆଯାଉଛି ସେତେବେଳେ ଅତ୍ୟଧିକ ଆହ୍ୱାନ ସାମ୍‌ନାକୁ ଆସୁଛି। ଜର୍ମାନୀ ମଧ୍ୟ ଏଭଳି ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇଛି। ଦୁଇ ବି ତିନ ବର୍ଷ ହେବ ପ୍ରବାସୀ ତଥା ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ଓ ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଉକ୍ତ ନିର୍ବାଚନ ପରିପ୍ରେକ୍ଷୀରେ ଲୋକମାନେ ସେମାନଙ୍କ ପେନ୍‌ସନ ଓ ଅନ୍ୟାନ୍ୟ ବିଷୟ ଦର୍ଶାଇନାହାନ୍ତି, ବରଂ ଆଗାମୀ ଦିନରେ ଦେଶର ବିକାଶ ଏବଂ ଜଳବାୟୁ ବିଷୟଗୁଡ଼ିକ ସେମାନଙ୍କୁ ଅଧିକ ଚିନ୍ତିତ କରିଥିବା ଦେଖାଯାଇଛି। ମୁଖ୍ୟ ଦଳଗୁଡ଼ିକ ଏହିସବୁ ବିଷୟ ଉପରେ ନଜର ରଖିଥିଲେ ଓ ଏଥିପ୍ରତି ଆଗ୍ରହ ପ୍ରକାଶ କରିଥିଲେ ଏବଂ ଏହାକୁ ନେଇ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଦେଖାଦେଇଥିଲା। ଶେଷରେ ଏହା ଏଏଫ୍‌ଡି ଉପରେ ଭାରି ପଡ଼ିଲା ଓ ଆଶା କରାଯାଉଥିବା ଭୋଟ ପାଇପାରିଲା ନାହିଁ।

ପ୍ରକୃତ କଥା ହେଉଛି, ଜର୍ମାନୀରେ ଦୁଇଟି ବିକଳ୍ପ ନୀତି ମଧ୍ୟରେ ଲୋକମାନଙ୍କ ପସନ୍ଦ ରହିଥିଲା। ନିର୍ବାଚନ ଏହା ଉପରେ ନିର୍ଭର କରୁଥିଲା। ଅର୍ଥାତ୍,ଲୋକମାନଙ୍କର ମୁଖ୍ୟ ଅଭିଯୋଗ ଥିଲା ଯେ, ମୁଖ୍ୟଧାରାରେ ସାମିଲ ସବୁଦଳର ଆଚରଣ ସେମାନଙ୍କ ପ୍ରତି ସମାନ। ଏହା ସହ ଲୋକମାନଙ୍କ କ୍ଷତି କରିବା ଲାଗି ଦୁର୍ନୀତିରେ ଲିପ୍ତ ପ୍ରତିଷ୍ଠିତ ରାଜନେତାମାନେ ସମାନ ପ୍ରକାର ନୀତି ଆପଣାଉଛନ୍ତି ବୋଲି ସେମାନେ ଆଶଙ୍କା କରୁଥିଲେ। ଏହି ଦୁଇଟି ବିଷୟ ନିର୍ବାଚନରେ ସତ ପ୍ରମାଣିତ ହେଲା। ସୋସିଆଲ ଡେମୋକ୍ରାଟିକ ପାର୍ଟି (ଏସ୍‌ପିଡି) ଏବଂ ବିଦାୟ ନେବାକୁ ଯାଉଥିବା ଜର୍ମାନୀ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ଖ୍ରୀଷ୍ଟିଆନ୍ ଡେମୋକ୍ରାଟିକ୍ ୟୁନିୟନ (ସିଡିୟୁ) ମେଣ୍ଟ ଏହିସବୁ ବିଷୟଗୁଡ଼ିକ ବାମ ଚିନ୍ତାଧାରା ସମ୍ପନ୍ନ ପାର୍ଟିଗୁଡ଼ିକ ପାଇଁ ସମର୍ଥନ ସୃଷ୍ଟି କରିବାର ସମ୍ଭାବନା ରହିଛି ବୋଲି ନିଶ୍ଚିତ ହୋଇପାରି ନ ଥିଲେ। ବରଂ ସୋସିଆଲ ଡେମୋକ୍ରାଟଗୁଡ଼ିକ ଏସବୁ ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ସଙ୍କେତ ମିଳିଥିଲା ଓ ସେମାନେ ମର୍କେଲ ଯୁଗ ଶେଷ ହେଉଛି ବୋଲି ସୂଚିତ କରିଥିଲେ। ଏହା ହିଁ ସେମାନଙ୍କ ବିପର୍ଯ୍ୟୟର କାରଣ ହେଲା। ଏହା ମଧ୍ୟ ଆଶଙ୍କା କରାଯାଉଥିଲା ଯେ, ମହାମାରୀ ମୁକାବିଲା କରିବାରେ ସରକାରଙ୍କ ପ୍ରତି ଥିବା ଅସନ୍ତୋଷ ଏଏଫ୍‌ଡିକୁ ଭୋଟ ଦେବା ଲାଗି ଲୋକଙ୍କୁ ପ୍ରେରିତ କରିବ। କାରଣ ସରକାରଙ୍କ ବିରୋଧରେ ପୁଞ୍ଜୀଭୂତ ଅସନ୍ତୋଷକୁ ସାବ୍ୟସ୍ତ କରିବାର ଏହା ଏକମାତ୍ର ବାଟ ବୋଲି ମନେକରାଯାଉଥିଲା।

ତେବେ ଜର୍ମାନୀ ସଂଘୀୟ ବ୍ୟବସ୍ଥାରେ ୧୬ଟି ରାଜ୍ୟରେ ଚାଲୁଥିବା ୯ଟି ବିଭିନ୍ନ ମେଣ୍ଟ ସରକାରରେ କୌଣସି ଠାରେ କ୍ଷମତାରେ ନ ଥିବା ଏଏଫ୍‌ଡି ସେହି ଅନୁପାତରେ ଭୋଟ ହାସଲ କରିପାରିଲା ନାହିଁ। ଏହାର ଦୁଇଟି କାରଣ ରହିଛି। ପ୍ରଥମତଃ, ଅତୀତର ନାଜିବାଦ ସହ ଏହାର ସମ୍ପର୍କ ରହିଛି, ତାହା ଅନୁକରଣ କରିବ ବୋଲି ଜର୍ମାନୀର ଅଧିକାଂଶ ଲୋକ ନିଶ୍ଚିତ ଅଛନ୍ତି। ଏଥିରୁ ଜଣାପଡୁଛି, କେତେକ ଦୃଢ଼ ରଢ଼ିବାଦୀ ଯେଉଁମାନେ ସିଡିୟୁର କୋଭିଡ୍‌–୧୯ ପରିଚାଳନାକୁ ନେଇ ଅସନ୍ତୋଷ ଥିଲେ ସେମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମାଜିକ ତଥା ଅର୍ଥନୈତିକ ସୁଧାର ଆଣିବାରେ ନାଜି ବିଚାର ସହ ସଂଶ୍ଳିଷ୍ଟ ହେଉଥିବା ଦଳ ସହ ଜଡିତ ହେବା ପାଇଁ ଚାହିଁ ନାହାନ୍ତି। ଏଭଳି ଅସନ୍ତୁଷ୍ଟ ଭୋଟରମାନଙ୍କୁ ନିଜ ସପକ୍ଷକୁ ଆଣିବାରେ ଏଏଫ୍‌ଡି ଅକ୍ଷମ ହୋଇଛି। ଏଏଫ୍‌ଡିର ଏଭଳି ଅକ୍ଷମତାରୁ ସ୍ପଷ୍ଟ ହେଉଛି ଯେ, ଉଭୟ ସମ୍ମାନସ୍ପଦ ସ୍ଥିତିରେ ରହିବା ଏବଂ ଉଗ୍ର ସୁଧାରବାଦକୁ ଧରି ଦୀର୍ଘଦିନ କାମ କରିବା ପାଇଁ ରଣନୀତି ଆପଣାଇବାକୁ ଚାହୁଁଛି।

ଏଏଫ୍‌ଡି ଅଧିକ ସମର୍ଥନ ହାସଲ କରିବାରେ ବିଫଳ ହେବାର ଆଉ ଏକ କାରଣ ରହିଛି। ଏହା ବାହାରକୁ କମ୍ ଜଣାପଡୁଛି। ମହାମାରୀ ସମୟରେ ମନମୁଖି କାର୍ଯ୍ୟ କରିବାକୁ ଚେଷ୍ଟା କରିଥିବା ଆମେରିକାରେ ରିପବ୍ଲିକାନ ପାର୍ଟି ଭଳି ଏଏଫ୍‌ଡି ମଧ୍ୟ ଏକାଧିପତ୍ୟ'ସ୍ୱାଧୀନତା' ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସେହି ପ୍ରୟାସକୁ ଜର୍ମାନୀର ଉଦାରବାଦୀ ଲୋକମାନେ ସଫଳ ହେବାକୁ ଦେଇ ନ ଥିଲେ। ସଂସଦରେ ବହୁ ଉଚ୍ଚସ୍ତରୀୟ ବିତର୍କରେ ଫ୍ରି ଡେମୋକ୍ରାଟିକ ପାର୍ଟି (ଏଫ୍‌ଡିପି) ସମ୍ପୂର୍ଣ୍ଣ ଭାବେ ଏଏଫ୍‌ଡିର ବିକଳ୍ପ ରୂପେ ଉଭା ହୋଇଥିଲା। ସ୍ୱାଧୀନତାର ଦ୍ୱାହି ଦେଇ କୋଭିଡ୍ ସମ୍ପର୍କିତ କଟକଣାକୁ ନେଇ ଏଫ୍‌ଡିପି ତା' ପ୍ରତିବାଦକୁ ଠିକ୍ ଭାବେ ସଞ୍ଚାଳନ ମଧ୍ୟ କରିପାରିଲା। ସମାଲୋଚନା କରିବାର ସୀମା ନ ଟପି ଏବଂ ରାଜନୈତିକ ବ୍ୟବସ୍ଥାକୁ ଆକ୍ରମଣ ନ କରି ଏହା କରିପାରିଲା। ଏଣୁ ଏଏଫ୍‌ଡି ପଛରେ ପଡ଼ିଗଲା।

ଶେଷରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉଭୟ ଏସ୍‌ପିଡି ଓ ସିଡିୟୁ ଏହାର ବାକ୍‌ପଟୁତା ଓ ନୀତିଗୁଡ଼ିକକୁ ଆଧାର କରି ଦକ୍ଷିଣପନ୍ଥୀ ଚିନ୍ତାଧାରାକୁ ପ୍ରଚାର କରିଆସିଛି ସାରା ୟୁରୋପରେ। ଏହା ସେମାନଙ୍କ ମେଣ୍ଟ ରାଜନୀତିର ଏକ ମୁଖ୍ୟ ଧାରା। ହେଲେ ସେମାନେ ସେଥିରେ ବାଧା ସୃଷ୍ଟି କଲେ। ନିର୍ବାଚନ ପ୍ରଚାର ସମୟରେ ଏହା ସମ୍ପର୍କରେ ମନ୍ତବ୍ୟ ରଖିବାକୁ କ୍ୱଚିତ ପ୍ରୟାସ କଲେ। ମୁଖ୍ୟତଃ ମର୍କେଲଙ୍କ ପରେ ଅର୍ମିନ ଲାସ୍‌ଚେଟ ଚାନ୍‌ସେଲର ହେବେ ବୋଲି ଖ୍ରୀଷ୍ଟିଆନ ଡେମୋକ୍ରାଟ ପ୍ରାର୍ଥୀମାନଙ୍କ ମନ୍ତବ୍ୟ ଏବଂ ୨୦୧୫ରେ ତାଲିବାନ୍ ଆଫଗାନିସ୍ତାନ ଦଖଲ କଲାପରେ ଜର୍ମାନୀ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ସ୍ଥାନ ଦେବା ଭଳି ସ୍ଥିତିର ପୁନରାବୃତ୍ତି ହେବ ନାହିଁ ବୋଲି ଘୋଷଣାକୁ ଏକ ବଡ଼ ସାମାଜିକ ତ୍ରୁଟି ଭାବେ ବିବେଚନା କରାଗଲା। ଏପରିକି ଏଏଫ୍‌ଡି ନେତାଙ୍କ ଭଳି ସିଡିୟୁର ନେତା ଆନ୍ସ ଜର୍ଜ ନିଜକୁ ପ୍ରତପାଦିତ କରିବାକୁ ଚେଷ୍ଟା କରି ଲଜ୍ଜାଜନକ ପରାଜୟର ସାମ୍‌ନା କଲେ। ଏସ୍‌ପିଡି ଓ ସିଡିୟୁ ମେଣ୍ଟ ଏଥିରେ ଆସ୍ୱସ୍ତି ପ୍ରକାଶ କରବା ଭୁଲ୍ ହେବ। ଏହି ନିର୍ବାଚନରୁ ଅନେକପ ଶିକ୍ଷା ଗ୍ରହଣ କରାଯାଇପାରେ ଏବଂ ସିଡିୟୁ ଏବେ ସୁଦ୍ଧା ତା'ଭୁଲ୍ ବାଛିବା ଦରକାର। ଜର୍ମାନୀ ରାଜନୈତିକ ଦୃଶ୍ୟପଟରେ ସିଡିୟୁର ଏହା ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ। ଏହା ଏଏଫ୍‌ଡିର ଓ ସମଭାବାପନ୍ନ ଦଳଗୁଡ଼ିକର ସ୍ୱରକୁ ଆହୁର ତୀବ୍ର କରିବ, ଯଦିଓ ଏହି ଦଳର ଭୋଟରମାନେ ଏସ୍‌ପିଡି ଓ ଗ୍ରୀନ ପାର୍ଟିକୁ ଯାଇଛନ୍ତି। ଏଏଫ୍‌ଡି ଏବେ ସୁଦ୍ଧା ପୂର୍ବ ଜର୍ମାନୀରେ ସୀମାବଦ୍ଧ ରହିଛି। ସାକ୍ସୋନି ଓ ଥୁରିନଜିୟାରେ ଏହାର ସ୍ଥିତି ଦୃଢ଼ ରହିଛି। ଏଭଳି ସ୍ଥିତି ଜର୍ମାନୀର ଅନ୍ୟ କୌଣସି ସ୍ଥାନରେ ନାହିଁ। ସିଡିୟୁ ପରାଜୟ ପରେ ଏଏଫ୍‌ଡିରେ ଯୁବ ସମର୍ଥକଙ୍କ ଠାରୁ ଆରମ୍ଭ କରି ଏହାର ଏକ୍ସଟ୍ରିମିଷ୍ଟ ୱିଙ୍ଗ ଯାଏ ସଭିଙ୍କର ଉତ୍ସାହ ପୁଣି ବଢ଼ିଯିବ। ତେବେ ନିର୍ବାଚନରେ ଏଏଫ୍‌ଡିର ପରିଣାମ ଯେଭଳି ଖରାପ ହେବ ବୋଲି କେତେକ ଭୟ କରୁଥିଲେ ତାହା ସେମିତି ଘଟିଲା ନାହିଁ।

**ପ୍ରଫେସର ଅଫ୍ ପଲିଟିକ୍ସ, ପ୍ରିନ୍ସଟନ ୟୁନିଭର୍ସିଟି**

# ସ୍ୱରୂପ ହରାଉଛି ଶିଷ୍ଟାଚାର



ଡ. ଅରୁନ୍ଧତୀ ଦେବୀ

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ। ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି। ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି। ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର। ସମ୍ପର୍କ ଏମିତି ଏକ ମାଧ୍ୟମ ; ଯାହାଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ। କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ। ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି। ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା। ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି। ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି। ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ। ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ।

ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା। ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନ ଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ। ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଊର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର। ଭାରତର ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ। ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍। ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ। ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ। ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉ ନ ଥିଲା।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି। ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି। କାରଣଟି ଯେତିକି ବିଷମ ସେତିକି ପରିତାପକର। ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ। ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି। କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ। ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି। ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ।

କ'ଣ ହୋଇପାରେ କାରଣ: ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା। କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ। ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି; ଯାହାଦ୍ୱାରା ଏକ ମହାନ୍ ପରମ୍ପରାର ବିଲୋପ ଘଟୁଛି। କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ। ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅସଙ୍ଗତ ମନେ ହେଉଛି। ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି। କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି।

ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ। ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ସାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି। ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା। ଏହା କେବଳ ଶିଷ୍ଟାଚାର ନ ଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ୍ୟ ଥିଲା। ସାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା। ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା। କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି। ଏମିତି କି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ। ଅନେକେ ଏହାକୁ ଅସଙ୍ଗତ ବୋଲି ମଧ୍ୟ ମନେକରୁଛନ୍ତି। ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତା'ର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି। ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି। ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନ ଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରିପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା।

**ମୋ: ୯୯୩୭୧୭୨୮୧୦**

## ଏଇ ଭାରତରେ

ତିନି ଶହ ଟଙ୍କାର କବାଡିଆ ସାଇକେଲକୁ ଇ–ସାଇକେଲ କରି ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ୧୮ ବର୍ଷୀୟ ନିଲ୍ ଶାହା। ଦ୍ୱାଦଶ ଶ୍ରେଣୀରେ ପଢ଼ନ୍ତି ନିଲ ଓ ରହୁଛନ୍ତି ଗୁଜରାଟର ଭଦୋଦରାରେ। ଖାସ୍ କଥା ହେଉଛି, ସେ ଏହି ସାଇକେଲରେ ସୋଲାର ପ୍ୟାନେଲ ଲଗାଇ ତାହାକୁ ଇ–ସାଇକେଲ କରିଛନ୍ତି। ସାଇକେଲରେ ଲଗାଯାଇଥିବା ସୋଲାର୍ ପ୍ୟାନେଲରୁ ସଂଗୃହୀତ ଶକ୍ତି ଦ୍ୱାରା ବ୍ୟାଟେରି ଚାର୍ଜ ହେବା ପରେ ଏହା ଚାଲୁଛି। ଏହି ସାଇକେଲ ପରିବେଶ ପ୍ରଦୂଷଣ ରୋକିବାରେ ସହାୟକ ହୋଇପାରିବ ବୋଲି କହନ୍ତି ନିଲ୍। ଇ–ସାଇକେଲକୁ ଚାର୍ଜ କରିବା ଲାଗି ବିଦ୍ୟୁତ୍ ଆବଶ୍ୟକ ହୁଏ, କିନ୍ତୁ ଏହି ସାଇକେଲ ସୌରଶକ୍ତିରେ ଚାଲୁଛି। ଏହାକୁ ନିର୍ମାଣ କରିବାରେ ନିଲ୍ ୧୨ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ସୂର୍ଯ୍ୟାଲୋକ ନ ଥିଲେ ଟାୟାରରେ ଲାଗିଥିବା ଡାଇନୋମାରେ ବ୍ୟାଟେରି ଚାର୍ଜ ହୋଇପାରୁଛି। ରାତିରେ ବ୍ୟାଟେରି ଚାର୍ଜ କରିବାରେ ଏହି ଡାଇନୋମା ସହାୟକ ହେଉଛି। ସ୍କୁଲରେ ପଢ଼ିବାବେଳେ ବର୍ଜ୍ୟ ଉପଯୋଗ କରି ଜିନିଷ ପ୍ରସ୍ତୁତ କରିବାରେ ସେ ଆଗୁଆ ଥିଲେ। ନିଲ୍ ପ୍ଲାଷ୍ଟିକ ବୋତଲ, କାର୍ଡବୋର୍ଡ ଓ ଛୋଟ ମିଟର ଲଗାଇ ୧ ମିଟର ଉଡ଼ିପାରୁଥିବା ହେଲିକପ୍ଟର ନିର୍ମାଣ କରି ପୁରସ୍କୃତ ମଧ୍ୟ ହୋଇଥିଲେ। ଏହା ସହ ସେ ଟେଲିସ୍କୋପ୍,ଏଟିଏମ୍, ପ୍ରୋସେସଂ ପ୍ରିଣ୍ଟର ସହିତ ରୋବୋ ପ୍ରୋଜେକ୍ଟ ପ୍ରସ୍ତୁତ କରିଥିଲେ। ନିଲ୍ ମାତ୍ର ୧ ମାସରେ ଉକ୍ତ ସୌର ଚାଳିତ ସାଇକେଲ ନିର୍ମାଣ କରିବା ଏକ ଆଶ୍ଚର୍ଯ୍ୟକର ଘଟଣା ବୋଲି କହନ୍ତି ତାଙ୍କୁ ମାର୍ଗଦର୍ଶନ କରିଥିବା ପଦାର୍ଥବିଜ୍ଞାନୀ ଅଧ୍ୟାପକ ସନ୍ତୋଷ କୌଶିକ୍।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ସେପ୍ଟେମ୍ବର ୧୯୯୬

- ଚୀନର ସିଚୁଆନ ପ୍ରଦେଶରେ ଦକ୍ଷିଣ–ପଶ୍ଚିମ ଅଞ୍ଚଳର ଏକ ସିନେମା ଗୃହରେ ବୋମା ବିସ୍ଫୋରଣ ଘଟି ୧୧ ମୃତ ଓ ୯୭ ଆହତ।
- ଆଫଗାନିସ୍ତାନର ନୂଆ ସ୍ୱୟଂ ଘୋଷିତ ତାଲିବାନ ସରକାର ଦେଶର ପୂର୍ବତନ ରାଷ୍ଟ୍ରପତି ନଜିବୁଲ୍ଲାଙ୍କ ଦୁଇ ଘନିଷ୍ଠ ସହଯୋଗୀଙ୍କୁ ଫାଶୀ ଦେଇଛନ୍ତି।
- କୂଟନୈତିକ ସମ୍ପର୍କ ସ୍ଥାପନ ପାଇଁ ଭାରତ ଏବଂ ହାଇତି ଏକ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 8 | | | |
| 1 | | | 2 | | 9 | | 7 | |
| | | | 7 | | | 6 | 8 | 3 |
| 5 | | | 9 | | | | | |
| 7 | 8 | | | | | | | |
| | | | 5 | | | | 9 | 2 |
| | 2 | | | 7 | | | 3 | |
| | | | | 4 | | 1 | | 9 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 5 | 1 | 4 | 7 | 3 | 2 |
| 2 | 5 | 7 | 8 | 3 | 9 | 1 | 6 | 4 |
| 1 | 4 | 3 | 6 | 7 | 2 | 8 | 5 | 9 |
| 6 | 8 | 9 | 3 | 4 | 7 | 5 | 2 | 1 |
| 3 | 7 | 1 | 2 | 6 | 5 | 9 | 4 | 8 |
| 5 | 2 | 4 | 1 | 9 | 8 | 6 | 7 | 3 |
| 7 | 3 | 5 | 4 | 8 | 1 | 2 | 9 | 6 |
| 9 | 6 | 8 | 7 | 2 | 3 | 4 | 1 | 5 |
| 4 | 1 | 2 | 9 | 5 | 6 | 3 | 8 | 7 |

ଗତକାଲିର ଉତ୍ତର

# ଟେକ୍ନୋଲୋଜିରେ ହଜିଯିବା କି



ସହଦେବ ସାହୁ

ଆମ ଶରୀର କେତେ ନଶ୍ୱର, ଆମ ମୃତ୍ୟୁଟା କେତେ ନିଶ୍ଚିତ ଏବଂ ଆମ ସ୍ୱାସ୍ଥ୍ୟ, ସାହଚର୍ଯ୍ୟ ଓ ଅନୁକମ୍ପା କେତେ ମୂଲ୍ୟବାନ ତାହା କୋଭିଡ୍ –୧୯ ଆମକୁ ଜଣାଇଦେଲା। ଏ ପ୍ରବନ୍ଧଟି ଧରିତ୍ରୀରେ ବାହାରିଛି ବୋଲି ଯେଉଁ ଗରିବମାନେ ଜାଣିବାର ସୁବିଧା ନାହିଁ ସେମାନଙ୍କର ଅନ୍ତର୍ଦୃଷ୍ଟି ଅଛି ଯେ ମଣିଷର ଏକମାତ୍ର ସମ୍ପତ୍ତି ହେଉଛି ତାହାର ଶରୀରଟା ଏବଂ ତା' ଦୁଇ ହାତ ଦ୍ୱାରା ସେ କ'ଣ କରିପାରେ ! ଧନୀ ଓ ସମ୍ଭ୍ରାନ୍ତ ଲୋକେ, ସୁବିଧା ଉପଭୋଗ କରୁଥିବା ଲୋକେ, କେତେ ଲୋକଙ୍କ ଘେରରେ ଥାଆନ୍ତୁ ନା କାହିଁକି ଯେତେ ଜଟିଳ ଟେକ୍ନୋଲୋଜି ସହିତ ସଂଶ୍ଳିଷ୍ଟ ଥାଆନ୍ତୁ ନା କାହିଁକି ସେମାନେ ମଣିଷପଣିଆର ଦୂରରେ ଅଛନ୍ତି। ନିଆଁ ଓ ଚକରୁ ଆରମ୍ଭକରି ମୁଦ୍ରଣ ପ୍ରକ୍ରିୟା, ଟ୍ରେନ୍, ରେଡିଓ, ବିମାନ, ଟିଭି, ଇଣ୍ଟରନେଟ୍, ଜଟିଳ ଅସ୍ତ୍ରଶସ୍ତ୍ର ଆଉ କାର୍ ଭଳି ଜିନିଷଗୁଡ଼ିକ ଟେକ୍ନୋଲୋଜି ଜରିଆରେ ସେମାନଙ୍କ ଜୀବନରେ ପଶିଯାଇଛି ; ସାଧାରଣ ଲୋକର ଜୀବନରେ। ଗୋଟିଏ ଉଦାହରଣ ନିଅନ୍ତୁ, 'କାର୍: ପରିବହନ ପାଇଁ ଏକ ଫଳପ୍ରଦ ସୁବିଧାଜନକ ଉପାୟ ହିସାବରେ କାର୍ ଉଦ୍ଭାବନ ହେଲା। କିନ୍ତୁ ସେଗୁଡ଼ିକ ଖୁବ୍ ଶୀଘ୍ର ଅତ୍ୟଧିକ ହୋଇଗଲା, ମୋଟରଗାଡ଼ି ପାଇଁ ଆମ ଭୂପୃଷ୍ଠ, କେବଳ ନଗର ନୁହେଁ, ଆମର ଲାଣ୍ଡସ୍କେପ୍ ପୂରା ବଦଳିଗଲା। ଏ ପରିବର୍ତ୍ତନ ଏବେ ବି ଚାଲିଛି। ଟ୍ରାଫିକ୍ ଜାମ୍‌ର ଅନ୍ତ ନାହିଁ। ତୁମେ ଯେଉଁ ସହରରେ ଥାଅ ନା କାହିଁକି, ୟୁରୋପ ହେଉ କି ଆମେରିକା, ଭାରତ ହେଉ କି ବାଂଲାଦେଶ ଧାଡ଼ି ଧାଡ଼ି ବଡ଼ ବଡ଼ ଟ୍ରକ୍ ଯାତାୟାତକୁ କଷ୍ଟ କରିଦେଉଛି, ମଣିଷର ଜୀବନ ଓ ଅଙ୍ଗପ୍ରତ୍ୟଙ୍ଗକୁ ଛାରଖାର କରିଦେଉଛି। ବେଖାତିର ଡ୍ରାଇଭରମାନଙ୍କ ଆଚରଣ ଦ୍ୱାରା ପଥଚାରୀର ଜୀବନ ବିପନ୍ନ ହୋଇପଡ଼ିଛି– ପୃଥିବୀସାରା ବର୍ଷକୁ ୧୩ ଲକ୍ଷ ୫୦ ହଜାର ଲୋକ ରାସ୍ତା ଉପରେ ମରିଯାଉଛନ୍ତି। ଏହାର ମାନେ ପ୍ରତିଦିନ କାର୍, ବସ୍, ମୋଟର ସାଇକେଲ, ବାଇସାଇକେଲ ଓ ଟ୍ରକ ଧକ୍କାରେ ୩୭୦୦ରୁ ବେଶି ଲୋକ ମରୁଛନ୍ତି। ଏବେ ପିଲାମାନଙ୍କର, ବିଶେଷତଃ ୫–୨୯ବର୍ଷ ବୟସର ଯୁବମାନଙ୍କ ମୃତ୍ୟୁର ବଡ଼ କାରଣ ହେଉଛି ଟ୍ରାଫିକ୍ ଆକ୍ସିଡେଣ୍ଟ। କେତେ ଯେ ଲକ୍ଷ ଲକ୍ଷ ଲୋକ ଜୀବନସାରା ଅପାଙ୍ଗ ହୋଇଯାଉଛନ୍ତି ତାହାର କଳନା ନାହିଁ।

ମୋଟରଗାଡ଼ି ଯୋଗୁ ଆମ ବାୟୁମଣ୍ଡଳ ଧୂଆଁ– କାର୍ବନ ମନୋକ୍ସାଇଡ୍ ଓ ଅନ୍ୟ ବିଷାଣୁ–ରେ ଭର୍ତ୍ତି ହୋଇଯାଉଛି। ସାରା ଜୀବମଣ୍ଡଳ (ବାୟୋସ୍ଫିୟର) କ୍ଷତିଗ୍ରସ୍ତ ହୋଇଛି। ମଣିଷ ଓ ଜୀବଜନ୍ତୁମାନେ ଶ୍ୱାସକ୍ରିୟାରେ ପ୍ରଦୂଷିତ ପବନ ଗ୍ରହଣକରି ଫୁସ୍‌ଫୁସ୍‌କୁ ପଠାଉଛନ୍ତି। ଗାଡ଼ିଟିଏ ଧରି ଆମେ ଯେତେବେଳେ ଅବାଧରେ ଭିନ୍ନ ଭିନ୍ନ ଜାଗାକୁ ଓ ଭିନ୍ନ ଭିନ୍ନ ଅଭିଜ୍ଞତା ପାଇଁ ବୁଲି ପାରୁଛୁ ସେତେବେଳେ ଏ ଖରାପ କଥା ଭାବିପାରୁ ନାହୁଁ। ଆମେ ଆମ ପରିବେଶକୁ ଏମିତି ବଦଳାଇଛୁ ଏବଂ ଆମ ଯୋଗାଯୋଗ ବା ଯାତାୟାତ ଏତେ ଉନ୍ନତ ହୋଇଯାଇଛି ଯେ ଏ ଟେକ୍ନୋଲୋଜିକାଲ ପରିବର୍ତ୍ତନଗୁଡ଼ିକ ସାଙ୍ଘାତିକ ପରିଣତି ଆଣିଦେଇଛି। ଚାଇନାର ଉହାନ ଅଞ୍ଚଳର ଲୋକେ ସୁଦୂର ଇଟାଲୀରେ କାମ କରିବାକୁ ଯାଇପାରୁଛନ୍ତି, ସେଠୁ ପୃଥିବୀର ସବୁ ଦେଶକୁ ଲୋକେ ନିମିଷକ ଭିତରେ ଯାଇପାରୁଛନ୍ତି। ଏ ତ ଏକ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିଛି: କୋଭିଡ୍–୧୯ ଏପରି ଏକ ସାଙ୍ଘାତିକ ପରିସ୍ଥିତି।

ମୋ ପିଲାବେଳେ ଟେଲିଫୋନ୍ ନ ଥିଲା। କଲେଜରେ ପଢ଼ିଲା ବେଳକୁ ଏମିତିକା ଯନ୍ତ୍ର ଥିଲା, ଯେଉଁଥିରେ ଆମକୁ ସଂଖ୍ୟା ଉପରେ ଗୋଲ୍ ଛିଦ୍ର ବାଟେ ବୁଲାଇବାକୁ ପଡୁଥିଲା। ଅବସର ଯେତେ ପାଖେଇ ଆସୁଥିଲା, ସୁଇଚ୍‌ବୋର୍ଡ଼ଗୁଡ଼ିକରୁ ଲାଣ୍ଡ ଲାଇନ୍‌ଗୁଡ଼ିକ ସେତେ ବେଶି ବିଛୁଡ଼ି ହୋଇ ପଡିଥିଲା। ଅବସର ପାଇଲା ବେଳକୁ ସେଲ୍ୟୁଲାର ଓ ମୋବାଇଲ ଫୋନ୍ ଆସିଗଲା। ୨୦୦୫ରେ ମୁଁ ଲେଖିଥିଲି ଦିନେ ପୃଥିବୀସାରା କଲ୍‌ଟା ଲୋକାଲ କଲ୍ ହୋଇଯିବ, ଏବେ ତ ପୃଥିବୀସାରା କଲ୍ କରି ପରସ୍ପରକୁ ଦେଖିପାରିବ – ତାହା ମାଗଣା ଯଦି ହ୍ୱାଟ୍‌ସଆପ୍ ବା ଫେସ୍‌ବୁକ୍‌ର ଭିଡିଓ କଲ୍ ।

ଏ ସବୁ ଆରମ୍ଭ ହେଲା ୧୯୫୭ରେ ଯେତେବେଳେ ମୁଁ ମାଟ୍ରିକ୍ୟୁଲେଶନ ପାସ୍ କଲି ମହମ୍ମଦ୍ ଅଟାଲା ନାମକ ଜଣେ ଇଜିପ୍ଟସିଆନ୍ ଇଞ୍ଜିନିୟର ସିଲିକନ ବ୍ୟବହାର କରି ଗୋଟିଏ ମେଟାଲ ଅକ୍ସାଇଡ୍ ସେମିକଣ୍ଡକ୍ଟର (ଏମ୍‌ଓଏସ୍) ପ୍ରସ୍ତାବ ଦେଲେ। ୧୯୮୩ରେ ପାପୁଲିରେ ଧରିବା ଭଳି ମୋବାଇଲ୍ ଫୋନ୍ ଆରମ୍ଭ ହେଲା, ୨୦୧୯ରେ ସ୍ମାର୍ଟ ଫୋନ୍‌ରେ ଏକାଧିକ କ୍ୟାମେରା ରହିଲା, ୱାଟର୍‌ପ୍ରୁଫ୍ ହେଲା। ମୁହଁ ବା ଆଙ୍ଗୁଠି ଛାପ ଦେଖି ଖୋଲିହେଲା। ଏବେ ତ ଜୀବନସାଥୀ, ଯଦି ସାଙ୍ଗରେ ନ ନେଇଯାଇଥିବ ସାଙ୍ଗମାନେ ଓ ପରିବାର ଲୋକେ ବଡ଼ ବ୍ୟସ୍ତ ହୋଇଯିବେ, 'ତୁ ବିନା ଫୋନ୍‌ରେ କିପରି ଆସିଲୁ'। ସ୍ମାର୍ଟଫୋନ୍ ଆମ ଜୀବନର ଅଙ୍ଗ ହେବାକୁ ୨୦ ବର୍ଷ ବି ନେଇନାହିଁ, କିନ୍ତୁ କାର୍ ଏ ରୂପକୁ ଆସିବା ପାଇଁ ୧୦୦ ବର୍ଷ ନେଇଛି। ଆମ ଗାଁ ରାସ୍ତାରେ କେହି ଜଣେ ଅଜଣା ଚାଲିଯାଉଥିଲେ ଆମେ ତାକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲୁ। ପ୍ରାତଃ ଭ୍ରମଣରେ ଆମେ ରାସ୍ତା କଡ଼େ କଡ଼େ ଯାଉଥିଲୁ, ସତେ ଯେମିତି ଅନ୍ୟମାନଙ୍କୁ ଡରୁଛୁ। ଲୋକେ ଘର ଝରକା ଭିତରୁ ପରଦା ଆଡ଼େଇ କିଏ ଯାଉଛି ଦେଖୁଥିଲେ । ଯେତେ ଭଲ ଡ୍ରେସ୍ ହୋଇଥିଲେ ବି ଲୋକେ ଖରାପ ଲୋକ ହୋଇଥିବ ବୋଲି ଭାବୁଥିଲେ। ଏବେ କାନରେ 'ବଡ଼୍' ଗୁଞ୍ଜି ବେକରେ ସ୍ମାର୍ଟ ଫୋନ୍ ଝୁଲାଇ ଯାଉଛନ୍ତି ତ' ଆମେ କହୁଛୁ ଏ ହେଉଛି ଜୀବନଶୈଳୀ। ପୁରୁଷ ଓ ନାରୀ ସ୍ୱେଚ୍ଛାଚାରିତା ବଢ଼ାଉଛି କାନଗୁଞ୍ଜା ଫୋନ୍। ଅନ୍ୟମନସ୍କତା ଯୋଗୁ ରାସ୍ତା ଦୁର୍ଘଟଣା ଓ ମୃତ୍ୟୁ ବଢ଼ି ଚାଲିଛି। ଶୂନଗାଡ଼ି ଯୁଗ ନାହିଁ, କାର୍ ନ ଧରି ଯିଏ ଆସୁଛି ତାକୁ ଆମେ ବାଜେ ଲୋକ ବୋଲି କହୁଛୁ। ଟେକ୍ନୋଲୋଜିର ବିକାଶ ଆମକୁ ଅମଣିଷ କରିଦେଇଛି। ଏବେ ତ' କାର୍ ଆପେ ଆପେ ଚାଲିବ ଆମ ଆଲମିରାରେ କଣ୍ଢେଇଟି ରଖା ହୋଇଥିଲା ଭଳି ଯାତ୍ରୀ ଗାଡ଼ି ଭିତରେ ବସିଥିବ । ମଣିଷ ତା' ଗାଡ଼ିରୁ ଓହ୍ଲାଇ ତା' ଘରକୁ ବା ସାଙ୍ଗମାନଙ୍କ ଘରକୁ ଗଲା କ୍ଷଣି ଦେଖିଲାଲୋକେ କହିବେ ତୁମ ଗାଡ଼ିଟା କେଡ଼େ ସୁନ୍ଦର ହୋଇଛି। ଆଇ ଲଭ୍ ୟୁ ଫର୍ ୟୋର୍ କାଡିଲାକ୍।

ଏବେ କାର୍ ତ ପର୍ସନାଲିଟିର ଅଂଶ ହୋଇଗଲାଣି ; ଅନେକ ସମୟରେ ଯୌନ ଉପଭୋଗର ଯାନ ହୋଇଯାଉଛି। ଲଗ୍‌ଜୁରି ଗାଡ଼ି ସେକ୍ସୁଆଲ ପାର୍ଟ୍‌ନରକୁ ଆକର୍ଷଣ କରୁଛି।

ଏବେ ପୃଥିବୀର ରାସ୍ତାଗୁଡ଼ିକରେ ୧୪୦ କୋଟି କାର୍ ଓ ଟ୍ରକ୍ ଚଳାଚଳ କରୁଛି, ପ୍ରତିବର୍ଷ ୧୦୦୦,୦୦ କୋଟି (ଥାଉଜାଣ୍ଡ ବିଲିୟନ) ଲିଟର୍ ପେଟ୍ରୋଲିୟମ୍ ତେଲ ଖର୍ଚ୍ଚ ହେଉଛି। କେତେ ପ୍ରଦୂଷଣ ! କ୍ଷଣଉତ୍ ଚାଳକ–ବିହୀନ ବିଜୁଳି କାର୍ ଆସିବ, ମାଲିକ ନ ହୋଇ ବି ଲୋକେ ଗାଡ଼ିରେ ଯିବେ। ଟେକ୍ନୋଲୋଜି ଜୀବନ ପ୍ରତି ମାରାତ୍ମକ ହେବ । ଯେ ପର୍ଯ୍ୟନ୍ତ ଆମେ ଆମ ପରିବେଶ ଓ ପୃଥିବୀ ପ୍ରତି ବନ୍ଧୁଭାବାପନ୍ନ ନ ହେବା, ସେ ପର୍ଯ୍ୟନ୍ତ ଆମେ ଭୟଭୀତ ଥିବା–ସତେଯେପରି ଆମେ ଏକ ସମାପ୍ତ ଦୁର୍ଘଟଣା( କ୍ରାସ୍)ରେ ବିଲୀନ ହେବା ପର୍ଯ୍ୟନ୍ତ ଗୋଟିଏ କାର୍ ଭିତରେ ଦ୍ରୁତଗତିରେ ଚାଲିଛୁ।

sahadevas@yahoo.mail

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଘ୍ର ସଂରକ୍ଷଣର ଆବଶ୍ୟକତା

ମହାଶୟ,

ପ୍ରତିବର୍ଷ ବିଶ୍ୱ ବ୍ୟାଘ୍ର ସଂରକ୍ଷଣ ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନର ତାତ୍ପର୍ଯ୍ୟ ହେଉଛି, ବାଘମାନଙ୍କର ସୁରକ୍ଷା ଓ ସଂରକ୍ଷଣକୁ ସୁନିଶ୍ଚିତ କରିବା ଓ ଜନ ସଚେତନତା ସୃଷ୍ଟି କରିବା। ପରିବେଶର ସନ୍ତୁଳନ ରଖିବାରେ ବାଘର ଭୂମିକା ସବୁଠାରୁ ଅଧିକ। ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଭାରତର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱର ୭୦ ପ୍ରତିଶତ ବାଘ ଭାରତରେ ଅଛନ୍ତି। ସେଥିପାଇଁ ବାଘକୁ ଜାତୀୟ ପଶୁର ମାନ୍ୟତା ମିଳିଛି। ଆମ ଦେଶରେ ଅନେକଗୁଡ଼ିଏ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ କରୁଛି। ବାଘ ଏକ ଚତୁର ଓ ଶିକାରୀ ପଶୁ। ଆମ ଦେଶରେ ପ୍ରାୟ ସବୁ ନଦୀ ନାଳଗୁଡିକ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଅଞ୍ଚଳରୁ ବାହାରିଛନ୍ତି। ଜଳସ୍ତର ବର୍ଷା ପରିମାଣ ଓ ଜଳବାୟୁକୁ ଠିକ୍ ସ୍ତରରେ ରଖିବା ସହିତ ସବୁ ଜୀବଜନ୍ତୁ ଓ ବୃକ୍ଷଲତାର ସଂରକ୍ଷଣ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପଗୁଡ଼ିକ ପାଇଁ ଆମ ଦେଶର ପ୍ରାୟ ୧୦ ଲକ୍ଷ ପରିବାର ସିଧାସଳଖ ଓ ୫୦ ଲକ୍ଷ ପରିବାର ପରୋକ୍ଷ ଭାବେ ଉପକୃତ ହୋଇଥାଆନ୍ତି। ଭାରତୀୟ ସଭ୍ୟତାରେ ବାଘକୁ ମାମୁର ଆଖ୍ୟା ଦିଆଯାଇଛି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଖସିଗଲା କଳସୀ କାଖରୁ ତଳେ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
ଅଯତନ ବେଶ ଗୋ ବାସ ଭୂଷଣ
କି ଶବଦ ବିହିଲା ଏତେ କଷଣ !

–(ବଂଶୀ ଧ୍ୱନି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଝାରସୁଗୁଡ଼ାରେ ଇଏସ୍ଆଇସି କାର୍ଯ୍ୟାଳୟ ଦାବି

**୨ ପ୍ରସଙ୍ଗରେ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଇଏସ୍ଆଇ କର୍ମଚାରୀ ତଥା ହିତାଧିକାରୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାଠାରେ ଇଏସ୍ଆଇସିର ଏକ ଉପ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଉ। ଲକ୍ଷାଧିକ ଲୋକଙ୍କ ସୁବିଧା ଦୃଷ୍ଟିରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରେ ଥିବା ଡିସ୍ପେନସାରି ବେଲପାହାଡ଼କୁ ସ୍ଥାନାନ୍ତର କରାଯାଉ। ଏହି ଦୁଇ ପ୍ରସଙ୍ଗରେ କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୨ଟି ନୂତନ ଡିସ୍ପେନସାରି ସ୍ଥାପନ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

୨୦୨୦ ସୁଦ୍ଧା ଭୁବନେଶ୍ୱରସ୍ଥିତ ଇଏସ୍ଆଇସି ଆଞ୍ଚଳିକ କାର୍ଯ୍ୟାଳୟ ସହ ୭.୪୧ ଲକ୍ଷ ବୀମାଭୁକ୍ତ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ଭୁବନେଶ୍ୱରରେ ଥିବା ଇଏସ୍ଆଇସିର ଆଞ୍ଚଳିକ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ପଶ୍ଚିମ ଓଡ଼ିଶାର ହିତାଧିକାରୀଙ୍କୁ ଏଥିଲାଗି ଦୀର୍ଘ ଯାତ୍ରା କରିବାକୁ ପଡୁଛି। ତେଣୁ ଝାରସୁଗୁଡ଼ାରେ ଇଏସ୍ଆଇସିର ଉପ ଆଞ୍ଚଳିକ କାର୍ଯ୍ୟାଳୟ କରାଗଲେ ୧୩ ଜିଲାର ବାସିନ୍ଦା ଉପକୃତ ହୋଇପାରିବେ। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାର ତାଳଚେର, ଜଳେଶ୍ୱର, ନୀଳଗିରି, ସୋର, ଧାମରା, ତ୍ରିଶୂଳିଆ, ଓଡ଼ଶପୁର, ଜଗତ୍‌ସିଂହପୁର, ଯୋଡ଼ା, ନିମାପଡ଼ା, ବଣାଇ ଏବଂ କୋଇଡ଼ାରେ ୧୨ଟି ନୂତନ ଡିସ୍ପେନସାରି ଖୋଲାଯିବା ପାଇଁ ପ୍ରସ୍ତାବ ରହିଛି। ଏହାସହ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରରେ ଥିବା ଏକ ଡିସ୍ପେନସାରିକୁ ବେଲପାହାଡ଼କୁ ସ୍ଥାନାନ୍ତର କରିବା ପାଇଁ ଇଏସ୍ଆଇ କର୍ପୋରେଶନର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରସ୍ତାବ ଦିଆଯାଇଛି। ଓଡ଼ିଶାର ଜନସଂଖ୍ୟାର କଲ୍ୟାଣକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ହସ୍ତକ୍ଷେପ କରି ତ୍ୱରିତ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର ଚିଠିରେ ଅନୁରୋଧ କରିଛନ୍ତି। ଓଡ଼ିଶା ସରକାର ଯୋଡ଼ାକୁ ବାଦ୍ ଦେଇ ୧୨ଟି ଡାକ୍ତରଖାନା ସ୍ଥାପନ ସହ ବ୍ରଜରାଜନଗରରୁ ବେଲପାହାଡ଼ ଡିସ୍ପେନସାରି ସ୍ଥାନାନ୍ତର କରିବା ପାଇଁ ମଞ୍ଜୁରୀ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଶ୍ରମ ଏବଂ ଇଏସ୍ଆଇ ବିଭାଗ ପକ୍ଷରୁ ଏଥିପାଇଁ ଅନୁମତି ମିଳିପାରିନାହିଁ। ତେଣୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ପତ୍ରରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

# ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

ନିମାପଡ଼ା,୨୯।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଜୋନ ଛଣିଜଙ୍ଗ ପଞ୍ଚାୟତର ବିଜେଡିର ଯୁବନେତା ଶାନ୍ତନୁ ଭୋଇ(୪୩)ଙ୍କ ଗତ ସୋମବାର ରାତିରେ କଟକ ବଡ଼ ମେଡିକାଲରେ ଡେଙ୍ଗୁ ରୋଗରେ ମୃତ୍ୟୁ ହୋଇଛି। ଜ୍ୱରରେ ଆକ୍ରାନ୍ତ ହୋଇ ଶାନ୍ତନୁ କଟକ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରେ ଯନ୍ତ୍ରଣା ବଢ଼ିବାର ତାଙ୍କର ରକ୍ତ ପରୀକ୍ଷା କରାଯାଇଥିଲା। ରିପୋର୍ଟରେ ଡେଙ୍ଗୁ ଜଣାପଡ଼ିବା ପରେ ସ୍ୱତନ୍ତ୍ର ୱାର୍ଡରେ ତାଙ୍କୁ ରଖାଯାଇ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଗ୍ରାମରେ ପ୍ରଚାରିତ ହେବା ପରେ ଚାରିଛକ ଅଞ୍ଚଳରେ ଡେଙ୍ଗୁ ଆତଙ୍କ ଦେଖାଦେଉଛି। ଡେଙ୍ଗୁ ରୋଗର ନିରାକରଣ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯିବା ସହ ଚାରିଛକ ଜୋନର ସମସ୍ତ ପଞ୍ଚାୟତରେ ଥିବା ନାଳ, ନର୍ଦ୍ଦମା, କୂପ, ପୁଷ୍କରିଣୀ, ଡ୍ରେନ ଆଦିକୁ ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ ପଞ୍ଚାୟତ ପକ୍ଷରୁ ସଫେଇ ଓ ବିଶୋଧନ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡିଆର୍‌ଡିଏରେ ଖୋଲିଲା ମିଶନ ଶକ୍ତି କାଫେ

**ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ**

ଛତ୍ରପୁର,୨୯।୯(ଡି.ଏନ୍.ଏ.)

ରାଜ୍ୟରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗଞ୍ଜାମ ଜିଲା ଆଗରେ ରହିଛି। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ଜିଲାରେ ବହୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଏବେ ମହିଳା ହୋଟେଲ ଶିଳ୍ପ ପ୍ରତି ଆଗ୍ରହ ରଖୁଛନ୍ତି। ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) କାର୍ଯ୍ୟାଳୟ ପରିସରରେ ମହିଳା ସଂଘ ପକ୍ଷରୁ ମିଶନ ଶକ୍ତି କାଫେ ଖୋଲାଯାଇଛି। ଛତ୍ରପୁର ବ୍ଲକ ଟିକଲଖଣ୍ଡି ପଞ୍ଚାୟତ ତୁମ୍ବେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହି କାଫେ ପରିଚାଳନା କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହାର ପ୍ରଶଂସା କରିଛନ୍ତି। ଏପରି ଅଭିନବ ପଦକ୍ଷେପ ମହିଳାମାନେ ସଫଳ ଉଦ୍ୟୋକ୍ତା ହେବାର ଦକ୍ଷତା ପ୍ରଦର୍ଶନ କରୁଛି ବୋଲି ଦର୍ଶାଇଛନ୍ତି।




କାଫେ ପାଇଁ ଡିଆର୍‌ଡିଏ ପକ୍ଷରୁ ନୂଆ ବିଲ୍ଡିଂରେ ୧୦ ଲକ୍ଷ ଟଙ୍କା ମୂଲ୍ୟର ରୋଷେଇଘର ଏବଂ ଶୌଚାଳୟ, ଗଞ୍ଜାମର ଗୃହିଣୀ ଉତ୍ପାଦକ କମ୍ପାନୀ ପକ୍ଷରୁ ଆସବାବପତ୍ର ଓ ବାସନ କିଣାଯାଇଥିଲା। ଡିଆର୍‌ଡିଏ ପକ୍ଷରୁ ଉକ୍ତ ମିଶନ ଶକ୍ତି କାଫେ ପାଇଁ ବ୍ୟାଙ୍କ ଲିଙ୍କେଜ୍ କରାଯାଇଛି। ବର୍ତ୍ତମାନ ଉକ୍ତ କାଫେରେ ଚା, ବିଭିନ୍ନ ପ୍ରକାର ସ୍ନାକ୍ସ ବିକ୍ରି କରାଯାଇଛି। ଡିଆର୍‌ଡିଏ କାର୍ଯ୍ୟାଳୟ କ୍ୟାମ୍ପସରେ ଥିବା ବିଭିନ୍ନ ଅଫିସର ଷ୍ଟାଫ୍ ଓ ଏଠାକୁ କାମରେ ଆସୁଥିବା ଲୋକେ କାଫେ ପ୍ରତି ଆକୃଷ୍ଟ ହେଉଛନ୍ତି। ଡିଆର୍‌ଡିଏ ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ବିଭିନ୍ନ ସମୀକ୍ଷା ବୈଠକ ଓ କର୍ମଶାଳାକୁ ଏହି କାଫେ ସ୍ନାକ୍ସ, ଚା ଓ ଭୋଜନ ଯୋଗାଣ କରୁଛି। ଡିଆର୍‌ଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବ କହିଛନ୍ତି, କାଫେ କରି ମହିଳା ସଶକ୍ତ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଆଗାମୀ ଦିନରେ ଛତ୍ରପୁରର ମୁଖ୍ୟ ରାସ୍ତାରେ କାଫେ ଖୋଲିବ। ଏଥିସହ ଦ୍ୱିତୀୟ ପର୍ଯ୍ୟାୟରେ ଛତ୍ରପୁରରେ ନିର୍ଦ୍ଧାରିତ ସ୍ଥାନରେ ମିଶନ ଶକ୍ତି ଚୌପାଟି ଖୋଲିବ। ସେଠାରେ ମହିଳା ସଂଘ ପାଇଁ ୧୫ଟି ଷ୍ଟଲ ରହିବ ଯେଉଁଥିରେ ବିଭିନ୍ନ ପ୍ରକାର ଖାଦ୍ୟ ମିଳିବ ବୋଲି ଡିଆର୍‌ଡିଏ ପିଡି ସୂଚନା ଦେଇଛନ୍ତି। ମିଶନ ଶକ୍ତି କାଫେ ଅନ୍ୟ ରେଷ୍ଟୁରାଣ୍ଟଠାରୁ ଭିନ୍ନ ବୋଲି ସେ କହିଛନ୍ତି।

# ଯୁବକଙ୍କ ଗଳାକାଟି ହତ୍ୟା

**ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ**



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ବରଗଡ଼ ଅଫିସ୍,୨୯।୯

ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି ବଞ୍ଜାରୀ ପୋଲପାର୍ଶ୍ୱ ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ଅତାବିରାର ମହମ୍ମଦ କାଶିମ(୨୫)। ମୃତକଙ୍କ ଭାଇ ମହମ୍ମଦ ନିସାର୍‌ଙ୍କ ଏତଲାକ୍ରମେ ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ହତ୍ୟା ମାମଲା(ନଂ.୪୫୫/୨୧) ରୁଜୁ କରିଛି। ବରଗଡ଼ରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ତେବେ ଏ ନେଇ ଅଧିକ ତଦନ୍ତ ଚାଲିଛି ଏବଂ ହତ୍ୟା ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜହାରୀ କହିଛନ୍ତି। ହତ୍ୟାକାଣ୍ଡର ପର୍ଦ୍ଦାଫାଶ ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଉଦ୍ୟମ ଜାରି ରହିଥିବା ବରଗଡ଼ ଏସ୍‌ଡିପିଓ ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି।

ମୃତ କାଶିମ ବରଗଡ଼ ଗାନ୍ଧିଛକରେ ଥିବା ଏକ ଗ୍ୟାରେଜରେ କାମ କରନ୍ତି। ସେ ସବୁଦିନ ସକାଳୁ ଅତାବିରାରୁ ଏହି ଗ୍ୟାରେଜକୁ ଆସିଥାନ୍ତି ଏବଂ ସନ୍ଧ୍ୟାରେ ଘରକୁ ଫେରିଥାନ୍ତି। ତେବେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ କାଶିମ ସବୁଦିନ ଭଳି କାମ ସରି ଘରକୁ ବାହାରିଥିଲେ। ମାତ୍ର ସେ ଘରେ ପହଞ୍ଚି ନଥିଲେ। ବୁଧବାର ସକାଳୁ ତାଙ୍କ ମୃତଦେହ ସହର ଉପକଣ୍ଠ ବଞ୍ଜାରୀ ଜୋର କଡ଼ ରାସ୍ତାପାର୍ଶ୍ୱରେ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣାର ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ମୃତକଙ୍କ ଗଳାକୁ କୌଣସି ଏକ ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଥିଲା। ପାଖରେ ତାଙ୍କ ପଲ୍‌ସର ବାଇକ୍(ନଂ–ଓଡ଼ି୧୫ଏ ୧୦୩୧) ପଡ଼ିଥିଲା। ସ୍ଥାନୀୟ ଲୋକେ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ଏସ୍‌ଡିପିଓ ଗୋଚ୍ଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜହାରୀସାଇଣ୍ଟିଫିକ୍ ଟିମ ଏବଂ ଅନୁସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ କେଉଁ ପରିସ୍ଥିତିରେ କାଶିମ କାମ ସାରିବା ପରେ ଅନ୍ୟଦିନ ଭଳି ଘରକୁ ଯିବା ବଦଳରେ ଅମ୍ବାପାଲି ପଟକୁ ଯାଇଥିଲେ ଅଥବା କେଉଁମାନେ ତାଙ୍କୁ ସେଠାକୁ ଯିବାପାଇଁ ଡାକିଥିଲେ ପୋଲିସ ତାହାର ତଦନ୍ତ କରୁଛି।

---

**Government of Odisha**
**Skill Development and Technical Education Department**
**Directorate of Technical Education & Training, Odisha**
**At-Killamaidan, PO-Buxibazar, Cuttack-753001**
**Phone No- 0671 2301061, e-mail: dtetorissa@gmail.com**

## NOTICE for Registration as a seller of uniform Manufacturer/Vendor in Government e Marketplace (GeM) Portal

No. KK-105

**NIT No. DTET/2020-21/10207** **Date: 28.09.2021**

The Directorate of Technical Education and Training, Odisha (DTE&T) invites the eligible original manufacturer/vendor of Odisha having experience in stitching/supplying the uniforms for school/college/technical institutions, to get registered as a seller in GeM portal, if interested to supply set of uniforms prescribed for Govt. ITIs of the state. The set of ITI uniform, comprising of 2 pairs of formal wear, 1 pair of sportswear, 1 pair of black shoe for male & female trainees shall be considered as a unit. The details of colour combination, design, specification with limitation of cost per set can be downloaded from our website http://www.dtetodisha.gov.in from **30th September'2021**.

Sd/-
**DTE&T, Odisha, Cuttack**

**OIPR-14004/11/0015/2122**

---

## ନିଯୁକ୍ତି ବିଜ୍ଞାପନ

No. D-159:- ଏ.ଏସ୍.ଆଇ., ଏସ୍.ଆଇ., ଇନ୍ସପେକ୍ଟର ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ, କେନ୍ଦ୍ରୀୟ ସାମରିକ ବାହିନୀ, ଅର୍ଦ୍ଧ ସାମରିକ ବାହିନୀ, ତଟ ସୁରକ୍ଷା ବାହିନୀର ବ୍ୟକ୍ତିବିଶେଷଙ୍କ ପାଇଁ ୧୨ (ବାର) ଗୋଟି ଓ ସଂରକ୍ଷଣ ଭିତ୍ତିରେ ୫ (ପାଞ୍ଚ) ଗୋଟି (ଏକ ବର୍ଷ ପାଇଁ ବଳବତ୍ତର) ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ.) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡ଼ିକ ପୋଲିସ୍ କମିଶନର, ଭୁବନେଶ୍ୱର–କଟକ, ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର– ୭୫୧୦୦୧ଙ୍କ କାର୍ଯ୍ୟାଳୟରେ **ତା୨୬।୧୦।୨୦୨୧ରିଖ ଅପରାହ୍ନ ୫ ଘଟିକା** ସୁଦ୍ଧା କିମ୍ବା ପୂର୍ବରୁ ପହଞ୍ଚିବା ଉଚିତ । ତ୍ରୁଟିପୂର୍ଣ୍ଣ ଦରଖାସ୍ତ କିମ୍ବା ଦରଖାସ୍ତଗୁଡ଼ିକ ନିର୍ଦ୍ଧାରିତ ତାରିଖ ପରେ ଆସି ପହଞ୍ଚିଲେ ଗ୍ରହଣଯୋଗ୍ୟ ହେବ ନାହିଁ । ପ୍ରାର୍ଥୀମାନେ କଟକ କିମ୍ବା ଭୁବନେଶ୍ୱର ସହରାଞ୍ଚଳରେ ନିଯୁକ୍ତି ପାଇଁ ନିଜର ମତ ଦେବେ । ନିଯୁକ୍ତି ପରୀକ୍ଷା **ତା୦୨।୧୧।୨୦୨୧ରିଖ ସକାଳ ୧୦ ଘଟିକା** ସମୟରେ ରିଜର୍ଭ ପୋଲିସ୍ ଲାଇନ୍ ପରିସର, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ପ୍ରାର୍ଥୀ ଆବେଦନ ଫର୍ମ ଓ ତତ୍ ସହିତ ବିଶଦ ବିବରଣୀ କମିଶନରେଟ ୱେବ୍‌ସାଇଟ୍ **http://Bhubanswarcuttackpolice.gov.in/** ରୁ ପାଇପାରିବେ ।

**ସ୍ୱା./- ଅତିରିକ୍ତ ପୋଲିସ କମିଶନର**
**ଭୁବନେଶ୍ୱର-କଟକ ।**

OIPR-12015/11/0022/2122

---

## OFFICE OF THE MUNICIPAL COUNCIL, SUNABEDA

**No. 3776** **Dt.27.09.21**

### TENDER CALL NOTICE

No. C-1040: Sealed tenders are invited from the intending registered firms for supply of sanitation materials to Sunabeda Municipality for the year 2021-22, so as to reach in the Office of the Executive Officer, Sunabeda Municipality through Registered Post/Speed Post/Courier only upto 1.00 P.M. of Dt.08.10.2021 and the same will be opened on same day at 4.00 P.M. in the presence of tenderer or their authorized agent if present. The tender paper along with terms and conditions and particulars of materials will be available from 28.09.2021 to 07.10.2021 upto 5.00 P.M. in office website i.e. **www.sunabedamunicipality.in** shall be downloaded and submit with all documents after quoting the rate.

**Sd./- Executive Officer**
**Sunabeda Municipality**
**OIPR-13076/11/0019/2122**

---

Jan Shikshan Sansthan | Skill India कौशल भारत-कुशल भारत

## JAN SHIKSHAN SANTHAN, MAYURBHANJ

**(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)**

**ସ୍ଥାନ: ରଘୁନାଥପୁର (ତୁଳସୀ ମଣ୍ଡପ ପଛ ପାଖ), ପୋ.: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍: ୭୫୭୦୦୧ (ଓଡ଼ିଶା)**
**E-mail Id: jssmayurbhanj@gmail.com,**
**Website: jss.gov.in, Helpline No. 8800055555**

ଜନ ଶିକ୍ଷଣ ସଂସ୍ଥାନ – ମୟୂରଭଞ୍ଜ ଶିକ୍ଷିତ/ଅର୍ଦ୍ଧଶିକ୍ଷିତ ଯୁବକ, ଯୁବତୀ, ଭିନ୍ନକ୍ଷମ, ତୃତୀୟ ଲିଙ୍ଗୀ, ମହିଳାଙ୍କ ପାଇଁ ଏକ କୌଶଳ ବିକାଶ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିତ କର୍ମ ସଂସ୍ଥାନ ଯୋଗାଇବା ପାଇଁ (General/ST/SC/OBC/SEBC/Transgender/PWDs/Woman) ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ କରିବାକୁ ଅନୁରୋଧ କରାଯାଇଛି। ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ସର୍ବନିମ୍ନ ୫ମରୁ ୧୦ମ ଶ୍ରେଣୀ କିମ୍ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଦରକାର ଏବଂ ବୟସ ସୀମା ୧୮ରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

| କ୍ର.ନଂ. | ପ୍ରଶିକ୍ଷଣ ନାମ | କ୍ର.ନଂ. | ପ୍ରଶିକ୍ଷଣ ନାମ |
|---|---|---|---|
| ୧. | ଇଲେକ୍ଟ୍ରିକାଲ | ୭. | ଜାମ୍, ଜେଲି ଓ କେଚଅପ୍ ତିଆରି ଶୈଳୀ |
| ୨. | ଇଲେକ୍ଟ୍ରୋନିକ୍ (Field Technician) | ୮. | କମ୍ପ୍ୟୁଟର |
| ୩. | ବିଉଟିସିଆନ | ୯. | ହସ୍ତ ଚରଖା ଚାଳକ (Weaving) |
| ୪. | ସିଲେଇ | ୧୦. | ବାଉଁଶ ଶିଳ୍ପୀ |
| ୫. | ମହୁ ଚାଷ | ୧୧. | ସ୍ୱାସ୍ଥ୍ୟ କର୍ମୀ |
| ୬. | ଗାଡ଼ି ଚାଳକ (Driving) | ୧୨. | ଛତୁ ଚାଷ |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ନିଜର ବ୍ୟକ୍ତିଗତ ବିବରଣୀ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ, ଆୟ ପ୍ରମାଣ ପତ୍ର ଓ ଜାତିଗତ ପ୍ରମାଣପତ୍ରର ନକଲ ସହିତ ଉପରୋକ୍ତ ଠିକଣାରେ ଡାକଯୋଗେ କିମ୍ବା Website: **jss.gov.in**ରେ Online ଆବେଦନ କରିବା ପାଇଁ ତା୩୧।୧୦।୨୦୨୧ରିଖ ସୁଦ୍ଧା ଅନୁରୋଧ କରାଯାଉଅଛି।

**ସ୍ୱା./– ନିର୍ଦ୍ଦେଶକ**

---

NATION TAX MARKET GST

**COMMISSIONERATE OF CT & GST (Under Finance Department; GOVERNMENT OF ODISHA)**

No. S-18

## ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!

### ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR–3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

**Help Desk**: 1800-345-6753 (Toll Free)
**email:** ctdho@odishatax.gov.in

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

OIPR-05006/11/0005/2122

---



**ନୂତନ ଭାରତବର୍ଷର ୭୫ତମ ସ୍ୱାଧୀନତାର ପୂର୍ତ୍ତି ଅବସରରେ ଯୁବଗୋଷ୍ଠୀର ଭୂମିକା**

| ଏଚ.ଆଇ.ଭି. ସମ୍ପର୍କରେ ସଚେତନତା | ଯକ୍ଷ୍ମା ସଂପର୍କରେ ଅବଗତି | ନିୟମିତ ରକ୍ତଦାନ |
|---|---|---|

**ଆସନ୍ତୁ ଆମେ ଶପଥ ନେବା ଏଚ୍.ଆଇ.ଭି ମୁକ୍ତ ନୂତନ ଭାରତ ଗଢ଼ିବା**

**ଅଧିକ ଜାଣିବା ପାଇଁ 1097ରେ ଯୋଗାଯୋଗ କରନ୍ତୁ**

NACO National AIDS Control Organisation

**ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି** OSACS
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)

ୱେବସାଇଟ - www.osacs.nic.in

---

## ODISHA PUBLIC SERVICE COMMISSION CUTTACK

### NOTICE

**No. 6914/PSC, (1R-08-21-22) (DR-V),** **Dt. 29.9.21**

**No. D-154:-** It is for information of all concerned that, pursuant to the advertisement No. 08 of 2020-2021, **19 (Nineteen)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Bengali**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **25.10.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 25.10.2021 | 10.30 AM | 00091272, 00091668, 000101461, 00093744, 00087682, 00094185, 00095395, 00098024, 00099284, 00078604, 00081666, 00089069 & 00095758 = **13 Candidates** |
| | 02.30 PM | 00093522, 00100465, 00086512, 00078662, 00086433, 00096123 = **06 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0106/2122 **Sd./- Secretary**

---

## ODISHA PUBLIC SERVICE COMMISSION CUTTACK

### NOTICE

**No. 6910/PSC, (1R-32-21-22) (DR-V),** **Dt. 29.9.21**

**No. D-153:-** It is for information of all concerned that, pursuant to the advertisement No. 08 of 2020-2021, **19 (Nineteen)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Linguistics**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **26.10.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 26.10.2021 | 10.30 AM | 00091313, 00088739, 00092918, 00076816, 00086590, 00052606, 00090445, 00091291, 00095295, 00079495, 00077537, 00097559 & 00086122 = **13 Candidates** |
| | 02.30 PM | 00087236, 00096557, 00091705, 00083405, 00093568, 00096327 = **06 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0105/2122 **Sd./- Secretary**

---

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା

**ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା – ୭୬୭୦୧୬**

## NOTIFIED AREA COUNCIL, TARBHA

**Dist.- Subarnapur, Odisha - 767016**

### E-TENDER CALL NOTICE

### "e" Procurement Notice

**Tender Call Notice No. 2431 / Date: 28.09.2021**
**Bid Identification No. TRV-NAC-05/2021**

Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://www.tendersodisha.gov.in**.

| | | |
|---|---|---|
| 1. | Name of the Work | : Civil Construction works as mentioned in website |
| 2. | No. of works | : 02 Nos. |
| 3. | Estimated Cost | : As per DTCN |
| 4. | Period of Completion | : As per DTCN |
| 5. | Date & time of availability of Bid documents in the portal | : From 30.09.2011, 11.00 A.M. to 18.10.2021 upto 5.00 P.M. |
| 6. | Last date & time for receipt of bids in the portal | : 18.10.2021 upto 5.00 P.M. |
| 7. | Last date & time for deposit of Fees & hard copies. | : 22.10.2021 within 1.00 P.M. |
| 8. | Bids received online shall be opened on | : 26.10.2021 upto 11.00 A.M. |
| 9. | Name and address of the Officer Inviting Bid | : Executive Officer, Tarbha NAC, Tarbha |

Further details can be seen from the procurement portal i.e. **https://tendersodisha.gov.in**.

**Sd./- Executive Officer, NAC, Tarbha**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୦ ସେପ୍ଟେମ୍ବର, ୨୦୨୧



**୨ ଦୋକାନରୁ ଚୋରି**

ବିଞ୍ଝାରପୁର,(ଡି.ଏନ.ଏ.): ବିଞ୍ଝାରପୁର ଥାନା ବାଲମୁକୁଳି ବଜାରରୁ ମଙ୍ଗଳବାର ରାତିରେ ୨ ଦୋକାନରୁ ଚୋରି ହୋଇଛି । କଲ୍ୟାଣପୁର ଗ୍ରାମର ଶଙ୍କର୍ଷଣ ସାମଲଙ୍କ ଔଷଧ ଦୋକାନର ପଛପଟ ସ୍କାଏ ଲାଇଟ୍ ଭାଙ୍ଗି କେହି ଦୁର୍ବୃତ୍ତ ଏକ ହୋମଥିଏଟର ସମେତ ୩୦ ହଜାର ଟଙ୍କା ଚୋରି କରିନେଇ ଥିବା ଥାନାରେ ଅଭିଯୋଗ ହୋଇଛି । ସେହିପରି ରୁଦ୍ରପୁର ଗ୍ରାମର ସୁରଥ ସାହୁଙ୍କ ଭେରାଇଟ ଷ୍ଟୋରରୁ ମୂଲ୍ୟବାନ ସାମଗ୍ରୀ ସମେତ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଛି । ଅଭିଯୋଗ ପରେ ପୋଲିସ ତନାଘନା ଆରମ୍ଭ କରିଛି ।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ଚାଷୀ ମୃତ

**ମହାକାଳପଡ଼ା,୨୯।୯(ଡି.ଏନ.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ସୁନୀତି ପଞ୍ଚାୟତ ଚାରି ନଂ. ୱାର୍ଡର ବାଦଲ ପାଳଙ୍କ ସ୍ତ୍ରୀ ସାଗରିକା(୫୩) ନିଜ ବିଲରେ ଘାସ ବାଛୁଥିବା ବେଳେ ବଜ୍ରପାତ ଘଟି ଥିଲା। ଘଟଣା ସ୍ଥଳରେ ସାଗରିକା ଅଚେତ ହୋଇ ପଡିଥିଲେ। ଖବରପାଇ ଗାଁ ଲୋକ ବିଲରୁ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

**ଆଳି,୨୯।୯(ଡି.ଏନ.ଏ.):** ଆଳି ପଞ୍ଚାୟତ ସମିତି ସଭାଗୃହରେ ଦୁର୍ଗା ପୂଜାକୁ ସରକାରଙ୍କ ଘୋଷିତ କୋଭିଡ୍ ଗାଇଡ ଲାଇନ ଅନୁଯାୟୀ କରିବାକୁ ଶାନ୍ତି କମିଟିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳି ତହସିଲଦାର ତପନ କୁମାର ସେନାପତି ଅଧ୍ୟକ୍ଷତା କରିଥିଲେ। ଆଳି ଥାନା ଅଧିକାରୀ ସଲିଲ କୁମାର ପ୍ରଧାନ କିପରି ଶାନ୍ତି ପୂର୍ଣ୍ଣ ଉପାୟରେ ପୂଜା ଅନୁଷ୍ଠିତ ହେବ ସେଥିପାଇଁ ସେ ଉପସ୍ଥିତ ପୂଜା କମିଟିର ସଦସ୍ୟ, ପଞ୍ଚାୟତ ପ୍ରତିନିଧି, ଅନ୍ୟମାନଙ୍କ ସାହାଯ୍ୟ ଓ ସହଯୋଗ ଆଶା କରିଥିଲେ। ବୈଠକରେ କେବଳ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ଶ୍ୱେତା ରାଉତ ଓ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ଆଇନଜୀବୀ ଚିରଞ୍ଜିବୀ ଦାସ, ଅକ୍ଷୟ କୁମାର ମଲିକ, ପୂଜା କମିଟିଗୁଡିକ ପକ୍ଷରୁ ମନୋଜ କୁମାର ମହାନ୍ତି, ବସନ୍ତ କୁମାର ନାୟକ, ଅନନ୍ତ ମଲିକ, ସନାତନ ବେହେରା, ଅଞ୍ଜନ ବେହେରା, ସୁନାକର ପଲାଇ, ନଳିନୀ ରଞ୍ଜନ ରାୟ ଓ ପ୍ରତାପ କୁମାର ସାହୁ, ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଧୀନତା ସଂଗ୍ରାମୀ କାହ୍ନୁଚରଣଙ୍କ ଶ୍ରାଦ୍ଧବାର୍ଷିକୀ

**ଡେରାବିଶ,୨୯।୯(ସ୍ୱ.ପ୍ର.):** ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ସଂଗ୍ରାମୀ ସ୍ୱର୍ଗତ କାହ୍ନୁ ଚରଣ ସାହୁଙ୍କ ୫ମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଅଧୀନ ଛୋଟିଠାରେ ସଂଗ୍ରାମୀ ସାହୁଙ୍କ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ସ୍ଥାନୀୟ ସରପଞ୍ଚ କୁମାର ଚନ୍ଦ୍ର ବଳ ଅଧ୍ୟକ୍ଷତା କରିଥିଲେ। ସମିତିସଭ୍ୟ ନଳିନୀକାନ୍ତ ସ୍ୱାଇଁ, ଅଜୟ କୁମାର ସାହୁ, ବିଜୟ କୁମାର ସାହୁ, ମିନତିପ୍ରଭା ସାହୁ ଓ ଇନ୍ଦୁମତି ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାନ୍ଧିଜୀଙ୍କ ଐତିହାସିକ ହରିଜନ ପଦଯାତ୍ରା ସମୟରେ ବ୍ଲକ ଅଧୀନ ବାରିମୂଳଠାରେ ଅନୁଷ୍ଠିତ ସମାବେଶରେ ଅବିଭକ୍ତ କଟକ ଜିଲାର ବହୁ ଛାତ୍ର ଓ ଯୁବକ ଆନ୍ଦୋଳନରେ ଝାସ ଦେଇଥିଲେ। ବରିଷ୍ଠ ସଂଗ୍ରାମୀ ସ୍ୱର୍ଗତ ପୁରୁଷୋତ୍ତମ ନାୟକଙ୍କ ନେତୃତ୍ୱରେ ଯାଜପୁର ଜିଲା ବରୀଠାରେ ବ୍ରିଟିଶ ସରକାରଙ୍କ କାର୍ଯ୍ୟାଳୟକୁ ଭଙ୍ଗାରୁଜା ଓ ପୋଡ଼ିବା ଆଦି କାର୍ଯ୍ୟରେ କାହ୍ନୁଚରଣଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ପ୍ରଦୀପ୍ତ, ପ୍ରତାପ ଓ ପ୍ରଭାତ ରାମଧୂନ ସହ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରିଥିଲେ।

# ପ୍ରକଳ୍ପ ପାଇଁ ଅଡୁଆ, ୨ ଆର୍‌ଟିଆଇ ତଥ୍ୟ

**କେନ୍ଦ୍ରାପଡ଼ା ଅଫିସ, ୨୯।୯**

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦରେ ଦୁଇଟି ଆର୍‌ଟିଆଇ ତଥ୍ୟ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ସମସ୍ୟା ସୃଷ୍ଟି କରିଛି। ପ୍ରକଳ୍ପର ବୈଧତାକୁ ନେଇ ପ୍ରଶ୍ନ ଉଠିଛି। ଏହାକୁ ନେଇ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ସେହିପରି ଏହି ନଦୀର ମଧୁର ଜଳ ଜାତୀୟଉଦ୍ୟାନ ଭିତରକନିକା ପାଇଁ ଗୁରୁତ୍ୱ ବହନ କରୁଛି। ପରିବେଶ ଓ ସାମାଜିକ ପ୍ରଭାବ ସମ୍ପର୍କରେ କୌଣସି ଅନୁଧ୍ୟାନ ହୋଇ ନ ଥିବା ବେଳେ ବନବିଭାଗ ଚୁପ ରହିବାକୁ ନେଇ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ଆର୍ଦ୍ରଭୂମିର ନୂତନ ଲୋଗୋରେ ସଂରକ୍ଷଣ ଆମର ମୂଳ ଲକ୍ଷ୍ୟ ଉଠାଇ ଦେଇ ବନବିଭାଗ ନିଜର ମତ ସାବ୍ୟସ୍ତ କରିଛନ୍ତି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସଂଗ୍ରାମ ସମିତିର କର୍ମକର୍ତ୍ତା ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଚନ୍ଦ୍ର ଦାସ, ଦେବେନ୍ଦ୍ରନାଥ ଶର୍ମା, ଦୋଳଗୋବିନ୍ଦ ନାୟକ, ସବିତା ବରଜ ପ୍ରମୁଖ କହିଛନ୍ତି, ବସୁଧା ଯୋଜନାରେ ଭଦ୍ରକ ଜିଲାର ୪ ପଞ୍ଚାୟତ ଓ ୩ ସହରାଞ୍ଚଳ ପାଇଁ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଏଠାରେ ପମ୍ପ ହାଉସ ନିର୍ମାଣ ପାଇଁ କୌଣସି ଜମି ଅଧିଗ୍ରହଣ ହୋଇନାହିଁ। ସହରର ଖଡିଅଙ୍ଗ ଗାଁର କ୍ଷୀତିଶ କୁମାର ସିଂହଙ୍କୁ ଜିଲା ଜମି ଅଧିଗ୍ରହଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଆରଟିଆଇ ତଥ୍ୟରେ ମିଳିଥିବା ଜଣାପଡିଛି। ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଜମି ଅଧିଗ୍ରହଣ ହୋଇ ନ ଥିବା ବେଳେ ଆନ୍ଧ୍ରପ୍ରଦେଶ ରାଜ୍ୟ କୁଜୁଲର ସେକ୍ ହୋସେନ ବାଶାହାଙ୍କ ବ୍ୟକ୍ତିଗତ ଜମି ଉପରେ କାହିଁକି ନିର୍ମାଣ ହେଉଛି। ଏହି ଯୋଜନା ଓ ନିର୍ମାଣ କାର୍ଯ୍ୟକୁ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଅଛି। ତେବେ କେଉଁ ପରିସ୍ଥିତିରେ ବିଭାଗୀୟ କାର୍ଯ୍ୟ ବଦଳରେ ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ନିର୍ମାଣ କାମ ପାଇଁ ଅନୁମତି ଦିଆଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପରିବେଶ ଓ ସାମାଜିକ ପ୍ରଭାବ ସମ୍ପର୍କରେ ଆଇଆଇଟି ହାଇଦ୍ରାବାଦ ରିପୋର୍ଟ ଉପସ୍ଥାପନ କରି ଏହି ପ୍ରକଳ୍ପ ନିର୍ମାଣ ହେଉଛି। ତେବେ ଗତ ୨୭ ତାରିଖରେ ମାର୍ଶାଘାଇ ବ୍ଲକ ତାଳସଙ୍ଗାର ପ୍ରତାପ କୁମାର ମହାନ୍ତିଙ୍କୁ ଆରଟିଆଇରେ ମିଳିଥିବା ତଥ୍ୟରେ ଏହି ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ସରକାରଙ୍କୁ କୌଣସି ରିପୋର୍ଟ ପ୍ରଦାନ କରାଯାଇ ନ ଥିବା ରେଜିଷ୍ଟ୍ରାର ସୟଦ ସାବିର ଅଲ୍ଲୀ ସ୍ପଷ୍ଟ କରିଛନ୍ତି। ଉପଯୁକ୍ତ ରିପୋର୍ଟ ନ ଥାଇ ପ୍ରକଳ୍ପ ଚାଲିବାକୁ ନେଇ ନ୍ୟାୟିକ ତଦନ୍ତ ହେଉ ବୋଲି ସେମାନେ ଦାବି କରିଛନ୍ତି। ଅପରପକ୍ଷରେ ଏହି ପ୍ରକଳ୍ପ ସମ୍ପର୍କରେ ବନ ବିଭାଗର ନୀରବତା ଉପରେ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି, ଭିତରକନିକା ଆର୍ଦ୍ରଭୂମିକୁ ମଧୁର ଜଳ ଯୋଗାଇବାରେ ଖରସ୍ରୋତା ନଦୀର ଗୁରୁତ୍ୱ ଅଧିକ। ଏଠାରେ ପ୍ରକଳ୍ପ ହେଲେ ଜଳ ସ୍ରୋତ ହ୍ରାସର ସମ୍ଭାବନା ଅଛି। ଏ ସମ୍ପର୍କରେ କୌଣସି ଷ୍ଟଡି ରିପୋର୍ଟ ନ ଥାଇ ମଧ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହା ବ୍ୟତୀତ ପ୍ରକଳ୍ପର ମୂଳ ଦୁଇ ସ୍ଥାନ ବରୁଣାଡିହା ଓ ନୂଆହାଟ ଇକୋ ସେନ୍ସିଟିଭ ଜୋନରେ ରହିଛି। ଏ ନେଇ ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ବୈଠକରେ ଅସହମତି ପ୍ରକାଶ ପାଇଥିଲା। ଶ୍ରୀକାନ୍ତ ୨୨ ଦିନ ଧରି ଅନଶନରେ ରହିବା ଓ ବନବିଭାଗ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଆଇଆଇଟି ହାଇଦ୍ରାବାଦ ରିପୋର୍ଟର ବୈଧତା ନେଇ ପ୍ରଶ୍ନ ଉଠାଇଥିଲେ। ହେଲେ ଅଦ୍ୟାବଧି ବିଭାଗୀୟ ଅଧିକାରୀମାନେ ନୀରବ ରହିଛନ୍ତି। ଯାହା ଭିତରକନିକାର ସଂରକ୍ଷଣ ପ୍ରତି ବିପଦ ସୃଷ୍ଟି କରିଛି। ଏବେ ବନବିଭାଗ ପକ୍ଷରୁ ଦୁଇଟି ନୂତନ ଲୋଗୋ ଭିତରକନିକାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି। ଏଥିରେ ପୂର୍ବରୁ ଥିବା ସଂରକ୍ଷଣ ଆମର ମୂଳ ଲକ୍ଷ୍ୟ ଟ୍ୟାଗ ଲାଇନକୁ ହଟାଇ ନିଜର ମତ ସାବ୍ୟସ୍ତ କରାଯାଇଛି ବୋଲି ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି।


Indian Institute of Technology Hyderabad
Kandi – 502 284, Telangana, India

No. IITH/40/RTI/2020/RTI/MS, dt. 27.09.2021

Furnishing of information under RTI Act.

| | | |
|---|---|---|
| 1 | Application No. & Date | IITH/OFF/21353, dated 27.09.2021 |
| 2 | Name of the Applicant | Mr. Pratap Chandra Mohanty |
| 3 | Date of Receipt of Application | 30.08.2021 |
| 4 | Information Sought | Information given and details of documents, if any, furnished |
| | i. Provide copy of Report of Environmental and Social impact study of the project 'Mega pipe Water supply project for Bhadrak district from Kharasrota river in Rajkanika Tahasil of Kendrapara district and Chandabali block of Bhadrak district (Odisha) submitted by IIT Hyderabad' | No such report is submitted by IIT Hyderabad to Government of Odisha |
| | ii. Date on which it was awarded by Govt. of Odisha and copy of the letter | Govt. of Odisha didn't award above project to IIT Hyderabad |
| | iii. Copy of decision taken by IIT Hyderabad to take up this study in Odisha including copy of the file noting | Not applicable |
| | iv. Copy of all correspondence made with Govt. of Odisha in connection with the study | Not applicable |
| | v. Copy of Details of Bill produced by IIT Hyderabad and details of payments made for the said study | Not applicable |
| | vi. Date on which the study report was presented by IIT Hyderabad to Govt. of Odisha | Not applicable |
| | vii. Details of date on which study team visited for study in Odisha and name of study team members with their designation | No team visited from IITH |

If you are not satisfied with the information provided, you may file an appeal with the following authority within 30 days.

The Appeal, if any, should be addressed to: Cmde M Nambiar, Ph.D. (Retd), Registrar & First Appellate Authority, IIT Hyderabad, Kandi, Sangareddy-502285

Sd/-
(Syed Ali Sabeer)
Deputy Registrar & CPIO


OFFICE OF THE COLLECTOR & DISTRICT MAGISTRATE, KENDRAPARA (LAND ACQUISITION SECTION)

Letter No. 1803 L.A
Date: 16.09.21

To
The Public Information Officer,
Collectorate, Kendrapara

Sub:- Supply of information as per application of Kshitish Kumar Singh under R.T.I Act. 2005.

Ref:- Your office letter No.628 / RTI dt. 03.09.21

Madam,

With reference to the letter on the subject cited above, I am to say that the land acquisition for Mega Pipe Water Supply Project under BASUDHA scheme for Bhadrak district in village Barunadiha of Rajkanika Tahasil of Kendrapara district has not yet been acquired by the undersigned. So the information could not be supplied.

This is for your information and necessary action.

Yours faithfully,
Land Acquisition Officer, Kendrapara

ଆଇଆଇଟି ହାଇଦ୍ରାବାଦ, ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯାଇ ନ ଥିବା ତଥ୍ୟ।

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
- ବନବିଭାଗ ଚୁପ୍ ରହିବା ଉପରେ ଉଠିଲାଣି ପ୍ରଶ୍ନ
- ବିଚାର ବିଭାଗ ତଦନ୍ତ ପାଇଁ ସଂଗ୍ରାମ ସମିତିର ଦାବି

### ଆଉଁରୀ ପାକ୍ସରେ ଦୁର୍ନୀତି, ସମ୍ପାଦକ ନିଲମ୍ବିତ

**ବିଞ୍ଝାରପୁର,୨୮।୯(ଡି.ଏନ.ଏ.)**



କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ଅଧୀନ ଆଉଁରୀ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନିର୍ମଳ ମଲିକଙ୍କୁ ନିଲମ୍ବନ କରାଯାଇଛି । ଋଣ ପ୍ରଦାନ, ସାର ଓ ବିହନ ଯୋଗାଇବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଆଦି ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଶୋଷଣ କରିବା ସହ ବିଭିନ୍ନ ଦୁର୍ନୀତିରେ ସେ ଜଡ଼ିତ ଥିଲେ ବୋଲି ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ପାକ୍ସ ଅଧୀନ ହଳଦିଡିହ, ଫଳପୁର, ଆଉଁରୀ, ଡିହକୁଳା, କୁଆଁରପୁର ସମେତ ବିଭିନ୍ନ ଗ୍ରାମର ଚାଷୀ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ନେଇ ଯାଜପୁର ଏଆରସିଏସର ଏକ ପ୍ରତିନିଧୀ ଦଳ ଚଳିତ ମାସ ୧୫ ତାରିଖ ଦିନ ଆଉଁରୀ ପାକ୍ସ ଅଧୀନ ବିଭିନ୍ନ ଗ୍ରାମର ଚାଷୀଙ୍କ ନିକଟକୁ ଯାଇ ତଦନ୍ତ କରିଥିଲେ । ସମ୍ପାଦକ ମଲିକ ବିଭିନ୍ନ ଦୁର୍ନୀତିରେ ଜଡ଼ିତ ଥିବା ତଦନ୍ତରୁ ଜଣାପଡ଼ିବା ପରେ ଏଆରସିଏସ୍ ଶରତ ଚନ୍ଦ୍ର ମଲିକ ଚିଠି ନଂ.– ୧ ରେ ସମ୍ପାଦକ ମଲିକଙ୍କୁ ନିଲମ୍ବନ କରିଛନ୍ତି ।

# ବତିଘରର ବକ୍ସର ଗଣେଶ


ବାଙ୍ଗାଲୋରର ଏକ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଗଣେଶ।


ପଦକ ସହ ଗଣେଶ।

**ମହାକାଳପଡ଼ା,୨୯।୯ (ଡି.ଏନ.ଏ.)**

- ସ୍ୱପ୍ନ ରହିଛି ଅଲିମ୍ପିକ କ୍ରୀଡ଼ା
- ଓଡ଼ିଶାରୁ ପ୍ରତିନିଧିତ୍ୱ ପାଇଁ ଆଶା
- ସରକାରୀ ସ୍ତରରେ ସୁଯୋଗ, ତାଲିମ ପାଇଁ ଦାବି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବତିଘର ଗାଁର ଗଣେଶ ବେରା (୨୩) ବକ୍ସିଂ କ୍ରୀଡ଼ାରେ ତାଲିମ୍ ନେଉଛନ୍ତି। ଅଦ୍ୟାବଧି ଗଣେଶ ସୁଦୂର ବାଙ୍ଗାଲୋର ସହରର ଏକ ପ୍ରମୁଖ ଷ୍ଟାର ହୋଟେଲରେ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଅବସର ସମୟରେ ବକ୍ସିଂକୁ ଆଦରି ନେଇଛନ୍ତି। ହୋଟେଲର ସହଯୋଗୀଙ୍କ ପ୍ରେରଣାରେ ଏହି କଷ୍ଟ ସାଧ ବକ୍ସିଂ କ୍ରୀଡାରେ ୮ ମାସ ହେବ ପାଦ ଥାପିଥିଲେ। ପରେ କର୍ଣ୍ଣାଟକ ରାଜ୍ୟ ମଧ୍ୟରେ ବିଭିନ୍ନ ବକ୍ସିଂ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଯଥାକ୍ରମେ ବ୍ରୋଞ୍ଜ ଓ ରୌପ୍ୟ ପଦକ ହାସଲ କରିଥିବା କହିଛନ୍ତି। ଏହି ପ୍ରତିଭାବାନ ବକ୍ସିଂ କ୍ରୀଡାବିତ୍ ଗଣେଶଙ୍କ କହିବା କଥା ମୋତେ ଓଡ଼ିଶାରୁ ସୁଯୋଗ ମିଳିଲେ ଭବିଷ୍ୟତରେ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିବା ପାଇଁ ପ୍ଲାନିଂ ରହିଛି।

ସୂଚନାଯୋଗ୍ୟ ବ୍ଲକର ବତିଘର ଗାଁ ଆଲକେସ ବେରାଙ୍କ ପୁଅ ଗଣେଶ ସ୍ଥାନୀୟ ଜ୍ଞାନମୟୀ ବିଦ୍ୟାପୀଠରୁ ୨୦୧୪ରେ ମାଟ୍ରିକ ପାସ କରିଥିଲେ। ପରେ ପାରାଦୀପ କଲେଜରୁ ଯୁକ୍ତ ୨ ପାସ ପରେ ଭୁବନେଶ୍ୱରରୁ ହୋଟେଲ ମ୍ୟାନେଜମେଣ୍ଟ କରି ସୁଦୂର ବାଙ୍ଗାଲୋର ଏକ ଷ୍ଟାର ହୋଟେଲରେ ନିଯୁକ୍ତ ହୋଇଛନ୍ତି। କାର୍ଯ୍ୟ କ୍ଷେତ୍ରରୁ ସମୟ ମିଳିଲେ ୪ ଘଣ୍ଟା ତାଲିମ ନେଇଥାନ୍ତି। ଦିନକୁ ଖାଇବା ହୋଟେଲରୁ ମିଳିଥାଏ। କ୍ଷୀର, ଅଣ୍ଡା, ଜୁସ୍, ଫଳ, ମାଛ ମାଂସ ଖାଇବାକୁ ପଡେ। ବକ୍ସିଂ କ୍ରୀଡ଼ାର ମ୍ୟାଚ୍‌ଟି ୧୨ ମିନିଟ୍ ମଧ୍ୟରେ ଶେଷ କରିବାକୁ ପଡିଥାଏ। ପ୍ରତି ୩ ମିନିଟରେ ୫୦ ସେକେଣ୍ଡ ରେଷ୍ଟ ମିଳିଥାଏ ବୋଲି ଗଣେଶ କହିଛନ୍ତି। ଓଡ଼ିଶା ଛାଡ଼ି କର୍ଣ୍ଣାଟକରେ ଖେଳୁଛି ବୋଲି କିଛି ଫିଲିଂ ରହିଛି। ଆଗାମୀଦିନରେ ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଚେଷ୍ଟା କରିବେ ବୋଲି ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି। ଘରେ ଆର୍ଥିକ ସମସ୍ୟା ଯୋଗୁ ଘର ଛାଡିଲି। ଘରେ ଥିବା ବେଳେ ବିଲରେ ଚାଷ କାମ କରିଥାଏ। ଗଣେଶଙ୍କୁ ଓଡ଼ିଶାରୁ ସୁଯୋଗ ମିଳିଲେ ଆଗାମୀଦିନରେ ଓଡ଼ିଶାର ନାମ ବିଶ୍ୱ ଅଲିମ୍ପିକ୍ସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବେ ବୋଲି ଆଶା ରଖିଛନ୍ତି। ବତିଘର ଅଞ୍ଚଳର ଏହି ଯୁବ ପ୍ରତିଭା ବକ୍ସିଂ କ୍ରୀଡ଼ାରେ ଗଣେଶଙ୍କୁ ସରକାରୀ ପ୍ରୋତ୍ସାହନ ଓ ସ୍ୱତନ୍ତ୍ର ତାଲିମ ଦେବା ପାଇଁ ବୁଦ୍ଧିଜୀବୀ ଜ୍ଞାନଦେବ ବେଉରା ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୨୯।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର-ଶାସନ ନୋଡାଲ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ରଶ୍ମୀରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସେ ପିଲାମାନଙ୍କୁ ଡାକ୍ତରୀ ବୃତ୍ତି ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭଗବତୀ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସହକାରୀ ଶିକ୍ଷକ ତପନ କୁମାର ରାୟ ଧନ୍ୟବାଦ ଦେଇଥିଲେ। ଏହାକୁ ଦୁର୍ଗାପ୍ରସାଦ ସାମନ୍ତସିଂହାର, ଗଗନ ବିହାରୀ ଭୂୟାଁ, ମହେଶ୍ୱର ବେହେରା ଓ ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ପରିଚାଳନା କରିଥିଲେ।

### ଶାସନପେଟାରେ ମ୍ୟାନଗ୍ରୁଭ ପ୍ଲାଣ୍ଟେଶନ ଆରମ୍ଭ

**ରାଜନଗର, ୨୯।୯(ଡି.ଏନ୍.ଏ.)**

ରାଜନଗର ବନ ବିଭାଗ ପକ୍ଷରୁ ଗହୀରମଥା ରେଞ୍ଜ ଅଞ୍ଚଳର ଶାସନପେଟାରିଜର୍ଭ ଫରେଷ୍ଟ ଅଞ୍ଚଳର ଓସ୍ତିରାରେ ମଙ୍ଗଳବାରଠାରୁ ମ୍ୟାନଗ୍ରୁଭ ପ୍ଲାଣ୍ଟେଶନ ଆରମ୍ଭ କରାଯାଇଛି। ଏହି ଅଞ୍ଚଳରେ ପୂର୍ବରୁ ଚିଙ୍ଗୁଡ଼ି ଘେରି କରାଯାଇଥିଲା। ଚିଙ୍ଗୁଡ଼ି ଘେରି ଓ ପାଣି ଆସିବା ପାଇଁ ନିର୍ମାଣ ହୋଇଥିବା କଲଭର୍ଟଗୁଡିକୁ ଭଙ୍ଗା ଯାଉଛି। ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି, ଏସିଏଫ ବିରଞ୍ଚି ନାରାୟଣ ସାମଲଙ୍କ ଉପସ୍ଥିତିରେ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି। ଉକ୍ତ ୧୦ ହେକ୍ଟର ଜାଗାରେ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ସିନ୍ଧୁକା ଓ ବନ୍ଦରୀ ଗଛର ୧୦ ହଜାର ଚାରା ପୋତା ଯାଇଛି। ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ନେତୃତ୍ୱରେ ବନ କର୍ମଚାରୀ ଏହି ଚାରା ପୋତିଛନ୍ତି।

ଶାସନପେଟା ଅଞ୍ଚଳରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଚିଙ୍ଗୁଡି ଘେରି କରାଯାଇଥିଲା । ଏହି ପ୍ରକଳ୍ପ ଫେଲ ମାରିବା ପରେ କେତେଜଣ ମାଫିଆ ଏହି ଜମିରେ ବେଆଇନ ଭାବେ ଚିଙ୍ଗୁଡି ଚାଷ କରୁଥିଲେ। ଏହା ରିଜର୍ଭ ଫରେଷ୍ଟ ଅଞ୍ଚଳ ହୋଇଥିଲେ ମଧ୍ୟ ବେଧଡ଼କ ଭାବେ ଚିଙ୍ଗୁଡ଼ି ଚାଷ କରୁଥିଲେ। ଏହି ଅଞ୍ଚଳ ଭିତରକନିକା ଅଭୟାରଣ୍ୟ ସତ୍ତ୍ୱେ ଚିଙ୍ଗୁଡ଼ି ଚାଷ ମାଫିଆମାନେ କରୁଥିଲେ। ଅଗରନାସୀ ମୁହାଣରୁ ଆସିଥିବା କଣ୍ଟିଲୋ କ୍ରିକ ଦେଇ ପାଣି ଆଣି ଏହି ଚିଙ୍ଗୁଡ଼ି ଚାଷ କରାଯାଉଥିଲା। ଏହି ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ି ଘେରି ହଟାଇ ସମ୍ପୂର୍ଣ୍ଣ ଅଞ୍ଚଳରେ ଲୁଣା ଜଙ୍ଗଲ ସୃଷ୍ଟି କରିବାକୁ ବନ ବିଭାଗ ପକ୍ଷରୁ ଯୋଜନା କରାଯାଇଛି।

### ଜେଲଫେରନ୍ତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା


ଜେଲରୁ ଫେରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆଳି,୨୯।୯(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖରସ୍ରୋତା ନଦୀର ବରୁଣାଡିହାଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରିବା ଅଭିଯୋଗରେ ଗିରଫ ହୋଇଥିବା ୨୪ ଜଣ ମଙ୍ଗଳବାର ଜେଲରୁ ମୁକୁଳିଛନ୍ତି। ଦୀର୍ଘ ୪୮ ଦିନ ଜେଲରେ ରହି ଘରକୁ ବୁଧବାର ଫେରିଛନ୍ତି। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଦାସଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଜେଲରୁ ମୁକୁଳିଥିବା ସଂଗ୍ରାମୀଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ। ସଂଗ୍ରାମୀମାନଙ୍କୁ ଉତ୍ତରୀୟ, ଫୁଲହାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରେ ଏକ ବାଇକ୍ ଶୋଭାଯାତ୍ରାରେ ସେମାନଙ୍କୁ ନେଇ ଅଞ୍ଚଳ ପରିକ୍ରମା କରାଯାଇଥିଲା। ସଭାରେ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଦୋଳଗୋବିନ୍ଦ ନାୟକ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ ସଭାପତି ମଙ୍ଗୁଳି ବେହେରା, ଶରତ ରାଉତ, ସବିତା ବରଜ, ବାବୁରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଦାସ କହିଥିଲେ, ଆଗାମୀଦିନରେ ପ୍ରକଳ୍ପ ନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ।

# ଗୋରୁ ବେକରେ ବାଜୁନି ବାଉଁଶ ଟିପା

**ମହାକାଳପଡ଼ା, ୨୯।୯ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳର ଗୋପାଳକ ଗୋରୁ, ମଇଁଷିକୁ ବର୍ଷା ଦିନେ ଘଞ୍ଚ ଜଙ୍ଗଲ ମଧ୍ୟକୁ ମାସ ମାସ ଧରି ଛାଡ଼ି ଦେଇଥାନ୍ତି। ଏମାନେ ଜଙ୍ଗଲରେ ବିଭିନ୍ନ ଗଛ ପତ୍ର, ଲତା ଖାଇ ଉଚ୍ଚ ସ୍ଥାନ ବାଲିକୁଦ ଦେଖି ମେଳି ହୋଇ ରହିଥାନ୍ତି। ବହୁ ସମୟରେ ଗୋରୁ ହଜିଯିବା ଆଶଙ୍କା କରି ଗୋପାଳକମାନେ ସେମାନଙ୍କ ଗଳାରେ ବାଉଁଶ ଟିପା ବାନ୍ଧି ଦେଇଥାନ୍ତି। ବାଉଁଶ ନଳୀ ସହିତ ଶକ୍ତ ସରୁ କାଠିକୁ କାଟି ଦଉଡିରେ ଗୋରୁଙ୍କ ଗଳାରେ ବନ୍ଧା ଯାଇଥାଏ। ଗୋରୁ ଚାଲିବା ସମୟରେ ଏହି ବାଉଁଶ ସହ କାଠି ବାଜି ଠଣ ଠଣ ଶବ୍ଦ ସୃଷ୍ଟି ହୋଇଥାଏ। ଫଳରେ ଜଙ୍ଗଲରେ ବାଟ ହୁଡିଥିବା ଗୋରୁଙ୍କୁ ଠାବ କରିବାରେ ସହଜ ହୋଇଥାଏ। କେତେକ କ୍ଷେତ୍ରରେ ଦୈନନ୍ଦିନ ଗୋପାଳକମାନେ ଗୋରୁ ବେକରେ ବାଉଁଶ ଟିପା ବାନ୍ଧି ଜଙ୍ଗଲକୁ ଚରାଇବାକୁ ନେଇଥାନ୍ତି। କାଳକ୍ରମେ ଏହି ବାଉଁଶ ଟିପା ଲୋପ ପାଇବାକୁ ବସିଲାଣି ବୋଲି ଗାଁର ବାବାଜୀ ଦାସ, ଶୁକଦେବ ଦାସ, ବୁଲା ଦାସ, ଶରତ କୁମାର ସେଠୀ ପ୍ରମୁଖ କହିଛନ୍ତି। ବିଶେଷକରି ବ୍ଲକର ବତିଘର, ଖରିନାସୀ, ରାମନଗର, ଜମ୍ବୁ, ସୁନୀତି, ତଣ୍ଡା ଜଙ୍ଗଲରେ ଗୋ, ମଇଁଷି ଆଦି ଗଳାରେ ଟିପା ବନ୍ଧାଯାଇଥିବା ଦେଖିବାକୁ ମିଳିଥାଏ। ଅପରପକ୍ଷରେ ଏହି ଅଞ୍ଚଳରୁ ଦୈନିକ ଗୋରୁ, ମଇଁଷିଙ୍କୁ ସ୍ୱଳ୍ପ ମୂଲ୍ୟରେ ବେପାରୀମାନେ କିଣି ଛୋଟ ବଡ଼ ଗାଡିରେ ବାଲେଶ୍ୱର, ଭଦ୍ରକ, କୋଲକାତାକୁ ବେଆଇନ ଭାବେ ଚାଲାଣ କରୁଥିଲେ ମଧ୍ୟ ପ୍ରଶାସନ ନୀରବ ସାଜିଥିବା ଅଭିଯୋଗ ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଜଙ୍ଗଲରୁ ଚରି ଫେରୁଥିବା ଗୋରୁଙ୍କ ବେକରେ ଝୁଲୁଛି ବାଉଁଶ କାଠି ଟିପା।

# ୧୦୭୭ ନଳକୂପ: ରକ୍ଷଣାବେକ୍ଷଣ ଅଭାବରୁ ବହୁ ଅଚଳ

## ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ପଞ୍ଚାୟତ କାର୍ଯ୍ୟାଳୟ ପରସ୍ପରକୁ ଦେଉଛନ୍ତି ଦୋଷ

**ନାଉଗାଁ,୨୯।୯(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଥିପାଇଁ କେଉଁଠି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ ପାଇପ ଯୋଗାଣ ହେଉଥିବା ବେଳେ ଆଉ କେଉଁଠି ନଳକୂପ ସାହାଯ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ବିଭାଗର ଦାୟିତ୍ୱହୀନତା ଓ ରକ୍ଷାଣବେକ୍ଷଣ ଅଭାବରୁ ଅନେକ ନଳକୂପ ଅଚଳ ହୋଇଯାଇଥିବା ଜଣାପଡ଼ିଛି।

ପାନୀୟ ଜଳ ପୋର୍ଟାଲର ତଥ୍ୟ ଅନୁସାରେ, ବ୍ଲକର ୧୬ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମୋଟ ୧୦୭୭ ନଳକୂପ ଖନନ କରାଯାଇଛି। ସେଥିରୁ ୮୨୧ ନଳକୂପକୁ ଜିଇଓ ଟ୍ୟାଗରେ ଫଟୋ ଉତ୍ତୋଳନ କରାଯାଇଛି। ଅବଶିଷ୍ଟ ନଳକୂପ ଖନନ ହୋଇଛି କି କାଗଜକଲମରେ ଉଲ୍ଲେଖ କରାଯାଇଛି। ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ। ମିଳିଥିବା ତଥ୍ୟ ଅନୁସାରେ ଅଲଣା ପଞ୍ଚାୟତରେ ୭୪ ନଳକୂପ ରହିଥିବା ବେଳେ ୬୫ ଜିଇଓ ଟ୍ୟାଗ ହୋଇଛି। ସେହିପରି ବଛାଲୋରେ ୫୨ରୁ ୩୫, ବାଂଶରେ ୫୪ରୁ ୪୪ଟି, ଡାବରରେ ୪୧ରୁ ୩୪ , ଡେରିକିରେ ୫୪ରୁ ୩୯, ଗଜରାଜପୁରରେ ୬୬ରୁ ୫୭, ଗଳଦାରୀରେ ୫୪ରୁ ୪୪, ଘୋଡାଂଶରେ ୭୩ରୁ ୬୨, ଜାମୁଗାଁରେ ୬୪ରୁ ୬୦, କୋରୁଅରେ ୬୭ରୁ ୬୧, ନାଉଗାଁରେ ୯୫ରୁ ୯୧, ନୁଆଗାଁରେ ୬୭ରୁ ୫୫ଟି, ଓଷକଣାରେ ୫୬ରୁ ୫୧, ରୋହିଆରେ ୬୫ରୁ ୪୯, ଶିଖରରେ ୧୦୦ରୁ ୩୨ଟି ଏବଂ ତିରୁଣାରେ ୯୫ରୁ ୪୨ନଳକୂପକୁ ଜିଓ ଟ୍ୟାଗ କରାଯାଇଛି। ତେବେ ନଳକୂପର ରକ୍ଷଣାବେକ୍ଷଣ ଅଭାବରୁ ଏଗୁଡ଼ିକ ମଧ୍ୟରୁ ଅନେକ ଅଚଳ ହୋଇଯାଇଛି। ଏହି ଦାୟିତ୍ୱ କାହାର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ଏଗୁଡିକର ରକ୍ଷାଣବେକ୍ଷଣ ଦାୟିତ୍ୱ ପଞ୍ଚାୟତର ବୋଲି କହୁଥିବାବେଳେ ପଞ୍ଚାୟତ ପ୍ରତିନିଧିମାନେ ବିଭାଗ ଆଡକୁ ଠେଲି ଦେଉଛି। ଫଳରେ ଜନସାଧାରଣ ପାନୀୟ ଜଳ ପାଇଁ ସମସ୍ୟା ଭୋଗୁଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଜଗତସିଂହପୁର ଏସଡିଓ ତପନ ରାଉତଙ୍କୁ ପଚାରିବାରୁ, ନଳକୂପଗୁଡ଼ିକର ରକ୍ଷାଣବେକ୍ଷଣ ଦାୟିତ୍ୱ ଉଭୟ ଗ୍ରାମ୍ୟ ଜଳ ଯୋଗାଣ ଓ ପଞ୍ଚାୟତ କାର୍ଯ୍ୟାଳୟର ବୋଲି କହିଛନ୍ତି।ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ନଳକୂପ ଅଚଳ ସମ୍ପର୍କରେ ସୂଚନା ଦିଆଗଲେ ବିଭାଗ ପକ୍ଷରୁ ମରାମତି କରାଯାଏ ବୋଲି ସେ କହିଛନ୍ତି।


ଅନାବନା ଗଛରେ ନଳକୂପ ଲୁଚି ଯାଇଛି।

## ବିଶାଖାପାଟଣାରେ ଓଡ଼ିଆ ଯୁବକ ମୃତ

ବାଲିଚନ୍ଦ୍ରପୁର,(ସ୍ୱ.ପ୍ର.): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବରଦା ଗ୍ରାମର ଗଗନ ବିହାରୀ ସାମଲ (୪୦)ଙ୍କ ମଙ୍ଗଳବାର ବିଶାଖାପାଟଣାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗଗନ ବିଶାଖାପାଟଣାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗଗନଙ୍କ ୨ ଝିଅ ଓ ସ୍ତ୍ରୀ ଅଛନ୍ତି। ଏହି ଖବର ଗାଁରେ ପହଞ୍ଚିବ ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବଢୁଛି ବେଆଇନ ଖଣି କାର୍ଯ୍ୟ

- ବନ୍ଦ ଖଣିରୁ ଚାଲିଛି ଚୋରାଚାଲାଣ
- ଅସୁରକ୍ଷିତ ଖଣି, ବିପଦରେ ଶ୍ରମିକ

**ଯାଜପୁର ଅଫିସ,୨୯।୯**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ବେଆଇନ ଖଣି କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି। ବନ୍ଦ ରହିଥିବା କଳରଙ୍ଗୀ କ୍ରୋମାଇଟ ଖାଦାନ ନମ୍ବର–ଏଫ୍ ଓ ଡି, ଭୀମଟାଙ୍ଗର ଖାଦାନ ନମ୍ବର–୧, ଫେକର ଖଣିକୁ ଲାଗି ରହିଥିବା ଭୀମଟାଙ୍ଗର ଖଣି, ଚିଙ୍ଗୁଡ଼ିପାଳ କ୍ରୋମାଇଟ ଖଣି ଇତ୍ୟାଦି ଖାଦାନରୁ ଦିନଦ୍ୱିପ୍ରହରରେ କ୍ରୋମାଇଟ ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଏହାବାଦ୍ ସରକାରୀ ଲିଜ୍ ଅନୁଯାୟୀ ଚାଲିଥିବା ଖଣିଗୁଡିକରେ ଆଇବିଏମ୍(ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ) ପ୍ଲାନକୁ ଅବମାନନା କରି ଖଣି କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଏଥିରେ ବେଦାନ୍ତ ଓସ୍ତପାଳ ଖଣିକୁ ଉଦାହରଣ ଭାବେ ନିଆଯାଇପାରେ। ଖଣିଠାରୁ ଉତ୍ତର ଦିଗକୁ ଥିବା ଡମ୍ପର ଦୂରତା ଅସୁରକ୍ଷିତ ଭାବେ ମାତ୍ର ୨୦ ମିଟର ଏବଂ ଦକ୍ଷିଣକୁ ରହିଥିବା ଡମ୍ପର ଦୂରତା ମାତ୍ର ୩୦ ମିଟର ରହିଛି। ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି (ଡିଜିଏମ୍ଏସ୍) ପକ୍ଷରୁ ହୋଇଥିବା ତଦନ୍ତରେ ଏହା ସ୍ପଷ୍ଟ ହୋଇଛି।

ତେବେ ବେଆଇନ କାମ ଚାଲୁ ନାହିଁ ବୋଲି ଖଣି ବିଭାଗ ବାହୁସ୍ଫୋଟ ମାରୁଥିବାରୁ ସେମାନଙ୍କ ଭୂମିକା ଏବେ ପୁଣି ସନ୍ଦେହ ଘେରରେ ରହିଛି। ଏହାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ଯାଜପୁର ରୋଡ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କ ଅଧୀନରେ ବର୍ତ୍ତମାନ ୧୧ଟି କ୍ରୋମାଇଟ ଓ ଗୋଟିଏ ଲୁହାପଥର ଖଣି ଚାଲିଛି। ଏଥିରେ ବାଲେଶ୍ୱର ଆଲଏଜର ୧, ଫରୋ ଆଲଏଜ କର୍ପୋରେଶନ ଲିଜର ୨ଟି, ଆଇଡିସି ଅଫ୍ ଓଡିଶା ଲିଜର ଗୋଟିଏ, ଇମ୍ପାର ୨ଟି, ଓଏମ୍‌ସିର ୩ଟି, ଟାଟା ଷ୍ଟିଲ ମାଇନିଂ ଲିଜର ୩ଟି ଖଣି ରହିଛି। ବେଆଇନ ଭାବେ କେତେକ ଜଙ୍ଗଲ ଜମିରେ ବିନା ଅନୁମତିରେ ରାସ୍ତା ନିର୍ମାଣ, ଆବଶ୍ୟକ ଦୂରତାରେ ଡମ୍ପ ନିର୍ମାଣ ନ କରିବା, ସେଫ୍ଟି ଜୋନ୍‌ରେ ବେଆଇନ ଭାବେ କାମ ହେଉଥିବା, ବିନା ଅନୁମତିରେ କ୍ରଶର ଚାଲିବା, ସବୁଜ ବଳୟ ସୃଷ୍ଟି କରାଯାଇ ନ ଥିବା, ଜଙ୍ଗଲ ଓ ପରିବେଶ ବିଭାଗର ବିନା ଅନୁମତିରେ ଓ ଆଇବିଏମ୍ ପ୍ଲାନ୍ ବାହାରେ ସୀମା ପିଲର ହଟାଇ କାମ ଇତ୍ୟାଦି ବେଆଇନ ଭାବେ ଚାଲିଥିବା ଅଭିଯୋଗ ଉଠିଛି। ଆଇବିଏମ୍ ପ୍ଲାନ୍ ଅନୁଯାୟୀ


ସୁକିନ୍ଦା ଫାକର ଖଣି ଅଞ୍ଚଳ।

ଲିଜ୍‌ଧାରୀ ଖଣି କାର୍ଯ୍ୟ ପୂର୍ବରୁ ଅନୁମତି ମିଳିଥିବା ଅଞ୍ଚଳ ଉପରୁ ମାଟିସ୍ତରକୁ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସାଇତି ରଖାଯାଏ। ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଉକ୍ତ ଖଣିକୁ ପୋତାଯାଏ ଏବଂ ସେଠାରେ ସାଇତା ମାଟିର ଆସ୍ତରଣ ବିଛାଯାଇଥାଏ। ସେହିପରି କେଉଁଠି ରାସ୍ତା ହେବ,ଉତ୍ତୋଳିତ ଲୁହାପଥର ଗଚ୍ଛିତ କରାଯିବ,ମଇଳା ଆବର୍ଜନା ଗଚ୍ଛିତ କରାଯାଇ ଡମ୍ପ ନିର୍ମାଣ ହେବ ତାହା ସ୍ଥିର ହୋଇଥାଏ। ତେବେ ଏହିସବୁ ନିୟମ ପାଳନ ହେଉ ନ ଥିବା ଓ ପ୍ଲାନ ବାହାରେ କାମ ହେଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଓସ୍ତପାଳ ଖଣିରେ ଆଇବିଏମ୍ ପ୍ଲାନର ଅବମାନନା ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ ସେଣ୍ଟ୍ରାଲାଇଜଡ୍ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ ମାଧ୍ୟମରେ ଗତ ୯।୪।୨୦୨୧ ଏବଂ ୧୬।୪।୨୦୨୧ରେ ଆର.କେ. ସିଂ ଓ ସୁରେଶ କୁମାର ଅଭିଯୋଗ କରିଥିଲେ। ଏହାପରେ ଡିଜିଏମ୍ଏସ୍ ପକ୍ଷରୁ ତତ୍ପରତା ପୂର୍ବକ ତଦନ୍ତ ଆରମ୍ଭ ହୋଇଥିଲା। ଓସ୍ତପାଳ କ୍ରୋମାଇଟ ଖଣିର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଖଣି ଓ ଡମ୍ପର ଦୂରତା ଅନ୍ୟୂନ ୧୦୦ ମିଟର ଏବଂ ଡମ୍ପର ଉଚ୍ଚତା ଅତି ବେଶିରେ ୬୦ ମିଟର ମଧ୍ୟରେ ରଖିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଡିଜିଏମ୍‌ଏସ୍‌ର ଏହି ପରାମର୍ଶକୁ କମ୍ପାନୀ କର୍ତ୍ତୃପକ୍ଷ ଭ୍ରୂକ୍ଷେପ କରି ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଗତ ଜୁନ୍ ୧୭ ଓ ୧୮ରେ ଡିଜିଏମ୍ଏସ୍ ଭୁବନେଶ୍ୱର କ୍ଷେତ୍ର ଡେପୁଟି ଡାଇରେକ୍ଟର ଇନୁମୁଲା ସତ୍ୟନାରାୟଣ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରିଥିଲେ। ଏହି ତଦନ୍ତ ରିପୋର୍ଟ ମିଳିବା ପରେ ଡିଜିଏମ୍ଏସ୍ ପକ୍ଷରୁ ପତ୍ରସଂଖ୍ୟା ବିବିଆର/ ପିଜି/୨୦୨୧/ ୩୮୧/ ୨୭।୨୦୨୧ରେ ଖଣି ଖନନ ଉପରେ ଆଇନ ଅନୁସାରେ ବନ୍ଦ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ବନ୍ଦ ନିର୍ଦ୍ଦେଶ କେବଳ କାଗଜ କଲମରେ ସୀମିତ ରହିଥିଲା। ବାସ୍ତବରେ ଖଣି ଉତ୍ତୋଳନ ଏଯାଏ ଜାରି ରହିଥିବା ଅଭିଯୋଗ ହେଉଛି। ଅନୁରୂପ ଭାବେ ଅନ୍ୟାନ୍ୟ ଖଣି କମ୍ପାନୀ ମଧ୍ୟ ଆଇବିଏମ୍ ଗାଇଡ୍‌ଲାଇନକୁ ଅବମାନନା କରି ଚାଲିଛନ୍ତି। ଖଣି ସୁରକ୍ଷା ଜୋନ୍ କରାଯାଉ ନାହିଁ, ଖଣିର ସୀମାରେ ଥିବା ପିଲରଗୁଡ଼ିକୁ ନଷ୍ଟ କରାଯାଉଛି, ଖଣି ଚାରିପାଖରେ ୭.୫ ମିଟର, ରାସ୍ତା ପାର୍ଶ୍ୱରେ ୧୫ ମିଟର, ନଦୀନାଳ ଚାରିପାଖରେ ୫୦ ମିଟର ଚଉଡ଼ାର ସୁରକ୍ଷା ଜୋନ୍ କରାଯାଇ ବନୀକରଣ କରିବା ଆଦି ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏହାବାଦ୍ ଖଣି ଶ୍ରମିକଙ୍କ ସୁରକ୍ଷା ପାଇଁ ଆଇନଗତ ସୁବିଧା ଯଥା କ୍ରେଚ୍, ବିଶୁଦ୍ଧ ପାନୀୟ ଜଳ, ଆଶ୍ରୟସ୍ଥଳି ଆଦି ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷେ ବନ୍ଦ ରହିଥିବା ଖଣିଗୁଡିକରୁ କ୍ରୋମାଇଟ ଚୋରି କରି ବସ୍ତାରେ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ବିପୁଳ ଟଙ୍କାର ଗଚ୍ଛିତ ଖଣିକୁ ଖୋଲାମେଲା ଛାଡି ଦିଆଯାଇଥିବାରୁ କେତେକ ଖଣି କମ୍ପାନୀ ଲୋକ ଲଗାଇ ଏଭଳି ଭାବେ କ୍ରୋମାଇଟ ଚୋରି କରୁଥିବା ଅଭିଯୋଗ ହେଉଛି। ଏହାସହ ଚାଲିଥିବା ଖଣିରୁ କ୍ରୋମାଇଟ୍ ପରିବହନ ସମୟରେ ରାସ୍ତାରେ ଚୋରି ହେଉଥିବା ମଧ୍ୟ ଯାଜପୁର ଜିଲାରେ ନଜିର ରହିଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ ଡିଡିଏମ୍ ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଜମି ବିବାଦକୁ ନେଇ ଆକ୍ରମଣ, ୪ ଆହତ

**ରସୁଲପୁର,୨୯।୯(ଡି.ଏନ.ଏ.)**

କୁଆଖିଆ ଥାନା ଓଡିଶୋ ପଞ୍ଚାୟତ ଓଡିଶୋ–ଅଣ୍ଟେଇଗୋଡା ଗ୍ରାମରେ ବିବାଦୀୟ ଜମିରେ ଘର ନିର୍ମାଣକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏସଂକ୍ରାନ୍ତରେ ବୁଧବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ନକୁଳ ସାମଲଙ୍କ ଜମି ଉପରେ ସେହି ଗ୍ରାମର ନିର୍ମଳ ସାମଲ ଘର ନିର୍ମାଣ କରୁଥିଲେ। ଉକ୍ତ ଜମିକୁ ନେଇ ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି । ଏ ନେଇ କୋର୍ଟରେ ମାମଲା ଚାଲୁଛି । ଏହାକୁ ଅବମାନା କରି ନିର୍ମଳ ପରିବାର ପକ୍ଷରୁ ବିବାଦୀୟ ଜାଗାରେ ଘର ନିର୍ମାଣ କରୁଥିବା ଜାଣି ନକୁଳଙ୍କ ପରିବାର ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ। ନିର୍ମଳ ତହସିଲଦାରଙ୍କଠାରୁ ଅନୁମତି ଆଣି ଘର ନିର୍ମାଣ କରୁଛନ୍ତି ବୋଲି ନକୁଳଙ୍କୁ କହିଥିଲେ। ଏହାପରେ


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ନକୁଳଙ୍କ ପରିବାର ସଦସ୍ୟମାନେ।

ନକୁଳ ଓ ତାଙ୍କ ପୁଅମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ପଚାରି ବୁଝିଥିଲେ। ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ସେ ନିର୍ମାଣ କରିବାକୁ କାହାରିକୁ ଅନୁମତି ଦେଇନାହାଁନ୍ତି ବରଂ ତହସିଲ ପକ୍ଷରୁ ଜମି ଉପରେ ଯେକୌଣି ନିର୍ମାଣ ପାଇଁ ୬୦ଦିନ ନିଷେଧାଦେଶଜାରି କରାଯାଇଛି ବୋଲି ତହସିଲଦାର ସୂଚନା ଦେଇଥିଲେ । ତହସିଲରୁ ଘରକୁ ଫେରୁଥିବା ସମୟରେ ନକୁଳ ଓ ତାଙ୍କ ପୁଅ ସୁଶାନ୍ତ, ଅର୍ଜୁନ, ପାଣ୍ଡବଙ୍କୁ ନିର୍ମଳ ଓ ତାଙ୍କ ୩ ପୁଅ, ଭାଇ ପବିତ୍ର, ବିନୋଦ ପ୍ରମୁଖ ମରଣାତ୍ମକ ଆକ୍ରମଣ କରିଥିଲେ। ନିର୍ମଳ ଓ ତାଙ୍କ ସହଯୋଗୀମାନେ ଅଭିଯୋଗକାରୀମାନଙ୍କୁ ଜୀବନରୁ ମାରିଦେବାକୁ ମାରଣାସ୍ତ୍ର ଧରି ଗୋଡାଇ ଥିଲେ। ସେମାନେ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ଏହି ଆକ୍ରମଣରେ ନକୁଳଙ୍କ ସମେତ ୩ ପୁଅଙ୍କୁ ମିଶାଇ ମୋଟ ୪ଜଣ ଲୋକ ଆହତ ହୋଇଛନ୍ତି ।

## ସରପଞ୍ଚଙ୍କୁ ବଦନାମ କରିବାକୁ ଚକ୍ରାନ୍ତ ଅଭିଯୋଗ

**ରସୁଲପୁର,୨୯।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ସରପଞ୍ଚ ଚିନ୍ତାମଣୀ ସୁରଙ୍କୁ ବଦନାମ କରିବାକୁ ଚକ୍ରାନ୍ତ କରାଯାଉଛି ବୋଲି ସେ ଏକ ପ୍ରେସ୍ ବିବୃତି ଜରିଆରେ ସୂଚନା ଦେଇଛନ୍ତି । ସୋମବାର ଦିନ ସେ ପଞ୍ଚାୟତର ହିଙ୍ଗୁଳା ଗୋପାଳପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ବୈଠକରେ ଯୋଗଦେବାକୁ ଯାଇଥିଲେ । ବୈଠକ ଚାଲୁଥିବା ବେଳେ ବରୀ ବିଧାୟିକା ସୁନନ୍ଦା ଦାସ ଓ ରସୁଲପୁର ବିଡିଓ ଉମାକାନ୍ତ ପରିଡା ବିଦ୍ୟାଳୟରେ ପହଁଞ୍ଚି ଥିଲେ । ମୋ ସ୍କୁଲ ଉନ୍ନୟନ କାର୍ଯ୍ୟ ତଦାରଖ କରିବା ପାଇଁ ବିଧାୟିକା ବିଦ୍ୟାଳୟକୁ ଆସିଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଅନ୍ୟମାନେ ବିଧାୟିକାଙ୍କ ସହ ନିର୍ମାଣଧୀନ କାର୍ଯ୍ୟ ବୁଲି ଦେଖିଥିଲେ । ସେତେବେଳେ ସେ ମିଟିଂ ଚାଲୁଥିବା ପ୍ରକୋଷ୍ଠରେ ବସିଥିଲେ। ବିଧାୟିକାଙ୍କ ସମୀକ୍ଷା ସରିବା ପରେ ଫଟୋ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେତେବେଳେ ବିଧାୟିକା ଦାସ ଓ ବିଡିଓ ପରିଡା ତାଙ୍କ ସହ ଫଟୋ ଉଠାଇବାକୁ ଡାକିଥିଲେ । ମାତ୍ର ସେ ସେମାନଙ୍କ ସହ ଫଟୋ ଉଠାଇବାକୁ ଯାଇ ନ ଥିଲେ । ହେଲେ ସରପଞ୍ଚ ବିଜେଡିରେ ସାମିଲ ହୋଇଥିବା ନେଇ ବିଭିନ୍ନ ସ୍ଥାନରେ ଚର୍ଚ୍ଚା ହେଉଥିବା ସମ୍ପର୍କରେ ସେ ସୂଚନା ପାଉଛନ୍ତି । ଏହା ଜାଣି ସେ ଖୁବ୍ ମର୍ମାହତ ହୋଇଛନ୍ତି । ସେ ବିଜେଡିରେ ସାମିଲ ହୋଇନାହାଁନ୍ତି । ବିଧାୟିକାଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଦ୍ୟାଳୟକୁ ଯାଇ ନ ଥିଲେ ବରଂ ପରିଚାଳାନା କମିଟି ବୈଠକରେ ଯୋଗଦେବା ପାଇଁ ସେ ସେଠାକୁ ଯାଇଥିଲେ ବୋଲି ସରପଞ୍ଚ ଦେଇଥିବା ବିବୃତିରେ ସ୍ପଷ୍ଟ କରିଛନ୍ତି । ତାଙ୍କୁ ବଦନାମ କରିବା ପାଇଁ ତାଙ୍କ ବିରୋଧରେ ଏହା ଏକ ଷଡଯନ୍ତ୍ର ବୋଲି ପ୍ରକାଶ କରିଛନ୍ତି ।

## ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ

### ରାଜ୍ୟରେ ଯାଜପୁର ଜିଲା ଦ୍ୱିତୀୟ

**ପାଣିକୋଇଲି,୨୯।୯(ଡି.ଏନ.ଏ.)**

ପାଣିକୋଇଲି ହାଇସ୍କୁଲ ସଭାଗୃହରେ ମଙ୍ଗଳବାର ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା ମୋ ସ୍କୁଲ ଅଭିଯାନର ପରିଚାଳନା ସଙ୍ଗଠନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଚିଫ୍ ଅପରେଟିଂ ଅଫିସର ଅମରଜିତ୍ ଜେନା, ଜୋନାଲ ପ୍ରୋଜେକ୍ଟ ମନିଟରିଂ ଅଫିସର ଶୁଭ୍ରା ପାଳିତ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶେଷଧର ସିଂହ ପ୍ରମୁଖ ଅତିଥି ଭାବେ


ସମୀକ୍ଷା ବୈଠକରେ ଯୋଗଦେଇଥିବା ଅତିଥିମାନେ।

ଯୋଗଦେଇଥିଲେ । ଗତ ମାସରେ ଯାଜପୁର ଜିଲା ମୋ ସ୍କୁଲ ଅଭିଯାନରେ ସାରା ରାଜ୍ୟରେ ଦ୍ୱିତୀୟ ସ୍ଥାନକୁ ଆସିଥିବାରୁ ସମସ୍ତଙ୍କ ପ୍ରଚେଷ୍ଟାକୁ ଜିଲା ଶିକ୍ଷାଧିକାରୀ ସ୍ୱାଗତ କରିବା ସହ ଚଳିତ ମାସରେ ଏକ ନମ୍ବର ସ୍ଥାନ ଗ୍ରହଣ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପାଣିକୋଇଲି ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁ ଚରଣ ପଣ୍ଡା, ଜିଲାର ବିଭିନ୍ନ ବ୍ଲକ ଶିକ୍ଷାଧିକାରୀ ବଳରାମ ନାୟକ, ସୁଦର୍ଶନ ମଲ୍ଲିକ, ନିକୁଞ୍ଜ ମହାନ୍ତି, ହରିହର ଦଳାଇ, କୁନା ବେହେରା, ସେକ ହୁମାୟୁନ ପ୍ରମୁଖ ଉପସ୍ଥିତ ଥିଲେ ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ପାଣିକୋଇଲି,୨୯।୯(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ବନ୍ତଳା ଗ୍ରାମର ଜଣେ ଯୁବତୀ ପ୍ରତାରଣାର ଶିକାର ହୋଇ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ । ଏବେ ସେହି ଯୁବତୀ ଗର୍ଭବତୀ ହୋଇଛନ୍ତି। ହେଲେ ସମ୍ପୃକ୍ତ ଯୁବକ ବିବାହ ପାଇଁ ମନା କରି ଘରୁ ଫେରାର ହୋଇଯାଇଛନ୍ତି। ଯୁବତୀ ଜଣକ ବଡ଼ଚଣା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବୁଧବାର ପୀଡ଼ିତା ଏସ୍‌ପି ରାହୁଲ ପିଆରଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି । ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## 'ପୂଜ୍ୟପୂଜାକୁ ଗୁରୁତ୍ୱ ଦେଲେ ଆତ୍ମସନ୍ତୋଷ ମିଳେ'

**ବରୀ,୨୯।୯(ଡି.ଏନ.ଏ.)**

ଆଜିର ବିଜ୍ଞାନ ଯୁଗରେ ମଣିଷ ଯେତେ ଉପରକୁ ଗଲେ ବି ପୂଜ୍ୟପୂଜାର ଗୁରୁତ୍ୱ ରହିଛି । ବରିଷ୍ଠମାନଙ୍କ ଆଶୀର୍ବାଦ ଯୋଗୁ ସବୁ ସମ୍ଭବ ହୋଇଥାଏ । ପୂଜ୍ୟପୂଜାକୁ ଗୁରୁତ୍ୱ ଦେଲେ ଆତ୍ମ ସନ୍ତୋଷ ମିଳିଥାଏ ବୋଲି ବୁଧବାର ଗୋପବନ୍ଧୁ –ରମାଦେବୀ ଆଶ୍ରମଠାରେ ଅନୁଷ୍ଠିତ ମନିନ୍ଦ୍ର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭାରେ ଯୋଗଦେଇ ବରୀ ବିଧାୟିକା ସୁନନ୍ଦା ଦାସ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ଦେବ ପ୍ରସାଦ ସାମଲ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ କେଦାର ସାମଲ, ସଂଯୋଜକ ଦେବେନ୍ଦ୍ର ଦାସ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ନୃସିଂହ ବେହେରା, ପ୍ରାକ୍ତନ ବରୀ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାମଲ, ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ବିଶ୍ୱାଳ, କର୍ଣ୍ଣ ଚନ୍ଦ୍ର ଘଡାଇ, ବିଷ୍ଣୁଚରଣ ମହାନ୍ତି, ସରପଞ୍ଚ ସନ୍ତୋଷ ସାମଲ ପ୍ରମୁଖ ଯୋଗଦେଇ ସାମଲ ଜଣେ ବ୍ୟକ୍ତି ନୁହନ୍ତି, ଏକ ଅନୁଷ୍ଠାନ ବୋଲି କହିଥିଲେ । ବାପା ତଥା ସ୍ୱାଧୀନତା ସଂଗ୍ରାମୀ ବସୁଦେବ ସାମଲଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମନିନ୍ଦ୍ର ମାଟି ମା'ରସେବା କରିବା ପାଇଁ ଆଗେଇ ଆସିଥିଲେ। ତାଙ୍କ ଉଦ୍ୟମରେ ବରୀ ଅଞ୍ଚଳରେ ପ୍ରଥମ ମହିଳା ବିଦ୍ୟାଳୟ ସ୍ଥାପନ ହୋଇଥିଲା ବୋଲି ବକ୍ତାମାନେ କହିଥିଲେ।

## ଖଣି ନିଗମ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କାଳିଆପାଣି,୨୯।୯(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ ପରିଚାଳିତ ସୁକରଙ୍ଗୀ ଓ ସାଉଥ୍ କାଳିଆପାଣି ଖଣି ପକ୍ଷରୁ ମଙ୍ଗଳବାର ଓ ବୁଧବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣି ନିଗମ ଆଞ୍ଚଳିକ ପରିଚାଳକ ଇଂ. ପ୍ରଶନ୍ନ କୁମାର ସ୍ୱାଇଁ ଙ୍କ ନିର୍ଦ୍ଦେଶକ୍ରମେ ଖଣି ନିଗମ କ୍ରୋମଜୋନ ପକ୍ଷରୁ ଖଣି ଅଞ୍ଚଳର ବିଭିନ୍ନ ସ୍ଥାନ ସଫେଇ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସୁକୁରଙ୍ଗୀ ଖଣି ପକ୍ଷରୁ ସାରୁଆବିଲ ଗ୍ରାମରେ ଏହାର ଶୁଭାରମ୍ଭ କରାଯାଇଛି । ସୁକରଙ୍ଗୀ ଖଣି ପରିଚାଳକ ଇଂ. ମାୟାଧର ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସରୁଆବିଲ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ସହାୟତାରେ ସଫେଇ କରାଯାଇଥିଲା। ସେହିପରି ଦକ୍ଷିଣ କାଳିଆପାଣି ଖଣି ପକ୍ଷରୁ ଡିଜିଏମ୍ କାଠି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଖଣି ନିଗମ ସିଏସ୍ଆର ଦାୟିତ୍ୱରେ ଥିବା ମଧୁସ୍ମିତା ଦାସଙ୍କ ନେତୃତ୍ୱରେ ଖଣି ନିଗମ କଲୋନୀରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଆଞ୍ଚଳିକ ପରିଚାଳକ ପ୍ରଶନ୍ନ କୁମାର ସ୍ୱାଇଁ, ପ୍ରଶାସନିକ ଅଧିକାରୀ ସୁମିତ ପାଢୀ ଓ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀରଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ ।


ଖଣି ନିଗମ କଲୋନୀରେ ସଫେଇ କାର୍ଯ୍ୟ ଚାଲିଛି।

## ଚୋରା ମୋରମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ

### ଶ୍ରମିକ ବଦଳରେ ବ୍ୟବହାର ହେଉଛି ମେଶିନ

**ରଗଡ଼ି,୨୯।୯(ଡି.ଏନ.ଏ.)**

ଯାଜପୁର ଜିଲା କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ ନ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅର୍ଥ ହରିଲୁଟ କରାଯାଉଥିବା ଅଭିଯୋଗ ହୋଇଛି । ଶ୍ରମିକ ବଦଳରେ ମେଶିନରେ କାମ କରି ଅନୁଦାନର ସିଂହଭାଗ ଅର୍ଥ ଆତ୍ମସାତ୍ କରାଯାଉଛି । ଏ ସଂକ୍ରାନ୍ତରେ ବ୍ଲକ ଉନ୍ନୟନ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ କିଛି ସୁଫଳ ମିଳୁନି। ଏହି ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମକୁ ଏହାର ଉଦାହରଣ ଭାବେ ନିଆଯାଇପାରେ । ଉକ୍ତ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କଡମ ଗ୍ରାମର ନୂଆଗଡ଼ିଆଠାରୁ ହରିଜନ ସାହି ପର୍ଯ୍ୟନ୍ତ ୫୦୦ ମିଟର ମୋରମ ରାସ୍ତା


ନୂଆଗଡ଼ିଆଠାରୁ ହରିଜନ ସାହିକୁ ପଡ଼ିଥିବା ରାସ୍ତା।

ନିର୍ମାଣ ନିମନ୍ତେ ୫ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିଲା । ସ୍ଥାନୀୟ ଶ୍ରମିକଙ୍କୁ ଏହି କାମରେ ପ୍ରାଧାନ୍ୟ ଦିଆଯିବା ନେଇ ପ୍ରାବିଧାନ ରହିଛି। ହେଲେ ଠିକାଦାର ନିଜର ମନ ମୁତାବକ ମେଶିନ ସାହାଯ୍ୟରେ କାମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିଭଳି କେନ୍ଦୁଝର ଜିଲା ପଦନା ଅଞ୍ଚଳରୁ ରାତିଅଧିଆ ଚୋରା ମୋରମ ଆଣି ଏହି ରାସ୍ତାରେ ଢଳାଯାଇଛି। ମେଶିନ ସାହାଯ୍ୟରେ ଏହାକୁ ସମତୁଲ କରି ମିଥ୍ୟା ଶ୍ରମିକ ଜବ୍‌କାର୍ଡ ଓ ଜାଲ୍ ମଷ୍ଟରରୋଲ ତିଆରି କରି ଶ୍ରମିକ ପାଉଣା ବାବଦରେ ୧ ଲକ୍ଷ ୧୬ ହଜାର ଟଙ୍କା ବିଲ କରିବାକୁ ମସୁଧା ଚାଲିଥିବା ଗ୍ରାମବାସୀ କହିଛନ୍ତି। ସେହିପରି କୌଣସି ମେଟେରିଆଲ ବ୍ୟବହାର ନ କରି ୩ ଲକ୍ଷ ୮୪ ହଜାର ଟଙ୍କାର ବିଲ କରି ସିଂହଭାଗ ଅର୍ଥ ହରିଲୁଟ କରିବାକୁ ସମସ୍ତ ପ୍ରକାର ବନ୍ଦୋବସ୍ତ ସରିଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଗ୍ରାମବାସୀ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏନେଇ କନିଷ୍ଠ ଯନ୍ତ୍ରୀ ମୀନା ମହାପାତ୍ରଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେ ତାଙ୍କ ମୋବାଇଲ କଲ୍ ଗ୍ରହଣ କରି ନ ଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଏଦିଗରେ ଦୃଷ୍ଟି ଦେଇ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ,୨ ଗୁରୁତର

**କାଳିଆପାଣି,୨୯।୯(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅଧୀନ କାଙ୍କଡ଼ପାଳ ପଞ୍ଚାୟତ ଭାଲୁକିପାତଳା ନୂଆପାଣି ଗ୍ରାମରେ ଧାନ ବାଛିବା କାମ କରୁଥିବା ବେଳେ ବଜ୍ରପାତ ଘଟି ଜଣଙ୍କ ମୃତ ଘଟିଛି । ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ସୁରୁ ଗାଗରାଇ(୨୩) । ଗୁରୁଚରଣ ମୁଣ୍ଡା ଓ ବେଦେରା ଆହତ ହୋଇଛନ୍ତି । ସେମାନେ ୩ ଜଣ ସାଙ୍ଗହୋଇ ବିଲରୁ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା । ସୁରୁ ବିଲରେ କାମ କରୁଥିବା ଲୋକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନେଇ ବିଲକୁ ଯାଉଥିଲେ ।

### ଚୋରା ମଦ ଜବତ, ୨ ଗିରଫ

**ଦଶରଥପୁର,୨୯।୯(ଡି.ଏନ.ଏ.):** ଯାଜପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦଶରଥପୁର ବ୍ଲକ୍‌ର ୨ ସ୍ଥାନରେ ଚଢାଉ କରାଯାଇ ଚୋରା ମଦ ଜବତ କରାଯିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମଙ୍ଗଳପୁର ଥାନା ଅଧୀନ ବୈଷ୍ଣପାନ ଛକର ମଦ ବ୍ୟବସାୟୀ ଶରତ ଚନ୍ଦ୍ର ଦାସ । ତାଙ୍କ ଘରୁ ୨ ଲିଟର ୮୦ ମିଲି ବିଦେଶୀ ମଦ ଜବତ କରାଯାଇଛି । ସେହିପରି ଖଣ୍ଡରା ଛକ ନିକଟରେ ଦେଶୀ ମଦ ବିକ୍ରୀ କରୁଥିବା ମନୋଜ ବେହେରାଙ୍କୁ ଗିରଫ କରାଯାଇଛି । ତାଙ୍କ ଭାଟିରୁ ୩୫ ଲିଟର ଦେଶୀମଦ ଜବତ କରାଯାଇଛି । ଏହି ଚଢାଉ ଲୋକ ଦେଖାଣିଆ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଶରତ ଜଣେ ବଡ଼ ମଦ ବ୍ୟବସାୟୀ। ତାଙ୍କ ଘରୁ ଏତେ କମ୍ ପରିମାଣର ମଦ ଜବତ ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ସଂକୀର୍ତ୍ତନ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିଚନ୍ଦ୍ରପୁର,୨୯।୯(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଗ୍ରାମର ସଂକୀର୍ତ୍ତନ ଗୁରୁ ବ୍ରଜ ସୁନ୍ଦର ସେଠୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ବାଲିଚନ୍ଦ୍ରପୁରସ୍ଥିତ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜସୁନ୍ଦର ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ଭକ୍ତ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବିଧାୟକ ଅମର ପ୍ରସାଦ ଶତପଥୀ, ସାମାଜିକ କର୍ମୀ ବିଷ୍ଣୁ ଚରଣ ମହାନ୍ତି, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ଅରବିନ୍ଦ ସାମଲ, ସରପଞ୍ଚ ଫଣିନ୍ଦ୍ରନାଥ ପଣ୍ଡା, ସମିତି ସଭ୍ୟ ଅମୀୟ ବିଶ୍ୱାଳ, ମନୋଜ କୁମାର ପରିଡ଼ା, ପ୍ରମୋଦ କୁମାର ଦାସ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରତାପ ନାୟକ, ଦିଲ୍ଲୀପ କୁମାର ଷେଣ୍ଠ, ପ୍ରତାପ ସେନାପତି ପ୍ରମୁଖ ଯୋଗଦେଇ ସେଠୀଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଭଜନ ସମାରୋହ ଓ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଶହୀଦ ଭଗତ ସିଂଙ୍କ ଜୟନ୍ତୀ ପାଳିତ

**ଯାଜପୁର ରୋଡ,୨୯।୯(ଡି.ଏନ.ଏ.):** ଶହୀଦ ଭଗତ ସିଂ ଯୁବକ ସଂଘ ଆନୁକୂଲ୍ୟରେ ଶହୀଦ ଭଗତ ସିଂଙ୍କ ୧୧୪ତମ ଜୟନ୍ତୀ ବ୍ୟାସଶ୍ରୀ କଳାନିକେତନ (ତୋଲିପୁର)ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ବିଶ୍ୱାଳ, ନାରାୟଣ ଚନ୍ଦ୍ର ନାୟକ, ନରେଶ ରାଉତ, ନରେଶ ମସ୍କରା,ଚନ୍ଦ୍ରମଣି ସାମଲ, ଜ୍ଞାନରଞ୍ଜନ ରାଉତ, ବାଇଧର ମାଝି, ଉପେନ୍ଦ୍ର ନାଥ ମହାନ୍ତି, ରମେଶ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ ନାୟକ, ସନାତନ ମଲ୍ଲିକ, ବିନୟ ରାଉତ, ମଳୟ ମଲ୍ଲିକ, ଆଶିଷ ବଳ, ନୀଳମଣି ମଲ୍ଲିକ, ସଞ୍ଜୟ ମହାନ୍ତି, ଚିନ୍ତାମଣି ମଲ୍ଲିକ,ହେମନ୍ତ କୁମାର ନାୟକ, ପୁରୁଷୋତ୍ତମ ପାତ୍ର, ପିନାୟକ ଓଝା, ମନ୍ମଥ କୁମାର ରାଉତ ପ୍ରମୁଖ ଭଗତ ସିଂଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ସ୍ୱର୍ଣ୍ଣଲତା ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଶାଳା,୨୯।୯(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଇମାମନଗର ଗ୍ରାମସ୍ଥିତ ଖବରଦାତା ରମାକାନ୍ତ ଜେନାଙ୍କ ମା' ସ୍ୱର୍ଣ୍ଣଲତା ଜେନାଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଥିଲେ । ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ପରିବାର ପକ୍ଷରୁ ତାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ଏହି ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ଭାଜପା ନେତ୍ରୀ ସ୍ମୃତିରେଖା ପହି, ପ୍ରଫେସର ବିଜୟ କୁମାର ଶତପଥୀ, ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, ରସୁଲପୁର ବ୍ଲକ ପୂର୍ବତନ ଅଧକ୍ଷ ଚକ୍ରଧର ସାହୁ, ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଯନ୍ତ୍ରାଂଶ ମରାମତି କାରଖାନାରୁ ନୌବାଣିଜ୍ୟ ସଂଗ୍ରହାଳୟ

## ବିଶ୍ୱ ନୌବାଣିଜ୍ୟ ଦିବସ

କଟକ ଅଫିସ,୨୯।୯

ବିଭିନ୍ନ ପୁରାଣ କାହାଣୀ, ଢଗଢମାଳି, ଲୋକକଥା, ପର୍ବପର୍ବାଣି, ପରମ୍ପରା ଓ ଐତିହାସିକ ବିଷୟରୁ ହିଁ ଅତୀତର ନୌବାଣିଜ୍ୟ ସମ୍ପର୍କରେ ଜାଣିହୁଏ। କଟକ ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର କିଛି ସ୍ମୃତି ସାଇତା ହୋଇ ରହିଛି। ମହାନଦୀର ଦକ୍ଷିଣ କୂଳରେ ପ୍ରାୟ ୬.୫ ଏକର ପରିମିତ ସ୍ଥାନରେ ଏହି ସଂଗ୍ରହାଳୟ ପ୍ରତିଷ୍ଠିତ। ୨୦୧୩ ଏପ୍ରିଲ ୧ରେ ଏହି ସଂଗ୍ରହାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଂଗ୍ରହାଳୟର ଆସିଷ୍ଟାଣ୍ଟ କ୍ୟୁରେଟର ପବିତ୍ର ମୋହନ ପ୍ରଧାନ ଦେଇଥିବା ସୂଚନା ଅନୁଯାୟୀ ୧୮୬୯ ବେଳକୁ ଏହି ସଂଗ୍ରହାଳୟ ଯୋବ୍ରା ଯନ୍ତ୍ରାଂଶ ମରାମତି କାରଖାନା ନାମରେ ପରିଚିତ ଥିଲା। ପ୍ରାଚୀନ କାଳରେ କଳିଙ୍ଗର ଅଧିବାସୀମାନେ ଜଳଯାତ୍ରାରେ ନିପୁଣ ଥିଲେ। ନୌବାଣିଜ୍ୟ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇଥିବାବେଳେ ବନ୍ଦରମାନ ବି ପ୍ରସିଦ୍ଧି ଲାଭ କରିଥିଲା। ଏଥିସହ ଏହି କାରଖାନା ବ୍ରିଟିଶ ଶାସନାଧୀନ ବିହାର, ବେଙ୍ଗଲ ଏବଂ ଓଡ଼ିଶାରେ ଥିବା ଜଳସେଚନ ବ୍ୟବସ୍ଥା ପାଇଁ ତିଆରି କରାଯାଇଥିଲା। ବ୍ରିଟିଶ ପ୍ରଶାସନର ପିଡବ୍ଲ୍ୟୁଡି ବିଭାଗ ଅଧୀନ ସ୍କଟିସ୍ ଇଞ୍ଜିନିୟର ଜର୍ଜ ଫକ୍‌ନର ଏହି ୱାର୍କଶପର ମୁଖ୍ୟ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ୱାର୍କଶପରୁ ମିଳିଥିବା ଏକ ଧାତବ ଫଳକ ଅନୁଯାୟୀ ୧୮୬୯ ଜାନୁୟାରୀ ୧ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୧୮୬୬ର ନଅଙ୍କ ଦୁର୍ଭିକ୍ଷର ପ୍ରଭାବକୁ ପ୍ରତିହତ ଲାଗି ତାଳଦଣ୍ଡା କେନାଲ ସହ ଅନ୍ୟ ଜଳସେଚନ ପ୍ରକଳ୍ପ ଆରମ୍ଭ ପାଇଁ ବ୍ରିଟିଶ ପ୍ରଶାସନ ପଦକ୍ଷେପ ନେଇଥିଲେ। ପ୍ରଥମେ ଏଠାରେ ଲୁହା ତରଳାଇବା, ଢଳେଇ ସହିତ କେନାଲ ସ୍ଲୁଇସ୍ ଗେଟ୍, ନୌକା, ଜଳସେଚନ ଉପକରଣ ମରାମତି ଏବଂ ଆନିକଟ ଫାଟକ ଆଦି ତିଆରି ହେଉଥିଲା। ପରେ ଛୋଟ ନୌକାଠାରୁ ବଡ଼ ବୋଇତ ଓ ଛୋଟ ନଟ୍ ବୋଲ୍‌ଟ ଠାରୁ ଆରମ୍ଭ କରି ବଡ଼ ଯନ୍ତ୍ରାଂଶର ଉପକରଣ ଉତ୍ପାଦନ ଏବଂ ମରାମତି କରାଯାଉଥିଲା। ଏହା ମୁଖ୍ୟତଃ ଆନିକଟ, ଡ୍ୟାମ, କେନାଲ ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ବ୍ୟବସ୍ଥାର ଆବଶ୍ୟକତା ପୂରଣ କରୁଥିଲା। ସେତେବେଳେ କଟକରୁ କୋଲକତା ଯିବା ପାଇଁ କେବଳ ଜଳପଥ ହିଁ ମାର୍ଗ ଥିଲା, ଯାହାକି କଟକରୁ ମହାନଦୀରେ ପାରାଦୀପ ଦେଇ କୋଲକତା ପହଞ୍ଚି ହେଉଥିଲା କିମ୍ବା କଟକରୁ ଚାନ୍ଦବାଲି ଦେଇ କୋଲକତାକୁ ରାସ୍ତା ଥିଲା। ନୌବାଣିଜ୍ୟ ପରମ୍ପରା ଐତିହାସିକ ସହର କଟକ ସହ ଦୀର୍ଘ ବର୍ଷ ହେବ ଜଡ଼ିତ। ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଏହି ସଂଗ୍ରହାଳୟରେ ସାଇତା ହୋଇ ରହିଛି ବୋଲି ପ୍ରଧାନ କହିଛନ୍ତି।



ଯନ୍ତ୍ରାଂଶ କାରଖାନା ପ୍ରତିଷ୍ଠା ଫଳକ

### ସଂଗ୍ରହାଳୟରେ ୧୦ ଗ୍ୟାଲେରି

ଗ୍ୟାଲେରିଗୁଡ଼ିକରେ ଓଡ଼ିଶାର ଇତିହାସଠାରୁ ଆରମ୍ଭ କରି ସ୍ୱାଧୀନତା ପୂର୍ବର ବିଭିନ୍ନ ନୌବାଣିଜ୍ୟରେ ବ୍ୟବହୃତ ସାମଗ୍ରୀ, ତଥ୍ୟ, ପ୍ରମାଣ ଓ ଫଟୋ ଚିତ୍ରଗୁଡ଼ିକ ସ୍ଥାନିତ କରାଯାଇଛି। ପ୍ରଥମ ଗ୍ୟାଲେରିରେ ଯୋବ୍ରାର ଇତିହାସ, କାରଖାନାରୁ ସଂଗ୍ରହାଳୟରେ ପରିଣତ ହେବା ସମ୍ପର୍କରେ ସବିଶେଷ ତଥ୍ୟ ରହିଛି। ସେହିପରି ଦୁଇ ନମ୍ବର ଗ୍ୟାଲେରିରେ ପୂର୍ବରୁ ପ୍ରଚଳିତ କଉଡ଼ି, ବିଭିନ୍ନ ମୁଦ୍ରା, ବଟକରା, ଜାଭା ଓ ସୁମାତ୍ରା ଦ୍ୱୀପ ସହ ନୌବାଣିଜ୍ୟ ସମ୍ପର୍କିତ ତଥ୍ୟ ରହିଛି। ତୃତୀୟ ଗ୍ୟାଲେରିରେ ବାଣିଜ୍ୟ କାରବାର ସହ କାଠପଟାରେ ନିର୍ମିତ ଧୀବରଙ୍କ ମାଛ ଧରା ବୋଟ୍‌ଠାରୁ ବର୍ତ୍ତମାନ ଲୁହା ବୋଟ୍ ପ୍ରଭୃତି ସମ୍ପର୍କରେ ସୂଚନା ରହିଛି। ଚାରି ନମ୍ବର ଗ୍ୟାଲେରିରେ ଅଷ୍ଟାଦଶ ଶତାବ୍ଦୀରୁ ଆରମ୍ଭ କରି ବିଂଶଶତାବ୍ଦୀ ପର୍ଯ୍ୟନ୍ତ ଇଂଲଣ୍ଡ ଓ ଭାରତର ବିଭିନ୍ନ ଯନ୍ତ୍ରପାତି ଦେଖିବାକୁ ମିଳିବ। ପାଞ୍ଚ ନମ୍ବର ଗ୍ୟାଲେରିରେ ନୌବାଣିଜ୍ୟ ସହ ଜଡ଼ିତ ଓଡ଼ିଆ ଜାତିର ବିଭିନ୍ନ ପର୍ବପର୍ବାଣି ସମ୍ପର୍କରେ ତଥ୍ୟ ରହିଛି। ଛଅ ନମ୍ବର ଗ୍ୟାଲେରିରେ ପୁରାତନ ଜାହାଜର ମଡେଲ, ଯନ୍ତ୍ରପାତି, ପତାକା, କମ୍ପାସ ସହ ବିଭିନ୍ନ ହାତ ହତିଆର ସ୍ଥାନ ପାଇଛି। ସାତ ନମ୍ବର ଗ୍ୟାଲେରିରେ କଳିଙ୍ଗ ଉପକୂଳରେ ସ୍ଥାପିତ ପୁରାତନ ଓ ନୂତନ ବନ୍ଦର ସମ୍ପର୍କରେ ତଥ୍ୟ ରହିଛି। ଆଠ ନମ୍ବର ଗ୍ୟାଲେରିରେ ଦେଶର ବିଭିନ୍ନ ସ୍ଥାନରେ ପୁରାତନ ଯୁଗରେ ବ୍ୟବହୃତ ବୋଟ୍ ସ୍ଥାନ ପାଇଛି। ନଅ ନମ୍ବର ଗ୍ୟାଲେରିରେ ସ’ ମିଲ୍ ରହିଛି। ଯେଉଁଠାରେ ଅତୀତରେ ବୋଟ ପ୍ରଭୃତି ଏବଂ ମରାମତି ହେଉଥିଲା। ଏହା ବ୍ୟତୀତ ସଂଗ୍ରହାଳୟରେ ୨୫୦ଜଣ ଦର୍ଶକ ବସିବା ଭଳି ଆମ୍ପି ଥିଏଟର, ପିଲାଙ୍କ କାର୍ଯ୍ୟକଳାପ ପାଇଁ ସ୍ୱତନ୍ତ୍ର କକ୍ଷ, ୪୮ଜଣ ଦର୍ଶକ ବସିବା ଭଳି ମଲ୍ଟିମିଡିଆ ୪-ଡି ରୁମ୍, ପାଠାଗାର ସୁବିଧା ମଧ୍ୟ ରହିଛି।

ସେହିପରି ଜଳପଥ ଦେଇ ବାଣିଜ୍ୟ କରିବାକୁ ଯାଉଥିବା ସାଧବ ପୁଅମାନଙ୍କ ଚିତ୍ର, ପୁରାତନ ଜାହାଜ, ସ୍ୱାଧୀନତା ପୂର୍ବର ଓଡ଼ିଶା ମାନଚିତ୍ର, ଇଂରେଜଙ୍କ ଜଳପଥରେ ବାଣିଜ୍ୟ ପାଇଁ ଓଡିଶାକୁ ଆସିଥିବାର ଦୃଶ୍ୟ ଇତ୍ୟାଦି ଗ୍ୟାଲେରିର କାନ୍ଥଗୁଡ଼ିକରେ ସ୍ଥାନିତ ହୋଇଛି। ଏହାବ୍ୟତୀତ ବିଭିନ୍ନ ଗ୍ୟାଲେରିରେ ଓଡ଼ିଶା ବାଣିଜ୍ୟ ଓ ପ୍ରଗତି ଐତିହ୍ୟକୁ ଅଡିଓ ଭିଡିଓ ମାଧ୍ୟମରେ ଦର୍ଶକଙ୍କୁ ଦେଖାଯିବାର ବ୍ୟବସ୍ଥା କରାଯାଇଛି।

ଉପସ୍ଥାପନା– ସୁପ୍ରିୟା ପ୍ରିୟଦର୍ଶିନୀ
ଫଟୋ: ରାଜକିଶୋର ମହାନ୍ତି

### ଆକ୍ୱାରିୟମରେ ବିରଳ ପ୍ରଜାତିର ମାଛ

ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଏକ ଆକ୍ୱାରିୟମ ରହିଛି। ସେଠାରେ ଚିଲିକା, ବୈତରଣୀ, ଭିତରକନିକା ଓ ମହାନଦୀରେ ମିଳୁଥିବା ବିରଳ ପ୍ରଜାତିର ମାଛଗୁଡିକୁ ରଖାଯାଇଛି। ଏଥିସହିତ ଦକ୍ଷିଣ ଆମେରିକାରର ପ୍ୟାରୋଟ ଫିସ୍, ଆଲିଗେଟର ଫିସ୍, ପିରହାନା ଫିସ୍, ଜାପାନର କୋଇଫିସ୍, ଦକ୍ଷିଣ ଆଫ୍ରିକା ତାନଜାନିୟା ଲେକର ସିକ୍ଲିଡ୍ ଫିସ୍ ରହିଛନ୍ତି।

### ଖୁବ୍‌ଶୀଘ୍ର ୩ ନୂଆ ପ୍ରକଳ୍ପର ମଜା ନେବେ ପର୍ଯ୍ୟଟକ

ସଂଗ୍ରହାଳୟରେ ନୂତନ କରି ପ୍ରସ୍ତୁତ ହୋଇଛି ମିରର ମେଜ୍ ଆଡଭେଞ୍ଚର। ଯେଉଁଠାରେ ସମୁଦ୍ରର ରହସ୍ୟ ବିଷୟରେ ଜାଣି ହେବ। ସେହିପରି ସଂଗ୍ରହାଳୟରେ ଥିବା ଆକ୍ୱାରିୟମ ପରିସୀମାକୁ ବୃଦ୍ଧି କରାଯାଇ ନୂତନ ମାଛମାନଙ୍କୁ ରଖାଯାଉଛି। ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବାବେଳେ କିଛି ଦିନ ମଧ୍ୟରେ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି। ସେହିପରି ସଂଗ୍ରହାଳୟ ପରିସରରେ ଏକ ନୂତନ ଗ୍ୟାଲେରି ନିର୍ମାଣ କାର୍ଯ୍ୟ ଜାରି ରହିଛି।


ସଂଗ୍ରହାଳୟରେ ସ୍ଥାନ ପାଇଥିବା ବୋଇତ।

### ଅର୍ଥନୈତିକ ବିକାଶରେ ଜଳପଥ

ଶିକାରୀ ଜୀବନ ଛାଡ଼ି ମଣିଷ ଚାଷବାସ କରିବାପରେ ନିଜ ଆଖପାଖରେ ଥିବା ଜନବସତି ମଧ୍ୟରେ ଦେଣନେଣ କାରବାର ଆରମ୍ଭ କରିଥିଲା। ସେତେବେଳେ ଗୋଟିଏ ଜିନିଷ ବଦଳରେ ଅନ୍ୟ ଦ୍ରବ୍ୟର ଦେଣନେଣ କରାଯାଉଥିଲା। ଏଭଳି କାର୍ଯ୍ୟରେ ସ୍ଥଳପଥ ତୁଳନାରେ ଜଳପଥ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ସେବେଠାରୁ ମାନବ ସଭ୍ୟତାକୁ ବାଣିଜ୍ୟ କ୍ଷେତ୍ରରେ ଜଳପଥ ବହୁ ସହାୟତା ଯୋଗାଇ ଆସିଛି।

ଦେଶ ଦେଶ ମଧ୍ୟରେ ହେଉଥିବା ବାଣିଜ୍ୟ କାରବାରରେ ଜଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଳପଥରେ ମୋଟ ବାଣିଜ୍ୟର ୮୦ ପ୍ରତିଶତ ପରିବହନ କରାଯାଇଥାଏ। ବାଣିଜ୍ୟ ଲାଗି ଜଳପଥର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୧୯୪୮ରେ ଜାତିସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ପରେ ୧୯୫୮ରେ ଇଣ୍ଟର-ଗଭର୍ନମେଣ୍ଟାଲ ମେରିଟାଇମ୍ କନସଲଟିଭ୍ ଅର୍ଗାନାଇଜେଶନ (ଆଇଏମ୍‌ସିଓ) ଗଠନ କରାଯାଇଥିଲା। ସେତେବେଳେ ଏହାର ସଦସ୍ୟ ସଂଖ୍ୟା ୨୧ ଥିବାବେଳେ ଏବେ ଏହା ୧୬୭ରେ ପହଞ୍ଚିଛି। ଏହାପରେ ୧୯୭୮ ମାର୍ଚ୍ଚ ୧୭ରେ ବିଶ୍ୱ ମେରିଟାଇମ୍ ଦିବସ ପାଳନ କରାଯାଇଥିଲା। ୧୯୮୨ରେ ଏହାକୁ ଅନ୍ତର୍ଜାତୀୟ ମେରିଟାଇମ୍ ଅର୍ଗାନାଇଜେଶନ ଭାବେ ନାମିତ କରାଯାଇଥିଲା।

ଜଳପଥର ଗୁରୁତ୍ୱ ଉପଲବ୍ଧି କରାଇବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ଶେଷ ଗୁରୁବାରକୁ ୱାର୍ଲ୍ଡ ମେରିଟାଇମ୍ ଡେ’(ବିଶ୍ୱ ନୌବାଣିଜ୍ୟ ଦିବସ)ଭାବେ ପାଳନ କରାଯାଉଛି। ଚଳିତ ୨୦୨୧ରେ ଏହା ସେପ୍ଟେମ୍ବର ୩୦ରେ ପାଳନ କରାଯାଉଥିବାବେଳେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।


❝ ନୌବାଣିଜ୍ୟ ସଂଗ୍ରହାଳୟ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଓ ପୁରାତନ ସମୟରୁ ଓଡ଼ିଆମାନଙ୍କ ଦୁଃସାହସିକ ଜଳଯାତ୍ରାର ସ୍ମୃତି ବହନ କରେ। କିନ୍ତୁ ଏହାର ପ୍ରଚାର ଓ ପ୍ରସାର ଆଖିଦୃଶିଆ ଭାବେ ହୋଇପାରି ନାହିଁ। ଏସଂକ୍ରାନ୍ତରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଅଧିକ ତତ୍ପର ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସ୍କୁଲ ପାଠ୍ୟକ୍ରମରେ ଓଡ଼ିଶାର ନୌବାଣିଜ୍ୟ, ଜଳଯାତ୍ରା ଓ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ପର୍କିତ ବିଷୟ ସ୍ଥାନିତ କରାଗଲେ ଏ ସମ୍ପର୍କରେ ଅଧିକ ଗବେଷଣା ପାଇଁ ଯୁବପିଢିଙ୍କୁ ପ୍ରେରଣା ଯୋଗାଇବ।

- ଦୀପକ କୁମାର ନାୟକ, ପ୍ରୋଜେକ୍ଟ ଆସିଷ୍ଟାଣ୍ଟ, ଇନ୍‌ଟାକ


❝ ଏହି ସଂଗ୍ରହାଳୟ ଆଗାମୀ ପିଢ଼ିକୁ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା ବିଷୟରେ ସନ୍ଦେଶ ଦେବ। ହେଲେ ଏଠାକୁ କିପରି ଅଧିକରୁ ଅଧିକ ଲୋକ ଆସିବେ, ନୌବାଣିଜ୍ୟ ଇତିହାସ ବିଷୟରେ ଜାଣିବେ ସେନେଇ କୌଣସି ପ୍ରଚାର ପ୍ରସାର କରାଯାଉ ନାହିଁ, ଯାହାକି ଏହାର ପରିଚୟକୁ ସଙ୍କୁଚିତ କରୁଛି।

- ଭବାନୀ ଶଙ୍କର ବେହେରା, ସ୍ଥାନୀୟ ବାସିନ୍ଦା


❝ ନିର୍ମାଣ ସରିଥିବା ୨ଟି ପ୍ରକଳ୍ପ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅପେକ୍ଷା ରହିଛି। ଇଣ୍ଡୋନେସିଆନ ଗ୍ୟାଲେରି ନିର୍ମାଣ କାମ ଚାଲିଛି। ଏଥିସହ ପେଡିକିୟୋର ୟୁନିଟର ଯୋଜନା ରହିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ଯେପରି ଏହାର ଅଧିକ ପ୍ରଚାର ପ୍ରସାର ହେବ ସେନେଇ ମଧ୍ୟ ପଦକ୍ଷେପ ନିଆଯିବ।

- ରାଜେଶ ଚନ୍ଦ୍ର ମହାନ୍ତି, ଅଧୀକ୍ଷଣ ଯନ୍ତ୍ରୀ, ମହାନଦୀ ଦକ୍ଷିଣ ଡିଭିଜନ

# ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା, ସରକାରଙ୍କୁ ସମାଲୋଚନା

**ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଉଚ୍ଛେଦ ପ୍ରସଙ୍ଗ**
- ହେମନ୍ତ ସୋରେନଙ୍କୁ ଚିଠି ଲେଖିଲେ ପ୍ରଦୀପ
- ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀଙ୍କ ସହ କଥାହେବୁ : ସମୀର ଦାଶ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତାକୁ ପ୍ରତ୍ୟାହାର ପାଇଁ ଝାଡ଼ଖଣ୍ଡ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଜଣାପଡିବା ପରେ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବିଭିନ୍ନ ମହଲ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରୁଛନ୍ତି। ଏପରିସ୍ଥଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏଥିସହ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ସେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଚିଠି ଲେଖିଥିବା ଟୁଇଟ୍ କରି ଜଣାଇଛନ୍ତି। ତେବେ ପ୍ରଦୀପ୍ତଙ୍କ ସମାଲୋଚନା ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁହଁ ଖୋଲିଛନ୍ତି। ଏନେଇ ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀଙ୍କ ସହ କଥା ହେବେ ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଦୀପ୍ତ ବୁଧବାର ଟୁଇଟରରେ ଲେଖିଛନ୍ତି ଯେ, ଝାଡ଼ଖଣ୍ଡ ସରକାର ଏବେ ଓଡ଼ିଆ ଭାଷାକୁ ସ୍କୁଲ କଲେଜରୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତ। ଏହା ପ୍ରତିଟି ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଖବର। ଏଣିକି ଝାଡ଼ଖଣ୍ଡରେ ଓଡ଼ଆ ଭାଷାଭାଷୀ ଅଞ୍ଚଳ ଷଢ଼େଇକଳା, ଖରସୁଆଁ, ସିଂହଭୂମି ଆଦିରେ ରହୁଥିବା ଲକ୍ଷ ଲକ୍ଷ ଓଡ଼ିଆ ପିଲାମାନେ ଆଉ ସ୍କୁଲ କଲେଜରେ ଓଡ଼ିଆ ଭାଷା ପଢ଼ିପାରିବେ ନାହିଁ। ଆମ ପାଇଁ ଆମ ଭାଷା ସ୍ୱାଭିମାନର ପ୍ରତୀକ। ସେଠାରେ ରହୁଥିବା ଓଡ଼ିଆଙ୍କୁ ସେମାନଙ୍କର ମୂଳ ସଂସ୍କୃତିରୁ ବିଚ୍ଛିନ୍ନ କରିବା ପାଇଁ ଝାଡ଼ଖଣ୍ଡ ସରକାରଙ୍କର ଏହା ଏକ କୁଯୋଜନା। ଏହି ନିଷ୍ପତ୍ତି ଲାଗୁ ହେଲେ ଆଉକିଛି ବର୍ଷ ପରେ ସେଠାରେ ଓଡ଼ିଆ କହିବା ଲୋକ, ଲେଖିବା ଲୋକେ ମିଳିବେନି। ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ମରିଯିବ। ଆମେ ଯେଉଁମାନେ ଓଡ଼ିଶାରେ ରହୁଛେ ଆମର କ’ଣ କିଛି କର୍ତ୍ତବ୍ୟ ନାହିଁ କି? ଅନେକ ଦିନ ହେଲାଣି ଏହା ଓଡ଼ିଶା ସରକାରଙ୍କ ଦୃଷ୍ଟିକୁ ଆସି ସାରିଥିବାବେଳେ କାହିଁକି ସରକାର ଚୁପ୍ ବସିଛନ୍ତି ବୁଝି ହେଉନାହିଁ ବୋଲି ପ୍ରଦୀପ୍ତ କହିଛନ୍ତି। ୨୦୧୧ରେ ଝାଡ଼ଖଣ୍ଡରେ ଅର୍ଜୁନ ମୁଣ୍ଡା ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡିଆ ଭାଷା ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ପାଇଥିଲା। ହେଲେ ହଠାତ ୧୦ ବର୍ଷ ପରେ ଝାଡ଼ଖଣ୍ଡ ସରକାର କାହିଁକି ସେହି ନିଷ୍ପତି ପ୍ରତ୍ୟାହାର କଲେ ତାହାର ପ୍ରତିବାଦ ଓଡ଼ିଶା ସରକାର କରିବା ଉଚିତ୍। ଯଦି ଲୋକ ସଂଖ୍ୟା କମ୍ ଥାଇବି ଝାଡ଼ଖଣ୍ଡରେ ଉର୍ଦ୍ଦୁ ଭାଷାରେ ପାଠ ପଢ଼ାଯାଇ ପାରିବ ତା’ହେଲେ ଓଡ଼ିଆରେ କାହିଁକି ନୁହେଁ ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି। ଏହାର ଜବାବ ମଧ୍ୟ ଝାଡ଼ଖଣ୍ଡ ସରକାରଙ୍କୁ ଦେବାକୁ ପଡ଼ିବ। ଯଥାଶୀଘ୍ର ଓଡ଼ଶା ସରକାର ଝାଡ଼ଖଣ୍ଡ ସରକାରଙ୍କ ସହିତ ଆଲୋଚନା କରି ଏହି ନିଷ୍ପତିକୁ ପ୍ରତ୍ୟାହାର କରାନ୍ତୁ। ଭାରତରେ ସମସ୍ତ ନାଗରିକ ନିଜ ମାତୃଭାଷାରେ ଲେଖା ଓ ପଢ଼ିବାର ସାମ୍ବିଧାନିକ ଅଧିକାର ରହିଛି। ଝାଡ଼ଖଣ୍ଡ ସରକାରଙ୍କ ଏହି ନିଷ୍ପତି ଅସମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ସେ ଲେଖିଛନ୍ତି। ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଓଡ଼ିଆ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଝାଡ଼ଖଣ୍ଡରେ ଥିବା ପ୍ରତିପକ୍ଷଙ୍କ ସହ ଯୋଗାଯୋଗ କରିବେ। ପଡ଼ୋଶୀ ରାଜ୍ୟରେ ୧୫୦ରୁ ଅଧିକ ଓଡ଼ିଆ ବିଦ୍ୟାଳୟ ଅଛି, ଯେଉଁଠାରେ ଛାତ୍ରୀଛାତ୍ରମାନେ ବଙ୍ଗାଳୀ, ସାନ୍ତାଳି ଏବଂ ଓଡ଼ିଆ ସମେତ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରୁଛନ୍ତି। ସେହି ରାଜ୍ୟରେ ସରକାରଙ୍କ ସହ ଆମର ସମନ୍ୱୟ ଓ ସୁସମ୍ପର୍କ ରହିଛି। ଆମେ ଆଲୋଚନା କରିବୁ। ସୁନିଶ୍ଚିତ କରିବୁ ଯେ, ଝାଡ଼ଖଣ୍ଡରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଆମ ମାତୃଭାଷାରେ ଶିକ୍ଷା ଦିଆଯାଉ। ଆବଶ୍ୟକ ହେଲେ ଆମେ ଆମର ମୁଖ୍ୟମନ୍ତ୍ରୀଙ୍କୁ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଅନୁରୋଧ କରିବୁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ‘ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ’

- ବଣ୍ଡାଘାଟିରେ ବିଏସ୍‌ଏଫ୍ ଏଡିଜି
- ମାଓବାଦୀ କାର୍ଯ୍ୟକଳାପର ସ୍ଥିତି ସମୀକ୍ଷା

ମାଲକାନଗିରି/ଖଇରପୁଟ, ୨୯।୯(ଡି.ଏନ୍.ଏ.)

ବଣ୍ଡାଘାଟି ଅଞ୍ଚଳର ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମାଓବାଦୀମାନେ ବିକାଶରେ ବାଧକ ନ ସାଜି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ବିଏସ୍‌ଏଫ୍ ମାଲକାନଗିରି ଜିଲା ତଥା ବଣ୍ଡାଘାଟି ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ସର୍ବଦା ସଜାଗ ରହିଛି। ମାଲକାନଗିରି ଜିଲା ବଣ୍ଡାଘାଟିସ୍ଥିତ ଅଣ୍ଡ୍ରାହାଲ୍ ଓ ମୁଦୁଲିପଡ଼ା ବିଏସ୍‌ଏଫ୍ କ୍ୟାମ୍ପରେ ମାଓବାଦୀ କାର୍ଯ୍ୟକଳାପ ନେଇ ସ୍ଥିତି ସମୀକ୍ଷା ବୈଠକରେ ବିଏସ୍‌ଏଫ୍ ଏଡିଜି ରାଜୱିନ୍ଦର ସିଂହ ଭଟ୍ଟି ମାଓବାଦୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି। ଦୁଇ ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରିବା ପରେ ଏଡିଜି ଜିଲାର ବରିଷ୍ଠ ବିଏସ୍‌ଏଫ୍ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ। ବଣ୍ଡାଘାଟିକୁ ମାଓବାଦୀମାନେ ନୂଆ ଆଶ୍ରୟସ୍ଥଳୀ କରିବା ସହ ହିଂସା ବଢୁଛି। ତେଣୁ ଏହାକୁ ରୋକିବାକୁ ବୈଠକରେ ବିଭିନ୍ନ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ବଣ୍ଡାଘାଟିର ମୁଦୁଲିପଡ଼ା ଏବଂ ଅଣ୍ଡ୍ରାହାଲଠାରେ ଦୁଇଟି ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। ଏଡିଜିଙ୍କ କ୍ୟାମ୍ପ ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଡାକୋଟି, କୋରାପୁଟ ବିଏସ୍‌ଏଫ୍ ମୁଖ୍ୟାଳୟର ଡିଆଇଜି ମଦନଲାଲ ଏବଂ ମାଲକାନଗିରି ଡିଆଇଜି ସଞ୍ଜୟ କୁମାର ସିଂହ ଉପସ୍ଥିତ ଥିଲେ। ଏହାପରେ ଏଡିଜି ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ସ୍ୱାଭିମାନ ଅଞ୍ଚଳର ଜନ୍ତାପାଇ ବିଏସ୍‌ଏଫ୍ କ୍ୟାମ୍ପ ପରିଦର୍ଶନ କରିବା ସହ ମାଲକାନଗିରିସ୍ଥିତ ବିଏସ୍‌ଏଫ୍ ମୁଖ୍ୟାଳୟରେ ପହଞ୍ଚି ବରିଷ୍ଠ ଅଧିକାରୀମାନଙ୍କ ସହ ଛତିଶଗଡ଼, ଛତିଶଗଡ଼ ସୀମାନ୍ତ ଏବଂ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ ଅଞ୍ଚଳରେ ମାଓବାଦୀ ସମସ୍ୟା ନେଇ ଆଲୋଚନା କରିଥିଲେ।


ଏଡିଜି ବିଏସ୍‌ଏଫ୍ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ଶିଳ୍ପୀ ଉନ୍ନତି ଯୋଜନା ବାଟବଣା

## ୫ ବର୍ଷରେ ମାତ୍ର ୩୬୯୦ କାରିଗର ସାମିଲ

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୨୯।୯

ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୨୦୧୬-୧୭ଠାରୁ ହସ୍ତଶିଳ୍ପ କାରିଗରରମାନଙ୍କୁ ଶିଳ୍ପୀ ଉନ୍ନତି ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ ବ୍ୟାଙ୍କଗୁଡିକ ମାଧ୍ୟମରେ ଆର୍ଥିକ ସହାୟତା ଦେଇ କାରିଗରମାନଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ମୁଖ୍ୟ ଲକ୍ଷ୍ୟ ରହିଛି। ହେଲେ ହସ୍ତଶିଳ୍ପ କାରୁକାର୍ଯ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଯାଜପୁର ଜିଲା ସମେତ ସାରା ରାଜ୍ୟର ପ୍ରାୟ ୫ଲକ୍ଷ କାରିଗର ଉପେକ୍ଷିତ ହେଉଛନ୍ତି। ଗତ ୫ ବର୍ଷରେ ଯାଜପୁର ଜିଲାର ୨୩୦ ଜଣ ସମେତ ରାଜ୍ୟରେ ମାତ୍ର ୩୬୯୦ ଜଣ କାରିଗରଙ୍କୁ ଶିଳ୍ପୀ ଉନ୍ନତି ଯୋଜନାରେ ସାମିଲ କରାଯାଇଛି। ଏଭଳି ମନ୍ଥରତାରୁ ଯୋଜନା କାର୍ଯ୍ୟକାରିତାରେ ଆନ୍ତରିକତାର ଅଭାବ ଥିବା ସ୍ପଷ୍ଟ ହେଉଛି।

ହ୍ୟାଣ୍ଡିକ୍ରାଫ୍ଟ ଓ କଟେଜ ଇଣ୍ଡଷ୍ଟ୍ରିଜ୍ ନିର୍ଦ୍ଦେଶାଳୟରୁ ମିଳିଥିବା ତଥ୍ୟ ଅନୁସାରେ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଏବଂ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶିଳ୍ପୀ ଉନ୍ନତି ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ରାଜ୍ୟରେ ଷ୍ଟାର୍ଟଅପ୍, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ କରାଯାଇଛି। ସରକାରଙ୍କ ଦ୍ୱାରା ସିଧାସଳଖ ହସ୍ତଶିଳ୍ପ ସାମଗ୍ରୀ କିଣାଯିବା ପରିବର୍ତ୍ତେ ସାମଗ୍ରୀ ବିକ୍ରୟ ନିମନ୍ତେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀର ଆୟୋଜନ ହେଉଛି। ସରକାରଙ୍କ ପକ୍ଷରୁ ନିୟୋଜିତ ଏକ ସଂସ୍ଥା ଉତ୍କଳିକା ଦ୍ୱାରା ହସ୍ତଶିଳ୍ପ ସାମଗ୍ରୀ କ୍ରୟ କରିବାର ସୁବିଧା କରାଯାଇଛି। ଏହାବାଦ୍ ଜାତୀୟ ଓ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣ ନିମନ୍ତେ ଦୈନିକ ଭତ୍ତା, ଯାତାୟାତ ଓ ମାଲ୍ ପରିବହନ ଖର୍ଚ୍ଚ ଆଦି ପ୍ରଦାନ କରାଯାଉଛି। କିନ୍ତୁ ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ସରକାରଙ୍କ ଏହି କଲ୍ୟାଣକାରୀ ଯୋଜନାର ସୁଫଳ ଶିଳ୍ପୀ ପାଉନାହାନ୍ତି। ଉପଯୁକ୍ତ ବଜାର ସୁବିଧା ଏବଂ ଭିତ୍ତିଭୂମିର ବିକାଶ ଦିଗରେ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ହସ୍ତଶିଳ୍ପ ସାମଗ୍ରୀର ଉଚିତ ଲାଭ ମିଳି ପାରୁନାହିଁ। ଏଥିରେ ଅଣସଂଗଠିତ ଓ ସଂଗଠିତ ହସ୍ତଶିଳ୍ପ କାରିଗରମାନେ ବହୁ କ୍ଷତି ସହୁଥିବାବେଳେ ଅଭାବ ଅନଟନରେ କାଳାତିପାତ କରୁଛନ୍ତି।

ରାଜ୍ୟରେ ପଥର ଖୋଦେଇ, ଟେରାକୋଟା, ବାଉଁଶ ଶିଳ୍ପ, ପିତ୍ତଳ ଓ ଧାତୁ ଘଣ୍ଟି, ସୁନେଲି ଘାସ, ବସ୍ତ୍ର ସିଲାଇ, କାଠ ଖୋଦେଇ, ଜରି ମାଳି, କ୍ଲଥ ପେଚ, ଖେଳଣା ନିର୍ମାଣ ଆଦି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ କାରିଗର ରହିଛନ୍ତି ବୋଲି ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ସମ୍ପାଦକ ପ୍ରିୟରଞ୍ଜନ କର କହିଛନ୍ତି। କିନ୍ତୁ ଅଧିକାଂଶ ସଂଗଠିତ ହୋଇ ପାରିନାହାନ୍ତି। ଶିଳ୍ପୀ ଉନ୍ନତି ଯୋଜନାରେ ସେହି କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ ମଧ୍ୟ ଆଶାନୁରୂପ ହୋଇ ପାରୁନାହିଁ। ଯାଜପୁର ଜିଲାରେ ୮ ହଜାରରୁ ଊର୍ଦ୍ଧ୍ୱ କୁଟୀରଶିଳ୍ପ କାରିଗର ରହିଛନ୍ତି। ସେମାନଙ୍କ ମଧ୍ୟରେ ସୌଖୀନ କାରିଗରି, ମାଟି, ଧାତୁ, ବୟନ, ହସ୍ତକଳା, କାଠଶିଳ୍ପ, ଶିଙ୍ଗ, ଚିତ୍ରକଳା, ବେତକାମ, ନଡିଆ ଶଢେଇ, ପଥର ଶିଳ୍ପ କାରିଗର ରହିଛନ୍ତି। ହେଲେ ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚିପାରୁ ନ ଥିବାରୁ ବହୁ କାରିଗର ରାଜ୍ୟ ବାହାରକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି।

ରାଜ୍ୟରେ ୨୦୧୬-୧୭ରେ ୬୪୭, ୨୦୧୭-୧୮ରେ ୬୮୫, ୨୦୧୮-୧୯ରେ ୬୯୨, ୨୦୧୯-୨୦ରେ ୮୫୫ ଏବଂ ୨୦୨୦-୨୧ରେ ୮୧୧ ଜଣ ଶିଳ୍ପୀ ଉନ୍ନତି ଯୋଜନାରେ ସାମିଲ ହୋଇଛନ୍ତି। ୨୦୨୦-୨୧ରେ ଯାଜପୁର ଜିଲାର ମାତ୍ର ୩ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ପୂର୍ବରୁ ଏହି ଯୋଜନାରେ ଏ ଓ ବି କାଟେଗୋରିରେ ଯଥାକ୍ରମେ ୫୦ ହଜାର ଓ ୨୫ ହଜାର ଟଙ୍କା ଋଣ ସୁବିଧା ରହିଥିଲା। ବର୍ତ୍ତମାନ ୧ ଲକ୍ଷ ଏବଂ ୫୦ ହଜାର ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଉଛି। ଏଥିରେ ୨୦ ପ୍ରତିଶତ ସବ୍‌ସିଡି ରହିଛି। ଶିଳ୍ପୀମାନଙ୍କ ଆର୍ଥିକ କ୍ଷେତ୍ରରେ ବିକାଶ ପାଇଁ ଏହି ସହାୟତା ରାଶି ଯଥେଷ୍ଟ ନୁହେଁ। ତେଣୁ ଏ କାଟେଗୋରି ପାଇଁ ୫ ଲକ୍ଷ ଏବଂ ବି କାଟେଗୋରି ଶିଳ୍ପୀ ପାଇଁ ୨ ଲକ୍ଷ ଟଙ୍କା ଋଣ ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ଦାବି କରାଯାଉଛି। ଏଥିରେ ୫୦ ପ୍ରତିଶତ ସବସିଡି ଯୋଗାଇ ଦିଆଗଲେ ଶିଳ୍ପୀମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ କର କୁହନ୍ତି, ଗତ ୫ ବର୍ଷରେ ୩୬୯୦ ଜଣ ଶିଳ୍ପୀଙ୍କୁ ଏହି ଯୋଜନାରେ ସାମିଲ ସମୁଦ୍ରକୁ ଶଙ୍ଖେ ସଦୃଶ। ଏହାବାଦ୍ ବ୍ୟାଙ୍କ ଏବଂ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବ ରହିଛି। ଋଣ ଯୋଗାଣରେ ବ୍ୟାଙ୍କଗୁଡ଼ିକ ଅସହଯୋଗ କରୁଛନ୍ତି। ତେଣୁ ଏଥିରେ ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି।

ହ୍ୟାଣ୍ଡିକ୍ରାଫ୍ଟ ଓ କଟେଜ ଇଣ୍ଡଷ୍ଟ୍ରିଜ୍ ନିର୍ଦ୍ଦେଶକ ସନାତନ ନାୟକ କହିଛନ୍ତି, ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ବିଭିନ୍ନ କାରିଗର ରହିଛନ୍ତି। ସେଥିରୁ ୩୦ ପ୍ରତିଶତ ପୁରୁଷ ଓ ୭୦ ପ୍ରତିଶତ ମହିଳା ଅଛନ୍ତି। ତେବେ ଏଯାଏ ଅଧିକ କାରିଗରଙ୍କୁ ସାମିଲ କରିବାକୁ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ଜାରି ରହିଛି। ଚିହ୍ନଟ କାରିଗରମାନଙ୍କୁ ଏହି ଯୋଜନାରେ ଋଣ ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଉଛି।

# ମେଲବୋର୍ନ ପକ୍ଷରୁ ଖେଳିବେ ହରମନପ୍ରୀତ, ରୋଡ୍ରିଗ୍ୱେଜ

**ମେଲବୋର୍ନ, ୨୯।୯(ପି.ଟି.)**

ଭାରତର ଟି୨୦ ଅଧିନାୟିକା ହରମନପ୍ରୀତ କୌର ଓ ଯୁବ ବ୍ୟାଟର ଜେମିମା ରୋଡ୍ରିଗ୍ୱେଜ ଆସନ୍ତା ମହିଳା ବିଗ୍‌ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ)ରେ ମେଲବୋର୍ନ ରେନେଗାଡେସ ପକ୍ଷରୁ ଖେଳିବେ। ବୁଧବାର ଆୟୋଜକଙ୍କ ପକ୍ଷରୁ ଏହା ଘୋଷଣା କରାଯାଇଛି। ପ୍ରତିଯୋଗିତା ଅକ୍ଟୋବର ୧୪ରୁ ଆରମ୍ଭ ହେବ। ୩୨ ବର୍ଷୀୟା ହରମନପ୍ରୀତ ଦ୍ୱିତୀୟ ଥର ପାଇଁ

**ମହିଳା ବିଗ୍‌ବାଶ୍ ଲିଗ୍**

ଏହି ପ୍ରତିଯୋଗିତାରେ ଖେଳିବେ। ପୂର୍ବରୁ ସେ ସିଡ୍‌ନୀ ଥଣ୍ଡର ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ମାତ୍ର ୨୧ ବର୍ଷୀୟା ରୋଡ୍ରିଗ୍ୱେଜ ପ୍ରଥମଥର ପାଇଁ ମହିଳା ବିଗ୍‌ବାଶ୍ ଲିଗ୍‌ରେ ପଦାର୍ପଣ କରିବେ। ଭାରତର ଅନ୍ୟ ଦୁଇ ଖେଳାଳି ଶେଫାଳି ବର୍ମା ଓ ରାଧା ଯାଦବ ସିଡ୍‌ନୀ ସିକ୍ସର୍ସ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି।

''ମହିଳା ବିଗ୍‌ବାଶ୍ ଲିଗ୍‌ରୁ ମୋତେ ବହୁତ କିଛି ଶିଖିବାକୁ ମିଳିଛି ଏବଂ ଏହା ଏକ ବଡ଼ ପ୍ଲାଟ୍‌ଫର୍ମ, ଯେଉଁଠାରେ କି ମୁଁ ଭଲ ପ୍ରଦର୍ଶନ କରି ନିଜକୁ ପ୍ରମାଣିତ କରିପାରିବି। ଏଥର ନୂଆ ଦଳ ରେନେଗାଡେସ ପକ୍ଷରୁ ଖେଳିବି। ଆଶା କରୁଛି ଆଗାମୀ ସିଜନ ଆମ ପାଇଁ ବହୁତ ଭଲ ରହିବ। ଏହି ଦଳ ପାଇଁ ମୋର ପ୍ରଥମ ସିଜନ ହୋଇଥିବାରୁ ପ୍ରଦର୍ଶନର ଛାପ ଛାଡ଼ିବାକୁ ଚେଷ୍ଟା କରିବି'' ବୋଲି ହରମନପ୍ରୀତ କହିଛନ୍ତି। ପ୍ରଥମଥର ପାଇଁ ଡବ୍ଲ୍ୟୁବିବିଏଲରେ ଖେଳିବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ଉତ୍ସାହିତ ଅଛନ୍ତି ରୋଡ୍ରିଗ୍ୱେଜ। ''ପଡ଼ିଆକୁ ଓହ୍ଲାଇ ଶ୍ରେଷ୍ଠ ପ୍ରଦର୍ଶନ କରିବା ମୋର ମୁଖ୍ୟ ଲକ୍ଷ୍ୟ ହେବ। ଏହାକୁ ମନଭରି ଉପଭୋଗ କରିବି ଏବଂ ମୋ ଦ୍ୱାରା ଯାହା ସମ୍ଭବ ତାହା ନିଶ୍ଚିତ କରିବି'' ବୋଲି ସେ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ନିକଟରୁ ଭାରତ ଦିନିକିଆ ସିରିଜ ୧-୨ରେ ହାରିବା ପରଠାରୁ ରୋଡ୍ରିଗ୍ୱେଜ ଆଉ ଜାତୀୟ ଦଳରେ ସ୍ଥାନ ପାଇନାହାନ୍ତି। ତେବେ ନିକଟରେ ଇଂଲଣ୍ଡରେ ଅନୁଷ୍ଠିତ ହଣ୍ଡ୍ରେଡ୍ ସିରିଜରେ ସେ ନର୍ଦ୍ଦର୍ନ ସୁପରଚାର୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୭ ଇନିଂସରୁ ୨୪୯ ରନ କରି ନିଜ ଦକ୍ଷତା



ହରମନପ୍ରୀତ କୌର ଓ ଜେମିମା ରୋଡ୍ରିଗ୍ୱେଜ।

ପ୍ରତିପାଦନ କରିଛନ୍ତି। ''ମ୍ୟାଚର ସ୍ଥିତି ଯାହା ହେଉ ନା କାହିଁକି ମୁଁ ଶତ ପ୍ରତିଶତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି। ରେନେଗାଡେସ ପାଇଁ କପ୍ ଜିତିବା ମୋର ଆଶା'' ବୋଲି ରୋଡ୍ରିଗ୍ୱେଜ କହିଛନ୍ତି। ହରମନପ୍ରୀତଙ୍କ ପ୍ରତିଭାକୁ ପ୍ରଶଂସା କରିଛନ୍ତି ରେନେଗାଡେସ କୋଚ୍ ସିମନ ହେଲମୋଟ। ଗତ ଏକ ଦଶନ୍ଧି ଧରି ଅନ୍ତର୍ଜାତୀୟ ସ୍ତରରେ ହରମନପ୍ରୀତଙ୍କ ରେକର୍ଡ ତାଙ୍କ ସମ୍ପର୍କରେ ଅନେକ କିଛି କହୁଛି। ସେ ଜଣେ ମ୍ୟାଚ ବିଜୟିନୀ ଏବଂ ପ୍ରତିପକ୍ଷ ଦଳଠାରୁ ମ୍ୟାଚ ଛଡ଼ାଇ ଆଣିବାର ଦକ୍ଷତା ରଖିଛନ୍ତି। ଅଭିଜ୍ଞତା ଏବଂ ନେତୃତ୍ୱ ନେବାର ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଆମେ ଆମ ଗ୍ରୁପ୍‌ରେ ସାମିଲ କରିଛୁ ବୋଲି ହେଲମୋଟ କହିଛନ୍ତି। ଏହା ବ୍ୟତୀତ 'ଦି ହଣ୍ଡ୍ରେଡ' ଟୁର୍ନାମେଣ୍ଟରେ ରୋଡ୍ରିଗ୍ୱେଜଙ୍କ ପ୍ରଦର୍ଶନରେ ପ୍ରଭାବିତ ହୋଇଛନ୍ତି ଏହି କୋଚ୍। ସେ ଜଣେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି। ମାତ୍ର ୨୧ ବର୍ଷରେ ସେ ବିଶ୍ୱସ୍ତରରେ ନିଜ ପ୍ରତିଭାରେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି ବୋଲି ହେଲମୋଟ ପ୍ରକାଶ କରିଛନ୍ତି।

# ବକ୍ସିଂ ଲିଜେଣ୍ଡ ମେନି ପାକ୍ୱିଓଙ୍କ ଅବସର



**ମାନିଲା, ୨୯।୯:** ଫିଲିପାଇନ୍ସର କିମ୍ବଦନ୍ତୀ ବକ୍ସର ତଥା ରାଜନେତା ମେନି ପାକ୍ୱିଓ ଅବସର ଘୋଷଣା କରିଛନ୍ତି। ୮- ଡିଭିଜନ ବିଶ୍ୱ ଚାମ୍ପିୟନ ତଥା ଫିଲିପାଇନ୍ସ ସିନେଟର ପାକ୍ୱିଓ ବୁଧବାର ଆନୁଷ୍ଠାନିକ ଭାବେ ବକ୍ସିଂ ରିଙ୍ଗକୁ ଅଲ୍‌ବିଦା କରିଛନ୍ତି। ବୁଧବାର ୪୨ ବର୍ଷୀୟ ପାକ୍ୱିଓ ନିଜ ଫେସ୍‌ବୁକ ପେଜ୍‌ରେ ଏ ସଂକ୍ରାନ୍ତରେ ଏକ ୧୪ ମିନିଟ ଭିଡିଓ ପୋଷ୍ଟ କରି ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଗୁଡ୍ ବାଏ ବକ୍ସିଂ ବୋଲି ସେ ଉଲ୍ଲେଖ କରିଛନ୍ତି। ଅବସର ଗ୍ରହଣ କରୁଥିବାରୁ ଫିଲିପାଇନ୍ସର ସମସ୍ତ ନାଗରିକ ଓ ବିଶ୍ୱବାସୀଙ୍କୁ କୃତଜ୍ଞତା ଜଣାଉଛି। ଏହି ନିଷ୍ପତ୍ତି ନିଶ୍ଚିତ ଭାବେ କଷ୍ଟକର ଥିଲା ବୋଲି ସେ କହିଛନ୍ତି।୨୬ ବର୍ଷର କ୍ୟାରିୟରରେ ପାକ୍ୱିଓ ୭୨ଟି ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିରେ ସେ ୬୨ଟି ବିଜୟ ହାସଲ କରିଥିବା ବେଳେ ୮ଟି ପରାଜୟ ବରଣ କରିଛନ୍ତି ଓ ୨ଟି ଡ୍ର ରଖିଛନ୍ତି। ୬୨ଟି ବିଜୟ ମଧ୍ୟରୁ ୩୯ଟି ନକ୍‌ଆଉଟ ଓ ୨୩ଟି ନିଷ୍ପତ୍ତି ମାଧ୍ୟମରେ ସେ ବିଜୟୀ ହୋଇଛନ୍ତି। ସେ ୧୨ଟି ବିଶ୍ୱ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଅଗଷ୍ଟ ୨୧ରେ ସେ ନେଭାଡାର ପାରାଡାଇଜ୍‌ରେ କ୍ୟୁବାର ୟୋର୍ଡେନିସ ଉଗାସଙ୍କଠାରୁ ପରାସ୍ତ ହୋଇଥିଲେ ଓ ଏହା ତାଙ୍କୁ ନିରାଶ କରିଥିଲା। ଏହି ପରାଜୟ ତାଙ୍କ ଅବସର ନେବା ପଛର ମୁଖ୍ୟ କାରଣ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ସେ ଅବସର ନେବେ ବୋଲି ସୂଚନା ଦେଇଥିଲେ। ସେ ରାଜନୀତିରେ ଯୋଗ ଦେଇଛନ୍ତି ଓ ଫିଲିପାଇନ୍ସ ରାଷ୍ଟ୍ରପତି ପଦ ପାଇଁ ଆଗାମୀ ୨୦୨୨ ମେ' ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି କହିଛନ୍ତି।

# ନୃସିଂହଙ୍କ ମାଉଣ୍ଟ ଫ୍ରେଣ୍ଡଶିପ୍ ଆରୋହଣ

**ଭୁବନେଶ୍ୱର, ୨୯।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅନ୍ୟତମ ପର୍ବତାରୋହୀ ନୃସିଂହ ଚରଣ ସାହୁ ନିକଟରେ ହିମାଚଳ ପ୍ରଦେଶ ସୋଲାଙ୍ଗ ଭ୍ୟାଲି ନିକଟସ୍ଥ ମାଉଣ୍ଟ ଫ୍ରେଣ୍ଡଶିପ୍ (୫,୨୮୯ ମିଟର/୧୭,୩୮୦ ଫୁଟ)କୁ ସଫଳତାର ସହ ଆରୋହଣ କରିଛନ୍ତି। କୋଭିଡ୍-୧୯ ଯୋଗୁ ପର୍ବତାରୋହଣ କାର୍ଯ୍ୟକ୍ରମରୁ ବେଶ୍ କିଛିଦିନ ପାଇଁ ଦୂରରେ ରହିଥିବା ନୃସିଂହ ଜଣେ ତାଲିମପ୍ରାପ୍ତ ପର୍ବତରୋହୀ। କୋଭିଡ୍ ନିୟମରେ ସାମାନ୍ୟ କୋହଳ ଆସିବାରୁ ଦୀର୍ଘ ୧୫ମାସ ପରେ ସେ ନିଜର କାର୍ଯ୍ୟକ୍ରମ ପୁନର୍ବାର ଆରମ୍ଭ କରି ଏହି ପର୍ବତାରୋହଣ କରିଥିଲେ। ଏହା ଚଳିତ ମାସ ୨୧ରୁ ଆରମ୍ଭ ହୋଇ ୨୯ ରେ ଶେଷ ହୋଇଥିଲା।

ନୃସିଂହ ୨୩ ତାରିଖରେ ସାଥି କ୍ଲାଇମ୍ବରମାନଙ୍କ ସହ ବେସ୍‌କ୍ୟାମ୍ପରେ ପହଞ୍ଚିଥିଲେ। ମାତ୍ର ପ୍ରତିକୂଳ ପାଗ ଯୋଗୁ ଠିକ୍ ସମୟରେ ଆଗକୁ ବଢ଼ିବା ସମ୍ଭବ ହୋଇପାରି ନ ଥିଲା। କ୍ରମାଗତ ୨ ଦିନ ବର୍ଷା ଯୋଗୁ ସମସ୍ତେ ବେସ୍‌କ୍ୟାମ୍ପରେ ଅଟକି ରହିଥିଲେ। ପାଗ ଅନୁକୂଳ ରହିବ ବୋଲି ସୂଚନା ପାଇବା ପରେ ୨୪ ତାରିଖ ରାତିରୁ ବେସ୍ କ୍ୟାମ୍ପରୁ ଅଭିଯାନ ଆରମ୍ଭ କରି ନୃସିଂହଙ୍କ ସହ ଅନ୍ୟ କ୍ଲାଇମ୍ବରମାନେ ୨୫ ତାରିଖ ସକାଳ ୯ଟା ୩୦ରେ ମାଉଣ୍ଟ ଫ୍ରେଣ୍ଡଶିପ୍ ଶିଖର ଛୁଇଁଥିଲେ। ''ଏହା ଏକ ଛୋଟ ପାହାଡ଼ ଥିଲେ ହେଁ ପ୍ରତିକୂଳ ପାଗ ଯୋଗୁ ଆରୋହଣ କରିବା କଷ୍ଟକର ହୋଇ ପଡ଼ିଥିଲା। କ୍ୟାମ୍ପ ୧ରୁ ଏତେ ତୁଷାରପାତ ହୋଇଥିଲା ଯେ ପ୍ରତେକ ଷ୍ଟେପ୍ ଆଣ୍ଠୁ ଯାଏ ବରଫରେ ଦବି ଯାଉଥିଲା। ସେଥିପାଇଁ ପୂରା ଟିମ୍‌କୁ ଶିଖରରେ ପହଞ୍ଚିବାକୁ ଦୀର୍ଘସମୟ ଲାଗିଥିଲା। ଶେଷ ୩୦୦ ମିଟର ଆରୋହଣ ପାଇଁ ୬ଟି ଦଉଡ଼ିର ସହାୟତା ନିଆଯାଇଥିଲା। ୧୮ ଜଣ କ୍ଲାଇମ୍ବରଙ୍କ ମଧ୍ୟରୁ ୮ଜଣ ଆରୋହଣରେ ବିଫଳ ହୋଇଥିଲେ। ପ୍ରତ୍ୟାବର୍ତ୍ତନ ଆରମ୍ଭର ୧୫ମିନିଟ ପରେ ତୁରନ୍ତ ଶିଖର କୁହୁଡ଼ିମୟ ହୋଇଯାଇଥିଲା। ଫଳରେ ଟିମ୍ ପାଇଁ ଓହ୍ଲାଇବା କଷ୍ଟକର ହୋଇ ପଡ଼ିଥିଲା'' ବୋଲି ନୃସିଂହ ପ୍ରକାଶ କରିଛନ୍ତି। ନୃସିଂହ ଏହି ଆରୋହଣରେ ନିଜର ଜଣେ ଛାତ୍ରୀ ହରିୟାଣାର ମୀନୁ ଦେବୀଙ୍କୁ ସାଥିରେ ନେଇଥିଲେ। ମୀନୁ ଜଣେ ଦକ୍ଷ ଟାଏକୋଣ୍ଡୋ ଖେଳାଳି ହୋଇଥିବା ବେଳେ ପର୍ବତାରୋହଣରେ ରୁଚି ରଖନ୍ତି। ଦୃଢ଼ ଇଚ୍ଛାଶକ୍ତି ଯୋଗୁ ସେ ପର୍ବତ ଶିଖରରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ। ତେବେ କୌଣସି ପର୍ବତାରୋହଣ ତାଲିମ ନ ଥିବାରୁ ଭୁଲବଶତଃ ସେ ତାଙ୍କର ସନ୍‌ଗ୍ଲାସ୍ ଖୋଲି ଦେଇଥିଲେ। ଫଳରେ ସେ ଗୋଟିଏ ଦିନ ପାଇଁ ସ୍ନୋ ବ୍ଲାଇଣ୍ଡନେସ୍‌ର ଶିକାର ହୋଇଥିଲେ ବୋଲି ନୃସିଂହ କହିଛନ୍ତି।



ଆରୋହଣ ପରେ ଛାତ୍ରୀ ମୀନୁ ଦେବୀଙ୍କ ସହ ନୃସିଂହ ଚରଣ ସାହୁ।

# ଅଧିନାୟକ ଅନ୍ତିମ ନିଷ୍ପତ୍ତି ନେବା ଆବଶ୍ୟକ

**ଗୌତମ ଗମ୍ଭୀର**

ପୂର୍ବରୁ କୋଲକାତା ନାଇଟ ରାଇଡର୍ସ (କେକେଆର)ର ନେତୃତ୍ୱ ନେଇଛି। ମୋ ଅଧିନାୟକତ୍ୱରେ କେକେଆର ସଫଳତା ମଧ୍ୟ ପାଇଥିଲା। ସେତେବେଳେ ଏବେକାର ଅଧିନାୟକ ଇଅନ ମୋର୍ଗାନ ଦଳରେ ଥିଲେ। ସେ ଭଲ ପ୍ରଦର୍ଶନ ପାଇଁ ପ୍ରୟାସ କରି ଆସିଛନ୍ତି। ତାଙ୍କ ପ୍ରସ୍ତୁତି ଓ ମୁକାବିଲା ରଣନୀତି ନିର୍ଦ୍ଧାରଣ ନିଶ୍ଚିତ ଭାବେ ଉଚ୍ଚକୋଟୀର। ତେବେ ମୋର୍ଗାନ ବିଭିନ୍ନ ପରାମର୍ଶ ଗ୍ରହଣ କରିବାରେ ଆବଶ୍ୟକତାଠାରୁ ଅଧିକ ଉଦାରତା ଦେଖାଉଛନ୍ତି। ଏହି ପରାମର୍ଶଗୁଡ଼ିକ ମଧ୍ୟରୁ କେତୋଟି ଅବଶ୍ୟ ଗ୍ରହଣୀୟ ନୁହେଁ।

ଜଣେ ଭଲ ଅଧିନାୟକ ସବୁବେଳେ ଭଲ ସ୍ରୋତା ହେବା ସହ କମ୍ୟୁନିକେଟର ହୋଇଥାନ୍ତି। ତେବେ ଶେଷରେ ସେ ନିଜେ ହିଁ ଅନ୍ତିମ ନିଷ୍ପତ୍ତି ନେଇଥାନ୍ତି। ପରବର୍ତ୍ତୀ ସ୍ଥିତି ପାଇଁ ନିଷ୍ପତ୍ତି ନେବା ପୂର୍ବରୁ ଡ୍ରେସିଂରୁମ୍ ଆଡକୁ ଚାହିଁବା କେତେଦୂର ଠିକ୍ ତାହା ଅବଶ୍ୟ କହିପାରିବି ନାହିଁ। ଏଭଳି ସ୍ଥିତିରେ ଅଧିନାୟକ ପଦରୁ ଇସ୍ତଫା ଦେଇଥାନ୍ତି ଓ ନେତୃତ୍ୱ ନେବା ପାଇଁ ନିଜକୁ ଫିଟ୍ ନୁହଁ ବୋଲି ଘୋଷଣା କରିଥାନ୍ତି। ପଡିଆରେ ଜଣେ ଅଧିନାୟକଙ୍କୁ ଏକାଧିକ ଭୂମିକା ନିର୍ବାହ କରିବାକୁ ପଡିଥାଏ। ପାୱାର ପ୍ଲେରେ ତାଙ୍କୁ ନିଜର ସାଥି ଖେଳାଳିଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଅଣଦେଖା କରିବାକୁ ପଡିଥାଏ। ଏହାଦ୍ୱାରା ଶୀଘ୍ର କିଛି ରନ ସଂଗୃହୀତ ହୋଇଥାଏ। କିନ୍ତୁ ପାୱାର ପ୍ଲେ ସରିବା ପରେ ଜଣେ ଅଧିନାୟକଙ୍କୁ ଭିନ୍ନ ଅର୍ଥାତ୍ କଠୋର ରୂପରେ ଦେଖିବାକୁ ମିଳିଥାଏ। ସେତେବେଳେ ସେ ସାଥି ଖେଳାଳିଙ୍କୁ ଦୃଢ଼ ହୋଇ ଖେଳିବାକୁ ପରାମର୍ଶ ଦେଇଥାନ୍ତି। ଯଦି ଉଇକେଟ ପଡିଲା ତେବେ ସେତେବେଳେ ସେ ରାଗି ନ ଥାନ୍ତି। ଜଣେ ସେ ବନ୍ଧୁ ଭଳି ଆଚରଣ କରିଥାନ୍ତି। ତେଣୁ ଜଣେ ଅଧିନାୟକଙ୍କୁ ଭିନ୍ନ ସ୍ଥିତିରେ ଭିନ୍ନ ଆଚରଣ ପ୍ରଦର୍ଶନ କରିବାକୁ ହୋଇଥାଏ।

ଦଳର ଭିନ୍ନ ଭିନ୍ନ ସ୍ଥିତିରେ ଉପଅଧିନାୟକଙ୍କ ଭୂମିକାକୁ ସେତେଟା ଗୁରୁତ୍ୱ ଦିଆଯାଇ ନ ଥାଏ। ପଡିଆରେ ଅଧିନାୟକଙ୍କୁ ବାଦ୍ ଦେଲା ପରେ ଉଇକେଟକିପରଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରେ। ଜଣେ ଅଧିନାୟକ ହିସାବରେ ସୂର୍ଯ୍ୟକୁମାର ଯାଦବଙ୍କୁ କେକେଆରର ପରବର୍ତ୍ତୀ ଅଧିନାୟକ ଭାବେ ବିକଶିତ କରିବାକୁ ପ୍ରୟାସ କରିବାକୁ ଅଧିକ ପସନ୍ଦ କରିବି। ସେଥିପାଇଁ କେତେଜଣଙ୍କ ଇଚ୍ଛା ବିରୋଧରେ ଯାଇ ତାଙ୍କୁ ଉପଅଧିନାୟକ ନିଯୁକ୍ତ କରିଥାନ୍ତି।

(ଦୀନେଶ ଚୋପ୍ରା ମିଡିଆ/ ଗେମ୍‌ପ୍ଲାନ)




# ହସ୍ପିଟାଲରୁ ଫେରିବେ ପେଲେ

**ସାଓ ପାଉଲୋ, ୨୯।୯ (ଏପି):**

ଦୀର୍ଘ ଗୋଟିଏ ମାସ ହସ୍ପିଟାଲରେ ଚିକିତ୍ସିତ ହେବାପରେ ବ୍ରାଜିଲ କିମ୍ବଦନ୍ତୀ ଫୁଟବଲର ପେଲେ ହସ୍ପିଟାଲରୁ ଘରକୁ ଫେରିବେ ବୋଲି ତାଙ୍କ ଝିଅ କେଲି ନାସ୍କିମେଣ୍ଟୋ କହିଛନ୍ତି। ସେପ୍ଟେମ୍ବର ୪ରେ ୮୦ ବର୍ଷୀୟ ପେଲେଙ୍କ ପେଟରୁ ଏକ ଟ୍ୟୁମର ବାହାର କରାଯାଇଥିଲା। ଅସ୍ତ୍ରୋପଚାର କରାଯିବାର କେତେଦିନ ତାଙ୍କୁ ଇଣ୍ଟେନଶିଭ କେୟାରରେ ରଖାଯାଇଥିଲା।

ଏବେ ସେ ଧିରେ ଧିରେ ସୁସ୍ଥ ଅନୁଭବ କରୁଛନ୍ତି। ଘରେ ତାଙ୍କର ଚିକିତ୍ସା କରାଯିବ ବୋଲି ନାସ୍କିମେଣ୍ଟୋ ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରି ସୂଚନା ଦେଇଛନ୍ତି। ତେବେ ପେଲେ ଏତେଶୀଘ୍ର ଛାଡ଼ ପାଇବେ ନାହିଁ ବୋଲି ହସ୍ପିଟାଲ ଅଲବର୍ଟ ଆଇନଷ୍ଟାଇନ୍ ତରଫରୁ କୁହାଯାଇଛି। ସୁସ୍ଥ ହେଉଥିବା ନେଇ ପେଲେ ସୋସିଆଲ ମିଡିଆରେ ଏକାଧିକ ଫଟୋ ଓ ଭିଡିଓ ଅପଲୋଡ କରିଛନ୍ତି।

# ଚେନ୍ନାଇ-ହାଇଦ୍ରାବାଦ ମୁକାବିଲା ଆଜି



ଅଭ୍ୟାସ ଅବସରରେ ରବୀନ୍ଦ୍ର ଜାଡେଜା।

**ଦୁବାଇ,୨୯।୯(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ସଂସ୍କରଣରେ ପଏଣ୍ଟ ତାଲିକାର ଶୀର୍ଷରେ ଥିବା ଚେନ୍ନାଇ ସୁପର କିଙ୍ଗ୍ସ ଗୁରୁବାର ନିମ୍ନ ସ୍ଥାନରେ ଥିବା ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ପ୍ଲେ-ଅଫ୍ ଦୌଡରୁ ବାଦ୍ ପଡିସାରିଥିବା ହାଇଦ୍ରାବାଦ କିନ୍ତୁ ଗତଥର ବିଜୟୀ ହୋଇଥିବାରୁ ଏହି ମୋମେଣ୍ଟମ ବଜାୟ ରଖିବାକୁ ପ୍ରୟାସ କରିବ। ଦୁବାଇ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ ଗତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଥିଲା। କ୍ରମାଗତ ୫ଟି ପରାଜୟ ପରେ ହାଇଦ୍ରାବାଦ ପ୍ରଥମ ବିଜୟ ହାସଲ କରିଥିଲା। ଅପରାଜିତ ୫୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ୱିଲିୟମସନ ବିଜୟରେ ପ୍ରମୁଖ ଭୂମିକା ନେଇଥିଲେ। ଏଥିସହ ହାଇଦ୍ରାବାଦ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଦଳ ଏ ପର୍ଯ୍ୟନ୍ତ ୧୦ ମ୍ୟାଚ୍ ଖେଳି ୨ ବିଜୟ, ୮ ପରାଜୟ ସହ ୪ ପଏଣ୍ଟ ହାସଲ କରି ଅଷ୍ଟମ ତଥା ନିମ୍ନତମ ସ୍ଥାନରେ ରହିଛି।

E-Mail ID - rwd.padampur@yahoo.co.in; Ph. No.9437255440

**1st Corrigendum to Tender Call Notice No.: Online-04- OF 2021-22**

**No.O-778:-** Due to some unavoidable cases the following changes has been made vide this office tender call notice No. Online 04 of 2021-22

| Sl. No. | As per the notice earlier published: Name of the work | Approx. Estimated cost put to tender (in lakhs) | Changes made as per the corrigendum now: Revised Name of the work | Revised Approx. Estimated cost put to tender (in lakhs) |
|---|---|---|---|---|
| 1. | Providing, fitting & fixing of Sign Boards and Road Furniture of approved quality and specification as per IRC:67-2012 to 177 nos. of roads under R.W.Division, Padampur | 86.67 | **Providing, fitting & fixing of Sign Boards and Road Furniture of approved quality and specification as per IRC:67-2012 to 170 nos. of roads under R.W.Division, Padampur** | 84.36 |

All other terms and conditions remains unchanged.

**Executive Engineer,**
**Rural Works Division, Padampur**

OIPR-25069/11/0007/2122

**ODISHA LIFT IRRIGATION CORPORATION LTD.**

**(A GOVERNMENT OF ODISHA UNDERTAKING)**
**PLOT NO. 17/2, NAYAPALLI, BHUBANESWAR - 12**
**Phone: (0674) 2390195, Fax: (0674) 2395844, E-mail: olicltd123@bsnl.com, olicltd@ymail.com**

**No. 4P-58/21-6978(5)OLIC** **Dated: 28.09.2021**

**NATIONAL COMPETITIVE BIDDING THROUGH e-Procurement**

No. CAD-1341: The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Submersible pump sets in conformity with Detail Tender Call Notice from reputed manufacturers as per the following schedule.

| Sl. No. | Tender Specification No. | Brief Description | Approx. quantity required in Nos. | Estimated Cost in (Rs. in lakhs) | Bid Security Declaration to be submitted for EMD (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-03(E) 2021-22 | Submersible Pump set to deliver 2.0 LPS at 60 Mtr. head | 10468 | 2915.861 | 29.159 | 10,000/- + GST 5% on reverse charge basis |

1. Period of Completion : 60 days from the date of issue of purchase order.
2. Date of availability of bid document in the portal : From Dt.01.10.2021 to Dt.21.10.2021
3. Last date/time for receipt of bids in the portal : Dt.21.10.2021 upto 17.00 hrs.
4. Last date of seeking clarification : Dt.08.10.2021 upto 17.00 hrs.
5. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B. No. 155 Bhubaneswar - 751012
6. Further details can be seen from the e-procurement portal **https://tendersodisha.gov.in**.

Any Addendum/Corrigendum/Cancellation of tender will be available in the said website.
Authority reserves the right to reject any or all the tenders without assigning any reason thereof.

**OIPR-32135/11/0008/2122** **Sd./- Managing Director**

**No. CAD-1335:-**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022**

**Tender Call Notice No. H.O./P&C/EST-E-1749/01/2021-16254** **Date: 24.09.2021**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Value of work (Approx.) | Period of Completion |
|---|---|---|---|
| 1. | "Laying of treated water rising main from MEIL pumping Main-EMC Park pump house to Bagchi Sri Sankar cancer centre and research Institute & Bagchi-Karunashraya Palliative care centre in Bhubaneswar in the District of Khordha". | ₹ 30.73 lakhs | 03 (Three) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding: From | To |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid ID No. PC-EST-E-20/2021-22 | 17.00 hours of dt.01.10.2021 | 17.00 hours of dt.16.10.2021 |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.

**OIPR-14003/11/0069/2122** **Sd./- Chief General Manager (P&C), IDCO, Bhubaneswar**

No. D-152

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**

**ବିଜ୍ଞାପନ**

**କନେଷ୍ଟବଳ:- ୬୫୪ ଗୋପାଳ ଭୋଇ**
**ପିତା:- ଶ୍ରୀ ଚୂଡ଼ାମଣି ଭୋଇ**
**ଗ୍ରାମ:- ସୁଖା**
**ପୋଷ୍ଟ:- ସୁଖା**
**ଥାନା:- ଡୁଙ୍ଗୁରିପାଲି**
**ଜିଲ୍ଲା:- ସୁବର୍ଣ୍ଣପୁର**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୦୩ ଦିନ ସାମୂହିକ ଛୁଟି ତା:୩୧.୦୩.୨୦୨୧ରିଖ ଅପରାହ୍ନଠାରୁ ତା:୦୩.୦୪.୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ । ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା:୦୪.୦୪.୨୦୨୧ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି । ଏଣୁ ଏତାଦୃଶ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନସ୍ୱାକ୍ଷରକାରୀ ବାଧ୍ୟ ହେବେ ।

**ସ୍ୱା./- (ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି)**
**ଆରକ୍ଷୀ ଅଧୀକ୍ଷକ-ଯଥା-ଦୁର୍ଗପତି**
**(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)**

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**

**ବିଜ୍ଞାପନ**

**କନେଷ୍ଟବଳ:- ୨୩୧ ଚିତ୍ତ ରଞ୍ଜନ ଶ୍ରୀଚନ୍ଦନ**
**ପିତା:- ଶ୍ରୀ ପ୍ରାଣନାଥ ଶ୍ରୀଚନ୍ଦନ**
**ଗ୍ରାମ:- ନାନକେରା**
**ପୋଷ୍ଟ:- ବଦାଶ**
**ଥାନା:- କଣାସ**
**ଜିଲ୍ଲା:- ପୁରୀ**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୧୪ ଦିନ ସାମୂହିକ ଛୁଟି ତା:୦୭.୦୫.୨୦୨୧ରିଖ ଅପରାହ୍ନଠାରୁ ତା:୨୧.୦୫.୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ । ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା:୨୨.୦୫.୨୦୨୧ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି । ଏଣୁ ଏତାଦୃଶ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନସ୍ୱାକ୍ଷରକାରୀ ବାଧ୍ୟ ହେବେ ।

**ସ୍ୱା./- (ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି)**
**ଆରକ୍ଷୀ ଅଧୀକ୍ଷକ-ଯଥା-ଦୁର୍ଗପତି**
OIPR-12029/11/0025/2122 **(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)**

See Career Appointment on every Wednesday & Saturday

**OFFICE OF THE BALASORE MUNICIPALITY, BALASORE**

No. 6955 Date: 23.09.2021

**E-Procurement Notice**

**BID Identification No. BM_07_2021_22**

No. C-1036:- Bid documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

| | | | |
|---|---|---|---|
| 1. | Name of the Work | : | Civil Const. works as mentioned in DTCN |
| 2. | No. of works | : | 10 Nos. |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 28.09.2021 to 18.10.2021 |
| 6. | Last date and time for receipt | : | 18.10.2021 upto 5.00 PM |
| 7. | Bids received online shall be opened on | : | 21.10.2021 from 10.00 AM onwards |
| 8. | Name and address of the Officer Inviting Bid | : | Executive Officer, Balasore Municipality |

Further details can be seen from the e-procurement portal i.e. https://tendersodisha.gov.in/nicgep/app.

**Sd./- Executive Officer,**
**Balasore Municipality**

OIPR-13154/11/0026/2122

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH**

**No. 3046/2021/Boudh** **Date: 27.09.2021**

**TENDER CALL NOTICE**

No. E-476: Sealed tenders are invited from registered farms/authorized distributors for supply of **Drugs & Medical Consumables, Pathological items and instruments & equipments for Boudh district**. The details are available in the district website: **www.boudh.nic.in**. The eligible bidders may submit their tender papers **on or before dt.21.10.2021 by 5.00 P.M.** through Registered Post or Speed Post or Courier Services only to the undersigned. The tender documents will be opened on **Dt.22.10.2021 at 11.00 A.M.** in the office chamber of the undersigned in presnece/ absence of the bidders. The undersigned reserves the right to accept or reject any or all the tenders without assigning any reason thereof.

**Sd./- CDM & PHO, Boudh**
**OIPR-10107/11/0005/2122**

**Sambalpur Municipal Corporation**
**Sambalpur-768001**
**Email ID: sambalpurm.hud@nic.in**

**'e' Procurement NOTICE**

**Bid Identification No.: 04/SMC_SBP/2021-22**

**No. C-1032:-** The Municipal Commissioner on behalf of Municipal Corporation, Sambalpur invites tenders in Two Bid system {Part-I: General & Technical Bid and Part-II: Price Bid (percentage rate bids)} in conformity with Detailed Tender Call Notice (DTCN) for the following work.

| | | | |
|---|---|---|---|
| 1. | Name of the Works | : | **Construction of concrete road from PWD flyover service road to New Composite office building for Sambalpur Municipal Corporation and Sambalpur Development Authority at Durgapali** |
| 2. | Approximate Estimated Costs | : | Rs.1,95,54,224.09 |
| 3. | Period of completion | : | As per NIT |
| 4. | Date & Time of availability of the bid documents in the portal | : | From 11.00 AM of 28.09.2021 To 5.00 PM of 25.10.2021 |
| 5. | Last Date/ Time for receipt of bids in the portal | : | 5.00 PM of 25.10.2021 |
| 6. | Technical Bids will be opened on | : | 11.00 AM of 26.10.2021 |
| 7. | Name & address of the officer inviting bid: | : | Municipal Commissioner, Sambalpur Municipal Corporation, Sambalpur |

Further, the details can be seen from the procurment portal: **https://tendersodisha.gov.in**

**Sd./- Municipal Commissioner**
**Sambalpur Municipal Corporation**

OIPR-13122/11/0020/2122



ପଡ଼ୋଶୀ ଦେଶଗୁଡ଼ିକରେ ପରିବର୍ତ୍ତନଶୀଳ ଭୂରାଜନୈତିକ ପ୍ରେକ୍ଷାପଟ ଭାରତର ସୁରକ୍ଷା ବଳ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ସୀମା ଦେଇ ଅସ୍ତ୍ରଶସ୍ତ୍ର ଚାଲାଣ ଓ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ରୋକିବାରେ ବିଏସ୍ଏଫ୍ ସକ୍ଷମ ହୋଇଛି।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ସଂକ୍ଷେପରେ

### ୧୯୪ ଦିନରେ ସର୍ବନିମ୍ନ ସକ୍ରିୟ ମାମଲା

**ନୂଆଦିଲ୍ଲୀ,୨୯।୯:** ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୧୮,୮୭୦ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ପୂର୍ବଦିନଠାରୁ ୦.୪% ଅଧିକ। ଏଥିସହ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୩୭,୧୬,୪୫୧ ଛୁଇଁଛି। ସେହିପରି ସୋମବାର ୩୭୮ ସଂକ୍ରମିତ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ କରୋନା ମୃତକଙ୍କ ସଂଖ୍ୟା ୪୪୭,୭୫୧ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୨,୮୨,୫୬୦କୁ ଖସିଛି, ଯାହାକି ୧୯୪ ଦନରେ ସର୍ବନିମ୍ନ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରେ ଦର୍ଶାଯାଇଛି। ଇତିମଧ୍ୟରେ ଦେଶରେ ୮୫.୪୨ କୋଟି ଡୋଜ୍ ଟିକା ଦିଆଯାଇଛି। ଏଥିରୁ ୪.୫୭ କୋଟି ବ୍ୟବହାର ନ ହୋଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଖରେ ମହଜୁଦ ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଭାରତକୁ 'ହିନ୍ଦୁ ରାଷ୍ଟ୍ର' ଘୋଷଣା ନ କଲେ ଜଳସମାଧି



**ଅଯୋଧ୍ୟା, ୨୯।୯:** ଗାନ୍ଧୀ ଜୟନ୍ତୀ ଅବସରରେ ଆସନ୍ତା ଅକ୍ଟୋବର ୨ରେ ଭାରତକୁ 'ହିନ୍ଦୁ ରାଷ୍ଟ୍ର' ଭାବେ ଘୋଷଣା କରିବାକୁ କେନ୍ଦ୍ର ନିକଟରେ ଦାବି କରିଛନ୍ତି ଅଯୋଧ୍ୟାର ଜଣାଶୁଣା ସନ୍ଥ ଜଗଦ୍‌ଗୁରୁ ପରମହଂସ ଆଚାର୍ଯ୍ୟ ମହରାଜ। ଏହା ନ ହେଲେ ସେ ସରଯୂ ନଦୀରେ ନିଜକୁ ଜଳସମାଧି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ଭାରତରେ ବାସ କରୁଥିବା ସମସ୍ତ ମୁସଲମାନ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଲୋକଙ୍କ ଜାତୀୟତା ଅଫିସିଆଲି ବନ୍ଦ କରିବାକୁ ସେ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ପରମହଂସଙ୍କ ଦାବିକୁ ସମର୍ଥନ କରିବାକୁ ଅଯୋଧ୍ୟା ସନ୍ନ୍ୟାସୀ କମ୍ୟୁନିଟି 'ହିନ୍ଦୁ ସନାତନ ଧର୍ମ ସଂସଦ' ଆୟୋଜନ କରିବ ବୋଲି କହିଛି। ଏହା ପୂର୍ବରୁ ମଧ୍ୟ ସେ ସମାନ ଦାବିରେ ୧୫ ଦିନ ଧରି ଅନଶନରେ ବସିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆଶ୍ୱାସନା ପରେ ସେ ଅନଶନ ଭାଙ୍ଗିଥିଲେ।

### ହାଇକୋର୍ଟରେ ନିଜ ଗୁଳିରେ ଟଳିଲେ କନଷ୍ଟେବଳ

**ନୂଆଦିଲ୍ଲୀ, ୨୯।୯:** ଦିଲ୍ଲୀ ହାଇକୋର୍ଟ ପରିସରରେ ଡ୍ୟୁଟିରେ ଥିବା ଜଣେ ପୋଲିସ କନଷ୍ଟେବଳ ବୁଧବାର ସକାଳେ ନିଜ ସର୍ଭିସ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ୩୦ ବର୍ଷୀୟ ଟିଙ୍କୁ ରାମ ୩ ନମ୍ବର ଗେଟ୍‌ରେ ଥିବାବେଳେ ସକାଳ ପ୍ରାୟ ସାଢ଼େ ୯ଟାରେ ଏପରି କରିଥିବା ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ ନିକଟରୁ କୌଣସି ସୁଇସାଇଡ ନୋଟ୍ ଜବତ କରାଯାଇନାହିଁ। ରୋହିଣୀ କୋର୍ଟରେ ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ର ଯୋଗୀଙ୍କୁ ଗୁଳି କରାଯିବାର ୫ ଦିନ ପରେ ଏପରି ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀ ହାଇକୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଅଦାଲତ ଏକ ପିଟିଶନ ଆଧାରରେ ମଙ୍ଗଳବାର ନୋଟିସ ଜାରି କରିଥିଲେ।

# ଟ୍ୟୁନିସିଆର ପ୍ରଥମ ମହିଳା ମୁଖିଆ



**ଟ୍ୟୁନିସ୍:** ଟ୍ୟୁନିସିଆରେ ପ୍ରଥମ କରି ଜଣେ ମହିଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି। ରାଷ୍ଟ୍ରପତି କାଏସ୍ ସଇଦ୍ ଆଶ୍ଚର୍ଯ୍ୟଜନକ ଭାବେ ୬୩ ବର୍ଷୀୟା ରାଓଧା ବୁଡେଣ୍ଟ ରାମାଧାନେଙ୍କ ନାଁ ଏହି ପଦ ପାଇଁ ଘୋଷଣା କରିଛନ୍ତି। ରାଓଧା ଏକ ସୁନାମଧନ୍ୟ ଇଞ୍ଜିନିୟରିଂ କଲେଜରେ ପ୍ରଫେସର ଥିଲେ। ଖୁବଶୀଘ୍ର ରାଓଧା ନୂଆ କ୍ୟାବିନେଟ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଜୁଲାଇ ୨୫ରେ ସଇଦ୍ ପାର୍ଲାମେଣ୍ଟ ଭାଙ୍ଗି ପ୍ରଶାସନିକ ଅଧିକାରୀଙ୍କ କ୍ଷମତା ଛଡ଼ାଇନେବା ପରଠାରୁ ଟୁନିସିଆ ପ୍ରଧାନମନ୍ତ୍ରୀ ପଦ ଖାଲି ପଡ଼ିଥିଲା। ଦେଶକୁ ସାମାଜିକ ଓ ଅର୍ଥନୈତିକ ସଙ୍କଟରୁ ବଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ଜରୁରୀ ଥିଲା ବୋଲି ସଇଦ୍ କହିଛନ୍ତି।

# ଫୁମିଓ ହେବେ ଜାପାନ ପ୍ରଧାନମନ୍ତ୍ରୀ



**ଟୋକିଓ:** ଜାପାନର ପୂର୍ବତନ ବହିର୍ବ୍ୟାପର ମନ୍ତ୍ରୀ ଫୁମିଓ କିଶିଦା ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ। ତାଙ୍କ ଶାସକ ଦଳ ଲିବେରାଲ୍ ଡେମୋକ୍ରାଟିକ୍ ପାର୍ଟିର ବୁଧବାର ଅନୁଷ୍ଠିତ ନିର୍ବାଚନରେ ସେ ନେତା ଭାବେ ଚୟନ ହୋଇଛନ୍ତି। ତେଣୁ ଆସନ୍ତା ସୋମବାର ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ଭାବେ କିଶିଦା ନାଁରେ ମୋହର ବାଜିବା ନିଶ୍ଚିତ ହୋଇଛି। ୮ ବର୍ଷ ଧରି ପ୍ରଧାନମନ୍ତ୍ରୀ ରହିଥିବା ସିଞ୍ଜୋ ଆବେ ଗତ ସେପ୍ଟେମ୍ବରରେ ଅସୁସ୍ଥତା କାରଣରୁ ଇସ୍ତଫା ଦେବା ପରେ ବିଦାୟୀ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା କ୍ଷମତାକୁ ଆସିଥିଲେ। ମାତ୍ର ବର୍ଷେ ପରେ ଜାପାନ ନୂଆ ପ୍ରଧାନମନ୍ତ୍ରୀ ପାଇବାକୁ ଯାଉଛି। ଜାପାନ ପ୍ରଧାନମନ୍ତ୍ରୀ ଦୌଡ଼ରେ ୪ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ୨ ମହିଳା ପ୍ରାର୍ଥୀ ସାନେ ତାକିଚି ଏବଂ ସେଇକୋ ନୋଡା ମଧ୍ୟ ରହିଥିଲେ। ତେବେ ଉଭୟଙ୍କୁ କିଶିଦା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପରାଜିତ କରିଥିଲେ। ଏଥିସହ ଲୋକପ୍ରିୟ ଟିକାକରଣ ମନ୍ତ୍ରୀ ତାରୋ କୋନୋଙ୍କୁ ମଧ୍ୟ ସେ ହରାଇଥିଲେ।

# ମଧ୍ୟାହ୍ନଭୋଜନ ନାଁ ବଦଳାଇଦେଲେ

## 'ପିଏମ୍ ପୋଷଣ'ରେ ଉପକୃତ ହେବେ ୧୧.୮୦ କୋଟି ଛାତ୍ରୀଛାତ୍ର: ଧର୍ମେନ୍ଦ୍ର

**ଦେଶବ୍ୟାପୀ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ସେମାନଙ୍କୁ ପାଠପଢ଼ା ପ୍ରତି ଆକର୍ଷିତ କରିବା ପାଇଁ ୧୯୫୯ ଅଗଷ୍ଟ ୧୫ରେ ମିଡ୍ ଡେ ମିଲ୍ ବା ମଧ୍ୟାହ୍ନ ଭୋଜନ ଯୋଜନା ଆରମ୍ଭ ହୋଇଥିଲା। ଉପସ୍ଥାନ ବୃଦ୍ଧି ଉଦ୍ଦେଶ୍ୟରେ ଏହି ଯୋଜନାରେ ବିଦ୍ୟାଳୟଗୁଡ଼ିକରେ ୬ରୁ ୧୪ ବର୍ଷର (ପ୍ରଥମରୁ ଅଷ୍ଟମ ଶ୍ରେଣୀ) ପିଲାଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ୨୦୨୧ ନଭେମ୍ବରରେ ସୁପ୍ରିମକୋର୍ଟ ଏହାକୁ ବାଧ୍ୟତାମୂଳକ କରି ପ୍ରତ୍ୟେକ ସରକାରୀ ଓ ସରକାରଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ରନ୍ଧାଖାଦ୍ୟ ଦେବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରର ମୋଦି ସରକାର ବୁଧବାର ଏହାର ନାମ ବଦଳାଇ 'ପିଏମ୍ ପୋଷଣ' ଯୋଜନା ରଖିଛନ୍ତି।**



ନୂଆଦିଲ୍ଲୀ,୨୯।୯

କେନ୍ଦ୍ର ସରକାର ଜାତୀୟ ମଧ୍ୟାହ୍ନଭୋଜନ ଯୋଜନାର ନାମକୁ ବଦଳାଇ ପିଏମ୍ ପୋଷାଷ ଯୋଜନା କରିଛନ୍ତି। ଏହି ଯୋଜନାରେ ଏଣିକି ସ୍କୁଲଗୁଡ଼ିକରେ ବାଳ ବିକାଶ ଓ ପ୍ରି-ପ୍ରାଇମେରି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯିବ। ଏହି ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି।

ପିଏମ୍ ପୋଷଣ ଯୋଜନାରେ ଦେଶର ସମସ୍ତ ସରକାରୀ ଓ ସରକାରଙ୍କ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପ୍ରାଥମିକ ଶ୍ରେଣୀରୁ ରନ୍ଧାଖାଦ୍ୟ ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ)ରେ ଏନେଇ ନିଷ୍ପତ୍ତି ନିଆଯାଇଛି। ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା ବଳବତ୍ତର ରହିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ପୂର୍ବରୁ ମଧ୍ୟାହ୍ନ ଭୋଜନ ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଦିନକୁ ଥରେ ରନ୍ଧାଖାଦ୍ୟ ଦିଆଯାଉଥିବାବେଳେ ଏବେ ଏଥିରେ ପ୍ରି-ପ୍ରାଇମେରି ବା ବାଳ ବିକାଶ ପିଲାଙ୍କୁ ସାମିଲ କରାଯାଇଛି। ଏଥିରେ ଦେଶର ୧୧ ଲକ୍ଷ ୨୦ ହଜାର ବିଦ୍ୟାଳୟରେ ପଢୁଥିବା ୧୧.୮୦ କୋଟି ଛାତ୍ରୀଛାତ୍ର ଉପକୃତ ହେବେ। ଏଥିପାଇଁ ୫ ବର୍ଷରେ ୨୫୪୦୬୧.୭୩ କୋଟି ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିବେ। ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ୩୧୭୩୩.୧୭ କୋଟି ଟଙ୍କା ବହନ କରିବେ। ଏହାବାଦ୍ କେନ୍ଦ୍ର ସରକାରଙ୍କୁ ଖାଦ୍ୟଶସ୍ୟ ବାବଦକୁ ଅତିରିକ୍ତ ୪୫୦୦୦ କୋଟି ଟଙ୍କାର ବୋଝ ସହିବାକୁ ପଡ଼ିବ। ତେଣୁ ଏହି ଯୋଜନାରେ ମୋଟ ୧୩୦୭୯୪.୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

# ଏନ୍‌ଇଇଟି-ୟୁଜି ପରୀକ୍ଷା ବାତିଲ ଦାବି

ନୂଆଦିଲ୍ଲୀ, ୨୯।୯

### ସୁପ୍ରିମକୋର୍ଟରେ ଆବେଦନ

ଗତ ସେପ୍ଟେମ୍ବର ୧୨ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ୨୦୨୧ ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ନକଲି ପରୀକ୍ଷାର୍ଥୀଙ୍କ ଉପସ୍ଥିତି ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଏହାକୁ ବାତିଲ କରାଯିବାକୁ ସୁପ୍ରିମକୋର୍ଟରେ ଆବେଦନ ହୋଇଛି। କେତେଜଣ ଏନ୍‌ଇଇଟି-ୟୁଜି ଆଶାୟୀ ଏହି ଆବେଦନ ଜରିଆରେ ଏହାର ଫଳାଫଳ ଉପରେ ରୋକ ଲଗାଇ ପୁନଃ ପରୀକ୍ଷା ଆୟୋଜନ କରିବାକୁ ଦାବି କରିଛନ୍ତି। ପ୍ରାର୍ଥୀମାନଙ୍କର ବାୟୋମେଟ୍ରିକ୍ ଯାଞ୍ଚ, ଜାମର ବ୍ୟବହାର ସହ ସୁରକ୍ଷା ପ୍ରୋଟୋକଲର ମାନ ବଢ଼ାଇବା ନିମନ୍ତେ ଶିକ୍ଷା ମନ୍ତ୍ରଣାଳୟ, ଜାତୀୟ ପରୀକ୍ଷା ଏଜେନ୍ସି ଏବଂ ଜାତୀୟ ଚିକିତ୍ସା କମିଶନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯିବାକୁ ଆବେଦନରେ ଦର୍ଶାଯାଇଛି। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ), ଉତ୍ତରପ୍ରଦେଶ ଓ ରାଜସ୍ଥାନ ପୋଲିସ ମହାନିର୍ଦ୍ଦେଶକଙ୍କୁ ମଧ୍ୟ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସପ୍ତାହେ ମଧ୍ୟରେ ସୁପ୍ରିମକୋର୍ଟରେ ଏକ ଅନୁସନ୍ଧାନ ରିପୋର୍ଟ ଦାଖଲ ନିମନ୍ତେ ନିର୍ଦ୍ଦେଶ ପାଇଁ ମଧ୍ୟ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ପରୀକ୍ଷା ଦିନ ରାଜସ୍ଥାନରେ ଜଣେ ଆଶାୟୀ ଛାତ୍ରୀଙ୍କୁ ୭ ଜଣ ସହଯୋଗ କରୁଥିବା ଏବଂ ମାମଲାରେ ପୋଲିସ ୮ ଜଣଙ୍କୁ ଗିରଫ କରାଯିବା କଥା ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ବେଆଇନ ଭାବେ ଅଯୋଗ୍ୟ ପରୀକ୍ଷାର୍ଥୀ ଲାଭବାନ ହେବା ଯୋଗୁ ଯୋଗ୍ୟ ଛାତ୍ରୀଛାତ୍ର ସେମାନଙ୍କ ଅଧିକାରରୁ ବଞ୍ଚିତ ହେବେ ବୋଲି ଆବେଦନକାରୀ ପରୀକ୍ଷାର୍ଥୀ କହିଛନ୍ତି।

# ତେଲ ଟ୍ୟାଙ୍କର ଚଳାଇବ ବ୍ରିଟିଶ୍ ସେନା

ଲଣ୍ଡନ, ୨୯।୯




ଟ୍ରକ୍ ଚାଳକଙ୍କ ଅଭାବରୁ ବ୍ରିଟେନରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାଯୋଗୁ ସପ୍ତାହେ ହେଲା ଲାଗି ରହିଥିବା ତୈଳ ସଙ୍କଟ ଦୂର କରିବା ପାଇଁ ସେନା ନିୟୋଜିତ ହେବେ। ଅଧିକାଂଶ ସହରରେ ପେଟ୍ରୋଲ ଟାଙ୍କିଗୁଡ଼ିକ ଖାଲି ହୋଇଯାଇଥିବାରୁ ସେଠାକୁ ବ୍ରିଟିଶ ସୈନ୍ୟ ଟ୍ୟାଙ୍କର ଚଳାଇ ପେଟ୍ରୋଲ ଡିଜେଲ ଯୋଗାଣ କରିବେ ବୋଲି ଜଣାଯାଇଛି। ପେଟ୍ରୋଲ ଟାଙ୍କିରେ ତେଲ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଯେଉଁ କେତେକ ଟାଙ୍କିରେ ତେଲ ରହିଛି, ସେଠାରେ ଅସମ୍ଭବ ଭିଡ଼ ଲାଗି ରହୁଛି। ତେଲ ଦର ଆକାଶଛୁଆଁ ହୋଇଥିବାବେଳେ ବହୁ ସଂଖ୍ୟାରେ ଲୋକ ବୋତଲ ଧରି ଟାଙ୍କି ବାହାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି।

ଟ୍ୟାଙ୍କର ଚାଳକ ନ ଥିବାରୁ ତେଲ କମ୍ପାନୀଗୁଡ଼ିକ ପେଟ୍ରୋଲ, ଡିଜେଲ ଟ୍ରାନ୍ସପୋର୍ଟ ସମ୍ଭବ ନୁହେଁ ବୋଲି କହୁଛନ୍ତି। ୧୫୦ ସୈନ୍ୟ କିଛି ଦିନ ମଧ୍ୟରେ ଟ୍ୟାଙ୍କର ଚଳାଇ ତେଲ ପରିବହନ କରିବେ ବୋଲି ବାଣିଜ୍ୟ ମନ୍ତ୍ରୀ କ୍ୱାସି କ୍ୱାର୍ଟେଙ୍ଗ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରିଟେନ୍‌ରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟ୍ରକ୍, ଟ୍ୟାଙ୍କର ଚାଳକଙ୍କ ଅଭାବ ଯୋଗୁ ପରିବହନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ବହୁ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍ ହଠାତ୍ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଇଛି। ଇନ୍ଧନ ତୈଳ ପହଞ୍ଚିପାରୁ ନ ଥିବାରୁ ବହୁ କମ୍ପାନୀରେ ପ୍ରଡକ୍ସନ ବନ୍ଦ ରହିଛି। ତେଣୁ ପରିବହନ କାର୍ଯ୍ୟରେ ସେନା ମୁତୟନ କରିବାକୁ ଏବଂ ପଡୋଶୀ ଦେଶର ୫ ହଜାର ଚାଳକଙ୍କୁ ଅସ୍ଥାୟୀ ଶ୍ରମ ଭିଜା ପ୍ରଦାନ ନିମନ୍ତେ ବ୍ରିଟେନ ସରକାର ସ୍ଥିର କରିଛନ୍ତି।

# ସମୁଦ୍ରରେ ମିଶିଲା ଲା ପାମା ଲାଭା



ଲା ପାମା, ୨୯।୯

ସ୍ପେନର ଲା ପାଲମା ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗୀରଣ ଯୋଗୁ ବାହାରିଥିବା ଲାଭା ମଙ୍ଗଳବାର ଆଟ୍‌ଲାଣ୍ଟିକ୍ ମହାସାଗରରେ ମିଶିଛି। ଏଥିଯୋଗୁ ସେଠାରୁ ବିଷାକ୍ତ ଗ୍ୟାସ ନିର୍ଗତ ହେବା ଆଶଙ୍କା ଥିବାରୁ ଆଖପାଖ ଲୋକେ ଘର ଭିତରେ ନିଜକୁ ବନ୍ଦ ରଖିଛନ୍ତି। ସମୁଦ୍ରରେ ଲାଭା ମିଶିବା ପରେ ବିଶାଳ ଆକାରର ଧଳା ଧୂଆଁ ଆକାଶକୁ ଆଚ୍ଛାଦିତ କରିଥିଲା। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଗତ ୧୯ ତାରିଖରେ ଉକ୍ତ ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିଲା। ଏଥିରୁ ନିର୍ଗ ଲାଭା ପାହାଡ଼ ପର୍ବତ ଦେଇ ବହି ଚାଲିଛି। ଏଥିଯୋଗୁ ୬୫୦ରୁ ଉର୍ଦ୍ଧ୍ୱ ବିଲ୍ଡିଂ ନଷ୍ଟ ହେବା ସହ ଚାଷ ଉଜୁଡ଼ି ଯାଇଛି। ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁସାରେ, ସମୁଦ୍ରରେ ଲାଭା ମିଶିବା ବିପଜ୍ଜନକ। ଏହାଦ୍ୱାରା ବିସ୍ଫୋରଣ ଘଟିବା ସହ ନିର୍ଗତ ବିଷାକ୍ତ ଗ୍ୟାସ୍ ଯୋଗୁ ଦ୍ୱୀପରେ ଜନଜୀବନ ହାନି ହୋଇପାରେ। ତେଣୁ ଲୋକଙ୍କୁ ଘରୁ ବାହାରିବାକୁ ବାରଣ କରାଯାଇଛି। ଉପକୂଳବର୍ତ୍ତୀ ଗ୍ରାମରୁ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

# ପାକ୍‌ରେ ମହିଳାଙ୍କୁ ମୃତ୍ୟୁଦଣ୍ଡ

ଇସ୍‌ଲାମାବାଦ, ୨୯।୯

ପ୍ରଫେଟ୍ ମହମ୍ମଦଙ୍କ ପରେ ନିଜକୁ ପରବର୍ତ୍ତୀ ପ୍ରଫେଟ୍ ଦାବି କରିବାରୁ ପାକିସ୍ତାନର ଶିକ୍ଷୟିତ୍ରୀ ସଲମା ତନବୀରଙ୍କୁ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ନିଶ୍‌ତାର କଲୋନୀର ଏକ ଘରୋଇ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ଉପରେ ଜିଲା ଏବଂ ସେସନ୍ସ ଜଜ୍ ୫ ହଜାର ପାକିସ୍ତାନୀ ମୁଦ୍ରା (ପ୍ରାୟ ୨୯ ଡଲାର) ଜରିମାନା ଲଗାଇଛନ୍ତି। ପ୍ରଫେଟ୍ ମହମ୍ମଦଙ୍କୁ ଇସ୍‌ଲାମର ଶେଷ ପ୍ରଫେଟ୍ ଭାବେ ମାନିବାକୁ ମନା କରିବାରୁ ମହିଳାଙ୍କୁ ଏଭଳି ଦଣ୍ଡାଦେଶ ହୋଇଛି। ଲାହୋର ପୋଲିସ ୨୦୧୩ରେ ପ୍ରଫେଟ୍ ମହମ୍ମଦଙ୍କୁ ମାନୁ ନ ଥିବା ଅଭିଯୋଗରେ ତନବୀରଙ୍କ ନାଁରେ ମାମଲା ରୁଜୁ କରିଥିଲା। ତନବୀର ମାନସିକ ବିକାରଗ୍ରସ୍ତ ଥିବା ତାଙ୍କ ଓକିଲ କହିଥିଲେ। କିନ୍ତୁ ମେଡିକାଲ ରିପୋର୍ଟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ଦର୍ଶାଯିବା ପରେ ମୃତ୍ୟୁଦଣ୍ଡାଦେଶ ହୋଇଛି। ପାକିସ୍ତାନରେ ଏହାକୁ ବଡ଼ ଅପରାଧ ଭାବେ ବିବେଚନା କରାଯିବା ସହ ଅଧିକାଂଶଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ୧୯୮୭ରୁ ପାକିସ୍ତାନରେ ଇସ୍‌ଲାମ ନିନ୍ଦା ନିୟମ ଆସିବା ପରଠାରୁ ଏଯାଏ ୧୪୭୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

# ବିମାନ ଚଳାଚଳ ପାଇଁ ଭାରତକୁ ତାଲିବାନ୍‌ର ଚିଠି

ନୂଆଦିଲ୍ଲୀ, ୨୯।୯

ଆଫଗାନିସ୍ତାନ ସହ ଭାରତ ପୁନଃ ବିମାନ ଚଳାଚଳ କରିବା ପାଇଁ ତାଲିବାନ୍ ଭାରତର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)କୁ ଚିଠି ଲେଖିଛି। ତାଲିବାନ୍ ଅଧୀନରେ ଥିବା ଆଫଗାନିସ୍ତାନର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏହି ଚିଠି ଲେଖିଥିବା ଡିଜିସିଏ ମୁଖ୍ୟ ଅରୁଣ କୁମାର ସୂଚନା ଦେଇଛନ୍ତି। ଏହା ନୀତିଗତ ବିଷୟ ହୋଇଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ନେଇ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ଆଫଗାନିସ୍ତାନରୁ ନିର୍ଦ୍ଧାରିତ ସମୟରେ ବିମାନ ଚଳାଚଳ ଆରମ୍ଭ ପାଇଁ ସ୍ଥିର ହୋଇଛି। ତେଣୁ ଚୁକ୍ତି ଅନୁସାରେ ଦୁଇ ଦେଶ ମଧ୍ୟରେ ଯାତାୟାତ ଜାରି ରଖିବାକୁ ତାଲିବାନ୍ ଗତ ୭ ତାରିଖରେ ଏହି ଚିଠି ଲେଖିଛି।



ଚଣ୍ଡିଗଡ଼ରେ ରାସ୍ତା ନିର୍ମାଣ ପାଇଁ ଭାରତ ମାଳା ପ୍ରୋଜେକ୍ଟରେ ଜମି ହରାଇଥିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ବୁଧବାର ଶିରୋମଣି ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲ କର୍ମୀଙ୍କ ସହ ଟ୍ରାକ୍ଟର ରାଲି କରି ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଯାଉଛନ୍ତି।

# ଘାତକ ହେବ କୋଇଲା ପ୍ଲାଣ୍ଟ ସମ୍ପ୍ରସାରଣ

ନୂଆଦିଲ୍ଲୀ, ୨୯।୯



- ଅକାଳ ମୃତ୍ୟୁ ୬୦ ପ୍ରତିଶତ ବଢ଼ିବ
- ୫ ସହର ସ୍ଥିତି ସଙ୍ଗିନ ହେବ

ପରିବେଶ ପ୍ରଦୂଷଣ ସମସ୍ୟାକୁ ବହୁଗୁଣିତ କରି ଅକାଳ ମୃତ୍ୟୁକୁ ଡାକି ଆଣିବ କୋଇଲା ପ୍ଲାଣ୍ଟ ସମ୍ପ୍ରସାରଣ। ଭାରତୀୟ ମେଟ୍ରୋଗୁଡ଼ିକ ଏହା ଦ୍ୱାରା ସର୍ବାଧିକ ପ୍ରଭାବିତ ହେବା ଯୋଗୁ ସମୟ ପୂର୍ବରୁ ମୃତ୍ୟୁ ସଂଖ୍ୟା ୬୦ ପ୍ରତିଶତ ବୃଦ୍ଧି ପାଇବ। କୋଇଲାଜନିତ ପ୍ରଦୂଷଣ ଯୋଗୁ ବିଶ୍ୱର ଅନ୍ୟ ପ୍ରମୁଖ ସହର ଅପେକ୍ଷା ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଏବଂ ଚେନ୍ନାଇବାସୀ ଗମ୍ଭୀର ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହେବେ ବୋଲି ବୁଧବାର ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି।

'କୋଇଲା ମୁକ୍ତ ସହର: ସ୍ୱଚ୍ଛ ଶକ୍ତି ବିପ୍ଳବ ପାଇଁ ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ପ୍ରସଙ୍ଗ' ରିପୋର୍ଟ ପାଇଁ ଭାରତରେ ଥିବା କୋଇଲା ପାୱାର ପ୍ଲାଣ୍ଟ ଏବଂ ଆଗାମୀ ବର୍ଷରେ ପ୍ରସ୍ତାବିତ ସମ୍ପ୍ରସାରଣ ଯୋଜନାଗୁଡିକ ଉପରେ ଅନୁଧ୍ୟାନ କରାଯାଇଥିଲା। ସିଏଠ ସିଟିଜ୍ ଦ୍ୱାରା ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, କୋଇଲା ପ୍ଲାଣ୍ଟ ସମ୍ପ୍ରସାରଣ ଯୋଗୁ ଆସନ୍ତା ୧୦ ବର୍ଷ ମଧ୍ୟରେ ଉକ୍ତ ୫ ସହରରେ ୫୨,୭୦୦ ଲୋକଙ୍କ ଅକାଳ ମୃତ୍ୟୁ ଘଟିବ। ୩୧,୩୦୦ ଶିଶୁ ସମୟ ପୂର୍ବରୁ ଜନ୍ମ ନେବେ। ଆଜ୍‌ମା ଯୋଗୁ ୪୬,୮୦୦ ଜଣଙ୍କୁ ଜରୁରିକାଳୀନ ସ୍ଥିତିରେ ହସ୍ପିଟାଲ ଯିବାକୁ ପଡ଼ିବ। ଅସୁସ୍ଥତା କାରଣରୁ ୨ କୋଟି ୫୮ ଲକ୍ଷ ଛୁଟି ଦିବସ ମିଳିବ। ୪୮,୯୦୦ ଜଣ ବିକଳାଙ୍ଗ ହୋଇଯିବେ। କୋଇଲା ପ୍ଲାଣ୍ଟରୁ ବାହାରୁଥିବା ଧୂଆଁ ୫୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିପାରିବ। ଏହା ଦ୍ୱାରା ସହରବାସୀ ଅଣନିଃଶ୍ୱାସୀ ହୋଇପଡ଼ିବେ। ଫଳରେ ବୟସ୍କ, ଗର୍ଭବତୀ, ଯୁବବର୍ଗଙ୍କଠାରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ପୁରାତନ ତଥା ପ୍ରଦୂଷିତ ୟୁନିଟ୍‌କୁ ହଟାଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବାୟୁ ଗୁଣବତ୍ତା ଯୋଜନାରେ କୋଇଲାକୁ ଶୀଘ୍ର ବାଦ୍ ଦିଆଯିବା ଜରୁରୀ ବୋଲି ରିପୋର୍ଟରେ କୁହାଯାଇଛି। ନୂଆ କୋଇଲା ପ୍ଲାଣ୍ଟ କରିବା ପରିବର୍ତ୍ତେ ସରକାର ସ୍ୱଚ୍ଛ ତଥା ପ୍ରଦୂଷଣ ମୁକ୍ତ ଶକ୍ତିରେ ନିବେଶ କରିବା ଉଚିତ ବୋଲି ଏଥିରେ ପରାମର୍ଶ ଦିଆଯାଇଛି। ଜାତୀୟସ୍ତରରେ ନିର୍ଦ୍ଦିଷ୍ଟ ଯୋଗଦାନ(ଏନ୍‌ଡିସି) ଯୋଜନାରେ ଭାରତ କୋଇଲା ପାୱାର ପ୍ଲାଣ୍ଟ ହ୍ରାସ କରି ୪୫୦ ଗିଗାୱାଟ୍‌ର ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ସ୍ଥିର କରିଛି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଏବଂ ଚେନ୍ନାଇରେ କୋଇଲା ପ୍ଲାଣ୍ଟର ୨୦ ପ୍ରତିଶତ ବନ୍ଦ ରଖି ନୂଆ କୋଲ୍ ପାୱାର ପ୍ଲାଣ୍ଟ ନିର୍ମାଣ ଉପରେ ରୋକ ଲଗାଗଲେ ୨୦୨୦-୩୦ ମଧ୍ୟରେ ବହୁ ଲାଭ ମିଳିବ।

# ୬୬ ଲକ୍ଷ ବ୍ୟୟରେ ନୂଆ ପାର୍କ ହେବ

**ଜଗତ୍‌ସିଂହପୁର ଅଫିସ, ୨୯।୯**

ଜଗତ୍‌ସିଂହପୁର ସହରର ଜନସଂଖ୍ୟା ବଢ଼ି ଚାଲିଛି। କିନ୍ତୁ ମନୋରଞ୍ଜନ ପାଇଁ ଏ ପର୍ଯ୍ୟନ୍ତ ଆଖିଦୃଶିଆ ପାର୍କ ନାହିଁ। ଏବେ ସ୍ଥାନୀୟ କଲେଜ ଛକ ନିକଟରେ ଏକ ଆକର୍ଷଣୀୟ ପାର୍କ ନିର୍ମାଣ ପାଇଁ ଯୋଜନା କରାଯାଇଛି। ପାଖାପାଖି ୧ ଏକର ଜମିରେ ନୂଆ ଢାଞ୍ଚାରେ ହେବାକୁ ଥିବା ଏହି ପାର୍କ ନିର୍ମାଣରେ ୬୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପାର୍କ ନିର୍ମାଣ ସରିଲେ ସ୍ଥାନୀୟ କଲେଜ ଛକର ଶୋଭା ବୃଦ୍ଧି ପାଇବ। ବହୁ ସଂଖ୍ୟାରେ ଲୋକ, ଛୋଟ ପିଲା ଭରପୂର ମନୋରଞ୍ଜନ କରିପାରିବେ।

ଏସ୍‌ଭିଏମ୍ (ସ୍ୱାମୀ ବିବେକାନନ୍ଦ ସ୍ମାରକୀ) ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିକଟ ତଥା କଲେଜ ଛକ ପୋଲ ପାର୍ଶ୍ୱରେ ଏହି ପାର୍କ କରାଯିବ। ଯେହେତୁ କଲେଜ ରାସ୍ତା ଓ କେନାଲ ରାସ୍ତା ଉଚ୍ଚ ରହିଛି ତେଣୁ ପାର୍କଟି ନୂଆ ଢାଞ୍ଚାରେ ତିଆରି ହେବ। ପାର୍କ ଜମି ପୋତା ନ ଯାଇ ଉଚ୍ଚ ନିଚ



ଜଗତ୍‌ସିଂହପୁର କଲେଜଛକଠାରେ ପ୍ରସ୍ତାବିତ ପାର୍କର ରୂପରେଖ।

ରହିବ। ସେଠାରେ ବର୍ଷା କିମ୍ବା ଅନ୍ୟ ପାଣି ଜମି ନ ରହି ଯେପରି ପାର୍ଶ୍ୱ ଅଳକା ନଦୀକୁ ସହଜରେ ଗଡ଼ିଯିବ ସେଥିପାଇଁ ବ୍ୟବସ୍ଥା କରାଯିବ। ରାସ୍ତା ପାର୍ଶ୍ୱରେ ଫାଟକ ରହିବ ଏବଂ ଲୋକେ ପାହାଚ ଚଢ଼ି ପାର୍କ ଭିତରକୁ ଯିବେ। ଏହା ଭିତରେ ଉନ୍ନତମାନର ବଗିଚା କରାଯିବ। ମାଟି, ଗୋବର ଆଦି ଭର୍ତ୍ତି କରାଯାଇ ଲନ୍ କରାଯିବ। ବିଶେଷକରି କାର୍ପେଟ୍ ଚାଦର ପରି କୋରିଆନ ଘାସ ବ୍ୟବହାର ହେବ। କଦମ୍ବ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ସୁନ୍ଦର ଦିଶୁଥିବା ଏବଂ ଧୀର ବଢ଼ୁଥିବା ଅନେକ ପ୍ରଜାତିର ଗଛ ଯଥା ଅଶୋକ, ବଉଳ, ବଟଲ ବ୍ରସ୍, ନିମ୍ବ, କରଞ୍ଜ, ଦେବଦାରୁ, ସୁନାରୀ ଏବଂ କାଞ୍ଚନ ଆଦି ଗଛ ଲଗାଯିବ। ଏଥିସହ ଅନେକ ସୁନ୍ଦର ଫୁଲ ଗଛ ଲଗାଯିବ। ୪ ଜଣ ବସି ପାରୁଥିବା ଏକାଧିକ କଂକ୍ରିଟ୍ ଚେୟାର ଏଠାରେ ନିର୍ମାଣ କରାଯିବ। ଲୋକଙ୍କ ପାଇଁ ପାଦଚଲା ରାସ୍ତା ରହିବ। ପିଲାମାନଙ୍କ ମନୋରଞ୍ଜନ ପାଇଁ ଏକାଧିକ ଉପକରଣ ଲାଗିବ। ସେଲ୍ଫି ନେବା ପାଇଁ ପଏଣ୍ଟ, ପରିସ୍ରାଗାର ଓ ଆଲୋକୀକରଣ କରାଯିବ।

**ଜଗତ୍‌ସିଂହପୁର ସହର କଲେଜ ଛକର ଶୋଭା ବଢ଼ିବ**

- କୋରିଆନ୍ ଘାସ ସାଙ୍ଗକୁ ସୁନ୍ଦର ଫୁଲ ଓ ଅନ୍ୟ ଗଛ ଆକର୍ଷଣ ସୃଷ୍ଟି କରିବ
- ବସିବା ପାଇଁ କଂକ୍ରିଟ୍ ଚେୟାର, ପାଦ ଚଲା ରାସ୍ତା ଓ ସେଲ୍ଫି ପଏଣ୍ଟ ରହିବ

ସୂଚନା ଅନୁଯାୟୀ, ସିଭିଲ କାମ ବାବଦରେ ୧୦,୮୦,୮୦୬ ଟଙ୍କା ଖର୍ଚ୍ଚ ହେବ। ସେହିପରି ପାଚେରି ବାବଦରେ ୧୧,୪୭,୮୩୫, ପାଦଚଲା ରାସ୍ତା ୩,୧୧,୮୯୬, ବେଞ୍ଚ ଓ ଡଷ୍ଟବିନ୍ ୩,୪୧,୯୫୧, ପିଲାଙ୍କ ମନୋରଞ୍ଜନ ଉପକରଣ ୧୩,୦୨,୯୩୫, ସେଲ୍ଫି ପଏଣ୍ଟ ୩,୬୦,୬୪୦ ଓ ବାୟୋ ଟଏଲେଟ୍ ପାଇଁ ୧,୧୭,୩୦୦, ଏହିପରି ମୋଟ ୪୯,୬୩,୩୬୫ ଟଙ୍କା ଖର୍ଚ୍ଚ ହେବ। ବିଦ୍ୟୁତ କାମ ବାବଦରେ ୫,୭୧,୫୦୫, ପାନୀୟ ଜଳ ଓ ସାନିଟାରି କାମ ପାଇଁ ୩,୦୫,୧୭୫ ଟଙ୍କା ଖର୍ଚ୍ଚ ହେବ। ମୋଟ ଉପରେ ୬୫,୯୯,୨୫୨ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବର ଜଣାପଡ଼ିବା ପରେ ବିଶେଷକରି ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭିତରେ ଖୁସିର ମାହୋଲ ଦେଖାଦେଇଛି।

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ବ୍ରାହ୍ମୀବେଶ

**ନାଉଗାଁ, ୨୯।୯(ସ୍ୱ.ପ୍ର):** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସରାଧୋସ୍ଥିତ ମା'ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବା ଶ୍ରମରେ ଶାରଦୀୟ ପାର୍ବଣର ଷୋଡ଼ଶ ଉପଚାର ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାର୍ବଣର ପ୍ରଥମ ଦିବସରେ ମା'ଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯିବା ସହ ବ୍ରାହ୍ମୀବେଶରେ ସୁସଜ୍ଜିତ କରାଯାଇଛି। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା କରାଯାଇଛି। ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ଅନ୍ୟମାନେ ଏହାକୁ ପରିଚାଳନା କରୁଛନ୍ତି।



### ଭାଗବତ ପାରାୟଣ ଉଦ୍‌ଯାପିତ

**ବାଲିଆ, ୨୯।୯:** ବିରିଡି ବ୍ଲକ ଅନ୍ତର୍ଗତ ବାଲିଆ ଗୋପୀନାଥପୁର ପଞ୍ଚାୟତର ଚେକୀମାଳରେ ଭାଗବତ ପାରାୟଣ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଝୁଲା ଗୋପୀନାଥ ଜୀଉ ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ସପ୍ତାହେ ବ୍ୟାପୀ ଏହି ପାରାୟଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡିଆ ଭାଗବତ କଥା ପ୍ରଚାରକ ବାବା ଦିବାକର ଦାସ ଏଥିରେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମଗାଦୀର ପାଗଳ ବାବା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ସାହୁ କର୍ତ୍ତା ହୋଇଥିବା ବେଳେ ପ୍ରଶାନ୍ତ କୁମାର ତ୍ରିପାଠୀ, ଅଶୋକ ସିଂ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ରାଧାନାଥ ରାୟଙ୍କ ୧୭୪ ତମ ଜୟନ୍ତୀ

**ବାଲିଆ, ୨୯।୯:** ବିରିଡି ବ୍ଲକ ଅନ୍ତର୍ଗତ ଉତ୍ତରଶାସନ ପଞ୍ଚାୟତ ମଧଶାସନ ମହାବୀର ଲାଇବ୍ରେରି ସଭାଗୃହରେ କବିବର ରାଧାନାଥଙ୍କ ୧୭୪ ତମ ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନେଇଆୟୋଜିତ ସଭାରେ ଲାଇବ୍ରେରି ସଭାପତି ଅକ୍ଷୟ କୁମାର ବ୍ରହ୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ, ମୁଖ୍ୟବକ୍ତାଭାବେ ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଗୁରୁ କୃଷ୍ଣ ଚନ୍ଦ୍ର ବାରିକ, ସାମାଜିକ କର୍ମୀ ଚନ୍ଦ୍ରମଣି ଦାଶ, ପଣ୍ଡିତ ଗୁରୁ ପ୍ରସାଦ ରଥ, ଲାଇବ୍ରେରୀ ସମ୍ପାଦକ ଉମାକାନ୍ତ ରଥ ପ୍ରମୁଖ ଯୋଗଦେଇଥିଲେ।

### କେବୁଲ ଚୋରି ଅଭିଯୋଗ: ୨ ଗିରଫ

**ପାରାଦୀପ, ୨୯।୯ (ସ୍ୱ.ପ୍ର.):** ପାରାଦୀପ ଆଦର୍ଶଥାନା ପୋଲିସ ବୁଧବାର କେବୁଲ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁନାମ ହୁସେନ ଓ ଜାଭେଦ ଅନସାରୀ। ଏ ନେଇ ମାମଲା (ନଂ.୨୧୨/୨୧)ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ବନ୍ଦର ନିଷିଦ୍ଧାଞ୍ଚଳର ଜେଏସଡବ୍ଲୁ ପ୍ରକଳ୍ପ ଅଞ୍ଚଳରୁ ଫାଇବର କେବୁଲ ଚୋରି କରିଥିଲେ ବୋଲି କମ୍ପାନୀର ମାନବ ସମ୍ବଳ ଅଧିକାରୀ ଅମିରରେଖା ନାଓଫେଲ ଅଭିଯୋଗ କରିଥିଲେ। ଏହାର ମୂଲ୍ୟ ପ୍ରାୟ ୩୭ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି।

## ଟ୍ରକ୍‌ରୁ ବ୍ୟାଟେରି, ପାଲ ଚୋରି ଘଟଣା: ୨ ଗିରଫ

**ରଘୁନାଥପୁର, ୨୯।୯(ଡି.ଏନ୍.ଏ.)**

ରଘୁନାଥପୁର ଥାନା ଅଞ୍ଚଳରେ ଥିବା ୪ ଟ୍ରକରୁ ସୋମବାର ରାତିରେ ବ୍ୟାଟେରି, ତାରପୋଲିନ୍ ପାଲ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ଚୋରି ହୋଇଥିଲା। ଏହି ଘଟଣାରେ ବୁଧବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାଧାନଗର ଗ୍ରାମର ଅନୀଲ ଦାଶ(୨୬) ଓ ଗୋକୁଳପୁର ଗ୍ରାମର ସୁମନ୍ତ ଦାସ(୨୬)। ବଡ଼କୋରକୋର ଗ୍ରାମର ଶକ୍ତିଶଙ୍କର ପଟ୍ଟନାୟକ ଥାନାରେ ଅଭିଯୋଗ କ୍ରମେ ପୋଲିସ ପୂର୍ବରୁ ମାମଲା (ନଂ. ୧୩୫/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଗତ୨ ମାସ ତଳେ ସ୍ଥାନୀୟ ଅଞ୍ଚଳର ଆଉ କିଛି ଟ୍ରକ୍‌ରୁ ମଧ ଏଭଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହା ପଛରେ ଏକ ର୍ୟାକେଟ କାମ କରୁଥିବା ନେଇ ଚର୍ଚ୍ଚ ହେଉଛି। ଅଭିଯୁକ୍ତ ଦ୍ୱୟକୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସି ପାରିବ ବୋଲି ଲୋକେ କହିଛନ୍ତି।

# ମହନ୍ତ ନରେନ୍ଦ୍ର ଗିରିଙ୍କୁ ନେଇ ବଢ଼ିଲା ସସ୍‌ପେନ୍ସ

- ଓଡ଼ିଶାରେ ଜନ୍ମ ହୋଇଥିବା ଦାବି
- ୧୦ ବର୍ଷ ପୂର୍ବେ ସାଧୁବେଶରେ ୩ ଥର ଆସିଥିଲେ ଗାଁକୁ
- ବିବାହ ପ୍ରସ୍ତାବ ଭାଙ୍ଗିଯିବାରୁ ବୈରାଗୀ ହୋଇଥିଲେ
- ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ

**ଭୋଗରାଇ, ୨୯।୯(ଡି.ଏନ.ଏ.)**



ମହନ୍ତ ନରେନ୍ଦ୍ର ଗିରି (ଫାଇଲ ଫଟୋ)। ଭାଇ ବୋଲି ଦାବି କରୁଥିବା ପୂର୍ଣ୍ଣଚନ୍ଦ୍ର ଗିରି ଓ ତାଙ୍କ ସ୍ତ୍ରୀ।

ଉତ୍ତର ପ୍ରଦେଶର ପ୍ରୟାଗରାଜସ୍ଥିତ ବାଗାମ୍ବରୀ ମଠ ମହନ୍ତ ନରେନ୍ଦ୍ର ଗିରିଙ୍କ ମୃତ୍ୟୁ ପରେ ତାଙ୍କ ପ୍ରକୃତ ପରିଚୟକୁ ନେଇ ସସ୍‌ପେନ୍ସ ବଢ଼ିବାରେ ଲାଗିଛି। ସେ କେଉଁ ରାଜ୍ୟର ବୋଲି ଠୋସ୍ ପ୍ରମାଣ ମିଳି ନ ଥିବା ବେଳେ ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ପାଣିଷଣ୍ଡା ଗ୍ରାମରେ ବୋଲି ଦାବି ଉଠିଛି। ପାଣିଷଣ୍ଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗିରି ଓ ଲକ୍ଷ୍ମୀକାନ୍ତ ଗିରି ମହନ୍ତ ନରେନ୍ଦ୍ରଙ୍କ ଭାଇ ବୋଲି ଦାବି କରିଛନ୍ତି। ୩ଭାଇ ଓ ୩ଭଉଣୀଙ୍କ ମଧ୍ୟରେ ନରେନ୍ଦ୍ର ବଡ଼ ଥିବାବେଳେ ପରିବାର ଲୋକେ ତାଙ୍କୁ ଶ୍ରଦ୍ଧାରେ ଚୁଟିଆ ଡାକୁଥିଲେ। ଟିଭି ଓ ଖବରକାଗଜରୁ ଫଟୋ ଦେଖି ସେମାନେ ତାଙ୍କୁ ନରେନ୍ଦ୍ର ବୋଲି ଚିହ୍ନଟ କରିଥିବା କହିଛନ୍ତି।

ପାଣିଷଣ୍ଡା ଗ୍ରାମର ଏହି ପରିବାର ଆହୁରି କହିଛନ୍ତି ଯେ, ପାରିବାରିକ ସମସ୍ୟା ଓ ଆର୍ଥିକ ଅନଟନ ତାଙ୍କ ଜୀବନକୁ ଦୁର୍ବିସହ କରି ଗଢ଼ି ତୋଳିଥିଲା। ଯୌବନ ଅବସ୍ଥାରେ ତାଙ୍କ ବାହାଘର ପ୍ରସ୍ତାବ ଭାଙ୍ଗିଯିବାରୁ ସେତେବେଳେ(୫୨ ବର୍ଷ ପୂର୍ବରୁ) ସେ ଗୃହତ୍ୟାଗ କରି ସନ୍ୟାସୀ ହୋଇ ଯାଇଥିଲେ। ୧୦ ବର୍ଷ ପୂର୍ବେ ସାଧୁବେଶରେ ସେ ନିଜ ଜନ୍ମ ମାଟିକୁ ୩ ଥର ଆସିଥିଲେ। ତେବେ ତାଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ସହ ମଠର ସମସ୍ତ ସମ୍ପତ୍ତି ଓ ଅର୍ଥକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବାକୁ ମହନ୍ତଙ୍କ ଦୁଇ ଭାଇ ବୋଲି ଦାବି କରୁଥିବା ପୂର୍ଣ୍ଣଚନ୍ଦ୍ର, ଲକ୍ଷ୍ମୀକାନ୍ତ ଏବଂ ତାଙ୍କ ଭଉଣୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମହନ୍ତ ନରେନ୍ଦ୍ର ଗିରିଙ୍କ ରହସ୍ୟଜନକ ମୃତ୍ୟୁ ପରେ ମଠର ଏକ କୋଠରୀରୁ ଉତ୍ତରପ୍ରଦେଶ ପୋଲିସ ସୁଇସାଇଡାଲ ନୋଟ ଜବତ କରିଥିଲା। ଏଥିରେ ଶିଷ୍ୟ ଆନନ୍ଦ ଗିରି ଓ ହନୁମାନ ପୂଜକ ଆଦ୍ୟା ତିୱାରୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ ଥିବାରୁ ଉତ୍ତରପ୍ରଦେଶ ପୋଲିସ ସେହି ଦୁଇଜଣଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ଅନ୍ୟପକ୍ଷରେ ଏହି ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ମଧ ଆରମ୍ଭ ହୋଇଛି।

## ୨୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

**ଜଗତ୍‌ସିଂହପୁର ଅଫିସ/ ପାରାଦୀପ(ସ୍ୱ.ପ୍ର.), ୨୯।୯**

ଅଭୟଚାନ୍ଦପୁର, ତିର୍ତ୍ତୋଲ ଓ ପାରାଦୀପ ଆଦର୍ଶ ଥାନା ଅଞ୍ଚଳରୁ ପୃଥକ ଭାବେ ୨୪.୯୨୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭୟଚାନ୍ଦପୁର ଥାନା ତ୍ରିଲୋଚନପୁର ହନୁମାନ ମଠ ନିକଟରୁ ଏହି ଗାଁର ଅଲେଖ ମହାପାତ୍ର ଓରଫ ଅଲୁ (୩୫)ଙ୍କଠାରୁ ୫.୯୨୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏସ୍‌ଆଇ ସୁଭ୍ରଜିତ ଦାସ ଏବଂ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ.୯୫/୨୧) ରୁଜୁ ହୋଇଛି। ତିର୍ତ୍ତୋଲ ଥାନା ନନ୍ଦନ ଗ୍ରାମର ସମ୍ବିତ କୁମାର ନାୟକଙ୍କୁ ଏହି ଥାନା ଅନ୍ତର୍ଗତ କଟରା ବଜାରରୁ ଗିରଫ କରାଯାଇଛି। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନ୍‌ସୁଗାର ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଏ ସମ୍ପର୍କରେ ତିର୍ତ୍ତୋଲ ଥାନାରେ ମାମଲା (ନଂ.୪୨୨/୨୧) ରୁଜୁ କରାଯାଇଛି। ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ପାରାଦୀପ ଆଦର୍ଶଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଅଞ୍ଚଳର ସୁବାସ କୁମାର ପଣ୍ଡିତ ଓ ସୁବ୍ରତ କୁମାର ମହାନ୍ତି। ଉଭୟଙ୍କଠାରୁ ୯ ଗ୍ରାମ ବ୍ରାଉନସୁଗାର ଓ ୩୨୦୦ ଟଙ୍କା ଜବତ କରାଯାଇଛି।

## ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

**ବିରିଡି, ୨୯।୯(ଡି.ଏନ୍.ଏ.)**

ବିରିଡି ତହସିଲ ଅଧୀନ ଉତ୍ତରଶାସନର ହାଟରେ ବିରିଡି ତହସିଲଦାରଙ୍କ ତରଫରୁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତରଶାସନର ମଧଶାସନରେ ଥିବା ଦେବୀ ନଦୀ ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ପରିବେଶ ମଞ୍ଜୁରି ନିମନ୍ତେ ଶୁଣାଣି କରାଯାଇଥିଲା। ଏହି ଅବସରରେ ଘାଟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାମରାମତି, ବୃକ୍ଷରୋପଣ, ରାସ୍ତାରେ ନିୟମିତ ପାଣି ସିଞ୍ଚନ, ନଦୀବନ୍ଧର ସୁରକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଗୁଡିକ ବାଲିଘାଟ ନିଲାମଧାରୀଙ୍କ ପକ୍ଷରୁ କରାଯିବ ବୋଲି ନିଲାମଧାରୀଙ୍କ ପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ସ୍ୱାଗତ କରିଛନ୍ତି।

**CUTTACK CENTRAL CO-OPERATIVE BANK LTD., CUTTACK**
**PROFIT AND LOSS ACCOUNT FOR THE YEAR 2020-2021**

| EXPENDITURE | | | INCOME | | |
|---|---|---|---|---|---|
| Sl. No. | Particulars | Amount | Sl. No. | Particulars | Amount |
| 1 | Interest paid on Borrowings | 74,07,85,174.00 | 1 | Interest & Discount | 2,40,02,25,023.55 |
| 2 | Interest paid on Deposits | 1,08,13,64,576.00 | 2 | Commission, Exchange and Brokerage | 25,34,682.38 |
| 3 | Salary and Allowance | 24,34,22,635.90 | 3 | Subsidy and Donation | 0.00 |
| 4 | Director Local Committee Member Fees & Allowance | 56,000.00 | 4 | Other Receipts | 2,40,31,575.07 |
| 5 | Rent, Taxes, Insurance & Lighting | 12,65,94,334.70 | 5 | **Loss if any** | |
| 6 | Law Charges/Legal Expenses | 8,14,711.00 | | Loss for the year 2020-2021 | 0.00 |
| 7 | Postage/Telegram/Telephone | 53,21,726.04 | | | |
| 8 | Audit Fees | 19,78,760.00 | | | |
| 9 | Depreciation & repair to Property | 76,03,128.74 | | | |
| 10 | Stationary/Printing/Advertisement | 31,12,935.89 | | | |
| 11 | Amortization to Govt. Securities | 39,09,718.00 | | | |
| 12 | Other Expenditure | 1,77,97,997.50 | | | |
| 13 | **Provisions** | | | | |
| | O.D. Int. reserve for the year 2020-2021 | 1,26,50,555.68 | | | |
| | Provision against Standard Assets | 1,24,04,913.37 | | | |
| | Provision for Imbalance | 5,33,90,000.00 | | | |
| | Interest on Matured Fixed Deposit | 48,20,237.00 | | | |
| | Provision for Income Tax | 4,56,17,352.00 | | | |
| 14 | **Balance on Profit** | | | | |
| | Profit for the year 2020-2021 | 6,51,46,525.18 | | | |
| | **Grand Total** | **2,42,67,91,281.00** | | **Grand Total** | **2,42,67,91,281.00** |

**CUTTACK CENTRAL CO-OPERATIVE BANK LTD., CUTTACK**
**BALANCE SHEET AS ON 31.03.2021**

| LIABILITIES | | | ASSEST | | |
|---|---|---|---|---|---|
| Sl. No. | Particulars | Amount | Sl. No. | Particulars | Amount |
| 1 | Share Capital | 2,40,65,89,522.82 | 1 | Cash in Hand | 5,88,70,304.00 |
| 2 | Reserve Fund & Othe reserve | 73,31,48,128.53 | 2 | Balance with Commercial/Other Bank | 95,70,83,766.30 |
| 3 | Deposit & Other Accounts | 16,78,91,94,200.16 | 3 | Money at call and short notice | 0.00 |
| 4 | Borrowings | 17,57,35,81,453.42 | 4 | Investment | 15,50,20,75,897.00 |
| 5 | Bills for Collection being the bills received as per contra | 0.00 | 5 | Loans and Advances | 23,76,92,07,797.85 |
| 6 | Overdue interest Reserve | 49,79,52,112.40 | 6 | Interest Receivable | 1,11,88,35,496.88 |
| 7 | Interest Payable on Deposit | 1,12,14,52,781.00 | 7 | Bills Receivable as per Contra | 0.00 |
| 8 | Other Liabilities | 9,02,78,98,000.80 | 8 | Premises | 1,50,11,684.00 |
| 9 | Net Profit of the last year | 19,55,59,934.32 | 9 | Furniture & Fixture | 1,63,37,589.45 |
| 10 | Net Profit of this year | 6,51,46,525.18 | 10 | Library | 160.00 |
| | | | 11 | Vehicle | 17,80,641.00 |
| | | | 12 | Other Assets | 6,97,13,19,322.15 |
| | | | 13 | Net Loss | 0.00 |
| | **Grand Total** | **48,41,05,22,658.63** | | **Grand Total** | **48,41,05,22,658.63** |

**Sd./- Jenamani S.K. Ray**
**Manager (O&A)**

**Sd./- Ashok Ku. Dash**
**Chief Executive Officer**

**Sd./- Bhabani Sankar Chayani, IAS**
**Administrator, Cuttack Central Co-op Bank**
**-cum-Collector & District Magistrate, Cuttack**

**Sd./- M/s. Ram Prasad & Co.**
**Statutory Auditor (C/A FIRM)**

**To**
**The Members**
**Cuttack Central Cooperative Bank Ltd.**
**Cuttack, Odisha**

**Report on the Financial Statements**

1. We have audited the accompanying financial statements of Cuttack Central Cooperative Bank Ltd., Cuttack, which comprise the Balance Sheet as on 31st March 2021, profit and Loss Account for the year ended and a summary of significant accounting policies and other explanatory information incorporating the returns of 38 branches and HO. The concurrent audit of branches and head office are done by departmental auditors and other CA firms which have been selected by the Bank in accordance with the guidelines issued by the NABARD.

**Management's Responsibility for the Financial Statements:**

2. Management of the Bank is responsible for the preparation of these financial statements that give true and fair view of the financial performance of the Bank in accordance with the Odisha Coop. Societies Act 1962, complying with Reserve Bank of India and NABARD guidelines issued from time to time. This responsibility includes the design, implementation and maintenance of internal control relevant to the preparation and fair presentation of the financial statements that are free from material misstatement, whether due to fraud and error .

**Auditor's Responsibility**

3. Our responsibility is to express an opinion on the basis of financial statements based on our audit. We conducted our audit in accordance with the standards on Auditing Issued by the Institute of Chartered Accountants of India. Those standards require that we comply with ethical requirements and plan and perform the Audit to obtain reasonable assurance about whether the financial statements are free from material misstatement.
   An audit involves performing procedures to obtain audit evidence about the amount and disclosures in the financial statements. The procedure selected depend on the auditor's judgments, including the assessment of the risks of material statement of the financial statement, whether due to fraud or error in making those risks assessment, the auditor considers internal control relevant to the entry's presentation and fair presentation of the financial statements in order to design audit procedures that are appropriate in the circumstances. An audit also includes evaluating the appropriates of accounting policies used and the reasonableness of the accounting estimates made by the Management, as well as evaluating the overall presentation of the financial statements.
   We believe that the audit evidence we have obtained is sufficient and appropriate to provide a basis for our audit opinion.

**Basic for Opinion**

4. Subject to the limitations of Audit indicated in para 1,2 and 3 above and subject to the limitations of disclosure required there in and also subject to the effect of the following.
a) Reconciliation of Suspense payable & recoverable and the effect of the items on the financial statement,
b) Reconciliation of Sundry creditors & Sundry debtors and their effect on financial statements,
c) Reconciliation of retirement benefits claimed Gratuity received & premium paid there for & their effects on the financial statements.
d) Points mentioned in the highlights of audit findings.
   Further regarding leave encashement the same has been accounted for on the basis "as & when it accrues". This is a departure from the prescription under Accounting Standard-15.

**Opinion**

5. Subject to observations in point No.4 the above and their effect on the financial statements, said financial statements give true and fair view & in conformity with the general accounting principles accepted in India.
a. In case of Balance Sheet, of the state of affairs of the Bank as at 31st March 2021.
b. In case of Profit & Loss Account of the profit of the Bank for the year ended on that date.

**Report on other Legal and regulatory requirements**

6. The balance sheet and profit and loss account have been drawn up in accordance with the provisions under Sec-31 of BR Act 1949 ( as applicable to State & Dist. Central Coop. Bank) read with provisions of Odisha Coop. Societies Act 1962 and rules made there under.

**Subject to above we report that:**

a) We have obtained all the information and explanations which to the best of our knowledge and belief were necessary for the audit and have found them to be satisfactory.
b) The transaction of the bank which have come to our notice have within the power of the Bank
c) The balance sheet and profit and loss account dealt with by this report are in agreement with the books of accounts and returns.
d) In our opinion, proper books of accounts as recurred by law have been kept by the banks so far as appears from our examination of those books.

**Place: Cuttack**
**Date: 28.09.2021**

**For Ram Prasad & Co.**
**Chartered Accountants**
**Sd./- Ram Prasad Agrawalla, Partner**
**FRN: 319232E MN: 054609**

**UDIN: 21054609AAAAJN2893**

# ବର୍ଷା କ୍ଷୟକ୍ଷତି ଆକଳନରେ ତାଳମେଳ ନ ଥିବାରୁ ଉଦ୍‌ବେଗ

**କୁଜଙ୍ଗ, ୨୯।୯(ଡି.ଏନ୍.ଏ.)**

କୁଜଙ୍ଗ ପଞ୍ଚାୟତ ସମିତି ୮ମ ସାଧାରଣ ପରିଷଦ ବୈଠକ ବୁଧବାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମିତିରଞ୍ଜନ ବେହେରା ଅଧ୍ୟକ୍ଷତାରେ କରିଥିଲେ। ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ ଯୋଗଦେଇ କହିଥିଲେ, ଲଗାଣ ବର୍ଷାରେ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। କେଉଁଠି ୮୦ ଭାଗ, ଆଉ କେଉଁଠି ୬୦ ଭାଗ ଓ ୫୦ ଭାଗ ଚାଷ କ୍ଷତିଗ୍ରସ୍ତ ହୋଇଛି। ମାତ୍ର କୃଷି ବିଭାଗର କ୍ଷୟକ୍ଷତି ଆକଳନ ତଥ୍ୟ ଓ ରାଜସ୍ୱ ବିଭାଗ ତଥ୍ୟରେ ତାଳମେଳ ରହୁ ନ ଥିବାରୁ ଚାଷୀମାନେ କ୍ଷୟକ୍ଷତି ପାଇବାରୁ ବଞ୍ଚିତ ହେବା ଆଶଙ୍କା ରହିଛି। ଏହାର ଉତ୍ତର ଦେବା ପାଇଁ ତହସିଲଦାର ଅବା ତାଙ୍କର କୌଣସି ପ୍ରତିନିଧି ବୈଠକରେ ଉପସ୍ଥିତ ନ ଥିବାରୁ ସଂଗ୍ରାମ ଅସନ୍ତୋଷବ୍ୟକ୍ତ କରିଥିଲେ।

ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରୀ ମିହିର କୁମାର ସାହୁ କହିଥିଲେ ଚଳିତ ବର୍ଷ କୁଜଙ୍ଗ ବ୍ଲକରେ ମୋଟ୍ ୧୩ ହଜାର ୫୫୨ ହେକ୍ଟର ଧାନ ଚାଷ କରାଯାଇଥିଲା। କୃଷି ବିଭାଗର ଆକଳନରେ ୮ ହଜାର ୬୩୨ ହେକ୍ଟର


ପଞ୍ଚାୟତ ସମିତି ବୈଠକରେ ବିଧାୟକ, ସମିତିସଭ୍ୟ ଓ ଅଧିକାରୀମାନେ।

ଧାନଚାଷ ନଷ୍ଟ ହୋଇଛି। ମାତ୍ର ରାଜସ୍ୱ ବିଭାଗ ପାଖାପାଖି ୫ ହଜାର ହେକ୍ଟର ଧାନ ଚାଷ ନଷ୍ଟ ହୋଇଥିବା ଆକଳନ କରିଛି। ୨ ବିଭାଗ ମଧ୍ୟରେ ହୋଇଥିବା ଆକଳନରେ ସାମଞ୍ଜସ୍ୟ ରହୁ ନ ଥିବାରୁ ଉଭୟ ବିଭାଗ ବସି ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାକୁ ସାହୁ କହିଥିଲେ। ବ୍ଲକରେ ରାସ୍ତାଘାଟ, ପାନୀୟ ଜଳ ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି କୁଜଙ୍ଗ ବ୍ଲକର ଜୀବନରେଖା କୁହାଯାଉଥିବା କୁଜଙ୍ଗ-ଚଟୁଆ ରାସ୍ତାର ଦୂରାବସ୍ଥା ସମ୍ପର୍କରେ କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ କହି କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟଜିତ୍ ରାୟଗୁରୁ କହିଥିଲେ, ରାସ୍ତା ମରାମତି ପାଇଁ ପ୍ରସ୍ତାବ ଦିଆଯାଇଛି ସରକାରଙ୍କ ଅନୁମୋଦନ ମିଳିଲେ କାମ ଆରମ୍ଭ ହେବ। ସେହିପରି ଶିକ୍ଷକଙ୍କ ମନମୁଖି ବଦଳି, ନିମ୍ନମାନର ମଧ୍ୟାହ୍ନଭୋଜନ ଓ ବନ୍ଦ ହୋଇଯାଇଥିବା ବିଦ୍ୟାଳୟର ଆସବାବପତ୍ର କାହା ଦାୟିତ୍ୱରେ ଅଛି ବୋଲି ଗରେଇ ସରପଞ୍ଚ ପ୍ରଶ୍ନ କରିଥିଲେ। ମାତ୍ର ଉପସ୍ଥିତ ସହକାରୀ ଶିକ୍ଷା ଅଧିକାରୀ ବିଜୟ ମିଶ୍ର ଠିକ୍ ଉତ୍ତର ଦେଇ ନପାରିବାରୁ ସଭ୍ୟମାନେ ହୋହାଲ୍ଲା କରିଥିଲେ। ଉକ୍ତ ପ୍ରସଙ୍ଗକୁ ନେଇ କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ କହିଥିଲେ, ବ୍ଲକ ସଦରମହକୁମାଠାରୁ ୮ କି.ମି.ର ଏକ ଗାଁରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଥିବାରୁ ଜନ ପ୍ରତିନିଧି ଓ ପ୍ରଶାସନ କିଛି ଜାଣିପାରୁ ନାହାନ୍ତି। ତାଙ୍କ କାର୍ଯ୍ୟାଳୟକୁ କୁଜଙ୍ଗଠାରେ ବନ୍ଦ ହୋଇଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୃହକୁ ଉଠାଇଆଣିବାକୁ ସେ ଦାବି କରିଥିଲେ। ବ୍ଲକର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ପୋଖରୀ ଖୋଳି ଚର୍ତୁଃପାର୍ଶ୍ୱ ପାର୍କ ନିର୍ମାଣ କରିବାକୁ ବୈଠକରେ ବିଧାୟକ ରାଉତରାୟ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବଚନ ପାଇଁ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡିବାକୁ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ସେ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ବିଡିଓ ଅମିୟ କୁମାର ପଣ୍ଡା ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୁଜଳ ସ୍ୱାଇଁ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**କୁଜଙ୍ଗ ପଞ୍ଚାୟତ ସମିତି ବୈଠକ**

- ଶିକ୍ଷା, ଗମନାଗମନ, ପାନୀୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଭିଯୋଗ
- ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଦାବି

**ଶୀଘ୍ର ଆସିପାରେ ଆଦାନୀ ୱିଲମର ଆଇପିଓ**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଆଦାନୀ ୱିଲମର ଏବଂ ଜେମିନି ଏଡିବଲ ଅଏଲର ଆଇପିଓ ଉପରେ ଲାଗିଥିବା କଟକଣାକୁ ହଟାଇ ଦେଇଛି। ବର୍ତ୍ତମାନ ଏହି ୨ କମ୍ପାନୀର ଆଇପିଓ ପ୍ରୋସେସରେ ରହିଛି। ୨ କମ୍ପାନୀର ଆଇପିଓକୁ ଶୀଘ୍ର ମଞ୍ଜୁରୀ ମିଳିପାରେ। କୌଣସି କମ୍ପାନୀ କିମ୍ବା ଗ୍ରୁପ ଯାଞ୍ଚ ପରିସରଭୁକ୍ତ ହେଲେ ସେବି ସେହି କ୍ଷେତ୍ରରେ କମ୍ପାନୀଗୁଡିକ ଆଣିବାକୁ ଥିବା ଆଇପିଓ ଉପରେ ରୋକ ଲଗାଇଥାଏ। ପୂର୍ବରୁ ବିଦେଶୀ ନିବେଶ ମାମଲାରେ ଆଦାନୀର ଶେୟାର ବୃହତ୍ତ ପରିମାଣରେ ହ୍ରାସ ହୋଇଥିଲା। ଏହି ମାମଲାକୁ ନେଇ ସେବି ଅସ୍ଥାୟୀ ଭାବେ ଆଦାନୀ ଆଇପିଓ ଉପରେ ରୋକ ଲଗାଇଥିଲା।

## ସଂକ୍ଷେପରେ

### ଡିଏଚ୍‌ଏଫ୍‌ଏଲ୍‌ର ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ

**ନୂଆଦିଲ୍ଲୀ,୨୯।୯:** ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ (ଡିଏଚ୍‌ଏଫ୍‌ଏଲ୍)ର ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପିରାମଲ ଏଣ୍ଟରପ୍ରାଇଜେସ ଡିଏଚ୍‌ଏଫ୍‌ଏଲ୍ ଲାଗି ୩୪,୨୫୦ କୋଟି ଟଙ୍କା ପ୍ରଦାନ କରିଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ଡିଏଚ୍‌ଏଫ୍‌ଏଲ୍‌ର ବିଲୟ ପିରାମଲ କ୍ୟାପିଟାଲ ଆଣ୍ଡ ହାଉସିଂ ଫାଇନାନ୍ସ ଲିମିଟେଡରେ ହେବ। ପିରାମଲ ଏଣ୍ଟରପ୍ରାଇଜେସ ପକ୍ଷରୁ କୁହାଯାଇଛି ଯେ, ଡିଏଚ୍‌ଏଫ୍‌ଏଲ୍ ଅଧିଗ୍ରହଣ ଲାଗି ମୋଟ ୩୮ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ୩୪,୨୫୦ କୋଟି ଟଙ୍କା କ୍ୟାଶ ଆକାରରେ ଦିଆଯାଇଥିବା ବେଳେ ୩୮୦୦ କୋଟି ନନ୍ କନଭର୍ଟିବୁଲ ଡିବେଞ୍ଚର ଇସ୍ୟୁ ଦ୍ୱାରା ପ୍ରଦାନ କରାଯାଇଛି। ଡିଏଚ୍‌ଏଫ୍‌ଏଲ୍‌ର ଋଣ ପ୍ରଦାନକାରୀ ନିଜର ୪୬% ଅର୍ଥ ରିଜଲ୍ୟୁଶନ ଦ୍ୱାରା ଫେରିପାଇବେ। ମୂଲ୍ୟ ଦୃଷ୍ଟିକୋଣରୁ ବିଚାର କଲେ ରିଜଲ୍ୟୁଶନକୁ ଯାଇଥିବା କୌଣସି କମ୍ପାନୀକୁ ଏତେ ପରିମାଣର ପୁଞ୍ଜି ମିଳିଛି। ବିଲୟ ପରେ ଡିଏଚ୍‌ଏଫ୍‌ଏଲ୍ କମ୍ପାନୀ ଉପରେ ପିରାମଲ ଗ୍ରୁପର ୧୦୦% ଅଧିକାର ରହିବ।

### ହଙ୍ଗାମା ଲାଇଫ୍‌ର ନୂଆ ପ୍ରଡକ୍ଟ

**ନୂଆଦିଲ୍ଲୀ,୨୯।୯:** ହଙ୍ଗାମା ଲାଇଫ୍ ପକ୍ଷରୁ ନୂଆ କଞ୍ଜ୍ୟୁମର ଟେକ୍ନୋଲୋଜି ପ୍ରଡକ୍ଟସ୍ ପ୍ରସ୍ତୁତ ହୋଇଛି। ଏହା ମଧ୍ୟରେ ବଜ୍ ୧୦୧ ବ୍ଲୁଟୁଥ୍ ହେଡ୍‌ଫୋନ, ଜମ୍ପ ୧୦୧ ନେକ୍‌ବ୍ୟାଣ୍ଡ, ବାଉନ୍ସ ୧୦୧ ୱାୟାରଲେସ୍ ଇଅରବଡ୍, ବ୍ଲୁଟୁଥ୍ ସ୍ପିକର ଏବଂ ଗ୍ରୁଭ୍ ୧୦୧ ରହିଛି। ଏହା ଆମାଜନ ଇଣ୍ଡିଆ ଏବଂ ଫ୍ଲିପକାର୍ଟରେ ମାତ୍ର ୨,୧୯୯ ଟଙ୍କାରୁ ଆରମ୍ଭ କରି ୪,୯୯୯ ଟଙ୍କା ମଧ୍ୟରେ ଉପଲବ୍ଧ। ହଙ୍ଗାମା ମ୍ୟୁଜିକ୍ ଏବଂ ଭିଡିଓ ଷ୍ଟ୍ରିମିଙ୍ଗ ପ୍ଲାଟଫର୍ମ' ହଙ୍ଗାମା ମ୍ୟୁଜିକ ଏବଂ ହଙ୍ଗାମା ପ୍ଲେରେ ଉପଭୋକ୍ତାମାନେ ପ୍ରତ୍ୟେକ କ୍ରୟରେ ବାର୍ଷିକ ସବ୍‌ସ୍କ୍ରିପ୍‌ସନ୍ ପାଇବେ। ହଙ୍ଗାମା ଡିଜିଟାଲ ମିଡ଼ିଆର ପ୍ରତିଷ୍ଠାତା ତଥା ସିଇଓ ନିରଜ ରୟ କହିଛନ୍ତି , ଉପଭୋକ୍ତାଙ୍କ ମନୋରଞ୍ଜନ ସେବା ଉନ୍ନତଧରଣର ଲାଇଫ୍ ଷ୍ଟାଇଲ୍ ଟେକ୍ନୋଲୋଜି ବିତରଣ କରିବାରେ ପ୍ରତିଶ୍ରୁତିବଦ୍ଧ।

# ଅନ୍‌ଲାଇନରେ ସୁନା କ୍ରୟ ଟ୍ରେଣ୍ଡ

ନୂଆଦିଲ୍ଲୀ,୨୯।୯

ଯଦି ଆପଣ ସୁନା କ୍ରୟ କରିବାକୁ ଚାହୁଁଛନ୍ତି ଏବଂ ପାଖରେ ବେଶି ଟଙ୍କା ନାହିଁ ତେବେ ୧୦୦ ଟଙ୍କାରୁ ସୁନାରେ ନିବେଶ ଆରମ୍ଭ କରିପାରିବେ। ଟାଟାର ତନିସ୍କ ଏବଂ କଲ୍ୟାଣ ଜୁଏଲର୍ସ ଭଳି କମ୍ପାନୀରେ ନିବେଶ କରି ନିର୍ଦ୍ଦିଷ୍ଟ ମୂଲ୍ୟ ଯୋଗ କରିବା ପରେ ଗ୍ରାହକଙ୍କୁ ଡେଲିଭରି ମିଳିପାରିବ। ଗ୍ରାହକଙ୍କୁ ଅତି କମ୍‌ରେ ୧ ଗ୍ରାମ ମୂଲ୍ୟ ଯାଏ ଟଙ୍କା ଯୋଡ଼ିବାକୁ ପଡିବ। ଏହା ପରେ ଯାଇ ଡେଲିଭରି ନେଇହେବ। ବର୍ତ୍ତମାନ ସୁନାରେ ଅନ୍‌ଲାଇନ ଶପିଂ ଟ୍ରେଣ୍ଡ ଦେଖାଯାଇଛି। ପାର୍ବଣ ଋତୁକୁ ଧ୍ୟାନରେ ରଖି ଜୁଏଲର୍ସ ଅନ୍‌ଲାଇନରେ ସୁନା ବିକ୍ରି କରିବା ଲାଗି ବିଭିନ୍ନ ପ୍ରକାର ଅଫର ଆଣୁଛନ୍ତି। ନିବେଶ ଜରିଆରେ ସୁନା କ୍ରୟକୁ ସହଜ କରିବା ଲାଗି ଅନ୍‌ଲାଇନ ବିକ୍ରି ବର୍ତ୍ତମାନ ଲୋକଙ୍କ ଦ୍ୱାରା ଆଦୃତ ହେଉଛି।

କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣନ କହିଛନ୍ତି, ସୁନାରେ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ଭଳି ବିକଳ୍ପ ପ୍ରତି ଯୁବବର୍ଗ ବିଶେଷ ଆଗ୍ରହ ଦେଖାଉଛନ୍ତି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ତନିସ୍କଠାରୁ ପିସି ଜୁଏଲର୍ସ ଭଳି କମ୍ପାନୀଗୁଡିକ କମ୍ ଦାମରୁ ସୁନାରେ ନିବେଶ ସୁଯୋଗ ଦେଉଛନ୍ତି। କୋଭିଡ୍ ଯୋଗୁ ଜୁଏଲେରି ଶୋ'ରୁମ୍‌ଗୁଡିକ ବନ୍ଦ ହେବାରୁ ସୁନା କାରବାର ଠପ୍ ହୋଇଯାଇଥିଲା। ଏଭଳି ସ୍ଥିତି ଜୁଏଲର୍ସ ପାରମ୍ପରିକ ସୁନା ବିକ୍ରି ପଦ୍ଧତି ବାଦ୍ ଅନ୍‌ଲାଇନରେ ବିକ୍ରି ଆଡକୁ ନଜର ଦେଇଛନ୍ତି। ତନିସ୍କ, କଲ୍ୟାଣ ଜୁଏଲର୍ସ, ପିସି ଜୁଏଲର୍ସ ଏବଂ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଭଳି କମ୍ପାନୀଗୁଡିକ ୧୦୦ ଟଙ୍କାରୁ ସୁନାରେ ନିବେଶ ସୁଯୋଗ ଦେଉଛନ୍ତି। କମ୍ପାନୀଗୁଡିକ ନିଜ ୱେବ୍‌ସାଇଟ କିମ୍ବା ଡିଜିଟାଲ ଗୋଲ୍ଡ ପ୍ଲାଟ୍‌ଫର୍ମରେ ଏହି ସୁବିଧା କରିଥିବା ଜଣାପଡ଼ିଛି।

ଡିଜିଟାଲ ମୋଡ୍‌ରେ ସୁନା କ୍ରୟ କରିବା ଟ୍ରେଣ୍ଡ ବର୍ତ୍ତମାନର ନୁହେଁ ବୋଲି କୁହାଯାଇପାରିବ। ମୋବାଇଲ ୱାଲେଟ ବାଦ୍ ସେଫ୍ ଗୋଲ୍ଡ ଏବଂ ଅଗ୍ମାଟ ଗୋଲ୍ଡ ଭଳି ପ୍ଲାଟ୍‌ଫର୍ମରେ ଡିଜିଟାଲରେ ସୁନା କ୍ରୟ କରିହେଉଛି। ଅଗ୍ମାଟ ଗୋଲ୍ଡର ନିର୍ଦ୍ଦେଶକ କୁହନ୍ତି , କୋଭିଡ୍ ଜୁଏଲର୍ସଙ୍କ ମନୋଭାବରେ ପରିବର୍ତ୍ତନ ଆଣିଛି। ଅନ୍‌ଲାଇନରେ ସୁନା ବିକ୍ରି ନେଇ ସେମାନେ ବର୍ତ୍ତମାନ ସକ୍ରିୟତା ଦେଖାଉଛନ୍ତି। ସେଫ୍ ଗୋଲ୍ଡର ପ୍ରତିଷ୍ଠାତା ଗୌରବ ମାଥୁର କୁହନ୍ତି, ସୁନା ମୂଲ୍ୟରେ ହ୍ରାସ ଯୋଗୁ ଏହାର ଫାଇଦା ଅନ୍‌ଲାଇନ ବିକ୍ରିକୁ ମିଳୁଛି। ଲୋକଙ୍କୁ ସୁନା ଏବେ ଶସ୍ତା ଲାଗୁଛି। ୩ରୁ ୪ ହଜାର ରେଞ୍ଜର ସୁନା କଏନ ଏବଂ ଗୋଲ୍ଡ ବାର୍ ଲୋକ କିଣିବାକୁ ଭଲ ପାଉଥିବା ଦେଖାଯାଉଛି।



**୧୦୦ ଟଙ୍କାରେ ସୁନାରେ ନିବେଶ ସୁଯୋଗ**

# ଆଜିଓର ବିଗ୍ ବୋଲ୍ଡ ସେଲ୍

ନୂଆଦିଲ୍ଲୀ,୨୯।୯



ଆଜିଓ ପକ୍ଷରୁ ହଟେଷ୍ଟ ଫ୍ୟାଶନ ସେଲ 'ବିଗ୍ ବୋଲ୍ଡ ସେଲ୍' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବିଗ୍ ବୋଲ୍ଡ ସେଲ୍ ୩୦ ସେପ୍ଟେମ୍ବର ଠାରୁ ୪ ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ ଜାରି ରହିବ। ପାର୍ବଣ ଋତୁ ଆଉ ଅଳ୍ପ ଦିନ ବାକି ଥିବାରୁ ଆଜିଓ ଏହାର ଗ୍ରାହକମାନଙ୍କ ପାଇଁ ସର୍ବୋତ୍ତମ ଫେଷ୍ଟିଭ ଫ୍ୟାଶନ ଓ ବ୍ରାଣ୍ଡ ଆଣିବାକୁ ପ୍ରସ୍ତୁତ ରହିଛି। ଗ୍ରାହକ ୨୫୦୦ରୁ ଊର୍ଦ୍ଧ୍ୱ ବ୍ରାଣ୍ଡ, ୬,୦୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାଇଲ କାଟାଲଗ ପାଇବେ। ଏଥିରେ ୫୦%ରୁ ୯୦% ପର୍ଯ୍ୟନ୍ତ ରିହାତିର ସୁବିଧା ରହିଛି। ଗ୍ରାହକମାନଙ୍କ ପାଇଁ ଘଣ୍ଟିକିଆ ଫ୍ଲାସ୍ ଡିଲ୍, ନିଶ୍ଚିତ ଉପହାର, ରିୱାର୍ଡ ଓ ପଏଣ୍ଟସ ରହିଛି। ବିଶ୍ୱର ସବୁଠାରୁ ଲୋକପ୍ରିୟ ବ୍ରାଣ୍ଡ ଯଥା ଗ୍ୟାସ୍, ସୁପରଡ୍ରାଏ, ଷ୍ଟିଭ ମାଡେନ, ଅର୍ମାନି ଏକ୍ସଚେଞ୍ଜ, ଆଡିଡାସ, ଲିଭାଇସ, ନାଇକି ଓ ଆହୁରି ଅନେକଙ୍କୁ ଅତ୍ୟନ୍ତ ଆକର୍ଷଣୀୟ ମୂଲ୍ୟରେ ପ୍ରଦାନ କରାଯାଉଛି । ଆଜିଓ ନିୟମିତ ଫ୍ଲାସ୍ ଡିଲ୍ସର ଆୟୋଜନ କରୁଛି। ଦେଶରେ ଆଜିଓ ଫ୍ୟାଶନ ପ୍ରେମୀମାନଙ୍କ ପାଇଁ ଏକ ଆକର୍ଷଣୀୟ ପ୍ଲାଟ୍‌ଫର୍ମ ଓ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ଅଭୂତପୂର୍ବ ଆପାରେଲ ଓ ଆକ୍ସେସୋରିଜ କଲେକ୍ସନ ନେଇ ଆସୁଛି ।

# ଭିଆଇଟି ଭେଲୋରର ସମାବର୍ତ୍ତନ ଉତ୍ସବ

ଭେଲୋର,୨୯।୯

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଭିଆଇଟି) ଭେଲୋରର ୩୬ତମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ରାମମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। କୌଣସି ବିଷୟର ମୂଳତତ୍ତ୍ୱକୁ ଜାଣିବା ଲାଗି ଛାତ୍ରୀଛାତ୍ର ସର୍ବଦା ଆଗଭର ହେବାକୁ ସେ ଆହ୍ୱାନ ଜଣାଇଥିଲେ। ଆଗାମୀ ୩୦ ବର୍ଷରେ ଭାରତ ଅନେକ ପରିବର୍ତ୍ତନ ଦେଖିବ। ଏହି ସମୟରେ ଅନେକ ସୁଯୋଗ ଏବଂ ଆହ୍ୱାନ ଆସିବ। ଏଥି ପ୍ରତି ଛାତ୍ରୀଛାତ୍ର ସଜାଗ ହେବା ସହ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସେ ମତ ପ୍ରକାଶ କରିଛନ୍ତି।




ଭିଆଇଟିର ପ୍ରତିଷ୍ଠାତା ତଥା ଚାନ୍‌ସେଲର ଡ. ଜି.ବିଶ୍ୱନାଥନ କହିଛନ୍ତି, ଭାରତର ୧୪ କୋଟି ଯୁବବର୍ଗଙ୍କ ମଧ୍ୟରୁ ମାତ୍ର ୪ କୋଟି ଉଚ୍ଚ ଶିକ୍ଷା ଲାଭର ସୁଯୋଗ ପାଉଛନ୍ତି। କାର୍ଯ୍ୟକ୍ରମରେ ଭିଆଇଟି ସଭାପତି ଶଙ୍କର ବିଶ୍ୱନାଥନ, ଡ.ଶେଖର ବିଶ୍ୱନାଥନ, ଜି.ଭି.ସେଲ୍‌ଭାମ, କୁଳପତି ଡ.ରାମବାବୁ କୋଡାଲି, ପ୍ରୋ-ଭାଇସ୍‌ଚାନ୍‌ସେଲର ଡ.ଏସ୍.ନାରାୟଣ, ରେଜିଷ୍ଟ୍ରାର ଡ.କେ. ସତ୍ୟନାରାୟଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୋଟ ୭୫୬୯ ଛାତ୍ରୀଛାତ୍ର ଚଳିତ ବର୍ଷ ସେମାନଙ୍କ ଡିଗ୍ରୀ ହାସଲ କରିଛନ୍ତି।

# ଜି ଏଣ୍ଟରଟେନମେଣ୍ଟର ଅଡୁଆ ବଢ଼ିଲା

ନୂଆଦିଲ୍ଲୀ,୨୯।୯

ଜି ଏଣ୍ଟରଟେନମେଣ୍ଟ ସୋନି ଟିଭି ସହ ମିଶ୍ରଣ ନେଇ ଯୋଜନା ରଖିଥିଲା । ମାତ୍ର ବର୍ତ୍ତମାନ ଏହାର ଅଡୁଆ ବଢିଥିବା ଜଣାପଡିଛି। ଜି ଏଣ୍ଟରଟେନମେଣ୍ଟର ସବୁଠାରୁ ବଡ ନିବେଶକ ଇନଭେସ୍କୋ ବର୍ତ୍ତମାନ ଆଇନଗତ ଲଢ଼େଇର ସାହାରା ନେଇଛି। ଜି ଏଣ୍ଟରଟେନମେଣ୍ଟକୁ ଇନଭେସ୍କୋ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)କୁ ଘୋସାରିଛି। ଇନଭେସ୍କୋ ଏହାର ଦାବିରେ କହିଛି, କମ୍ପାନୀ ଏକ୍ସଟ୍ରା ଅର୍ଡିନାରୀ ଜେନେରାଲ ମିଟିଂ(ଇଜିଏମ୍) ଆୟୋଜନ କରୁ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ପୁନୀତ ଗୋଏଙ୍କାଙ୍କୁ ବାହାର କରିବା ନେଇ ଏହା ଦାବି ଉଠାଇଛି। ଏନ୍‌ସିଏଲ୍‌ଟିର ମୁମ୍ବାଇ ବେଞ୍ଚରେ ଏହି ମାମଲା ଦାଏର କରାଯାଇଛି। ଜିରେ ଇନଭେସ୍କୋର ୧୮%, ବିଦେଶୀ ନିବେଶକଙ୍କ ୬୭% ଏବଂ ପ୍ରମୋଟରଙ୍କ ୪.୭% ଅଂଶଧନ ରହିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
**ମୁଦ୍ରା ଫାଇନାନ୍ସ**
9953557897 / 9432985505
Whatsapp : 9953557897

**TOWER VISION COMPANY Regd.**
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ। ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ, ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗାଡି
Helpline : 7027029427

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9999268493
Whatsapp: 8902923601

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁର୍‌ସତ୍

# ବନ୍ଧୁତା ବଢ଼ାଏ ଭାଷା

ଜଣଙ୍କର ଭାଷା ଅନ୍ୟ ଜଣେ ନ ବୁଝିପାରିଲେ ଭାବର ଆଦାନ ପ୍ରଦାନ ସମ୍ଭବ ହୋଇ ପାରେ ନାହିଁ। ଫଳରେ ଜଣଙ୍କର ଭାବାବେଗ ଠିକ ଭାବେ ଅନ୍ୟ ଜଣେ ଜାଣି ପାରେନା। ଏହା ଦ୍ୱାରା ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ସ୍ଥିତି ଗୋଟିଏ ପରିବାରଠାରୁ ଆରମ୍ଭ କରି ଦୁଇ ଭିନ୍ନ ସମାଜ ଏବଂ ବୃହତ୍ ଭାବେ ଦେଶ ଦେଶ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ଗୋଟିଏ ଦେଶର ଭାଷା ଅନ୍ୟ ପଡ଼ୋଶୀ ଦେଶ ନ ବୁଝିପାରିଲେ ସମ୍ପର୍କରେ ଦୂରତା ବଢ଼େ। ଫଳରେ ସମ୍ପର୍କ ସ୍ଥାପନ କଷ୍ଟକର ହୋଇଯାଏ। ଏ କ୍ଷେତ୍ରରେ ଦୁଇ ଦେଶର ଭାଷା ବୁଝୁଥିବା ଜଣେ ଲୋକଙ୍କ ଦ୍ୱାରା ଭାବର ଆଦାନ ପ୍ରଦାନ କରାଯାଇପାରେ। ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଇଥାଏ। ଏହି ଦିନ ଉତ୍ତର-ପୂର୍ବ ଇଟାଲୀର ସେଣ୍ଟ ଜେରୋମେଙ୍କ ପରଲୋକ ଘଟିଥିଲା। ସେ ପ୍ରଥମେ ବାଇବେଲର ଅନୁବାଦ କରିଥିଲେ। ୨୦୦୫ଠାରୁ ଏହି ଦିନ ଜାତିସଂଘ ପକ୍ଷରୁ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଅନୁବାଦ ପ୍ରତିଯୋଗିତା ଆୟୋଜନ କରାଯାଉଛି। ବିଶ୍ୱ ଅନୁବାଦ ଦିବସ ପାଳନ ପାଇଁ ୨୦୧୭ ମେ' ୨୪ରେ ଜାତିସଂଘ ମହାସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ୨୦୧୮ଠାରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି।




# 'ଦାନ୍ତ ଭାଙ୍ଗିଯିବାରୁ ଖାଇପାରୁନୁ'

**ଗୁଆହାଟୀ:** ଆସାମରେ ଦୁଇ ଶିଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱା ଶର୍ମାଙ୍କୁ ଚିଠି ଲେଖି ନିଜର ସମସ୍ୟା ଜଣାଇଛନ୍ତି। ଏବେ ଏହି ଚିଠି ଦୁଇଟି ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ୬ ବର୍ଷୀୟା ରାୱ୍‌ଜା ଅହମ୍ମଦ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପାଖକୁ ଚିଠି ଲେଖିଥିବାବେଳେ ୫ ବର୍ଷୀୟ ଆର୍ଯ୍ୟନ ଅହମ୍ମଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଗୋଟିଏ ପରିବାରର ଏହି ଶିଶୁ ଦୁହେଁ ସେମାନଙ୍କର ଦାନ୍ତ ଭାଙ୍ଗି ଯାଇଥିବାରୁ ଖାଇବାରେ ଅସୁବିଧା ହେଉଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଭଉଣୀ ରାୱ୍‌ଜା ଏବଂ ସାନ ଭାଇ ଆର୍ଯ୍ୟନ ସେମାନଙ୍କର ଦାନ୍ତ କାହିଁକି ଶୀଘ୍ର ଉଠୁନାହିଁ ସେ ନେଇ ଚିଠିରେ ପ୍ରଶ୍ନ କରିବା ସହିତ ଏଥିରେ ଡ୍ରଇଁ ମଧ୍ୟ କରିଛନ୍ତି। ଆର୍ଯ୍ୟନ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ପ୍ରିୟ ମୋଦିଜୀ, ମୋର ୩ଟି ଦାନ୍ତ ନାହିଁ। ଦୟାକରି ଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ମୁଁ ମୋର ପସନ୍ଦର ଖାଦ୍ୟ ଖାଇପାରୁ ନାହିଁ। ସେହିପରି ରାୱ୍‌ଜା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ପ୍ୟାରେ(ପ୍ରିୟ) ହିମନ୍ତ ମାମା(ମାମୁ), ମୋର ଦାନ୍ତ ନାହିଁ। ଦୟାକରି କିଛି କରନ୍ତୁ। ଚିଠି ଦୁଇଟିକୁ ମୁକ୍ତାର ଅହମ୍ମଦଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ସେପ୍ଟେମ୍ବର ୨୫ରେ ପୋଷ୍ଟ କରାଯାଇଛି। ଏହା ଉପରେ ଅନେକେ ମଜାଳିଆ କମେଣ୍ଟ ଦେଇଛନ୍ତି।



**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶିଶୁ**



# ଲେହେଙ୍ଗା ସହ ଜୋତାରେ ତାପସୀଙ୍କ ଏକ୍ସପେରିମେଣ୍ଟ

**ମୁମ୍ବାଇ:** ବଲିଉଡ୍ ମୁଭି 'ରଶ୍ମି ରକେଟ୍'ର ପ୍ରଥମ ଗୀତ 'ଘନି କୁଲ ଛୋରୀ' ରିଲିଜ୍ ହୋଇଛି। ଅଭିନେତ୍ରୀ ତାପସୀଙ୍କ ଏହି ନୂଆ ଗୀତ ନବରାତ୍ରୀ ଉତ୍ସବର ଏକ୍ସାଇଟମେଣ୍ଟକୁ ଆହୁରି ବଢାଇ ଦେବ। ତାପସୀ ତାଙ୍କ ନୂଆ ଗୀତରେ ବେଶ୍ କୁଲ୍ ଅନ୍ଦାଜରେ ନଜର ଆସିଛନ୍ତି। ଏଥିରେ ସେ ଲେହେଙ୍ଗା ସାଙ୍ଗରେ ଜୋତା ପିନ୍ଧିଥିବା ନଜର ଆସିଛନ୍ତି। ତାପସୀଙ୍କ ପ୍ରଶଂସକ ତାଙ୍କର ଏହି ସ୍ପୋର୍ଟସ ଡ୍ରାମା ଫିଲ୍ମକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି। ସୂଚନାଯୋଗ୍ୟ, ମୁଭି 'ରଶ୍ମି ରକେଟ'ର ପ୍ରିମିୟର ଜି୫ରେ ୧୫ ଅକ୍ଟୋବରରେ ହେବ। ଯେବେ ତାପସୀଙ୍କ ଅଭିନୀତ ଏହି ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍ ହେଲା ସେବେଠାରୁ ଦର୍ଶକେ ଏହାକୁ ଅପେକ୍ଷା କରି ରହିଛନ୍ତି। ନିକଟରେ ମୁଭି 'ରଶ୍ମି ରକେଟ'ର ଟ୍ରେଲର ଜି୫ର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମୁକ୍ତିଲାଭ କରିଥିଲା। ନୂଆ ଗୀତରେ ତାପସୀ ପାରମ୍ପରିକ ଅବତାରରେ ନଜର ଆସିଛନ୍ତି। ଲେହେଙ୍ଗା ସହ ଜୋତା ପିନ୍ଧିଥିବା ତାପସୀ ଏଥିରେ ଏକ ପ୍ରକାର ଏକ୍ସପେରିମେଣ୍ଟ କରିଥିବା କୁହାଯାଉଛି।

**ମନେ ପଡ଼ନ୍ତି**

**ଦଶମ ଶ୍ରାଦ୍ଧବାର୍ଷିକୀ**



୰ ବିରଞ୍ଚି ନାରାୟଣ ଦାସ
ତିରୋଧାନ-୨୨.୦୯.୨୦୧୧
ବମିଖାଲ, ଭୁବନେଶ୍ୱର
ଭିଜି ଥିଲି ଏକ ଅଦିନ ବର୍ଷାରେ
ତୁମ ପ୍ରେମ ସ୍ପର୍ଶ ପାଇ।
ଆଜି ମୁଁ ଭିଜୁଛି ମୋ ଲୁହ ବର୍ଷାରେ
ଯେବେ ମୋ' ଆଖିରୁ ଗଲ ଦୂରେଇ।
ଫଗୁ ଖେଳି ଥିଲି ଅଦିନ ଫଗୁ ରେ
ତୁମ ରଙ୍ଗେ ଭିଜି,
କିନ୍ତୁ ତୁମେ ଭିଜିଗଲ ଆଉ କାହା
ଫଗୁରେ ଆଜି ପାରୁନି ତମକୁ ଖୋଜି।
ଇତି ତୁମର ହତଭାଗିନୀ ପତ୍ନୀ
ସନ୍ତାନ, ବନ୍ଧୁବାନ୍ଧବ
ଧ-୭୦୪୯୨

**ଶ୍ରଦ୍ଧାଞ୍ଜଳି**



୰ମାଳତୀ ଲତା ପଣ୍ଡା
N6-505, Jaydev Vihar
ତିରୋଧାନ: ୧୧।୧୦।୨୦୨୦
ତୁମେ ଗଢ଼ିଥିଲ କେତେ କଷ୍ଟ ସହି
ସ୍ନେହ, ମମତାର ମନ୍ଦିର,
ସମସ୍ତଙ୍କ ପାଇଁ ଥିଲ ତୁମେ ଦେବୀ
ଭଲପାଇବାର ଭଣ୍ଡାର।
ସୁଖର ଚାଦରେ ଢାଙ୍କି ସଭିଙ୍କୁ
ଚାଲିଗଲ ସ୍ୱର୍ଗଧାମେ,
ଝୁରୁଛନ୍ତି ଆଜି ପ୍ରିୟ ପରିଜନ
ଫେରିଆସ ପୁଣି ତୁମେ ।
ତୁମ ଆଶୀର୍ବାଦ ଲୋଡ଼ା ସବୁଦିନ
ଆମରି ଚଲାପଥରେ,
ତୁମରି ପ୍ରେରଣା ଜାଗି ରହିଥାଉ
ସର୍ବଦା ଆମ ଭିତରେ।
ପଣ୍ଡା ପରିବାରବର୍ଗ ।
ଧ-୨୧୭୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ଦେବରାଜ ନାଏକ
(ଅବସରପ୍ରାପ୍ତ ଏମ୍.ସି.ଏଲ୍.କର୍ମଚାରୀ)
ରେମୁଁଆ, ତାଳଚେର, ଅନୁଗୋଳ
ଆବିର୍ଭାବ: ୧୬।୦୭।୧୯୪୦
ତିରୋଧାନ: ୩୦।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ଇତି- ହତଭାଗିନୀ ପତ୍ନୀ: ପାଞ୍ଚାଳୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ପରିଜନବର୍ଗ ।
ଧ-୨୧୭୯୯

**ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଆୟୁଷୀ ମିଶ୍ର (ଲିସି)
ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ-୨୪।୦୯।୨୦୦୪
ତିରୋଧାନ- ୨୧।୦୯।୨୦୨୧
ଚାହୁଁ ଚାହୁଁ ଦଶଦିନ ବିତିଗଲା। ଗୋଟିଏ ମୁହୂର୍ତ୍ତ ତୋତେ ଭୁଲିପାରିନୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ଜେଜେମାଆ, ପାପା, ମମି, ବଡ଼ପାପା ବଡ଼ମମି, ଆଉପାପା, ଆଉମମି, କକୁ, ଖୁଡୀ, ପିଉସା, ଜେଜେନାନୀ, ମାମୁ, ମାଇଁ, ମଉସା, ମାଉସୀ, ଭାଇନା, ଭାଉଜ, ନାନୀ, ସାନଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୪୯୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଦୋଳଗୋବିନ୍ଦ ମହାପାତ୍ର
ପିପ୍ପଳିଡିହ, କଣ୍ଟିଗଡିଆ, ଯାଜପୁର
ଧରାବତରଣ: ୧୮।୦୩।୧୯୨୪
ସ୍ୱର୍ଗାରୋହଣ:୨୦।୦୯।୨୦୨୧
-:ଶୋକସନ୍ତପ୍ତ:-
ସହଧର୍ମିଣୀ: ହେମଲତା ମହାପାତ୍ର, ପୁତ୍ର/ପୁତ୍ରବଧୂ: ଅନାମ ଓ ପଦ୍ମାବତୀ, ଅଶୋକ ଓ ଝୁନୁ, ଚିତ୍ତରଞ୍ଜନ ଓ ମମତା, ବିଜୟାନନ୍ଦ ଓ ଉର୍ମିଳା, ଜ୍ଞାନରଞ୍ଜନ ଓ ସରସ୍ୱତୀ, ସୁକାନ୍ତ ଓ ଶେଷାଦ୍ରି, ଝିଅ/ଜ୍ୱାଇଁ: ସବିତା ଓ ନଟବର, ପୁଷ୍ପଲତା ଓ ନରହରି, ନାତି/ନାତୁଣୀ, ଭଣଜା/ଭାଣିଜୀ, ଭାଣିଜୀ ଜ୍ୱାଇଁ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୮୦୩

# ମାତ୍ର ଥରେ..

**ବ**ଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ଭାବରେ କରୀନା ବେଶ୍ ପରିଚିତ। ନାୟିକା ଭାବରେ ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ଜେ.ପି ଦତ୍ତାଙ୍କ 'ରିଫ୍ୟୁଜି'। ଏହି ଫିଲ୍ମ ପାଇଁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାର (ଶ୍ରେଷ୍ଠ ନବାଗତା ଅଭିନେତ୍ରୀ)ମିଳିଥିଲା। ହେଲେ ସେ ଆକ୍ଟିଂ ସହ ଥରେ ମାତ୍ର ଏକ ଗୀତ ପାଇଁ କଣ୍ଠଦାନ କରିଥିଲେ। ୨୦୦୨ରେ ନିର୍ମିତ 'ଦେବ୍' ଫିଲ୍ମର 'ଜବ୍ ନେହିଁ ଆୟି' ଗୀତଟିକୁ ଗାଇଥିଲେ କରୀନା। ତା'ପରେ ସେ ଆଉ ଗୀତ ଗାଇନାହାନ୍ତି। କରୀନା ବମ୍ବେସ୍ଥିତ ମିଠାବାଈ କଲେଜରୁ କମର୍ସରେ ସ୍ନାତକ ଡିଗ୍ରୀ ହାସଲ ପରେ ହାର୍ଭାର୍ଡ ୟୁନିଭର୍ସିଟିରୁ ମାଇକ୍ରୋ କମ୍ପ୍ୟୁଟର ଉପରେ ଏକ କୋର୍ସ କରିଥିଲେ। 'କହୋନା ପ୍ୟାର୍ ହେ', 'କଲ୍ ହୋ ନା ହୋ' ଏବଂ 'କୁଇନ୍' ପରି ସୁପରହିଟ୍ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ପାଇଥିଲେ ମଧ୍ୟ କେତେକ କାରଣରୁ ଏହି ଅଫରଗୁଡ଼ିକୁ ହାତଛଡ଼ା କରିଥିଲେ।


କରୀନା

# ଅର୍ଦ୍ଧେନ୍ଦୁଙ୍କ ନୂଆ ଅବତାର

**ଓ**ଡ଼ିଆ ଚଳଚ୍ଚିତ୍ର 'ଅ ଆ ହର୍ଷେଇ'ରୁ ସେ ଆରମ୍ଭ କରିଥିଲେ ନିଜର ଓଲିଉଡ୍ ଯାତ୍ରା। ତା'ପରେ 'ଟପୋରି', ସସ୍‌ପେନ୍ସ ଥ୍ରୀଲର 'ବ୍ଲାକ୍‌ମେଲ୍' ଏବଂ ରୋମାଣ୍ଟିକ୍ ଚିତ୍ର 'ମୁଁ ପରଦେଶୀ ଚଢ଼େଇ'ରେ ସେ ପରଦା ଉପରକୁ ଆସିସାରିଛନ୍ତି। ହଁ, ସେ ହେଲେ ଏକାଧାରରେ ପ୍ରଯୋଜକ-କମ୍-ଆକ୍ଟର ଅର୍ଦ୍ଧେନ୍ଦୁ ସାହୁ। ଏଥର ଦଶହରାରେ ସେ ନୂଆ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଫିଲ୍ମଟି ହେଲା ସାର୍ଥକ ଟିଭି ବ୍ୟାନରରେ ପ୍ରସ୍ତୁତ 'ଷଷ୍ଠରୁ ନଷ୍ଟ'। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ବୁଲ୍‌ବୁଲି ତମନ୍ନା। ଏହି ଯୋଡ଼ିକୁ ଦର୍ଶକ ପୂର୍ବରୁ 'ବ୍ଲାକ୍‌ମେଲ୍'ରେ ଦେଖିସାରିଛନ୍ତି। ତା'ସହ ଦୁହିଁଙ୍କୁ ନେଇ ଦୃଶ୍ୟାୟିତ ଉକ୍ତ ସିନେମାର ଗୀତ 'ହାଏ ତୋ ପ୍ରେମର ରଙ୍ଗୋଲି' ହିଟ୍ ହୋଇଥିଲା। 'ଷଷ୍ଠରୁ ନଷ୍ଟ'ର ପ୍ରଯୋଜନା ସୂର୍ଯ୍ୟ ରଥ କରିଥିବା ବେଳେ ନିର୍ଦ୍ଦେଶକ ସାଜିଛନ୍ତି କେ. ମୁରଲୀକ୍ରିଷ୍ଣା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲି ରଥ। ଏହି ଚଳଚ୍ଚିତ୍ରଟି ଚଳିତବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅର୍ଦ୍ଧେନ୍ଦୁ

# ପ୍ରେମର ନୂଆ ଫର୍ମୁଲା

**ପ୍ରେ**ମର ରାସ୍ତା କଣ୍ଟକିତ। ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ବେଳେବେଳେ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥାଏ। ଏକ ସତ ଘଟଣା ଉପରେ ଆଧାରିତ ପ୍ରେମ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ୟୁ ଜାନୁ'। ତନ୍ମୟ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ପ୍ରଥମ ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଜିତେନ୍ଦ୍ର ଓଝା। ତା'ସହ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଦିବ୍ୟଜ୍ୟୋତି ପାତ୍ର ଓରଫ ଦୀପୁ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଖାସ୍ କଥା ହେଲା, ନବାଗତ କିଶୋର କୁମାର ଏହି ଫିଲ୍ମରୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରୁଛନ୍ତ ପୁନମ୍ ମିଶ୍ର।

ଓଡ଼ିଆ ସିନେ ନାଟକ

# ସଖାରାମ ବାଇଣ୍ଡର


ଅସୀତ୍-ରେଶ୍ମାଞ୍ଜଳି

**ପ୍ର**ଖ୍ୟାତ ମରାଠୀ ଔପନ୍ୟାସିକ ବିଜୟ ତେନ୍ଦୁଲକରଙ୍କର ଚର୍ଚ୍ଚିତ ମରାଠୀ ନାଟକ 'ସଖାରାମ ବାଇଣ୍ଡର'କୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେ ନାଟକ 'ସଖାରାମ ବାଇଣ୍ଡର'। ଅଭିନେତା ଅସୀତ କୁମାର ପାତ୍ର ଏହାର ଓଡ଼ିଆ ଭାଷାନ୍ତର କରିବା ସହ ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ସୁନୀଲ ପଟ୍ଟନାୟକଙ୍କ ସହ ମିଶି ସେ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ବିଜୟଲକ୍ଷ୍ମୀ ମୁଭିଜ ପ୍ରଯୋଜିତ ଏବଂ କ୍ୟାମେରା କୁଇନ୍ ପ୍ରଡକ୍ସନର ସହ ପ୍ରଯୋଜନାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟିଟନ ଏବଂ ହରପ୍ରୀତ ସିଂ। ଦୁଇଟି ଏପିସୋଡ୍ ପ୍ରସାରିତ ହୋଇସାରିଥିବା ଏହି ନାଟକର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅସୀତ, ଶ୍ୱେତା ଆଚାର୍ଯ୍ୟ, ରେଶ୍ମାଞ୍ଜଳି, ସୁଜିତ ପାଇକରାୟ ଏବଂ ପିଣ୍ଟୁ ନନ୍ଦ। ଅନ୍ୟପକ୍ଷରେ ଏହି ବ୍ୟାନରରେ ନୂଆ ଓଡ଼ିଆ ସିନେମା 'କେଦାରଗୌରୀ' ନିର୍ମିତ ହେଉଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର 'ଭୈରବ', 'ନାୟକର ନାଁ ଦେବଦାସ' ଏବଂ ରିଲିଜ ଅପେକ୍ଷାରେ ଥିବା 'ମିତାଲି ଅପା'ରେ ଅସୀତ ଅଭିନୟ କରିସାରିଛନ୍ତି।

# ରିଲିଜ ପାଇଁ ଟେନ୍‌ସନ୍

**ଆ**ନନ୍ଦ ଏଲ. ରାଇଙ୍କ ଆଗାମୀ ଫିଲ୍ମ 'ଅତରଙ୍ଗୀ ରେ'କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଗୋଟିଏ ପଟରେ ପ୍ରଯୋଜକ ଏହାକୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରାଇବାକୁ ଚାହୁଁଥିବା ବେଳେ ଅନ୍ୟପକ୍ଷରେ ଏଥିରେ ଅଭିନୟ କରିଥିବା କଳାକାରମାନେ ଓଟିଟି ଫର୍ମାଟରେ ରିଲିଜ ହେଉ ବୋଲି ମତ ରଖିଛନ୍ତି। ତେଣୁ ଫିଲ୍ମଟି କେବେ ରିଲିଜ ହେବ ସେ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ଏ ସମ୍ପର୍କରେ ଏଥିରେ ନାୟିକା ଭୂମିକାରେ ଅଭିନୟ କରିଥିବା ସାରା ଅଲ୍ଲୀ ଖାଁ କହନ୍ତି, 'ଏହି ଫିଲ୍ମର ସମସ୍ତ କାମ ଶେଷ ହୋଇଛି। କେବଳ ରିଲିଜ କେବେ ହେବ ତାହା ଫାଇନାଲ ହୋଇପାରୁନାହିଁ। ପ୍ରେକ୍ଷାଳୟ ଖୋଲିଥିଲେ ମଧ୍ୟ ଆଶାନୁରୂପ ଦର୍ଶକ ସିନେମା ଦେଖିବାକୁ ଯାଉନାହାନ୍ତି। ତେଣୁ ଫିଲ୍ମଟିକୁ ଓଟିଟି ଫର୍ମାଟରେ ରିଲିଜ କରିବାକୁ ପ୍ରଯୋଜକଙ୍କୁ ଆମେ ପ୍ରସ୍ତାବ ଦେଇଛୁ। ଏ ନେଇ ଖୁବ୍ ଶୀଘ୍ର ଶେଷ ନିଷ୍ପତ୍ତି ନିଆଯିବ। ସାରାଙ୍କ ବ୍ୟତୀତ ଏଥିରେ ଅକ୍ଷୟ କୁମାର ଏବଂ ଧନୁଷଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ସାରା

# ଅତୀତରୁ

➔ଅପରାଜିତା ମହାନ୍ତିଙ୍କ ବଡ଼ ପରଦା ଜୀବନ ଆରମ୍ଭ ହୋଇଥିଲା 'ଅସ୍ତରାଗ'ରୁ। ୧୯୮୨ରେ ମୁକ୍ତିଲାଭ କରିଥିବା ଏହି ଚିତ୍ରରେ ଉତ୍ତମ ମହାନ୍ତି, ଶରତ ପୂଜାରୀ ଏବଂ ରାଧା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ପ୍ରଫୁଲ୍ଲ କର।

➔ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମା ଓ ମମତା' ସେ ସମୟରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଅନ୍ୟତମ ଲୋକପ୍ରିୟ ଯୋଡ଼ି ପ୍ରଶାନ୍ତ ନନ୍ଦ-ମହାଶ୍ୱେତା ରାୟଙ୍କୁ ଏହି ଚିତ୍ରରେ ଦେଖିବାକୁ ମିଳିଥିଲା। ଭୁବନ-ହରିଙ୍କ ସ୍ୱର ସଂଯୋଜନାରେ ଏହାର ଗୀତଗୁଡ଼ିକୁ ଏବେ ମଧ୍ୟ ଅନେକ ସିନେପ୍ରେମୀ ଗୁଣୁଗୁଣେଇ ଥାଆନ୍ତି।

➔ବାବୁଲାଲ ଦୋଷୀଙ୍କ ପ୍ରଯୋଜିତ ଚିତ୍ର 'ଅକ୍ଷୀ ତୃତୀୟା'ର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ଏହି ଫିଲ୍ମରେ ଶରତ ପୂଜାରୀଙ୍କ ନାୟିକା ସାଜିଥିଲେ ଅନୀତା ଦାସ। ଉତ୍ତମ ମହାନ୍ତି ଏବଂ ଦୀପା ସାହୁ ମଧ୍ୟ ଏହି ଫିଲ୍ମରେ ଅଭିନୟ କରିଥିଲେ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ରାଖାଲ ମହାନ୍ତି।

# ରଣବୀରଙ୍କ ଡ୍ରିମ୍ ଫିଲ୍ମ

**ର**ଣବୀର ସିଂ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ହେଲେ ତାଙ୍କର ଡ୍ରିମ୍ ଫିଲ୍ମଟି କିଏ ଜାଣନ୍ତି ? ତାହା ହେଉଛି ଏକ ବାୟୋପିକ୍। ହଁ, ସେହି ଫିଲ୍ମଟି ହେଲା '୮୩'। ବିଶିଷ୍ଟ କ୍ରିକେଟିୟର ତଥା ଭାରତକୁ ପ୍ରଥମ ବିଶ୍ୱକପ୍ ସ୍ୱାଦ ଚଖାଇଥିବା ଅଲରାଉଣ୍ଡର କପିଳ ଦେବଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ନିର୍ମାଣ କରାଯାଇଛି। ଆଉ ଏହାକୁ ନିଜର ଡ୍ରିମ୍ ଫିଲ୍ମ ବୋଲି କହି ବୁଲୁଛନ୍ତି ରଣବୀର। ଏଥିରେ ତାଙ୍କ ବ୍ୟତୀତ ଦୀପିକା ପାଦୁକୋନ୍ ମଧ୍ୟ ଅଭିନୟ କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି କବୀର ଖାଁ। ଏହି ଫିଲ୍ମଟି ଚଳିତବର୍ଷ ଖ୍ରୀଷ୍ଟମାସରେ ରିଲିଜ ହେବାକୁ ଯାଉଛି। ହେଲେ ଏହି ଦିନ ଆଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା' ମଧ୍ୟ ପରଦା ଉପରକୁ ଆସୁଛି। ତେବେ ଏହି ଦୁଇଟି ଫିଲ୍ମ ମଧ୍ୟରୁ କେଉଁ ସିନେମା ଦର୍ଶକଙ୍କୁ ଅଧିକ ପ୍ରଭାବିତ କରିପାରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।


ରଣବୀର

# ଅପେକ୍ଷା ଦଶହରାକୁ

**ସ**ମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ନୂଆ ଓଡ଼ିଆ ସିନେମା 'ଗାଁର ନାଁ ଗାଲୁଆପୁର-ଅଜବ ଗାଁର ଗଜବ କଥା' ପରଦା ଉପରକୁ ଆସିବାକୁ ଯାଉଛି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ଚଳିତବର୍ଷ ଦଶହରା ଅବସରରେ ଅର୍ଥାତ୍, ଅକ୍ଟୋବର ୧୫ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଲଭ୍, ଇମୋଶନ, କମେଡି, ଆକ୍ସନର ତଡକା ଥିବା ଉକ୍ତ ଚିତ୍ରଟିର ପ୍ରଯୋଜନା କରିଛନ୍ତି ସମ୍ବିତ୍ ସ୍ୱରୂପ୍ ଶତପଥୀ। ସମ୍ବିତ୍ ସ୍ୱରୂପ ଶତପଥୀ, ଦୀପ୍ତି ରଞ୍ଜନ ସାହୁ, ସବ୍ୟସାଚୀ ଜେନା ଏବଂ ଦିବ୍ୟଲୋଚନ ସାହୁ ସହ-ପ୍ରଯୋଜକ ଅଛନ୍ତି। ପ୍ରତିମା ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜିତେନ୍ଦ୍ର ମହାପାତ୍ର। କାହାଣୀ ଏବଂ ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ନନ୍ଦଲାଲ୍ ମହାପାତ୍ର। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ସ୍ୱର୍ଗତ ଅମରେନ୍ଦ୍ର ମହାନ୍ତି। ଏହାର ମୁଖ୍ୟ ଭୂମିକାରେ ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କ ସହ ମନୀଷା ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ମିହିର ଦାସ, କୁନା ତ୍ରିପାଠୀ, ଅନ୍ତର୍ଯ୍ୟାମୀ ପଣ୍ଡା, ସୁଜିତ ପ୍ରମୁଖ କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


ପପୁ-ମନୀଷା

# ହାର୍ଟବିଟ୍

**ନୂ**ଆ ମ୍ୟୁଜିକ୍ ଭିଡିଓ 'ହାର୍ଟ ବିଟ୍'ରେ ଦୀପକ ରାଜ୍-ଶେଫାଳୀଙ୍କ କେମେଷ୍ଟ୍ରିକୁ ନେଇ ଚର୍ଚ୍ଚା। ବିଶେଷଭାବରେ ଯୁବପିଢ଼ିଙ୍କ ପାଇଁ ଏହି ମ୍ୟୁଜିକ ଆଲବମ୍‌ଟିକୁ ପ୍ରସ୍ତୁତ କରାଯାଇଛି। ଶୁଟିଂ ସମୟରେ ଏହା ଯେପରି ଦର୍ଶକଙ୍କ ମନକୁ ଛୁଇଁପାରିବ ସେ ନେଇ ଯଥେଷ୍ଟ ଧ୍ୟାନ ଦିଆଯାଇଛି ବୋଲି କହନ୍ତି ଏହାର କୋରିଓଗ୍ରାଫରରୁ ନିର୍ଦ୍ଦେଶକ ସାଜିଥିବା ବିଦୁ। କେବଳ ଓଡ଼ିଶା ନୁହେଁ, ଜାତୀୟ ସ୍ତରରେ ଏହା ଯେପରି ଦର୍ଶକଙ୍କୁ ପ୍ରଭାବିତ କରିପାରିବ ସେ ନେଇ ଦୃଷ୍ଟି ଦିଆଯାଇଛି। ଏହି ମ୍ୟୁଜିକ ଭିଡିଓକୁ ଶତ ପ୍ରତିଶତ ଜଷ୍ଟିସ ଦେଇଛନ୍ତି ଦୀପକ-ଶେଫାଳୀ। ଡି.ଏନ. ସିରିଜ ବ୍ୟାନରରେ ମୁକ୍ତିଲାଭ କରିବାକୁ ଯାଉଛି ଅର୍ବାନ ପାବୀ ମ୍ୟୁଜିକ ଭିଡିଓ 'ହାର୍ଟବିଟ୍'। ଗୀତ ରଚନା ସହିତ ସଙ୍ଗୀତ ଦେଇଛନ୍ତି ପିନାକୀ ରଥ। ଗୀତଟିକୁ ବିଶ୍ୱଜିତ ମହାପାତ୍ରଙ୍କ କଣ୍ଠରେ ରେକର୍ଡ କରାଯାଇଛି। ର୍ୟାପ୍ ଅଂଶର ଗୀତ ରଚନା କରିଛନ୍ତି ଦେବ୍ ଜେ. ମିଶ୍ର।


ଶେଫାଳୀ-ଦୀପକ

ନୂଆ ସିନେମା

# ଆସିବ ବର ତୋର

**ଥ**ରେ ମନେ ପକାନ୍ତୁ ନା, ସୁପରହିଟ୍ ଓଡ଼ିଆ ସିନେମା 'କାବେରୀ'ର ସେହି ଶ୍ରୋତାଦୃତ୍ତ ଗୀତ 'ଆସିବ ବର ତୋର ହୋଇବ ବାହାଘର, ତା'ପରେ କି ହବ କହଲୋ'କୁ। ସେହି ଗୀତର ଏକ ଧାଡ଼ି 'ଆସିବ ବର ତୋର'କୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ନୂଆ ଓଡ଼ିଆ ସିନେମା। ମୁନ୍ ଟିଭି ବ୍ୟାନର ଏହି ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ବିନ୍ନି ପଟ୍ଟନାୟକ ଏବଂ ସଚିକାନ୍ତ ଜେନା। ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଏସ. ଦିଲୀପ ପଣ୍ଡା। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। 'ଆସିବ ବର ତୋର' ଫିଲ୍ମରେ ଅମ୍ଳାନ ନାୟକ ସାଜିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସ୍ୱାତୀ। 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍' ପରେ ସ୍ୱାତୀଙ୍କର ଏହା ହେଉଛି ଦ୍ୱିତୀୟ ସିନେମା। ଏହାର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ଏବଂ ଗୀତଗୁଡିକର ଶୁଟିଂ ହାଇଦ୍ରାବାଦସ୍ଥିତ ରାମୋଜୀ ଫିଲ୍ମ ସିଟିରେ ବୋଲି ଏହାର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।


ସ୍ୱାତୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୩୦/୨୦୨୧ Bhubaneswar, Thursday, September 30/ 2021

## ସଂକ୍ଷେପରେ

### ଅର୍ଜୁନ ତେନ୍ଦୁଲକରଙ୍କ ସ୍ଥାନରେ ସିମରଜିତ



**ଆବୁଧାବି, ୨୯।୯(ପି.ଟି.):** ପାଞ୍ଚଥର ଆଇପିଏଲ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ବଦଳ ଖେଳାଳିଭାବେ ବୁଧବାର ଏହାର ଦଳରେ ଦ୍ରୁତ ବୋଲର ସିମରଜିତ ସିଂଙ୍କୁ ସାମିଲ କରିଛି। ସେ ଯୁବ ବାମହାତୀ ଦ୍ରୁତ ବୋଲର ଆହତ ଅର୍ଜୁନ ତେନ୍ଦୁଲକରଙ୍କ ସ୍ଥାନରେ ଖେଳିବେ। ପ୍ରତିଷ୍ଠିତ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଚଳିତ ବର୍ଷ ପ୍ରାରମ୍ଭରେ ମୁମ୍ବାଇ ଦଳରେ ସାମିଲ ହୋଇଥିଲେ। ଏବେ ତାଙ୍କ ସ୍ଥାନରେ ସିମରଜିତଙ୍କୁ ସାମିଲ କରାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଏକ ମିଡିଆ ରିଲିଜ ମାଧମରେ ପ୍ରକାଶ କରାଯାଇଛି। ଡାହାଣହାତୀ ଫାଷ୍ଟ ବୋଲର ସିମରଜିତ ଆଇପିଏଲ ଗାଇଡଲାଇନ୍ ଅନୁସାରେ କ୍ୱାରାଣ୍ଟାଇନ୍ ଶେଷ କରି ଦଳସହ ଟ୍ରେନିଂ ଆରମ୍ଭ କରିଛନ୍ତି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ମଙ୍ଗଳବାର ପଞ୍ଜାବ କିଙ୍ଗ୍ସକୁ ହରାଇବାପରେ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ କରିଛି।

### ମୁରେଙ୍କ ବିଜୟ ଅଭିଯାନ



**ସାନ ଡିଏଗୋ,୨୯।୯(ଏପି):** ଏଠାରେ ଚାଲିଥିବା ସାନ ଡିଏଗୋ ଓପନ ଟେନିସ ଟୁର୍ନାମେଣ୍ଟରେ ପୂର୍ବତନ ୧ ନମ୍ବର ଖେଳାଳି ବ୍ରିଟେନର ଆଣ୍ଡି ମୁରେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ସେ ଆମେରିକାର ଡେନିସ କୁଡ୍‌ଲାଙ୍କୁ ୬-୩, ୬- ୨ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୩୪ ବର୍ଷୀୟ ମୁରେ ୩ଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି ଓ ୨ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହି ହାର୍ଡକୋର୍ଟ ଇଭେଣ୍ଟରେ ମୁରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇ ଖେଳିବାର ସୁଯୋଗ ହାସଲ କରିଛନ୍ତି। ଅନ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଶ୍ୱର ୪୨ ନମ୍ବର ଖେଳାଳି ଆମେରିକାର ସେବାଷ୍ଟିଆନ କୋର୍ଡ୍ରା ୬-୩, ୫-୭, ୬-୧ ସେଟ୍‌ରେ ନିଜ ଦେଶର ୬୦ ନମ୍ବର ଖେଳାଳି ଟମି ପଲ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମୁରେ ଦ୍ୱିତୀୟ ରାଉଣ୍ଡରେ ନରୱେର କାସ୍ପର ରୁଡ୍‌ଙ୍କୁ ଭେଟିବେ।

# ଆର୍‌ସିବିର ସପ୍ତମ ବିଜୟ

**ଦୁବାଇ, ୨୯।୯**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୭ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୪୯ ରନ କରିଥିଲା। ୧୫୦ ରନ ବିଜୟ ଲକ୍ଷ୍ୟର ପିଛା କରି ଆରସିବି ୧୭.୧ ଓଭରରେ ୩ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ନେଇଥିଲା। ୧୧ ମ୍ୟାଚରୁ ୭ମ ବିଜୟ ସହ ଆରସିବି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଅପରିବର୍ତ୍ତିତ ରହି ପ୍ଲେ-ଅଫ୍ ଅଭିମୁଖେ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ରାଜସ୍ଥାନ ୧୧ ମ୍ୟାଚରୁ ୭ମ ପରାଜୟ ବରଣ କରି ବିଦାୟ ପଥରେ ରହିଛି। ଆର୍‌ସିବିର ଯୁଜବେନ୍ଦ୍ର ଚହଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଅଧିନାୟକ ବିରାଟ କୋହଲି ଓ ଦେବଦତ୍ତ ପଡ଼ିକାଲ ଓପନିଂ ଯୋଡ଼ିରେ ୪୮ ରନ ସଂଗ୍ରହ କରି ଦଳପାଇଁ ବିଜୟ ପଥ ପ୍ରସ୍ତୁତ କରିଥିଲେ। ପଡିକାଲ ୧୭ ବଲ୍‌ରୁ ୨୨ (୪ ଚୌକା) ରନ କରି ମୁସ୍ତାଫିଜୁର ରହମନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିବାବେଳେ କୋହଲି ୨୦ ବଲ୍‌ରୁ ୨୫(୪ ଚୌକା) ରନ କରି ରନଆଉଟ ହୋଇ ଯାଇଥିଲେ। ଶ୍ରୀକର ଭରତ ଆକର୍ଷଣୀୟ ଇନିଂସ ଖେଳି ୩୫ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୪୪ ରନ କରି ମୁସ୍ତାଫିଜୁରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଗ୍ଲେନ ମ୍ୟାକ୍ସୱେଲ ୫୦(୩୦ ବଲ, ୬ ଚୌକା, ୧ ଛକା) ଓ ଏମି ଡି'ଭିଲର୍ସ ୪ ରନରେ ଅପରାଜିତ ରହିଥିଲେ।



ଯୁଜବେନ୍ଦ୍ର ଚହଲ ଏକ ଉଇକେଟ ନେବାପରେ ଉଲ୍ଲସିତ ଅଧିନାୟକ ବିରାଟ କୋହଲି (ବାମ)।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଚମତ୍କାର ଆରମ୍ଭ କରିଥିଲା। ଦୁଇ ଓପନର ଇଭିନ ଲିୱିସ ଓ ଯଶସ୍ୱୀ ଜୟସ୍ୱାଲ ଦ୍ରୁତ ହାରରେ ରନ ସଂଗ୍ରହ ସହ ୫୦ ବଲ୍‌ରୁ ୭୭ ରନ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୯ମ ଓଭରର ଦ୍ୱିତୀୟ ବଲ୍‌ରେ ଜୟସ୍ୱାଲ(୩୧ ରନ, ୨୨ ବଲ, ୩ ଚୌକା, ୨ ଛକା)ଙ୍କୁ ଆଉଟ କରି ଡାନିଏଲ କ୍ରିଷ୍ଟିଆନ ଆରସିବିକୁ ପ୍ରତିକ୍ଷୀତ ବ୍ରେକ୍ ଥ୍ରୁ ଦେଇଥିଲେ। ଲିୱିସଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ରାଜସ୍ଥାନ ୧୧ତମ ଓଭରରେ ୧୦୦ ରନ ପୂରଣ କରିଥିଲା। ମାତ୍ର କ୍ୟାରିୟରର ପ୍ରଥମ ଆଇପିଏଲ ଖେଳୁଥିବା ଇଂଲଣ୍ଡ ଅଲରାଉଣ୍ଡର ଜର୍ଜ ଗର୍ଟନ ସେଟ୍ ବ୍ୟାଟ୍ସମ୍ୟାନ ଲିୱିସ(୫୮ ରନ, ୩୭ ବଲ, ୫ ଚୌକା, ୩ ଛକା)ଙ୍କୁ ଆଉଟ କରିବାପରେ ରୟାଲ୍ସ ମୋମେଣ୍ଟମ ହରାଇଥିଲା। ମିଡଲ ଅର୍ଡର ବିଫଳତା ଯୋଗୁ ଦଳ ୧୫୦ ରନ କରିବାକୁ ସଂଘର୍ଷ କରିଥିଲା। ଅର୍ଥାତ୍ ଶେଷ ୯ ଓଭରରେ ଦଳ ୫୦ ରନ ସଂଗ୍ରହ କରିବାରେ ଅସମର୍ଥ ରହିଥିଲା। ଆରସିବିର ଦୁଇ ସ୍ପିନର ଶାହାବାଜ ଅହମଦ ଓ ଯୁଜବେନ୍ଦ୍ର ଚହଲ ପ୍ରଭାବୀ ବୋଲିଂ କରି ରାଜସ୍ଥାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଅଧିନାୟକ ସଞ୍ଜୁ ସାମସନ (୧୯ ରନ, ୧୫ ବଲ, ୨ ଛକା) ଓ ରାହୁଲ ତେୱାଟିଆ (୨)ଙ୍କୁ ଶାହାବାଜ ପ୍ୟାଭିଲିୟନ ପଥ ଦେଖାଇଥିବା ବେଳେ ମହିପାଲ ଲୋମରୋର(୩) ଓ ଲିଆମ ଲିଭିଂଷ୍ଟୋନ(୬)ଙ୍କୁ ଆଉଟ କରିଥିଲେ ଚହଲ। ଆରସିବିର ପୂର୍ବ ମ୍ୟାଚରେ ଉଇକେଟ ନେବାରେ ହ୍ୟାଟ୍ରିକ ଅର୍ଜନ କରିଥିବା ହର୍ଷଲ ପଟେଲ ଏଠାରେ ମଧ୍ୟ ଶେଷ ଓଭରରେ ଚମତ୍କାର ବୋଲିଂ କରିଥିଲେ। ସେ ୨୦ତମ ଓଭରର ଦ୍ୱିତୀୟ ବଲ୍‌ରେ ପ୍ରିୟମ ଗର୍ଗ (୯) ଓ ୩ୟ ବଲ୍‌ରେ କ୍ରିସ୍ ମୋରିସ (୧୪)ଙ୍କ ଉଇକେଟ ନେଇ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଏଥିରେ ସଫଳ ହୋଇ ନ ଥିଲେ ହେଁ ଶେଷ ବଲ୍‌ରେ ଚେତନ ସାକାରିଆଙ୍କୁ ଆଉଟ କରି ଗୋଟିଏ ଓଭରରେ ୩ ଉଇକେଟ ନେବାରେ ସଫଳ ହୋଇଥିଲେ। ହର୍ଷଲ ୩ଟି, ଶାହାବାଜ ଓ ଚହଲ ୨ଟି ଲେଖାଏ ଏବଂ ଗର୍ଟନ ଓ କ୍ରିଷ୍ଟିଆନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୯/୯(ଇଭିନ ଲିୱିସ-୫୮, ଯଶସ୍ୱୀ ଜୟସ୍ୱାଲ-୩୧, ହର୍ଷଲ ପଟେଲ-୩/୩୪, ଶାହାବାଜ ଅହମଦ-୨/୧୦, ଯୁଜବେନ୍ଦ୍ର ଚହଲ-୨/୧୮, ଜର୍ଜ ଗର୍ଟନ-୧/୩୦, ଡାନିଏଲ କ୍ରିଷ୍ଟିଆନ-୧/୨୧୦। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୭.୧ ଓଭରରେ ୧୫୩/୩(ଗ୍ଲେନ ମ୍ୟାକ୍ସୱେଲ-୫୦*, ଶ୍ରୀକର ଭରତ-୪୪, ବିରାଟ କୋହଲି-୨୫, ମୁସ୍ତାଫିଜୁର ରହମନ-୨/୨୦)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୮ | ୨ | ୧୬ | +୧.୦୬୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୮ | ୩ | ୧୬ | +୦.୫୬୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୭ | ୪ | ୧୪ | -୦.୨୦୦ |
| ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | +୦.୩୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୫ | ୬ | ୧୦ | -୦.୪୫୩ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୨୮୮ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୪୬୮ |
| ସନ୍‌ରାଇଜର୍ସ | ୧୦ | ୨ | ୮ | ୪ | -୦.୫୦୧ |

**ଆଜିର ମ୍ୟାଚ**



ସନରାଇଜର୍ସ ବନାମ ସୁପରକିଙ୍ଗ୍ସ

ସ୍ଥାନ : ଶାରଜା
ସମୟ : ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଓଡ଼ିଶାର ପ୍ରଥମ ବିଜୟ



ରିତେଶ ପ୍ରିୟରଞ୍ଜନ



ସମ୍ବିତ ବରାଳ



ସୁଶୀଲ ବାରିକ

**ଭିନୁ ମଙ୍କଡ଼ ଟ୍ରଫି**

**ଭୁବନେଶ୍ୱର, ୨୯।୯(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଗଡ଼ସ୍ଥିତ ସେକ୍ଟର-୧୬ କ୍ରିକେଟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଭିନୁମଙ୍କଡ ଟ୍ରଫି ଏକଦିବସୀୟ କ୍ରିକେଟ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୬୧ ରନରେ ବିହାରକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶଠାରୁ ହାରି ଯାଇଯାଇଥିବା ଓଡ଼ିଶାର ଏହା ହେଉଛି ପ୍ରଥମ ବିଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ସୁଶୀଲ ବାରିକ ସର୍ବାଧିକ ୪୧, ସମ୍ବିତ ବରାଳ ୩୬ ଓ ଦୀନେଶ ମାଝି ୨୧ ରନ କରିଥିଲେ। ବିପକ୍ଷ ଦଳର ରାହୁଲ କୁମାର ୩ଟି ଏବଂ ବେଦାନ୍ତ ଚୌବେ ଓ ସାକିବ ହୁସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୦ ରନ ବିଜୟ ଲକ୍ଷ୍ୟରେ ବିହାର ୩୬.୫ ଓଭରରେ ୧୧୮ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଶ୍ରମଣ ନିଗ୍ରୋଧ ସର୍ବାଧିକ ୩୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରିତେଶ ପ୍ରିୟରଞ୍ଜନ ୩ଟି ଏବଂ ସମ୍ବିତ ବରାଳ ଓ ସୁଶୀଲ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ଲିଗ୍ ମ୍ୟାଚ ଅକ୍ଟୋବର ୧ରେ ଦିଲ୍ଲୀ ବିପକ୍ଷରେ ମୋହାଲିରେ ଖେଳିବ।

# ଓଡ଼ିଶା ମହିଳା ଦଳ ୧ ରନରେ ପରାସ୍ତ

**ଭୁବନେଶ୍ୱର, ୨୯।୯(କ୍ରୀଡ଼ା ପ୍ରତିନିଧି)**

ଜୟପୁରର ଆରସିଏ ଏକାଡେମୀ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଏଲିଟ-ଏ ଏକଦିବସୀୟ କ୍ରିକେଟ ଲିଗ୍ ମ୍ୟାଚରେ ଓଡ଼ିଶା ୧ ରନରେ ହିମାଚଳ ପ୍ରଦେଶଠାରୁ ହାରିଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ହିମାଚଳ ୫୦ ଓଭରରେ ୮ ଉଇକେଟ ହରାଇ ୧୫୩ ରନ କରିଥିଲା। ଅଂଶିକା ଠାକୁର ସର୍ବାଧିକ ୪୦ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଙ୍କିତା ଗିରି ୩ଟି ଓ ଏସ.ବି. ଲରେନ୍ସ ୨ଟି ଉଇକେଟ ନେଇଥିଲେ। ୧୫୪ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୪୫.୪ ଓଭରରେ ୧୫୨ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅଧିନାୟିକା ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ୭୫ ରନରେ ଅପରାଜିତ ରହିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟ ସମସ୍ତ ଓଡ଼ିଶା ବ୍ୟାଟର ଫେଲ୍ ମାରିଥିଲେ। ବିଜୟୀ ଦଳର ସାକ୍ଷୀ ଠାକୁର ୪ଟି, ନାନ୍‌ସି ଶର୍ମା ୨ଟି ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଅକ୍ଟୋବର ୧ରେ ମିଜୋରାମ ବିପକ୍ଷରେ ଜୟପୁରରେ ଖେଳିବ।



ଶୁଭ୍ରା ନିର୍ଝରିଣୀ ସ୍ୱାଇଁ

# ମଙ୍ଗଳା କ୍ଲବ, କିଟ୍, ରାଇଜିଂ ଷ୍ଟୁଡେଣ୍ଟର ବୃହତ୍ ବିଜୟ

**ଫାଓ ଆନ୍ତଃକ୍ଲବ ଫୁଟସାଲ**

**ଭୁବନେଶ୍ୱର, ୨୯।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଆନ୍ତଃକ୍ଲବ ଫୁଟସାଲର ଦ୍ୱିତୀୟ ଦିବସରେ ବୁଧବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ମଙ୍ଗଳା କ୍ଲବ ୧୦-୩ ଗୋଲରେ ଯାଜପୁରର କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀକୁ ପରାସ୍ତ କରିଥିଲା। ଏକାକୀ ୫ ଗୋଲ ଦେଇଥିବା ମଙ୍ଗଳା କ୍ଲବର ବବୁଲ ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କିଟ୍ ୧୪-୨ ଗୋଲରେ କେନ୍ଦୁଝରର ବିଚାକୁଣ୍ଡି କ୍ଲବକୁ ହରାଇ ଦେଇଥିଲା। ୫ ଗୋଲ ଦେଇଥିବା କିଟ୍‌ର ମହମ୍ମଦ ଆଫ୍ରିଦ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ତୃତୀୟ ମ୍ୟାଚରେ କଟକର ବିଡ଼ାନାସୀ କ୍ଲବ ୬-୩ ଗୋଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସକୁ ପରାସ୍ତ କରିଛି। ବିଜୟୀ ଦଳର ରାଜେଶ ନାଏକ (୩ ଗୋଲ) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

ସେହିପରି ୪ର୍ଥ ମ୍ୟାଚରେ ଭୁବନେଶ୍ୱରର କିଶୋର କ୍ଲବ କେନ୍ଦ୍ରାପଡ଼ାର ରାଜକନିକା ଆଥିଲେଟିକ ଆସୋସିଏଶନକୁ ୬-୨ ଗୋଲରେ ହରାଇଛି। କିଶୋର କ୍ଲବର ଅସୀମ୍ ଡୁଙ୍ଗଡୁଙ୍ଗ (୩ ଗୋଲ) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ୫ମ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୯-୨ ଗୋଲରେ ପୁରୀର ଶ୍ରୀନୀଳଚକ୍ର କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳର ବିକି ସେଠୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୬ଷ୍ଠ ତଥା ଅନ୍ତିମ ମ୍ୟାଚରେ ଭୁବନେଶ୍ୱରର ୟୁନିଟ-୬ ଆଥିଲେଟିକ ଆସୋସିଏଶନ ୮-୨ ଗୋଲରେ ସୋନପୁରର ରାମ୍‌ଧୁନ୍ କ୍ଲବକୁ ହରାଇ ଦେଇଛି। ୩ ଗୋଲ ଦେଇଥିବା ୟୁନିଟ-୬ର ବିଜୟ କୁମାର ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଥିବାବେଳେ ସୁଶାନ୍ତ ଚନ୍ଦ୍ର ମହାନ୍ତି ରେଫରି ଆସେସର ଭୂମିକା ତୁଲାଇ ଥିଲେ। ରେଫରି ଶିବଶଙ୍କର ପଣ୍ଡା, ସୁଜିତ କୁମାର ପାତ୍ର, ପ୍ରଶାନ୍ତ କୁମାର ପାଲ, ଦିଲୀପ କୁମାର ରାଉତ, ରମଣୀ ମାଝି, ପ୍ରଶାନ୍ତ କୁମାର ବେହେରା, ଜ୍ୟୋତିରଞ୍ଜନ ସ୍ୱାଇଁ, ଆଶୀର୍ବାଦ କାନୁନ୍‌ଗୋ ଓ ପ୍ରଦୀପ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ।




କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଫାଓ ଆନ୍ତଃକ୍ଲବ ଫୁଟସାଲର ବୁଧବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଏକ ମ୍ୟାଚ।

# ଦିବାରାତ୍ର ମହିଳା ଟେଷ୍ଟ ଆଜିଠାରୁ

**୧୫ ବର୍ଷ ପରେ ଭାରତ-ଅଷ୍ଟ୍ରେଲିଆ ମୁକାବିଲା**

**ଗୋଲ୍ଡକୋଷ୍ଟ, ୨୯।୯ (ପି.ଟି.)**

ସ୍ଥାନୀୟ କାରାରା ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତୀୟ ମହିଳା ଦଳ ମଧ୍ୟରେ ଗୁରୁବାରଠାରୁ ଏକମାତ୍ର ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ମହତ୍ତ୍ୱ ରଖୁଛି। ଦିନିକିଆ ସିରିଜରେ ଲଜ୍ଜାଜନକ ପ୍ରଦର୍ଶନ କରିବା ପରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଛି। ତୃତୀୟ ତଥା ଅନ୍ତିମ ଦିନିକିଆ ରବିବାର ଆୟୋଜିତ ହୋଇଥିଲା ଓ ଏଥିରେ ଭାରତ ବିଜୟୀ ହେବା ସହ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଥିଲା ଓ ୧-୨ ବ୍ୟବଧାନରେ ସିରିଜ ହାରିଥିଲା। ଏହା ପରଦିନ ବିଶ୍ରାମ ନେବା ପରେ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଦୁଇଟି ପ୍ରାକ୍ଟିସ ସେସନରେ ଅଭ୍ୟାସ କରିଥିଲା।

ସ୍ଥାନୀୟ ମେଟ୍ରିକନ ଷ୍ଟାଡିୟମରେ ଭାରତୀୟ ଖେଳାଳିମାନେ ଏହି ଦିବାରାତ୍ର ଟେଷ୍ଟ ଖେଳିବା ବେଳେ ପରୀକ୍ଷାର ସମ୍ମୁଖୀନ ହେବେ। କାରଣ ପିଙ୍କ୍ ବଲରେ ଖେଳିବାର ଅଭିଜ୍ଞ ଭାରତୀୟ ଖେଳାଳିଙ୍କ ପାଖରେ ନାହିଁ। ତେବେ ପୂର୍ବରୁ ୨୦୧୭ ନଭେମ୍ବରରେ ଅଷ୍ଟ୍ରେଲିଆ ମହିଳା ଦଳ ତା'ର ଏକମାତ୍ର ଦିବାରାତ୍ର ଟେଷ୍ଟ ଖେଳିଥିଲା। ଘରୋଇ ଖେଳାଳିମାନେ ମଧ୍ୟ ପିଙ୍କ୍ ବଲରେ ପର୍ଯ୍ୟାପ୍ତ ଅଭ୍ୟାସ କରିନାହାନ୍ତି। ତେବେ ଅଷ୍ଟ୍ରେଲିଆ ପାଖରେ ଏକ ବିଶ୍ୱସ୍ତରୀୟ ପେସ୍ ଆଟାକ ରହିଛି। ତେଣୁ ଏହି ଘାସୁଆ ପିଚ୍‌ରେ ଅଷ୍ଟ୍ରେଲିଆ ଭାରତକୁ ସମସ୍ୟାରେ ପକାଇବ।



ମେଗ୍ ଲାନିଂ ଓ ମିଥାଲି ରାଜ।

ଗତ ଜୁନ୍‌ରେ ଭାରତ ଇଂଲଣ୍ଡ ବିପକ୍ଷରେ ଦୀର୍ଘ ୭ ବର୍ଷରେ ପ୍ରଥମ ଟେଷ୍ଟ ଖେଳିଥିଲା ଓ ଏଥିରେ ଭଲ ପ୍ରଦର୍ଶନ କରି ଏହାକୁ ଡ୍ର ରଖିଥିଲା। ତେବେ ଅଷ୍ଟ୍ରେଲିଆ ଅପେକ୍ଷା ଭାରତୀୟ ଖେଳାଳି ପିଙ୍କ୍ ବଲ ପାଇଁ ଅପେକ୍ଷାକୃତ ଅଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଭାରତ ଓ ଅଷ୍ଟ୍ରେଲିଆ ଶେଷଥର ପାଇଁ ୨୦୦୬ରେ ଟେଷ୍ଟ ଖେଳିଥିଲେ। ସେତେବେଳେ ମିଥାଲି ରାଜ ଓ ଝୁଲଣ ଗୋସ୍ୱାମୀ ଏହି ମ୍ୟାଚ୍ ଖେଳିଥିଲେ। ଏହି ଦୁଇଜଣଙ୍କୁ ବାଦ୍‌ଦେଲେ ଉଭୟ ଦଳରେ କୌଣସି ପୁରୁଣା ଖେଳାଳି ନାହାନ୍ତି। ଗତ ୩-୪ ବର୍ଷ ମଧ୍ୟରେ ଭାରତ ବହୁତ କମ୍ ରେଡ୍ ବଲ୍ ଅର୍ଥାତ୍ ଟେଷ୍ଟ ମ୍ୟାଚ୍ ଖେଳିଛି। ତେଣୁ ଦିବାରାତ୍ର ମ୍ୟାଚ୍ ଆହୁରି ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ପୂର୍ବତନ ଅଧିନାୟିକା ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପେକ୍ସ କାଉନସିଲ ମେମ୍ବର ଶାନ୍ତା ରଙ୍ଗାସ୍ୱାମୀ କହିଛନ୍ତି।

ଟେଷ୍ଟ ଖେଳିବାରେ ଭାରତଠାରୁ ଅଷ୍ଟ୍ରେଲିଆ ଖେଳାଳିଙ୍କର ଅପେକ୍ଷାକୃତ ଭଲ ଅଭିଜ୍ଞତା ରହିଛି। କିନ୍ତୁ ସୀମିତ ଓଭର କ୍ରିକେଟ ଖେଳିବାରେ ଅଷ୍ଟ୍ରେଲିଆ ଟିକିଏ ପଛରେ ରହିବ। ଅଷ୍ଟ୍ରେଲିଆର କେତେଜଣ ତାରକା ଖେଳାଳି ଏହି ମ୍ୟାଚ୍ ଖେଳିବେ ନାହିଁ। ତେଣୁ ଅଷ୍ଟ୍ରେଲିଆକୁ ଭାରତ ହରାଇପାରିବ ବୋଲି ସେ କହିଛନ୍ତି। ଶାନ୍ତାଙ୍କ ନେତୃତ୍ୱରେ ଭାରତ ୧୯୭୬ରେ ତା'ର ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। ପୁଣି ଥରେ ମହିଳା ଟେଷ୍ଟ ଖେଳାଯାଉଥିବାରୁ ବିସିସିଆଇର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଏଥିସହିତ ଘରୋଇ କ୍ରିକେଟକୁ ଦୁଇଦିନିଆ ରେଡ୍ ବଲ ମ୍ୟାଚ୍ ଖେଳାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ନେଟ୍ସରେ ଆହତ ହୋଇଥିବାରୁ ହରମନପ୍ରୀତ କୌର ଖେଳିବେ ନାହିଁ। ଆଙ୍ଗୁଠିରେ ଆଘାତ ପାଇଥିବାରୁ ସେ ବାଦ୍‌ପଡିଛନ୍ତି ବୋଲି ମିଥାଲି ମ୍ୟାଚ୍ ପୂର୍ବରୁ କହିଛନ୍ତି। ଯୁବ ବ୍ୟାଟର ଯସ୍ତିକା ଭାଟିଆ ଓ ପେସର ମେଘନା ସିଂ ସଦ୍ୟସମାପ୍ତ ଦିନିକିଆ ସିରିଜରେ ପଦାର୍ପଣ କରି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଏହି ଦୁଇ ଖେଳାଳି ଟେଷ୍ଟରେ ମଧ୍ୟ ପଦାର୍ପଣ କରିପାରନ୍ତି। ଉଇକେଟ କିପର ତାନିୟା ଭାଟିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। ଅଭିଜ୍ଞ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ, ମେଘନା ଓ ପୂଜା ବସ୍ତ୍ରକାରଙ୍କ ଉପରେ ଦ୍ରୁତ ବୋଲିଂର ଭାର ରହିବ।

**ଭାରତୀୟ ଦଳ:** ମିଥାଲି ରାଜ (ଅଧିନାୟିକା), ହରମନପ୍ରୀତ କୌର, ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ପୁନମ ରାଉତ, ଜେମିମା ରୋଡ୍ରିଗ୍ସେଜ, ଦୀପ୍ତି ଶର୍ମା, ସ୍ନେହ ରାଣା, ଯସ୍ତିକା ଭାଟିଆ, ତାନିୟା ଭାଟିଆ (ଉଇକେଟକିପର), ଶିଖା ପାଣ୍ଡେ, ଝୁଲଣ ଗୋସ୍ୱାମୀ, ମେଘନା ସିଂ, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ, ରିଚା ଘୋଷ ଓ ଏକତା ବିଷ୍ଟ।

**ଅଷ୍ଟ୍ରେଲିଆ ଦଳ:** ମେଗ୍ ଲାନିଂ (ଅଧିନାୟିକା), ଡାର୍ସି ବ୍ରାଉନ, ମଇଟ୍‌ଲାନ ବ୍ରାଉନ, ଷ୍ଟିଲା କ୍ୟାମ୍ପବେଲ, ନିକୋଲା କାରେ, ହାନା ଡାର୍ଲିଂଟନ, ଆଶଲେ ଗାର୍ଡନର, ଅଲିସା ହିଲି, ତାହିଲା ମ୍ୟାକଗ୍ରାଥ, ସୋଫି ମୋଲିନେକ୍ସ, ବେଥ ମୁନୀ, ଏଲିସ ପେରୀ, ଜର୍ଜିଆ ରେଡମେନ, ମୋଲି ଷ୍ଟ୍ରାନୋ, ଆନାବେଲ ସଦରଲାଣ୍ଡ, ଟେଲା ଭ୍ଲାଏମିଙ୍କ ଓ ଜର୍ଜିଆ ୱାରେହାମ।

**ମ୍ୟାଚ୍ ଆରମ୍ଭ: ସକାଳ ୧୦ଟା**
**ସ୍ଥାନ: କାରାରା ଓଭାଲ, କୁଇନ୍ସଲାଣ୍ଡ**
**ପ୍ରସାରଣ: ସୋନୀ ନେଟ୍‌ୱର୍କ**



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ୨ଶହ ବର୍ଷରୁ ଊର୍ଦ୍ଧ୍ୱ ଖଣ୍ଡପଡ଼ାର ଶ୍ରୀହନୁମାନ କାଠିପୂଜା

## ପାର୍ବଣର ନିଆରା ପରମ୍ପରା

**ଖଣ୍ଡପଡ଼ା,୨୯।୯ (ସ୍ୱ.ପ୍ର.)**

ଶ୍ରୀହନୁମାନ କାଠିପୂଜା ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ଏକ ସ୍ୱତନ୍ତ୍ର ତଥା ପାର୍ବଣର ନିଆରା ପରମ୍ପରା। ରାଜରାଜୁଡ଼ା ଅମଳରୁ ପାଳିତ ହୋଇ ଆସୁଥିବା ଏହି ପୂଜା ପାଇଁ ବୁଧବାର ଖଣ୍ଡପଡ଼ା ସହର ଉତ୍ସବ ମୁଖର ହୋଇ ଉଠିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ହନୁମାନ କାଠି ଦର୍ଶନ ସହ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଖଣ୍ଡପଡ଼ା ରାଜ ପରିବାରର ଦାୟାଦ ତଥା ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଏବଂ ପୁରୁଖା ଲୋକମାନଙ୍କ କହିବାନୁଯାୟୀ, ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷା ତିଥିରେ ଖଣ୍ଡପଡ଼ା ରାଜବାଟୀ ପରିସରରେ ଥିବା ପର୍ବ ଘରେ ଦୀର୍ଘ ୨ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ହନୁମାନ କାଠି ପୂଜା ହୋଇ ଆସୁଛି।

ବୁଧବାରଠାରୁ ୧୬ ଦିନାତ୍ମକ ପୂଜାର୍ଚ୍ଚନାର ଆଦ୍ୟପର୍ବ ଆରମ୍ଭ ହୋଇଛି। ନିଶାର୍ଦ୍ଧରେ ପାଳିତ ହେଉଥିବା ଏହି ପର୍ବକୁ ଦେଖିବା ନିମନ୍ତେ ଆଖପାଖ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଥାଏ ଖଣ୍ଡପଡ଼ା ସହରକୁ। ବିଶେଷ କରି ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳର ବାସିନ୍ଦାମାନେ ଏହି ପର୍ବକୁ ଉପଭୋଗ କରିଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଘର ଆଗରେ ପୂର୍ଣ୍ଣକୁମ୍ଭ ଥୋଇ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି। ପରିବାରର ମଙ୍ଗଳ କାମନା କରି କାଠିଦିଅଁଙ୍କୁ ଦୁଆରେ ଭୋଗ ଲାଗି କରିଥାନ୍ତି। ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ବର୍ଷତମାମ ପୂଜା ପାଉଥିବା ୧୬ ହାତ ଲମ୍ବର (ଯିଏ ରାଜା ଥାନ୍ତି ତାଙ୍କ ହାତର ମାପ ଅନୁସାରେ ୧୬ ହାତ) ଏହି ହନୁମାନ କାଠିକୁ ନେଇ ସ୍ଥାନୀୟ ଗଡଭିତରସାହିର ସେବାସୀମାନେ ଖଳିସାହିସ୍ଥିତ ତୋଟା ହନୁମାନଙ୍କ ପୀଠକୁ ସନ୍ଧ୍ୟାରେ ନେଇ ଯାଇଥାନ୍ତି। ତୋଟା ହନୁମାନଙ୍କ ପୀଠରେ ଷୋଡଶ ଉପଚାରରେ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ବିଗ୍ରହଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି ହେବା ପରେ ସେବାସୀମାନେ ମନ୍ଦିର ପରିସରରୁ ଏକ ବିରାଟ ପାଟ ପାଟୁଆରରେ କାଠି ଦିଅଁଙ୍କୁ ଧରି ଖଳିସାହି, ଇଚ୍ଛାପୁର, ବରାଡାବାରୀ ଗ୍ରାମ ଦେଇ ଖଣ୍ଡପଡ଼ା ସହରର ଜେଲଖାନା ଛକରେ ପହଞ୍ଚିଥାନ୍ତି। ପରେ ସହର ପରିକ୍ରମା କରାଯାଏ। ସହର ପରିକ୍ରମା ବେଳେ ପ୍ରତ୍ୟେକ ସାମନ୍ତଙ୍କ ପରିବାର ଭୋଗ ଲାଗି ନିମନ୍ତେ କାଠିଦିଅଁଙ୍କୁ ବିଜେ କରାଯାଇଥାଏ। ପରେ ଖଣ୍ଡପଡ଼ା ରାଜବାଟୀ ପରିସରରେ କାଠିଦିଅଁ ପହଞ୍ଚିବା ପରେ ରାଜ ପରିବାରର ଇଷ୍ଟ ଦେବୀ ମା' ବାଉରୀ ଠାକୁରାଣୀଙ୍କୁ ଏକ ସୁସଜ୍ଜିତ ବିମାନରେ ପର୍ବ ଘରକୁ ବିଜେ କରାଯାଏ। ପର୍ବ ଘରେ ହନୁମାନ କାଠିଦିଅଁ ଓ ମା' ବାଉରୀ ଠାକୁରାଣୀ ପବିତ୍ର ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି। ପର୍ବ ଘରେ ଷୋଡଶ ଉପଚାରରେ କାଠିଦିଅଁ ଓ ବାଉରୀ ଠାକୁରାଣୀଙ୍କୁ ପୂଜା କରାଯାଇଥାଏ। ଦଶହରା ଦିନ ମା' ବାଉରୀ ଠାକୁରାଣୀ ପୂଜାସ୍ଥଳକୁ ବିଜେ ହୋଇଥାନ୍ତି। ସେହିଦିନ ପର୍ବ ଘରେ ବଳି ପଡିବାର ପରମ୍ପରା ରହିଛି।

ହନୁମାନ କାଠି ପର୍ବର ପରମ୍ପରା ସମ୍ପର୍କରେ ଶୁଣିବାକୁ ମିଳେ ଏକଦା ପର୍ବମାସରେ କୋଟେଇଶୁଣୀ ବୋଲି ଜଣେ ଦୁଷ୍ଟ ଠାକୁରାଣୀ ଗ୍ରାମ ପରିକ୍ରମା କରି ଛୋଟ ଛୋଟ ପିଲାଙ୍କୁ ମାରି ଦେଉଥିଲେ। ଅନେକ ପିଲା ମରିଯିବା ପରେ ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେଲା। ପର୍ବମାସର ପ୍ରାରମ୍ଭରେ ହନୁମାନ କାଠିଦିଅଁ ବିଜେ ହେଲେ ଦୁଷ୍ଟ ଠାକୁରାଣୀ କୋଟେଇଶୁଣୀ ଆଉ ଦୌରାତ୍ମ୍ୟ ଦେଖାଇପାରିବେ ନାହିଁ। ଫଳରେ ଛୋଟ ପିଲା ଆଉ ମରିବେ ନାହିଁ। ସ୍ୱପ୍ନାଦେଶକୁ ଆଧାର କରି ଖଣ୍ଡପଡ଼ାର ତତ୍କାଳୀନ ରାଜା ସେହିଦିନଠାରୁ ହନୁମାନ କାଠିଦିଅଁଙ୍କୁ ବିଜେ କରିବା ପରଠାରୁ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀଙ୍କ ଦୌରାତ୍ମ୍ୟ ଶେଷ ହୋଇଥିଲା। ସେହିଦିନଠାରୁ ଖଳିସାହି ତୋଟା ହନୁମାନଙ୍କ ପୀଠରୁ କାଠିଦିଅଁ ବାହାରି ଗ୍ରାମ ପରିକ୍ରମା କରନ୍ତି। ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀ ଖଳିସାହି ତୋଟା ହନୁମାନ ବିଗ୍ରହଙ୍କ ପାଦ ତଳେ ଏକ ଲୁହା ଶିକୁଳିରେ ବନ୍ଧା ହୋଇ ରହିଥିବା ଦୃଶ୍ୟ ଏବେବି ଦେଖିବାକୁ ମିଳେ। ସେହିଦିନଠାରୁ ଶ୍ରୀହନୁମାନ କାଠିଦିଅଁ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଆସୁଛି।


କାଠିଦିଅଁଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।


ମା' ବାଉରୀ ଠାକୁରାଣୀ।

## ସଂକ୍ଷେପରେ

### ନିମଖଣ୍ଡି ଗ୍ରାମରେ ଲାଗିଲା ସିସି କ୍ୟାମେରା



**ବ୍ରହ୍ମପୁର ଅଫିସ୍,୨୯।୯:** ନିମଖଣ୍ଡି ଗ୍ରାମ ସାଇବିହାର ସୋସାଇଟି ପକ୍ଷରୁ ଗ୍ରାମରେ ସିସିଟିଭି କ୍ୟାମେରା ବୁଧବାର ଖଞ୍ଜାଯାଇଛି। ଗ୍ରାମରେ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସୋସାଇଟି ସଭାପତି ପି.ହେମନ୍ତ କୁମାର ରାଓ ସୂଚନା ଦେଇଛନ୍ତି। ଗ୍ରାମର ୬ ସାହିରେ ଏହି କ୍ୟାମେରା ଲାଗିଥିବା ଜଣାପଡ଼ିଛି। ଏହାକୁ ସୋସାଇଟି ପକ୍ଷରୁ ଉଦ୍‌ଘାଟନ କରାଯାଇଛି। ଏହାକୁ ସୋସାଇଟି ସମ୍ପାଦକ ସମୀର କୁମାର ରଥ, ଉପସଭାପତି ଉପେନ୍ଦ୍ର କୁମାର କର, ସହସମ୍ପାଦକ ସୁଧାଂଶୁ ଶେଖର ପାଣିଗ୍ରାହୀ ଓ କୋଷାଧକ୍ଷ ଶ୍ୟାମ ସୁନ୍ଦର ଗୌଡ଼ଙ୍କ ସମେତ ସୋସାଇଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୋସାଇଟି ପକ୍ଷରୁ ଏଭଳି ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ ଜଣାଇଛନ୍ତି।

### ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି

**ବ୍ରହ୍ମପୁର ଅଫିସ,୨୯।୯:** ଭୁବନେଶ୍ୱର-ଭଦ୍ରକ, ଭୁବନେଶ୍ୱର-ବ୍ରହ୍ମପୁର, କଟକ-ପୁରୀ, ପୁରୀ-ପାରାଦୀପ ଓ ପୁରୀ-ଅନୁଗୁଳ ଏବଂ ପଲାସା-ପାରାଦୀପ ଦୈନିକ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ନିୟମିତ ରେଳ ଯାତ୍ରୀ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପାସେଞ୍ଜର ଟ୍ରେନ୍ ଦୀର୍ଘ ଦିନ ଧରି ବନ୍ଦ ରହିବା କାରଣରୁ ସାଧାରଣ ଲୋକେ ହଇରାଣ ହେଉଥିବା ସଂଘ କହିଛି। ଅକ୍ଟୋବର ୧ ତାରିଖ ପୂର୍ବରୁ ଉପରୋକ୍ତ ସମସ୍ତ ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି ହୋଇଛି। ଏଥିସହ ଏମ୍‌ଏସ୍‌ଟି ଟିକେଟ ଲାଗୁ କରିବା ପାଇଁ ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

### ପୂର୍ବତନ ଶାଖା ମୁଖ୍ୟ, ୨ କର୍ମଚାରୀ ଗିରଫ

**ବ୍ରହ୍ମପୁର ଅଫିସ,୨୯।୯:** ନକଲି ସୁନା ମନାପୁରମ ଗୋଲ୍ଡ ଲୋନ୍ ସଂସ୍ଥାରେ ବନ୍ଧକ ଦେଇ ୧୯ ଲକ୍ଷ ଟଙ୍କା ଠକେଇ ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କମାପଲ୍ଲୀ ମନାପୁରମ ଗୋଲ୍ଡ ଲୋନ ସଂସ୍ଥା ପୂର୍ବତନ ଶାଖା ମୁଖ୍ୟ ସ୍ମିତାରୂପା ପାଢ଼ୀ ଏବଂ ଦୁଇଜଣ କର୍ମଚାରୀ ଦୀପକ କୁମାର ସାହୁ ଓ ଅମରନାଥ ଶତପଥୀ। ମାମଲା ନମ୍ବର ନଂ.୨୩୫/୨୧ରେ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ପୂର୍ବରୁ ମା'-ପୁଅ ସମେତ ୪ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଥିଲେ ଆସିକା ରୋଡ୍ ଏମ୍.ଜି. ରୋଡ୍ ନିବାସୀ ଏନ୍. ରାଜେଶ ଆଚାରୀ, ସୋମନାଥନଗରର ପି. ଶିବ କୁମାର ଓ ତାଙ୍କ ମା' ପି. ଲତା ଏବଂ ଶ୍ରୀରାମନଗରର ଜେ. ମନୋଜ କୁମାର ଆଚାରୀ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ ମଧ କରାଯାଇଥିଲା ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ ପୂର୍ବରୁ ସୂଚନା ଦେଇଥିଲେ।

# ରେଳଧାରଣାରୁ ବସ୍ ମାଲିକଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୯।୯**

ବ୍ରହ୍ମପୁର ରେଳଷ୍ଟେଶନ ନିକଟସ୍ଥ ରେଳଧାରଣାରୁ ରେଳବାଇ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ଜବତ କରିଛି। ମୃତ ବ୍ୟକ୍ତି ଜଣକ ଟାଉନ ଥାନା ଅନ୍ତର୍ଗତ ଭୀମାରାଓ ପେଟ୍ଟା ସାହିରେ ରହୁଥିବା ମହମ୍ମଦ ଫାଇଜ। ମୃତ ମହମ୍ମଦ ଫାଇଜ ସିଲ୍‌କସିଟି ବସ୍‌ର ମାଲିକ ବୋଲି ଜଣାପଡିଛି। ବୁଧବାର ଭୋରୁ ସରକାରୀ ସୁରକ୍ଷା ବଳ (ଆରପିଏଫ) ଠାରୁ ଖବର ପାଇ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ବସ୍ ମାଲିକଙ୍କ ପକେଟରୁ ପୋଲିସ ଏକ ମୋବାଇଲ, ଏଟିଏମ୍ କାର୍ଡ, ୭୧୯୦ ଟଙ୍କା ଜବତ କରିଛି। ସେହିପରି ରେଳଧାରଣା କଡ଼ରୁ ମୃତକଙ୍କ ଏକ ସ୍କୁଟି ମଧ୍ୟ ପୋଲିସ ଜବତ କରିଥିବା କହିଛି। ମିଳିଥିବା ମୋବାଇଲ ଜରିଆରେ ପୋଲିସ ତାଙ୍କ ଘର ଲୋକଙ୍କ ସହ ଯୋଗାଯୋଗ କରିଥିଲା। ତାଙ୍କ ସ୍ତ୍ରୀ କୌଣସି କାମରେ ବିଶାଖାପାଟଣା ଯାଇଥିବା ବେଳେ ଶାଳକ ଶେଖ ଜାକିର ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ।

ବୁଧବାର ଭୋର ୪ଟା ବେଳେ ରେଳଷ୍ଟେଶନ ନିକଟ ଫୁଟ୍ ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳଧାରଣାରେ ଜଣେ ବ୍ୟକ୍ତି ଗୁଡ୍ସ ଟ୍ରେନରେ କଟିଯାଇଥିବା ବେଳେ ତାଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିବା ଆରପିଏଫ୍ ଦେଖିବାକୁ ପାଇଥିଲା। ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୬୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ବସ୍ ମାଲିକ ଜଣକ ଋଣଗ୍ରସ୍ତ ଥିଲେ, ଲୋକଙ୍କଠାରୁ ଆଣିଥିବା କରଜ ଟଙ୍କା ଶୁଝି ନ ପାରି ସେ ମାନସିକ ଭାରସାମ୍ୟ ହରାଇ ଏଭଳିଭାବେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଥିବା କହିଛି।

# ଭାଜପା ଶାସନରେ ବଢ଼ିଚାଲିଛି ବେକାରି ସଂଖ୍ୟା

- ଏଆଇୱାଇଏଫ୍‌ର ସଙ୍ଗିନ ଅଭିଯୋଗ
- ଦୁଇଦିନିଆ ଯୁବ ସଂଘ ବୈଠକ ଆଜି ଆରମ୍ଭ

**ବ୍ରହ୍ମପୁର ଅଫିସ,୨୯।୯**

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦି ସରକାରଙ୍କ ୭ ବର୍ଷର ଶାସନରେ ଦେଶରେ ବେକାରି ସଂଖ୍ୟା ବୃଦ୍ଧି ପାଇଛି। ପ୍ରତିବର୍ଷ ୨ କୋଟି ଯୁବତୀ ଓ ଯୁବକଙ୍କୁ ଚାକିରି ଦିଆଯିବାର ଏନ୍‌ଡିଏ ସରକାରଙ୍କ ନିର୍ବାଚନୀ ଇସ୍ତାହାରରେ କରାଯାଇଥିବା ଘୋଷଣା ଧୂଆଁବାଣରେ ପରିଣତ ହୋଇଛି। ଅପରପକ୍ଷରେ ମହାମାରୀ କରୋନା ଯୋଗୁ ଲକ୍ଷ ଲକ୍ଷ ଯୁବକ ଚାକିରି ହରାଇଛନ୍ତି । ସଂଶୋଧିତ ଶ୍ରମ ଆଇନ ଓ କଳା କୃଷି ଆଇନ ଦ୍ୱାରା କୃଷକ ଓ ଶ୍ରମିକଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। କେବଳ ସେତିକି ନୁହେଁ ଲକ୍‌ଡାଇନ, ଶଟ୍‌ଡାଉନ ଓ ରାତ୍ରି କର୍ଫ୍ୟୁ ଫଳରେ ବିଭିନ୍ନ ବର୍ଗର ୨୦ କୋଟିରୁ ଅଧିକ ଲୋକ ସାଂଘାତିକ ଆର୍ଥିକ ସ୍ଥିତିର ସାମ୍ନା କରିଛନ୍ତି। ଜୀବନ ବଞ୍ଚାଇବା ଲାଗି ସେମାନେ ସଂଘର୍ଷ କରୁଥିବା ବେଳେ ମୋଦି ସରକାର ସବୁ କ୍ଷେତ୍ରରେ ବଡ଼ ବଡ଼ ପୁଞ୍ଜିପତି ଓ ଶିଳ୍ପପତିଙ୍କ ସ୍ୱାର୍ଥରେ ବ୍ୟସ୍ତ ଅଛନ୍ତି। ଏଆଇୱାଇଏଫ୍ (ଅଖିଳ ଭାରତ ଯୁବ ସଂଘ) ଜାତୀୟ ସମ୍ପାଦକ ତିରୁମଲାଲ ସଙ୍ଗିନ ଅଭିଯୋଗ କରିଛନ୍ତି।

ରାଜ୍ୟରେ ପ୍ରଥମ କରି ଏଆଇୱାଇଏଫ୍‌ର ଦୁଇଦିନିଆ ଜାତୀୟ ପରିଷଦ ବୈଠକ ଗୁରୁବାର ବ୍ରହ୍ମପୁରରେ ଆରମ୍ଭ ହେବ। ଏଥିରେ ଯୋଗଦେବାକୁ ଆସିଥିବା ତିରୁମଲାଲ ବୁଧବାର ଅପରାହ୍ନରେ ଗଞ୍ଜାମ ଜିଲା ସିପିଆଇ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆହୁରି ମଧ ଭାଜପା ଶାସନରେ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଲଗାମଛଡ଼ା ଦରବୃଦ୍ଧି ଘଟାଇ ଦେଶରେ ରେକର୍ଡ ସୃଷ୍ଟି ହୋଇଥିବା କଟାକ୍ଷ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଗଠନ ନେତା କାମଦେବ ନାହାକ ଓ ସୁଶାନ୍ତ ସ୍ୱାଇଁ ଯୋଗ ଦେଇଥିଲେ।



ଏଆଇୱାଇଏଫ ଖବରଦାତା ସମ୍ମିଳନୀରେ ଜାତୀୟ ସମ୍ପାଦକ, ରାଜ୍ୟ ସଭାପତି ଓ ଅନ୍ୟମାନେ।

# ଅପହୃତା ଛାତ୍ରୀ ହାଇଦ୍ରାବାଦରୁ ଉଦ୍ଧାର

## ବଳାତ୍କାର ଅଭିଯୋଗରେ ଜେଲ ଗଲେ ଅପହରଣକାରୀ

**ବ୍ରହ୍ମପୁର ଅଫିସ,୨୯।୯**

ବୈଦ୍ୟନାଥପୁର ପୋଲିସ ଜଣେ ଅପହୃତା ଛାତ୍ରୀଙ୍କୁ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦରୁ ଉଦ୍ଧାର କରିଛି। ଛାତ୍ରୀଙ୍କୁ ଅପହରଣ କରି ହାଇଦ୍ରାବାଦରେ ଏକ ଭଡା ଘରେ ରଖି ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତ ଅଜୟ ବେହେରା (୨୮)ଙ୍କୁ ପୋଲିସ ଗିରଫ କରିଛି। କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ପରେ ମେଡିକାଲରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା। କୋର୍ଟ ନିର୍ଦ୍ଦେଶରେ ପୀଡ଼ିତା ଏବେ ତାଙ୍କ ମା'ଙ୍କ ପାଖରେ ଥିବାବେଳେ ମାମଲା ନଂ.୨୩୩/୨୧ରେ ଅଭିଯୁକ୍ତ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଘଟଣାରୁ ପ୍ରକାଶ, ଗତ ୫ ତାରିଖରେ ଯୁକ୍ତ ଦୁଇ ଛାତ୍ରୀ ଜଣକ ନିଖୋଜ ଥିବାନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଖୋଜାଖୋଜି କରି ନିରାଶ ହୋଇଯାଇଥିଲା। ଗତ ୨୪ତାରିଖରେ ଅଭିଯୁକ୍ତ ସମ୍ପୃକ୍ତା ନାବାଳିକା ଛାତ୍ରୀଙ୍କ ସହ ମିଶି ହାଇଦ୍ରାବାଦରେ ଉଠାଇଥିବା ଏକ ଫୋଟୋ ତାଙ୍କ ସାଙ୍ଗ ପାଖକୁ ପଠାଇଥିଲେ। ଉକ୍ତ ଫଟୋଟି ଛାତ୍ରୀଙ୍କ ବାପାଙ୍କୁ ସାଙ୍ଗ ଜଣକ ପଠାଇଥିଲେ। ପୋଲିସ ଏହା ଜାଣିବା ପରେ ତଦନ୍ତ ଆରମ୍ଭ କରିଥିଲା। ସାଇବର ପୋଲିସ ଜରିଆରେ ଅପହରଣକାରୀଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ବୈଦ୍ୟନାଥପୁର ଥାନା ପୋଲିସ ହାଇଦ୍ରାବାଦରେ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ କାବୁ କରିଥିଲା।

# ସିପିଆଇଏମ୍ ୪ର୍ଥ ଆଞ୍ଚଳିକ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ନେତାମାନେ।

**ରଣପୁର, ୨୯।୯ (ସ୍ୱ.ପ୍ର.)**

ସିପିଆଇଏମ୍ ଉତ୍ତର ରଣପୁର ୪ର୍ଥ ସମ୍ମିଳନୀ ବୁଧବାର ରାଜସୁନାଖଳା ମୁଦୁଲି କମ୍ୟୁନିଟି ହଲ କମ୍ରେଡ଼ ଶତ୍ରୁଘ୍ନ ସାହୁଙ୍କ କକ୍ଷରେ ସୁରେଶ ସ୍ୱାଇଁ ଓ ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍ ନେତା ଓ ପ୍ରତିନିଧିମାନଙ୍କ ଗହଣରେ ପାର୍ଟିର ବରିଷ୍ଠ ନେତା ସାହୁ ଲାଲ ଝଣ୍ଡାକୁ ଆନୁଷ୍ଠାନିକ ଭାବେ ଉତ୍ତୋଳନ କରିଥିଲେ। ପରେ ଶହୀଦ ବେଦୀରେ ପୁଷ୍ପାର୍ପଣ କରାଯାଇଥିଲା। ପରେ ଅନୁଷ୍ଠିତ ସମ୍ମିଳନୀରେ ଶୋକ ପ୍ରସ୍ତାବ ଗ୍ରହଣ କରାଯିବା ପରେ ହରିଚନ୍ଦ୍ର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଧୁଶାସନ ଜେନା ସମ୍ମିଳନୀରେ ଉପସ୍ଥାପନ କରିଥିବା ରିପୋର୍ଟ ଉପରେ ୧୦ ଜଣ ଆଲୋଚନା କରି ପାର୍ଟିକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଏକ ୯ ଜଣିଆ ନୂତନ ଆଞ୍ଚଳିକ କମିଟିର ସଭ୍ୟ ଭାବେ ଧୁଶାସନ ଜେନା, ସବ୍ୟସାଚୀ ସେନାପତି, ପୂର୍ଣ୍ଣିମା ମହାପାତ୍ର, ଲକ୍ଷ୍ମୀଧର ଲେଙ୍କା, ଅନାମ ଦାସ, ନୀଳାଦ୍ରି ସୁବୁଦ୍ଧି ଓ ଭିକାରୀ ଚରଣ ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସୁରେଶ ସ୍ୱାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଜିଲା ସମ୍ପାଦକ ଶରତ ବେହେରା, ବିଶ୍ୱନାଥ ମହାପାତ୍ର ଓ ନିତ୍ୟାନନ୍ଦ ପରିଡା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରି ନୂତନ କମିଟିକୁ ସ୍ୱାଗତ କରିଥିଲେ। ପ୍ରଶାନ୍ତ କୁମାର ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

# ୧୮ଘଣ୍ଟା ପରେ ମିଳିଲା ମୃତଦେହ

## ପକଡ଼ାଝର ଜଳପ୍ରପାତରେ ନିଖୋଜ ଘଟଣା

**ଖଜୁରିପଡ଼ା,୨୯।୯(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ପଞ୍ଚାୟତ ପାଣିସାଳ ନିକଟ କୁରୁମୁଣିଠାରେ ଥିବା ପକଡ଼ାଝର ଜଳପ୍ରପାତରେ ବୁଡ଼ିଯାଇ ବ୍ରହ୍ମପୁରର ଜଣେ ବ୍ୟବସାୟୀ ମଙ୍ଗଳବାର ଅପରାହ୍ନରୁ ନିଖୋଜ ଥିଲେ। ୧୮ ଘଣ୍ଟା ପରେ ବୁଧବାର ପାଣିରୁ ବ୍ୟବସାୟୀ ସୁଜିତ ଗୋବିନ୍ଦ ପୂଜାରୀଙ୍କ ମୃତଦେହ ଜବତ କରାଯାଇଛି। ଏ ନେଇ ପୋଲିସ ନଂ. ୨୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମଙ୍ଗଳବାର ଫିରିଙ୍ଗିଆ ଡାକ୍ତରଖାନାର ୨ ଡାକ୍ତରଙ୍କ ସମେତ ବ୍ୟବସାୟୀ ସୁଜିତ ଓ ତାଙ୍କ ସ୍ତ୍ରୀ ମିଶି ପକଡ଼ାଝର ଜଳ ପ୍ରପାତକୁ ବୁଲି ଆସିଥିଲେ। ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସୁଜିତ ବୁଡ଼ିଯାଇଥିଲେ। ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ ଖୋଜାଖୋଜି କରିଥିଲେ ମଧ ସୁଜିତଙ୍କ ପତ୍ତା ମିଳିନଥିଲା। ବୁଧବାର ପୁଣି ଖୋଜିବା ପରେ ଅପରାହ୍ନରେ ଗଭୀର ପାଣରୁ ମୃତଦେହ ମିଳିଥିଲା।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ବୁଗୁଡ଼ା,୨୯।୯(ଡି.ଏନ.ଏ.)**

ବୁଗୁଡ଼ା ଥାନା ଭଗବାନପୁର ଗ୍ରାମରେ ବଜ୍ରପାତ ହେବାରୁ ବୁଧବାର ଚିତ୍ରସେନ ସାହୁଙ୍କ ମୃତ୍ୟୁ ଘଟିଛି। ଭଗବାନପୁର ଗାଁ ନିକଟସ୍ଥ ଏକ ପଡିଆରେ ଚିତ୍ରସେନ ଗୋରୁ ଚରାଉଥିବା ବେଳେ ବର୍ଷା ଯୋଗୁ ସେ ଗଛ ମୂଳରେ ଆଶ୍ରୟ ନେଇଥିଲେ। ସେଠାରେ ସେ ବଜ୍ରପାତର ଶିକାର ହୋଇଥିଲେ। ବର୍ଷା କମି ଯିବାରୁ ଗୋରୁମାନେ ଘରକୁ ଫେରି ଆସିଥିଲେ ହେଁ ଚିତ୍ରସେନର ଦେଖା ନ ମିଳିବାରୁ ଗାଁ ଲୋକେ ଖୋଜାଖୋଜି କରି ସନ୍ଧ୍ୟା ୭ଟାରେ ଏକ ଗଛ ମୂଳେ ଚିତ୍ରସେନଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଅଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ବିପଦସଙ୍କୁଳ ବାଲ୍ୟାବସ୍ଥା ସମ୍ପର୍କିତ କର୍ମଶାଳା

**ବ୍ରହ୍ମପୁର ଅଫିସ୍,୨୯।୯**

ୱାଇଡବ୍ଲ୍ୟୁସିଏ (ୟଙ୍ଗ୍ ଓମେନ୍ ଖ୍ରୀଷ୍ଟିଆନ୍ ଆସୋସିଏଶନ) ପକ୍ଷରୁ ବୁଧବାର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ବିପଦସଙ୍କୁଳ ବାଲ୍ୟାବସ୍ଥା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜରେ ବିଭିନ୍ନ ସ୍ତରର ଛୋଟ ଶିଶୁମାନେ ସାମାଜିକ, ମାନସିକ, ଆର୍ଥିକ ଓ ପରିବେଶଭିତ୍ତିକ ସାଙ୍ଗକୁ ଅଭାବ, ଅପପୁଷ୍ଟି, ଅସୁସ୍ଥତାରେ ଜୀବନଯାପନ କରୁଥିବା ନେଇ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳ ଓ ବସ୍ତିଗୁଡିକରେ ବସବାସ କରୁଥିବା ଶିଶୁଙ୍କୁ ଉପଯୁକ୍ତ ସେବା ଓ ସେମାନଙ୍କ ସାମୂହିକ ବିକାଶ ଦିଗରେ କିଭଳି କାର୍ଯ୍ୟ କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୁଶାନ୍ତ କୁମାର ସାବତ, ଦେବୀପ୍ରଭା ରଥ ଓ ବାଣୀ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ମତ ଦେଇଥିଲେ। ୱାଇଡବ୍ଲ୍ୟୁସିଏର ସଭାନେତ୍ରୀ ଲୀନା ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତି ନଳିନୀ, ଅର୍ଚ୍ଚନା ନାୟକ, ଆଶା ନାୟକଙ୍କ ସମେତ ୱାଇଡବ୍ଲ୍ୟୁସିଏର ବହୁ ସଦସ୍ୟ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଓ ସଦସ୍ୟ ବୃନ୍ଦ।

# ନର୍ଦ୍ଦମାପାଣିରେ ଧାନ ରୋଇ ପ୍ରତିବାଦ

## ୫ ବର୍ଷ ଧରି ନିର୍ମାଣ ହୋଇନି ଡ୍ରେନ୍

**ବ୍ରହ୍ମପୁର ଅଫିସ୍,୨୯।୯**

ସାମାନ୍ୟ ବର୍ଷାରେ ଡ୍ରେନ୍ ଏବେ ମୁଖ୍ୟ ସମସ୍ୟା ହୋଇଛି। ଫଳରେ ସ୍ଥାନୀୟ ବାସିନ୍ଦା ନାନା ହଇରାଣ ହେଉଛନ୍ତି। ଏହାକୁ ନେଇ ବୁଧବାର ଲୋଚାପଡା ବାସିନ୍ଦା ତୀବ୍ର ବିରୋଧ କରିବା ସହ ନର୍ଦ୍ଦମା ପାଣିରେ ଧାନ ରୋଇଛନ୍ତି। ସହର ଉପକଣ୍ଠସ୍ଥ ଲୋଚାପଡା ଗ୍ରାମର ଗୌଡ ସାହି ଛକଠାରେ ଥିବା ବଡସାହି ସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଦୀର୍ଘ ଦିନ ଧରି ଡ୍ରେନ୍ ନିର୍ମାଣ ହୋଇପାରି ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଦୀର୍ଘ ୫ ବର୍ଷ ହେବ ଡ୍ରେନ୍ ନିର୍ମାଣ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଡ୍ରେନ୍ ନିର୍ମାଣ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବର୍ଷାଦିନ ଥିବା କାରଣରୁ ପାଣି ଜମି ରହି ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇ ସଂକ୍ରାମକ ରୋଗ ଆଶଙ୍କା ଦେଖାଦେଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଶିବ ପାତ୍ର, ବାବୁଲା ପାତ୍ର, ବାବୁଲା ସାହୁ, ଲିଟୁ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ଗ୍ରାମବାସୀଙ୍କ ଦ୍ୱାରା ପ୍ରତିବାଦ।

**ସଂକ୍ଷେପରେ**

## ଉଦ୍ଧାର ମୂକ, ବଧିର ଯୁବକଙ୍କୁ ଥଇଥାନ ପାଇଁ ସମସ୍ୟା

**ନୟାଗଡ଼ ଅଫିସ,୨୯।୯:** ନୟାଗଡ଼ ଚାଇଲ୍ଡ ଲାଇନ ନୂଆଗାଁରୁ ଜଣେ ମୁକ ଓ ବଧିର ଯୁବକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଯୁବକଙ୍କ ବୟସ ପାଖିପାଖି ୨୦ ବର୍ଷ ହୋଇପାରେ। ଯୁବକଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବାରୁ ସିଡବ୍ଲୁସିରେ ହଜାର କରାଯିବା ସମ୍ଭବ ହୋଇ ନ ଥିଲା। ତେବେ ତାଙ୍କୁ କେଉଁଠାରେ ରଖାଯିବା ସେ ନେଇ ଚିନ୍ତା ବଢ଼ିଛି। ଏ ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ତଥା ଜିଲା ସମାଜ ମଙ୍ଗଳ ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା କୁହନ୍ତି, ଉଦ୍ଧାର ଯୁବକଙ୍କୁ ପୋଲିସ ଜିମା ଦିଆଯାଇ ସେବାରେ ରଖାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ବୁଝାବୁଝି ପରେ ଯୁବକ ନିଜର ନାଁ ଇଂରାଜି ଲେଖୁଛନ୍ତି। କୌଣସି କାରଣକୁ ନେଇ ରାଗି କରି ଘର ଛାଡିଥିବା ଜଣାପଡିଛି। କାଉନସେଲିଂ ପରେ ଯୁବକଙ୍କ ପରିଚୟ ଓ ବୟସ ଜଣାପଡିବ ବୋଲି ସେ କହିଛନ୍ତି।

## ଦୁଇ ଚୋରି ଗାଡ଼ି ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୨୯।୯:** ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ପେସାଦାର ବାଇକ୍ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁସାହିର ପିଣ୍ଟୁ ଓରଫ ରାଜକୁମାର ସେଠୀ (୨୨)। ପୋଲିସ ତାଙ୍କ ନିକଟରୁ ୨ଟି ଚୋରି ଗାଡି ଜବତ କରିଛି। ପିଣ୍ଟୁଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନମ୍ବର ୧୯୮/୨୧ ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ପ୍ରକାଶ ଯେ, ନିଶିତ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତି ତାଙ୍କ ବାଇକ୍ (ନଂ ଓଆର ୦୭ କ୍ୟୁ୨୪୮୧) ନେହୁରୁ ପାର୍କ ନିକଟରେ ରଖି କୌଣସି କାମରେ ଯାଇଥିଲେ। କିଛି ସମୟ ପରେ ସେ ସେଠାରେ ପହଞ୍ଚି ଦେଖିବା ବେଳେ ତାଙ୍କ ଗାଡି ନ ଥିଲା। ଖୋଜାଖୋଜି ପରେ ଗାଡି ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦୁଇଟି ଚୋରି ଗାଡି ଜବତ କରିଥିଲା।

# ନଦୀରେ ଚେକ୍‌ଡ୍ୟାମ୍, ଜମିରେ ମାଡୁନି ପାଣି

**ନୟାଗଡ଼ ଅଫିସ,୨୯।୯**

- ଚାଷୀ ଓ ଚାଷ ପାଇଁ ଅପହଞ୍ଚ ଯୋଜନା
- ସମୀକ୍ଷା ଅଭାବରୁ ପାଣିରେ ପଡୁଛି ଅନୁଦାନ


ବାଲୁଗାଁ ଚେକ୍‌ଡ୍ୟାମରେ ବର୍ଷାଦିନେ ପାଣି, ଅନ୍ୟଦିନେ ଶୁଖିଲା।

କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନଦୀରେ ମାଳ ମାଳ ଚେକ୍‌ଡ୍ୟାମ ନିର୍ମାଣ କରାଯାଉଛି। କିନ୍ତୁ ଜମିରେ ପାଣି ମାଡିବାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଚେକ୍ ଡ୍ୟାମ ଚାଷୀ ଓ ଚାଷ ପାଇଁ ଅପହଞ୍ଚ ହୋଇ ରହିଯାଇଛି। ସରକାରୀ ଅନୁଦାନକୁ ଟାର୍ଗେଟ ଦେଖାଇ ଅପଚୟ କରାଯାଉଛି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। କେଉଁଥିପାଇଁ ନଦୀରେ ଚେକଡ୍ୟାମ ନିର୍ମାଣ ଚାଲିଛି ବୋଲି ସରକାର ସ୍ୱଷ୍ଟ କରନ୍ତୁ ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି। ଏଣୁ ଚାଷ କାର୍ଯ୍ୟ ପଛରେ ପଡି ଯାଇଛି।

ନୟାଗଡ଼ ଜିଲାରେ ୬୮୯ ଚେକ ଡ୍ୟାମ ନିର୍ମାଣ ହୋଇଛି। ଏଥିପାଇଁ ୧୪୦୬୫.୭୦ ଲକ୍ଷ ଖର୍ଚ୍ଚ ହୋଇ ସାରିଛି। ପୁଣି ୪୩ଟି ନୂଆ ଚେକ ଡ୍ୟାମ ଜିଲାରେ ହେବ। ଏଥିରେ ଦଶପଲ୍ଲା ବ୍ଲକର ଗୁରୁହା ୩, ଟଙ୍ଗନାରୀ, ଖଳିସାହି ୧, ଦୁର୍ଗାପ୍ରସାଦ, ମହୁଲିଆ, ବାଣିବିରି, କୁକୁପ୍ରସାଦ ବେହେରାସାହି ଓ ବଣ୍ଟିନାଳ, କଦମଗଣ୍ଡା ପରି ୧୧ ସ୍ଥାନରେ ହେବ। ସେହିପରି ଓଡ଼ଗାଁ ବ୍ଲକରେ ୯, ଭାପୁର ୨, ଖଣ୍ଡପଡାରେ ୭, ନୟାଗଡ଼ରେ ୬, ନୂଆଗାଁରେ ୬, ରଣପୁର ବ୍ଲକରେ ୨ ଚେକ୍ ଡ୍ୟାମ ହେବାର ରହିଛି। ଏଥିପାଇଁ ୨୧୪୬.୭୧ ଲକ୍ଷ ଖର୍ଚ୍ଚ ହେବ। ତେବେ ପ୍ରଶ୍ନ ଉଠୁଛି ସରକାର ଚେକ ଡ୍ୟାମ ପାଇଁ ଟଙ୍କା ଖର୍ଚ୍ଚ କରୁଥିଲେ ମଧ ନୟାଗଡ଼ ଜିଲାର ଚାଷୀ ଉପକୃତ ହେଉନାହାନ୍ତି। ଏ ନେଇ ଦଶପଲ୍ଲାର ଚାଷୀ ମାଧବ ବିଶ୍ୱାଳ କୁହନ୍ତି, ଚେକ ଡ୍ୟାମ ନିର୍ମାଣ ବେଳେ ଚାଷୀର ମତାମତ ନେଲେ ଚାଷୀ ଓ ଚାଷ ଲାଭରେ ରୁହନ୍ତେ। ହେଲେ ଏହାକୁ ଅଣଦେଖା କରାଯାଇ ଉଠଜଳସେଚନ କର୍ତ୍ତୃପକ୍ଷ କିପରି ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏଣୁ ଅନାବଶ୍ୟକ ସ୍ଥଳେ ଚେକଡ୍ୟାମ ନିର୍ମାଣ ଚାଲିଛି। ଜମିରେ ପାଣି ମାଡୁନି। ଗଣିଆର ଚାଷୀ ସୁଦାମ ପ୍ରଧାନ କୁହନ୍ତି, ନଦୀର କେଉଁ ସ୍ଥାନରେ ଚେକଡ୍ୟାମ କରାଗଲେ ଚାଷୀ ଉପକୃତ ହେବ ସେ ଜାଣନ୍ତି। କାରଣ ମରୁଡି ସମୟରେ ଜମିରେ ପାଣି ମଡାଇବା ପାଇଁ ବନ୍ଧ କରାଯାଏ। ସେହି ବନ୍ଧ ଦ୍ୱାରା ଜମିରେ ପାଣି ମଡାଯାଏ। କିନ୍ତୁ ଚାଷୀଙ୍କ ମତାମତ ନିଆ ନ ଯାଇ ଚେକଡ୍ୟାମ କରାଯାଉଥିବାରୁ ଜମିକୁ ପାଣି ମାଡୁନି। ସରକାର ଅଯଥାରେ ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ଚାଷୀ ଓ ଚାଷର ଉନ୍ନତି ପରିବର୍ତ୍ତେ କ୍ଷତି ହୋଇ ଚାଲିଛି। ସମୟ ଆସିବ ଚାଷ ପାଇଁ ଚାଷୀ ମିଳିବେ ନାହିଁ। ବାଲୁଗାଁର ଚାଷୀ ରଣଜିତ ଦଳବେହେରା କୁହନ୍ତି, ବାଲୁଗାଁ ଗାଁ ମୁଣ୍ଡରେ ଏକ ଚେକଡ୍ୟାମ କରାଯାଇଛି। ହେଲେ ଚେକଡ୍ୟାମରୁ ଜମିରେ ପାଣି ମୁନ୍ଦିଏ ମାଡୁନାହିଁ। କାହିଁକି ଚେକଡ୍ୟାମ ନଦୀରେ କରାଯାଇଛି ବୁଝା ପଡୁନି। ଯଦି ଚାଷୀ ଓ ଚାଷ ପାଇଁ ଚେକଡ୍ୟାମ ହେଉଛି ତେବେ କେନାଲ କରାଯାଇ ଜମିରେ ମଡାଯିବା ପାଇଁ ବ୍ୟବସ୍ଥା କରାଯିବା ଦରକାର। ନଚେତ ନଦୀର କେଉଁଠି ଏ ଚେକଡ୍ୟାମ କରାଗଲେ ବିନା କେନାଲରେ ଜମିରେ ପାଣି ମାଡିପାରିବ ସେନେଇ ସର୍ଭେ କରାଯାଇ ନିର୍ମାଣ କରାଯିବା ଦରକାର। ଚାଷୀଙ୍କ ମତାମତ ନେଇ ତିଆରି କଲେ ଭଲ। ହେଲେ ଚାଷୀ ଓ ଚାଷକୁ ପଛରେ ପକାଇ କିପରି ସରକାରୀ ଅନୁଦାନ ଲୁଟାଯିବ ସେନେଇ ଉଦ୍ୟମ କରାଯାଉଛି। ସରକାର ଚେକଡ୍ୟାମ ନିର୍ମାଣ ନ କରି ଅନ୍ୟ କାର୍ଯ୍ୟରେ ଟଙ୍କା ବିନିଯୋଗ କରନ୍ତୁ ବୋଲି କହିଛନ୍ତି।


ଶ୍ରୀନୀଳମାଧବ ଜୀଉ।

## ଶ୍ରୀନୀଳମାଧବ ପୀଠରେ ମା’ ବିମଳାଙ୍କ ଷୋଳ ପୂଜା ଆରମ୍ଭ

**ଖଣ୍ଡପଡା,୨୯।୯ (ସ୍ୱ.ପ୍ର.)**

**ପାର୍ବଣରେ ଶକ୍ତି ପୀଠ ଉତ୍ସବ ମୁଖର**

ବୁଧବାର ଭାଦ୍ରବ ମାସ ମୂଳାଷ୍ଟମୀ ତିଥିରେ ବିଭିନ୍ନ ଶକ୍ତି ପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ୮ମୀ ତିଥିଠାରୁ ବିଭିନ୍ନ ଶକ୍ତି ପୀଠରେ ଷୋଡଶ ଉପଚାର ବା ଷୋଳ ଦିନାତ୍ମକ ପୂଜା ବିଧି ମୁତାବକ ଆରମ୍ଭ ହୋଇଛି। କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ୧୬ ଦିନାତ୍ମକ ଦୁର୍ଗା ମାଧବ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମଙ୍ଗଳବାର ସହସ୍ର କୁମ୍ଭ ଅଭିଷେକ ବିଧି ସହ ଅପରାହ୍ନରେ ଦୁର୍ଗା ଦେବୀ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ କରିଥିଲେ। ପୂଜାର୍ଚ୍ଚନା ପରେ ଦେବୀଙ୍କୁ ଶ୍ରୀନୀଳମାଧବ ଜୀଉଙ୍କ ନିକଟରେ ସ୍ଥାପନ କରାଯାଇଥିଲା। ବୁଧବାରଠାରୁ ଆସନ୍ତା ନବମୀ ତିଥି ପର୍ଯ୍ୟନ୍ତ ଏଠାରେ ଦୁର୍ଗା ମାଧବ ପୂଜା ଅନୁଷ୍ଠିତ ହେବ। ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା’ ବିମଳାଙ୍କ ମହାସ୍ନାନ ପରେ ପାଖରେ ଖଣ୍ଡା ପୂଜା ଅନୁଷ୍ଠିତ ହୋଇଛି। ଏହାଛଡା ଖଣ୍ଡପଡାର ଆରାଧ୍ୟା ଶକ୍ତୀପୀଠ ମା’ବାଉରୀ, ମା’ବାହାଡାଣୁଣୀ, ମା’ପାଟଚଣ୍ଡୀ, ମା’ଢୁମାଲୁଣୀ ପ୍ରଭୃତି ସ୍ଥାନରେ ଏହି ପର୍ବ ଆରମ୍ଭ ହୋଇଛି। ଏଥିଲାଗି ସ୍ଥାନୀୟ ଅଞ୍ଚଳରେ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ଓ ଆନନ୍ଦ ପରିଲକ୍ଷିତ ହୋଇଛି।

## ଡ୍ୟାଜଲ ମିସ୍ ଇଣ୍ଡିଆ ମୁକୁଟ ହାତେଇଲେ ପ୍ରଜ୍ଞା ପରମିତା

**ନୟାଗଡ଼ ଅଫିସ,୨୯।୯**

ଡ୍ୟାଜଲ ମିସ୍ ଇଣ୍ଡିଆ ଇଣ୍ଟର ନ୍ୟାଶନାଲ ୨୦୨୧ ମୁକୁଟ ହାତେଇ ନୟାଗଡ଼ର ପ୍ରଜ୍ଞା ପରମିତା ଓଡ଼ିଶା ପାଇଁ ଗର୍ବ ଓ ଗୌରବ ସାଉଁଟିଛନ୍ତି। ନୂଆଦିଲ୍ଲୀରେ ୪ଦିନ ଧରି ଅନୁଷ୍ଠିତ ଡ୍ୟାଜଲ ମିସ୍ ଇଣ୍ଡିଆ ଇଣ୍ଟର ନ୍ୟାଶନାଲ ୨୦୨୧ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭାରତର ବିଭିନ୍ନ ରାଜ୍ୟର ୩୧ ଜଣ ଭାଗ ନେଇଥିଲେ। ତେବେ ୩୦ ଜଣଙ୍କୁ ପଛରେ ପକାଇ ପ୍ରଜ୍ଞା ବାଜି ମାରି ନେଇଥିଲେ। ଅନ୍ୟପକ୍ଷେ ଡ୍ୟାଜଲ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲର ମୁକୁଟ ପିନ୍ଧିଛନ୍ତି। ପ୍ରକାଶଥାଉକି ପ୍ରଜ୍ଞା ମେଡିକାଲ କଲେଜରେ ଫିଜିଓଥୋରାପି ଛାତ୍ରୀ ଭାବେ ଅଧ୍ୟୟନ କରୁଛନ୍ତି।



ପ୍ରଜ୍ଞା ପରମିତାଙ୍କୁ ମୁକୁଟ ପିନ୍ଧା ଯାଉଛି।

## ୧୦୫ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

**ବ୍ରହ୍ମପୁର ଅଫିସ,୨୯।୯**

ଅବକାରୀ ଗୁଇନ୍ଦା ବିଭାଗ ବୁଧବାର ସନ୍ଧ୍ୟାରେ ହଳଦିଆପଦରରେ ଚଢ଼ାଉ କରି ଏକ ଅଟୋ ସହିତ ୧୦୫ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ୨ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମର ସୁଶାନ୍ତ ବେହେରା ଓ ତଳପୁର ଗ୍ରାମର ରାଜେନ୍ଦ୍ର କୁମାର ନାୟକ। ତାମିଲନାଡୁକୁ ଏକ ଟ୍ରକରେ ଗଞ୍ଜେଇ ଚାଲାଣ ହେବ ବୋଲି କୌଣସି ସୂତ୍ରରୁ ଖବର ମିଳିଥିବାରୁ ଅବକାରୀ ଗୁଇନ୍ଦା ବିଭାଗର ଏକ ଟିମ୍ ଜାତୀୟ ରାଜପଥ ହଳଦିଆପଦର ଛକରେ ଛକି ରହିଥିଲା। ସନ୍ଦେହରେ ଏକ ଅଟୋକୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ଗଞ୍ଜେଇ ମିଳିଥିଲା। ୨ ଚାଲାଣକାରୀ ପୋଡ଼ାମାରି ଅଞ୍ଚଳରୁ ଗଞ୍ଜେଇ ଆଣି ଏକ ଟ୍ରକରେ ତାମିଲନାଡୁ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି।

## ୩ ବର୍ଷିଆ ବଦଳି ନୀତି ଲାଗୁକୁ ଅଣଦେଖା

**ନୟାଗଡ଼ ଅଫିସ,୨୯।୯**

- ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କଲା କଂଗ୍ରେସ
- ମୁକ୍ତ ଓ ଅବାଧ ନିର୍ବାଚନ ପ୍ରସଙ୍ଗ

ନୟାଗଡ଼ ଜିଲାର ବିଭିନ୍ନ ବ୍ଲକ, ତହସିଲ, ପୌର କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଅଫିସରେ ଅଧିକାଂଶ କର୍ମଚାରୀ ଓ ଅଧିକାରୀ ୩ରୁ ୮ବର୍ଷ ରହି ସାରିଲେଣି। ତେବେ ଏମାନଙ୍କର ବଦଳି କରାଯାଉନାହିଁ। ଏମାନେ ଗୋଟିଏ ସ୍ଥାନରେ ବହୁ ବର୍ଷ ଧରି ରହିବାରୁ ଶାସକ ଦଳ ପାଇଁ କାମ କରୁଥିବା ଅଭିଯୋଗ ହେଉଛି। ସେମାନେ ନିଜର ବଦଳିକୁ ବାତିଲ କରି ରହି ଆସୁଛନ୍ତି। ଏଣୁ ୩ ବର୍ଷରୁ ଉର୍ଦ୍ଧ୍ୱ ଥିବା କର୍ମଚାରୀ, ଅଧିକାରୀଙ୍କୁ ବଦଳି ନ କଲେ ପଞ୍ଚାୟତ ଓ ପୌର ନିର୍ବାଚନ ମୁକ୍ତ ଓ ଅବାଧରେ ହୋଇପାରିବ ନାହିଁ ବୋଲି କଂଗ୍ରେସ ଦର୍ଶାଇଥିଲା। ଏ ନେଇ ଜିଲା କଂଗ୍ରେସ ପକ୍ଷରୁ ଗତ ୮ ତାରିଖରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଗୃହ, ପଞ୍ଚାୟତିରାଜ, ରାଜସ୍ୱ ବିପର୍ଯ୍ୟୟ, ଉଚ୍ଚଶିକ୍ଷା, ଗଣଶିକ୍ଷା, ସାମଜିକ ନ୍ୟାୟ ଓ ମହିଳା ସଶକ୍ତୀକରଣ ସଚିବ, ଆରଡିସି, ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥଲା। ୩ ବର୍ଷିଆ ବଦଳି ନୀତି ଲାଗୁ କରା ନ ଗଲେ କଂଗ୍ରେସ ଅଦାଲତର ଆଶ୍ରୟ ନେବ ବୋଲି ଧମକ ଦେଇଥିଲା। ଏ ନେଇ କଣ୍ଟ ୧୫ ଦିନ ପୂରି ଯାଇଥିଲେ ମଧ ସରକାର ନୀରବ ରହିଥିବାରୁ କଂଗ୍ରେସ ପକ୍ଷରୁ ହାଇକୋର୍ଟରେ ନଂ. ୨୯୪୩୨/୨୦୨୧ରେ ରିଟ୍ ପିଟିଶନ ଦାଖଲ କରାଯାଇ ୩ ବର୍ଷିୟା ବଦଳି ନୀତି ଲାଗୁ କରିବାକୁ ଅନୁରୋଧ କରାଯାଇଛି। ଏ ନେଇ ନୟାଗଡ଼ ଜିଲାପାଳ, ରାଜ୍ୟ ସରକାର ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଆଇନଜୀବୀ ତଥା ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ସୂଚନା ଦେଇଛନ୍ତି।

## ରାଜନୈତିକ ଶତ୍ରୁତାକୁ ନେଇ ଉତ୍ତେଜନା

### ଚଣ୍ଡୀବସ୍ତରେ ପୋଲିସ ମୁତୟନ

**ନୟାଗଡ଼ ଅଫିସ,୨୯।୯**

ନୟାଗଡ଼ ଟାଉନ ଥାନା ଚଣ୍ଡୀବସ୍ତରେ ରାଜନୈତିକ ଶତ୍ରୁତା ଓ ଗାଁ କନ୍ଦଳକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗାଁର କେତେଜଣ ଲୋକ ଭାଟସାହି ପଞ୍ଚାୟତର ପୂର୍ବତନ ସମତିସଭ୍ୟ ଉଦ୍ୟନାଥ ମାର୍ଥା ଓ ପୁଅଙ୍କୁ ମାରପିଟ୍ ସହ ଗାଳିଗୁଲଜ କରିବା ପରେ ଉତ୍ତେଜନା ବଢ଼ି ଚାଲିଛି। ମଙ୍ଗବଳାର ସନ୍ଧ୍ୟାରେ ଉଦ୍ୟନାଥଙ୍କ ପୁଅଙ୍କୁ ଘର ସମ୍ମୁଖରେ ଗାଳିଗୁଲଜ କରି ମାରପିଟ୍ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୧୯୯/୨୧ରେ ୧୨ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଥାନାରେ ଅଭିଯୋଗ କରିବାରୁ ବାପା ଉଦ୍ୟନାଥଙ୍କୁ ଅନୁରୂପ ଭାବେ ବୁଧବାର ସକାଳେ ଆକ୍ରମଣ କରାଯାଇଛି। ଏ ନେଇ ଉଦ୍ୟନାଥଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୦୦/୨୧ ରେ ୫ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ କରୁଛି। ଗାଁରେ ୧ ସେକ୍ସନ ପୋଲିସ ମତୟନ ଅଛନ୍ତି। ଅନ୍ୟପକ୍ଷେ କୁମ୍ଭାରିଆ ଲଡୁକେଶ୍ୱରପୁରରେ ଗାଁ ବିବାଦ ଦେଖା ଦେଇଛି। ଏଠାରେ ଉତ୍ତେଜନା ଦେଖାଦେଇଛି।

## ଲୋକକଳା ଗ୍ରାମରେ ହେବ ଜିଲାସ୍ତରୀୟ ଅମୃତ ମହୋତ୍ସବ



**ଦଶପଲ୍ଲା, ୨୯।୯(ଡି.ଏନ.ଏ.)**

ଦେଶ ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ ନୟାଗଡ଼ ଜିଲାର ଦଶପଲ୍ଲା କୁଞ୍ଜବନଗଡ ଲୋକକଳା ଗ୍ରାମରେ ଗାନ୍ଧୀ ଜୟନ୍ତୀ ଅବସରରେ ପାଳନ କରାଯିବ। ଏହି ଜିଲା ସ୍ତରୀୟ ଉତ୍ସବର ପ୍ରସ୍ତୁତି ନିମନ୍ତେ ଜିଲା ସଂସ୍କୃତି ବିଭାଗ, ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପରିଷଦର ନିର୍ବାହୀ ଅଧିକାରୀ ଦେବବ୍ରତ କର, ଜିଲା କଳା ପରିଷଦର ଉପାଧ୍ୟକ୍ଷ ଶରତ ସାହୁ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ବବିତା ସାହୁଙ୍କ ଉପସ୍ଥିତିରେ ବହୁ କଳାକାର, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଆଲୋଚନାରେ ଭାଗ ନେଇଥିଲେ। ସ୍ଥାନୀୟ ମହାବୀରଙ୍କ ମନ୍ଦିର ସମ୍ମୁଖ ମଞ୍ଚରେ ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଦିନ ପ୍ରତ୍ୟୁଷରୁ ରାମଧୂନ୍, ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଯିବା ସହ ୧୫ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରେ ପାରମ୍ପରିକ ନୃତ୍ୟ ସଙ୍ଗୀତକୁ ଉଦ୍‌ଜୀବିତ କରିବା ଉଦ୍ଦେଶ୍ୟରେ ରାମ ନାଟକ, ସିଂହବାଦ୍ୟ, ସଙ୍କୀର୍ତ୍ତନ, ଦଣ୍ଡ, ଉଦଣ୍ଡ ଏବଂ ବିଭିନ୍ନ ଲୋକ ନାଟକ ପ୍ରଦର୍ଶନ କରାଯିବ। ସାହିତ୍ୟ ଅନୁଷ୍ଠାନ ଗଠନ ପରିବାର ଆନୁକୂଲ୍ୟରେ ଗାନ୍ଧୀଙ୍କ ବିଚାର ଧାରା ଓ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଆଲୋଚନା ଚକ୍ର ଓ କବିତା ଆସର କରାଯିବ। ଏହି ଦିବସକୁ ସ୍ମରଣୀୟ କରିବା ନିମନ୍ତେ ବିଭିନ୍ନ କଳା ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା କମିଟି ପକ୍ଷରୁ ଜଣାଯାଇଛି।

# ସନ୍ତାନଙ୍କ ସୁଖ କାମନାରେ ଦ୍ୱିତୀୟା ଓଷା

**ଖଣ୍ଡପଡ଼ା,୨୯।୯(ସ୍ୱ.ପ୍ର.)**

ଓଡ଼ିଆ ସଂସ୍କୃତିରେ ଦ୍ୱିତୀୟା ଓଷା ବା ଦ୍ୱିତୀବାହନ ଓଷାର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି। ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ, ଗରିବଠାରୁ ଧନୀ ବର୍ଗର ପ୍ରାୟ ସମସ୍ତଙ୍କ ଘରେ ଏହି ଓଷା ପାଳିତ ହୋଇଥାଏ। ପ୍ରତି ଓଡ଼ିଆଙ୍କ ପାଇଁ ଏହି ଓଷା ଏକ ବିଶେଷ ମହତ୍ତ୍ୱ ରଖିଥାଏ। ଏହି ଓଷାର ଦେବତା ହେଉଛନ୍ତି ଦ୍ୱିତୀବାହନ। ଦ୍ୱିତୀବାହନ ହେଉଛନ୍ତି ବିଷ୍ଣୁ ସ୍ୱରୂପ। ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମିତ ସୂର୍ଯ୍ୟ ଦେବତାଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟ ଦେବତାଙ୍କ ଆଶୀର୍ବାଦରେ ଏହି ଦିନ ଦ୍ୱିତୀବାହନ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଦ୍ୱିତୀବାହନଙ୍କୁ ଏହି ଦିନ ପୂଜା କଲେ ଅପୁତ୍ରିକ ସନ୍ତାନପ୍ରାପ୍ତି ହୁଅନ୍ତି ବୋଲି କଥିତ ଅଛି। ପୌରାଣିକ କଥାବସ୍ତୁ ଅନୁଯାୟୀ ଆଶ୍ୱିନ କୃଷ୍ଣପକ୍ଷ ସପ୍ତମୀ ଓ ଅଷ୍ଟମୀ ତିଥି ୨ ଦିନ ବ୍ୟାପୀ ଏହି ଓଷା ପାଳିତ ହୋଇଥାଏ। ଓଡ଼ିଆମାନଙ୍କର ପର୍ବପର୍ବାଣି ପାଳନରେ କିଛି ନା କିଛି କାହାଣୀ ରହିଛି। ଦ୍ୱିତୀୟା ଓଷା ମୁଖ୍ୟତଃ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହିଳାମାନେ ପାଳନ କରିଥାନ୍ତି। ସନ୍ତାନଙ୍କ ଶୁଭ ମନାସି ଖଣ୍ଡପଡ଼ା ଅଞ୍ଚଳର ମହିଳାମାନେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରି ଏହି ଓଷା ୨ଦିନ ବ୍ୟାପୀ ପାଳନ କରିଥିବା ଜଣାପଡିଛି।


କଣ୍ଟିଲୋ ଅଞ୍ଚଳରେ ଦୁତିଆ ଓଷା ନିମନ୍ତେ ମହିଳାମାନଙ୍କ ପୂଜାର୍ଚ୍ଚନା।

ପ୍ରକାଶ ଯେ, ହିନ୍ଦୁ ବ୍ରତ ବିଧାନ ଅନୁଯାୟୀ, ସଧବା ସ୍ତ୍ରୀ ଲୋକମାନେ ବୁଧବାର ତିଥିରେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରି ସନ୍ତାନମାନଙ୍କର ସର୍ବସୁଖ କାମନା କରିଥାନ୍ତି। ତଦନୁଯାୟୀ କଣ୍ଟିଲୋ, ଖଣ୍ଡପଡା, ଖଳିସାହି, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ଧାନଚେଙ୍ଗଡା, ଜଗନ୍ନାଥପ୍ରସାଦ, କୋସକା, ମର୍ଦ୍ଧରାଜପୁର ଅଞ୍ଚଳର ମହିଳାମାନେ ନିଷ୍ଠାର ସହ ନିର୍ଜଳା ଉପବାସ କରି ଦ୍ୱିତୀୟା ଓଷା ପାଳନ କରୁଥିବା ଦେଖିବାକୁ ମିଳିଛି। ସୂର୍ଯ୍ୟାସ୍ତ ପରେ ଗ୍ରାମ ନିକଟସ୍ଥ ନଦୀ, ପୋଖରୀରେ ସ୍ନାନ କରି ଗଙ୍ଗା ମାତାଙ୍କୁ ପୂଜା କରିଥିଲେ। ପୂଜାର୍ଚ୍ଚନା ପରେ ସମ୍ପୃକ୍ତ ମହିଳାମାନେ ୭ ମୁଠା ଲେଖାଏ ବାଲି ଆଣି ଏକ ବାଲୁକା ଲିଙ୍ଗ ସ୍ଥାପନା କରିଥିଲେ। ଏହା ବାଲୁକା ପୂଜା ନାମରେ ମଧ ପରିଚିତ। ବାଲୁକା ଲିଙ୍ଗର ଚାରିପାଖରେ ସାତଟି ଅପମାରଙ୍ଗ କାଠି ପୋତି ତା’ ଉପରେ କାକୁଡି ଓ ହଳଦି ଲଗା ଅରୁଆ ଚାଉଳରେ ସଜାଇ ସ୍ନାନ ସମାପନ କରି ଘରକୁ ଫେରିଥିଲେ। ଫେରିବା ସମୟରେ ଗ୍ରାମର ଶେଷ ମୁଣ୍ଡରୁ ନିର୍ଦ୍ଧାରିତ ହୋଇଥିବା ପୂଜା ବେଦୀ ପର୍ଯ୍ୟନ୍ତ ନୂତନ ଲୁଗା ପାହୁଡ(ଲୁଗାକୁ ଲମ୍ବାଇ ରାସ୍ତା ଉପରେ ବିଛାଇବା) କରି ବିଛାଯାଇଥାଏ। ସ୍ନାନ ସମାପନ କରି ଫେରୁଥିବା ବ୍ରତଧାରିଣୀମାନେ ଏହି ନୂତନ ବସ୍ତ୍ର ଉପରେ ଚାଲି ଚାଲି ଆସି ପୂଜା ମଣ୍ଡପରେ ପହଞ୍ଚି ବନ୍ଦାପନା କରିଥିଲେ। ପରେ ବ୍ରତ ଧାରିଣୀମାନେ ନିଜ ନିଜର ନୂତନ ବସ୍ତ୍ର ପରିଧାନ କରି ଘରେ ଭୋଗ ଡାଲାରେ ପୂଜା ପାଇଁ ରଖିଥିବା କଦଳୀ, ନଡିଆ, କମଳା, କରମଙ୍ଗା, ପିଜୁଳି, କାକୁଡି, ବୁଟ, ମୁଗ, ଓଉ, ଜହ୍ନି, କଖାରୁ, ଲେମ୍ବୁ, ଗୁଆ ଆଦି ୨୧ ପ୍ରକାର ଭୋଗ ସାମଗ୍ରୀ ଏବଂ ୧୦୮ ଦୂବ ଅରୁଆ ଚାଉଳ, ଫୁଲ ଧରି ପୂଜାସ୍ଥଳକୁ ଆସିଥିଲେ। ବିଧି ପୂର୍ବକ ବ୍ରତ ଧାରିଣୀମାନେ ସେଠାରେ ଦୁଇ ହାତ ଲମ୍ବର ଏକ କୋଠି ପ୍ରସ୍ତୁତ କରି କଦଳୀ ଗଛ ପୋତି ମୁରୁଜ ଦେଇ ବାଲୁକାରେ ସୂର୍ଯ୍ୟ ଦେବତାଙ୍କୁ ସ୍ଥାପନା କରିଥିଲେ। ପରେ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଓଷା ବହି ପଠନ ହୋଇଥିଲା। ପୁରୋହିତ ପଢୁଥିବା ଦୂତୀବାହନ ଉପାଖ୍ୟାନକୁ ବ୍ରତ ଧାରିଣୀମାନେ ଶ୍ରବଣ କରିବା ପରେ ପୂଜା ବେଦୀରେ ରଖାଯାଇଥିବା ଏକ ପାଣି କଖାରୁକୁ ବଳି ଦିଆଯାଇଥିଲା। ପୂଜା ହୋଇଥିବା ପନି ପରିବାରେ ପରଦିନ ଅର୍ଥାତ୍ ଗୁରୁବାର ସକାଳୁ ତରକାରି ପ୍ରସ୍ତୁତ କରାଯିବ। ଏହା ଦୁତିଆ ଘାଣ୍ଟ ତରକାରି ଭାବେ ଓଡ଼ିଆଙ୍କ ପାଖେ ବେଶ୍ ପରିଚିତ।

## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

ବୁଗୁଡ଼ା,୨୯।୯(ଡି.ଏନ.ଏ.):ବୁଗୁଡ଼ା ଥାନା ଭଗବାନପୁର ଗ୍ରାମରେ ବଜ୍ରପାତ ହେବାରୁ ବୁଧବାର ଚିତ୍ରସେନ ସାହୁ (୪୦)ଙ୍କ ମୃତ୍ୟୁ ଘଟିଛି। ଭଗବାନପୁର ଗାଁ ନିକଟସ୍ଥ ଏକ ପଡିଆରେ ଚିତ୍ରସେନ ଗୋରୁ ଚରାଉଥିବା ବେଳେ ବର୍ଷା ହେବାରୁ ସେ ଗଛ ମୂଳରେ ଆଶ୍ରୟ ନେଇଥିଲେ। ସେଠାରେ ସେ ବଜ୍ରପାତର ଶିକାର ହୋଇଥିଲେ। ବର୍ଷା କମି ଯିବାରୁ ଗୋରୁମାନେ ଘରକୁ ଫେରି ଆସିଥିଲେ ହେଁ ଚିତ୍ରସେନର ଦେଖା ନ ମିଳିବାରୁ ଗାଁ ଲୋକେ ଖୋଜାଖୋଜି କରି ସନ୍ଧ୍ୟା ୭ଟାରେ ଏକ ଗଛ ମୂଳେ ଚିତ୍ରସେନଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଅଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୧୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୧୧୪ ୟୁନିଟ୍ ରକ୍ତ ସଂଗ୍ରହ

ଦାରିଙ୍ଗବାଡି,୨୯।୯(ଡି.ଏନ.ଏ): ଦାରିଙ୍ଗବାଡ଼ ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ସାମୂହିକ ଭାବେ ରକ୍ତଦାନ ଶିବିର ଥାନା ପରିସର ମଧ୍ୟରେ ଆୟୋଜନ ହୋଇଯାଇଛି। ଏହାକୁ ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ ପରିଚାଳନା କରିଥିବା ବେଳେ କନ୍ଧମାଳ ଡିଏସ୍‌ପି କେ.ପି ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୧୧୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ନୋଡାଲ ଅଫିସରଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପ୍ରଶାନ୍ତ ବେହେରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### କୁରେଇଶୁଣୀଙ୍କ ବାଲିଯାତ୍ରା

ଆର.ଉଦୟଗିରି,୨୯।୯(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମର ପ୍ରତ୍ୟକ୍ଷ ଦେବୀ ମାଁ କୁରେଇଶୁଣୀଙ୍କ ପ୍ରସିଦ୍ଧ ବାଲିଯାତ୍ରା ଆରମ୍ଭ ହୋଇଯାଇଛି। ରବିବାର ମାଁଙ୍କ ନୂଆଖିଆ ହୋଇ ବାଲିଯାତ୍ରାର ପ୍ରଥମ ଦିନ ଯାତ୍ରା ପାଇଁ ନଦୀରୁ ବାଲି ଅଣାଯାଇଛି। ରାମଗିରି ଗ୍ରାମର ମନ୍ଦିର କମିଟି ସଭାପତି ଏବଂ ସଦସ୍ୟ ଓ ମାଁ କୁରେଇଶୁଣୀ ଯୁବକ ସଂଘ ସଭାପତି ବାୟାଧର ବଡକୁମରଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଉପସ୍ଥିତିରେ ବାଲିଅଣା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପୂଜକ, ବାହାକ, ମାଳି ମାଁଙ୍କ ସମସ୍ତ ବିଧି ବିଧାନ କାର୍ଯ୍ୟ କରିଥିଲେ। ଆସନ୍ତା କାଲିଠାରୁ ମାଁଙ୍କ ଯାତ୍ରା ଆରମ୍ଭ ହୋଇ ଆସନ୍ତା ୧ରେ ପଞ୍ଚମୀ, ୭ରେ ବଡଉପବାସ ଏବଂ ୮ ତାରିଖରେ ମାଁଙ୍କ କଣ୍ଟାଦୋଳି ଓ ନିଆଁମଡା ହୋଇ ଯାତ୍ରା ଶେଷ ହେବ।

### ନାସା କର୍ମଶାଳା

କାଶୀନଗର,୨୯।୯(ଡି.ଏନ.ଏ.): କାଶୀନଗର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସଭାଗୃହ ଠାରେ ନାସା ତରଫରୁ ପ୍ରଧାନ ଶିକ୍ଷକ, ସିଆରସିମାନଙ୍କୁ ନେଇ ନାସା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ନାସା ପରୀକ୍ଷା ପରିଚାଳନା କାର୍ଯ୍ୟକାରିତା ନେଇ କର୍ମଶାଳା ଶିକ୍ଷାଧିକାରୀ ଆଦିକନ୍ଦ ଗମାଙ୍ଗ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ନାସାର ପ୍ରଦ୍ୟୁମ୍ନ ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଏବିଇଓ ମୀନା ବେହେରା, ଜାମନା କାରେୟା, କିଶୋର କୁମାର, ଗୋପାଳ ରାଓ ପ୍ରମୁଖ ଯୋଗ ଦେଇଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମିଳିବ ସହାୟକ ଉପକରଣ

ଭଞ୍ଜନଗର,୨୯।୯(ଡି.ଏନ୍.ଏ.): ଗଞ୍ଜାମ ସମଗ୍ର ଶିକ୍ଷା ଓ ଭୁବନେଶ୍ୱରସ୍ଥିତ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମଙ୍କ ସହାୟତାରେ ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହାୟକ ଉପକରଣ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଇଓ ଏସ.ଧନଞ୍ଜୟ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂର୍ଯ୍ୟ ନାଏକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଭଞ୍ଜନଗର ଓ ସୋରଡ଼ାରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ନାମ ପଞ୍ଜୀକୃତ କରାଇଥିଲେ। ଡା. ନିବେଦିତା ପୃଷ୍ଟି, ଡାକ୍ତର ସୋନାଲି ମିଶ୍ର, ଡା. ସୌମ୍ୟରଞ୍ଜନ ପତି, ଶ୍ରବଣ ଓ ନାସା ନିରୀକ୍ଷକ କୋଶଲେଷ ସାହୁ ୮୯ ଜଣ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରି ଉପକରଣ ପ୍ରଦାନ ପାଇଁ ତାଲିକାଭୁକ୍ତ କରିଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ଜି.ଉଦୟଗିରି,୨୯।୯(ଡି.ଏନ.ଏ.):ଜି. ଉଦୟଗିରି ଏନ୍‌ଏସି ବିଜୁ ଯୁବ ଜନତା ଦଳ ତରଫରୁ ସ୍ଥାନୀୟ ଗଣେଶ କଲ୍ୟାଣ ମଣ୍ଡପଠାରେ ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ବିଜେଡି ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ପୂର୍ବତନ ଏନ୍‌ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ର, ଯୁବ ନେତା ଧନଞ୍ଜୟ ପାତ୍ର, ଅନୀଲ ଦଳବେହେରା, ସତ୍ୟନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗଞ୍ଜାମର ବିକାଶ ଦେଖିଲେ ୩ ଜିଲାର ଅଧିକାରୀ

ଗଞ୍ଜାମ/ଶେରଗଡ଼/ଦିଗପହଣ୍ଡି,୨୯।୯ (ଡି.ଏନ.ଏ.)

ଭଦ୍ରକ, କେନ୍ଦ୍ରାପଡ଼ା, ବରଗଡ଼ ଜିଲାର ପ୍ରଶାସନିକ ଅଧିକାରୀମାନେ ବୁଧବାର ତୃତୀୟ ପର୍ଯ୍ୟାୟରେ ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଭଦ୍ରକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଇନ୍ଦ୍ରମଣି ନାୟକଙ୍କ ନେତୃତ୍ୱରେ ଏକ ୨୫ ଜଣିଆ ପ୍ରତିନିଧି ଦଳ ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ, କଲ୍ୟାଣ ମଣ୍ଡପ, ଆଦର୍ଶ ପୋଖରୀ, ଶିଶୁ ଉଦ୍ୟାନ, ସ୍ମାର୍ଟ ପାର୍କ, ଓପେନ୍ ଜିମ୍ ସେଣ୍ଟର୍, ସମୁଦ୍ରକୂଳ ଏବଂ ବଟେଶ୍ୱର ମନ୍ଦିର ଚତୁର୍ପାଶ୍ୱରେ ନୂତନ ଭାବେ ପଥର ଖଣ୍ଡ ଦ୍ୱାରା ନିର୍ମିତ ପାହାଚ ଓ ତାହାର ନିର୍ମାଣ ଶୈଳୀ ଦେଖି ମନ୍ଦିର ପରିଚାଳନା କମିଟିର ଉଚ୍ଚ ପ୍ରଶଂସା କରିଥିଲେ ପ୍ରତିନିଧି ଦଳ। ପ୍ରାରମ୍ଭରେ ପାଳିବନ୍ଧ ସରପଞ୍ଚ ଦିଲିପ୍ କୁମାର ଛୋଟରାୟ,ଗଞ୍ଜାମ ବିଡିଓ ବିଶ୍ୱଜିତ ରାୟ, ମନ୍ଦିର ପରିଚାଳନା କମିଟି ଉପ ସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ଶିବ ପ୍ରସାଦ ସ୍ୱାଇଁ, ନିରାକାର ଜେନା ପ୍ରମୁଖ ସେଠାରେ ଭଦ୍ରକ ଜିଲାରୁ ଆସିଥିବା ବିଭିନ୍ନ ପଦାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି କେନ୍ଦ୍ରାପଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଶେରଗଡ଼ ଗସ୍ତରେ ଆସି ପ୍ରଥମେ ପିତଳ ବାଳକ ଉଚ୍ଚ ବିଦ୍ୟାଳୟ ଓ ପରେ ପିତଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ବରଗଡ ଜିଲା ପିଡି କୃତୀବାସ ରାଉତଙ୍କ ନେତୃତ୍ୱରେ ୧୨ ବ୍ଲକର ୩୦ ଜଣ ଅଧିକାରୀମାନେ ଶେରଗଡ଼ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ବୁଲି ଦେଖିଛନ୍ତି। ଏହି ପରିଦର୍ଶନରେ ପିତଳରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ବେହେରା, ପ୍ରମୋଦ କୁମାର ପାତ୍ର, କୃଷ୍ଣଚନ୍ଦ୍ରମଲିକ, ଶେରଗଡ଼ରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ, ବାଲାଜି ପ୍ରଧାନ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ପିଡି କୃତୀବାସ ରାଉତଙ୍କ ସମେତ ୨୩ ଜଣ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ଦିଗପହଣ୍ଡି ବ୍ଲକ ଗସ୍ତ କରି ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିବା ସହ ନିର୍ମାଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବରଗଡ଼ ଜିଲା ପିଡିଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟର ୯ ଜଣ ବିଡ଼ିଓ , ୧୨ ଜଣ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ସ୍ଥାନୀୟ ଦିଗପହଣ୍ଡି ବିଡିଓ ହଳଧର ଶବର ଓ ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ବ୍ଲକର ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ।



ଗୋକର୍ଣ୍ଣପୁର ରୁରାଲ ପାର୍କ ପରିଦର୍ଶନ କରୁଛନ୍ତି ପ୍ରତିନିଧି ଦଳ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି

ପାରଳାଖେମୁଣ୍ଡି,୨୯।୯(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୪ ତାରିଖରେ ଗଜପତି ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଜିଲାରେ ଆରମ୍ଭ ହେବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟକାର୍ଡ। ଏହାର ଶୁଭ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ। ଗଜପତି ଜିଲାରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି କାର୍ଡ ପାଇଁ ଚିହ୍ନଟ ହୋଇଥିବା ବେଳେ ଜିଲା ପ୍ରଶାସନ ଏହି କାର୍ଯ୍ୟକ୍ରମ ପାଇଁ ଦିନରାତି କାମ ଆରମ୍ଭ କରି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ରହି ଏହି ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିବେ। ଚଳିତ ସପ୍ତାହର ୭ ଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ କେବଳ ଗୋଟିଏ କିମ୍ବା ଦୁଇଟି ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ ବୋଲି ସୂଚନା ମିଳିଛି।

# ମହନ୍ତ ନରେନ୍ଦ୍ର ଗିରିଙ୍କୁ ନେଇ ବଢ଼ିଲା ସସ୍‌ପେନ୍ସ

- ଓଡ଼ିଶାରେ ଜନ୍ମ ହୋଇଥିବା ଦାବି
- ୧୦ ବର୍ଷ ପୂର୍ବେ ସାଧୁବେଶରେ ୩ ଥର ଆସିଥିଲେ ଗାଁକୁ
- ବିବାହ ପ୍ରସ୍ତାବ ଭାଙ୍ଗିଯିବାରୁ ବୈରାଗୀ ହୋଇଥିଲେ
- ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ

ଭୋଗରାଇ,୨୯।୯(ଡି.ଏନ.ଏ.)





ମହନ୍ତ ନରେନ୍ଦ୍ର ଗିରି (ଫାଇଲ ଫଟୋ)। ଭାଇ ବୋଲି ଦାବି କରୁଥିବା ପୂର୍ଣ୍ଣଚନ୍ଦ୍ର ଗିରି ଓ ତାଙ୍କ ସ୍ତ୍ରୀ।

ଉତ୍ତର ପ୍ରଦେଶର ପ୍ରୟାଗରାଜସ୍ଥିତ ବାଘାମ୍ବରୀ ମଠ ମହନ୍ତ ନରେନ୍ଦ୍ର ଗିରିଙ୍କ ମୃତ୍ୟୁ ପରେ ତାଙ୍କ ପ୍ରକୃତ ପରିଚୟକୁ ନେଇ ସସ୍‌ପେନ୍ସ ବଢ଼ିବାରେ ଲାଗିଛି। ସେ କେଉଁ ରାଜ୍ୟର ବୋଲି ଠୋସ୍ ପ୍ରମାଣ ମିଳି ନ ଥିବା ବେଳେ ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ପାଣିଷଣ୍ଡା ଗ୍ରାମରେ ବୋଲି ଦାବି ଉଠିଛି। ପାଣିଷଣ୍ଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗିରି ଓ ଲକ୍ଷ୍ମୀକାନ୍ତ ଗିରି ମହନ୍ତ ନରେନ୍ଦ୍ରଙ୍କ ଭାଇ ବୋଲି ଦାବି କରିଛନ୍ତି। ୩ଭାଇ ଓ ୩ଭଉଣୀଙ୍କ ମଧ୍ୟରେ ନରେନ୍ଦ୍ର ବଡ଼ ଥିବାବେଳେ ପରିବାର ଲୋକେ ତାଙ୍କୁ ଶ୍ରଦ୍ଧାରେ ଚୁଟିଆ ଡାକୁଥିଲେ। ଟିଭି ଓ ଖବରକାଗଜରୁ ଫଟୋ ଦେଖି ସେମାନେ ତାଙ୍କୁ ନରେନ୍ଦ୍ର ବୋଲି ଚିହ୍ନଟ କରିଥିବା କହିଛନ୍ତି।

ପାଣିଷଣ୍ଡା ଗ୍ରାମର ଏହି ପରିବାର ଆହୁରି କହିଛନ୍ତି ଯେ, ପାରିବାରିକ ସମସ୍ୟା ଓ ଆର୍ଥିକ ଅନଟନ ତାଙ୍କ ଜୀବନକୁ ଦୁର୍ବିସହ କରି ଗଢ଼ି ତୋଳିଥିଲା। ଯୌବନ ଅବସ୍ଥାରେ ତାଙ୍କ ବାହାଘର ପ୍ରସ୍ତାବ ଭାଙ୍ଗିଯିବାରୁ ସେତେବେଳେ(୫୨ ବର୍ଷ ପୂର୍ବରୁ) ସେ ଗୃହତ୍ୟାଗ କରି ସନ୍ୟାସୀ ହୋଇ ଯାଇଥିଲେ। ୧୦ ବର୍ଷ ପୂର୍ବେ ସାଧୁବେଶରେ ସେ ନିଜ ଜନ୍ମ ମାଟିକୁ ୩ ଥର ଆସିଥିଲେ। ତେବେ ତାଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ସହ ମଠର ସମସ୍ତ ସମ୍ପତ୍ତି ଓ ଅର୍ଥକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବାକୁ ମହନ୍ତଙ୍କ ଦୁଇ ଭାଇ ବୋଲି ଦାବି କରୁଥିବା ପୂର୍ଣ୍ଣଚନ୍ଦ୍ର, ଲକ୍ଷ୍ମୀକାନ୍ତ ଏବଂ ତାଙ୍କ ଭଉଣୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମହନ୍ତ ନରେନ୍ଦ୍ର ଗିରିଙ୍କ ରହସ୍ୟଜନକ ମୃତ୍ୟୁ ପରେ ମଠର ଏକ କୋଠରୀରୁ ଉତ୍ତରପ୍ରଦେଶ ପୋଲିସ ସୁଇସାଇଡାଲ ନୋଟ ଜବତ କରିଥିଲା। ଏଥିରେ ଶିଷ୍ୟ ଆନନ୍ଦ ଗିରି ଓ ହନୁମାନ ପୂଜକ ଆଦ୍ୟା ତିୱାରୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ ଥିବାରୁ ଉତ୍ତରପ୍ରଦେଶ ପୋଲିସ ସେହି ଦୁଇଜଣଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ଅନ୍ୟପକ୍ଷରେ ଏହି ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି।

## ଆନ୍ଧ୍ରପଟୁ ଗଛ ପଡ଼ି ଓଡ଼ିଶା ରାସ୍ତା ଜାମ୍

ପାରଳାଖେମୁଣ୍ଡି,୨୯।୯(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରୁ ୭କି.ମି. ଦୂରରେ ଥିବା ଆନ୍ଧ୍ରର ବସନ୍ଦରା ଗ୍ରାମ ନିକଟରେ ବୁଧବାର ଭୋର୍‌ରୁ ଏକ ବିରାଟ ଗଛ ପଡିଯାଇଥିଲା। ଗଛ ପଡ଼ିଯିବାରୁ ଓଡ଼ିଶାର ଗଜପତି ଜିଲା ପାରଳାଖେମୁଣ୍ଡି ସହରକୁ ଯୋଗାଯୋଗ କରୁଥିବା ରାସ୍ତାଟି ବନ୍ଦ ହୋଇଥିଲା। ହେଲେ ୩ଘଣ୍ଟା ପରେ ମଧ ଆନ୍ଧ୍ର ପ୍ରଶାସନ ରାସ୍ତାରୁ ଗଛଟି ହଟାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ଫଳରେ ପାରଳାଖେମୁଣ୍ଡିକୁ ଆସୁଥିବା ସମସ୍ତ ଯାନବାହନ ସେଠାରେ ଘଣ୍ଟାଘଣ୍ଟା ଧରି ଅଟକି ରହିଥିଲା। ଖବର ପାଇ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ରାସ୍ତା ଅବରୋଧକୁ ତୁରନ୍ତ ହଟାଇବା ପାଇଁ ସ୍ଥାନୀୟ ଦମକଳ ବାହିନୀ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଜେସିବି ମେଶିନ ଦ୍ୱାରା ପଡିଥିବା ଗଛକୁ ରାସ୍ତାରୁ ହଟାଇଥିଲେ। ଏହାପରେ ପାରଳାଖେମୁଣ୍ଡିକୁ ସମସ୍ତ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଆନ୍ଧ୍ର ଭିନ୍ନଭିନ୍ନ ସମୟରେ ଓଡିଶାରରେ ପ୍ରବେଶ କରି ଜବର ଦଖଲ ଓ ବିଭିନ୍ନ ବେନିୟମ କାର୍ଯ୍ୟ କରି ଦବଙ୍ଗଗିରି ଚଳାଇ ଆସୁଛି। ଏ ନେଇ ଓଡିଶା ସରକାର ବିହିତ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଓଡିଶାରେ ଆନ୍ଧ୍ରର ଦବଙ୍ଗଗିରି ବଢି ଚାଲିଛି।

## ଗୁଲାବ ପ୍ରଭାବରେ କଦଳୀ, ମକା ଚାଷ ନଷ୍ଟ

ପାରଳାଖେମୁଣ୍ଡି,୨୯।୯(ଡି.ଏନ୍.ଏ.)

ବାତ୍ୟା ଗୁଲାବ ପ୍ରଭାବରେ ଗଜପତି ଜିଲାରେ ବିଶେଷ କିଛି କ୍ଷତି ହୋଇ ନ ଥିବା ବେଳେ ଲଗାଣ ବର୍ଷା ସାଙ୍ଗକୁ ପବନ ବୋହିବା ଦ୍ୱାରା ଅଞ୍ଚଳରେ କଦଳୀ ଓ ମକା ଚାଷ ନଷ୍ଟ ହୋଇଛି। ଫସଲ ନଷ୍ଟ ହେବାରୁ ଋଣ ପରିଶୋଧ ଓ ପରିବାର କିପରି ପ୍ରତିପୋଷଣ କରିବେ ସେ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବିଶେଷ କରି ରମାଗିରି, ଜିରାଙ୍ଗ, ମଣ୍ଡଳ ସାହି, ଆର.ଉଦୟଗିରି ବ୍ଲକର ଅନେକ ଗ୍ରାମରେ କଦଳୀ ଗଛ ଭାଙ୍ଗି ନଷ୍ଟ ହୋଇଛି।

# କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନାଁରେ ଟଙ୍କା ହଡ଼ପ ଅଭିଯୋଗ

ହିଞ୍ଜିଳିକାଟୁ, ୨୯।୯(ଡି.ଏନ୍.ଏ)

ଗତ ବିଧାନସଭା ନିର୍ବାଚନରେ ହିଞ୍ଜିଳିର କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନ ପିସିସି ସମ୍ପାଦକ ଥିବା ଶମ୍ଭୁ ପାଣିଗ୍ରାହୀଙ୍କ ନାଁରେ ବୁଧବାର ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ହିଞ୍ଜିଳିକାଟୁ ପୌରାଞ୍ଚଳ ବଜାର ଘର ଯୋଗାଇଦେବା ପାଇଁ ୩୫ଜଣ ପରିବା ବ୍ୟବସାୟୀଙ୍କଠାରୁ ୩୦ହଜାର ଲେଖାଏ ଟଙ୍କା ନେଇ ପିସିସି ସମ୍ପାଦକ ଉକ୍ତ ଟଙ୍କା ଫେରସ୍ତ କରିନଥିବା ପରିବା ବ୍ୟବସାୟୀ ଦେବରାଜ ନାହକ ହିଞ୍ଜିଳି ଥାନାରେ ଏତଲା ଦେଇଛନ୍ତି। ଏତଲାରେ ଅନ୍ୟ ୩୪ଜଣ ବ୍ୟବସାୟୀ ମଧ ବଜାର ଘର ପାଇଁ ୩୦ ହଜାର ଲେଖାଏ ଟଙ୍କା ଦେଇଥିବା ସ୍ୱାକ୍ଷର କରିଛନ୍ତି। ହିଞ୍ଜିଳିକାଟୁ ମାର୍ଚ୍ଚଂଟ ଆସୋସିଏଶନର ସଭାପତି ଥିବା ଶମ୍ଭୁ ପୌରାଞ୍ଚଳର ଜାଗାରେ ଜବରଦଖଲ କରି ବ୍ୟବସାୟ କରୁଥିବା ପରିବା ବେପାରୀଙ୍କୁ ବଜାର ଘର ନିର୍ମାଣ ହେଲେ ଘର ବଣ୍ଟନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏ ବାବଦକୁ ୨୦୧୮ ଜାନୁୟାରୀ ୧୮ରେ ପ୍ରତ୍ୟେକ ବ୍ୟବସାୟୀଙ୍କଠାରୁ ୩୦ହଜାର ଲେଖାଏ ଟଙ୍କା ନେଇଥିଲେ। କିନ୍ତୁ ବଜାର ଘର ନିର୍ମାଣ ହୋଇ ନଥିବା ବେଳେ ନେଇଥିବା ଟଙ୍କା ସେ ଫେରସ୍ତ କରିନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ମାଗିବାରୁ ପାଣିଗ୍ରାହୀ ଗାଳିଗୁଲଜ ସହ ଧମକ ଦେଉଥିବା ରାଧାକୃଷ୍ଣ ପରିବା ବ୍ୟବସାୟୀ ସଂଘ ସଭାପତି ଅନୀଲ କୁମାର ମହାପାତ୍ର ଓ ଉପ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ବହୁ ବ୍ୟବସାୟୀ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ନଂ.୫୨୧/୨୧ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଜାଣିଶୁଣି ଉକ୍ତ ଘଟଣା ନେଇ ବଦନାମ କରିବା ପାଇଁ ମିଥ୍ୟା ଷଡ଼ଯନ୍ତ୍ର କରାଯାଉଛି ବୋଲି ପିସିସି ସମ୍ପାଦକ ପାଣିଗ୍ରାହୀ କହିଛନ୍ତି। ଏହି ଅଭିଯୋଗର ତଦନ୍ତ କରାଯାଉଛି ବୋଲି ପୋଲିସ କହୁଥିବା ବେଳେ ହିଞ୍ଜିଳିରେ ରାଜନୈତିକ ବାତାବରଣ ସରଗରମ ହୋଇଛି।



ହିଞ୍ଜିଳି ଥାନାରେ ଅଭିଯୋଗ ପ୍ରଦାନ ପାଇଁ ଆସିଥିବା ପରିବା ବ୍ୟବସାୟୀ।


## CUTTACK CENTRAL CO-OPERATIVE BANK LTD., CUTTACK
### PROFIT AND LOSS ACCOUNT FOR THE YEAR 2020-2021

| EXPENDITURE | | | INCOME | | |
|---|---|---|---|---|---|
| Sl. No. | Particulars | Amount | Sl. No. | Particulars | Amount |
| 1 | Interest paid on Borrowings | 74,07,85,174.00 | 1 | Interest & Discount | 2,40,02,25,023.55 |
| 2 | Interest paid on Deposits | 1,08,13,64,576.00 | 2 | Commission, Exchange and Brokerage | 25,34,682.38 |
| 3 | Salary and Allowance | 24,34,22,635.90 | 3 | Subsidy and Donation | 0.00 |
| 4 | Director Local Committee Member Fees & Allowance | 56,000.00 | 4 | Other Receipts | 2,40,31,575.07 |
| 5 | Rent, Taxes, Insurance & Lighting | 12,65,94,334.70 | 5 | **Loss if any** | |
| 6 | Law Charges/Legal Expenses | 8,14,711.00 | | Loss for the year 2020-2021 | 0.00 |
| 7 | Postage/Telegram/Telephone | 53,21,726.04 | | | |
| 8 | Audit Fees | 19,78,760.00 | | | |
| 9 | Depreciation & repair to Property | 76,03,128.74 | | | |
| 10 | Stationary/Printing/Advertisement | 31,12,935.89 | | | |
| 11 | Amortization to Govt. Securities | 39,09,718.00 | | | |
| 12 | Other Expenditure | 1,77,97,997.50 | | | |
| 13 | **Provisions** | | | | |
| | O.D. Int. reserve for the year 2020-2021 | 1,26,50,555.68 | | | |
| | Provision against Standard Assets | 1,24,04,913.37 | | | |
| | Provision for Imbalance | 5,33,90,000.00 | | | |
| | Interest on Matured Fixed Deposit | 48,20,237.00 | | | |
| | Provision for Income Tax | 4,56,17,352.00 | | | |
| 14 | **Balance on Profit** | | | | |
| | Profit for the year 2020-2021 | 6,51,46,525.18 | | | |
| | **Grand Total** | **2,42,67,91,281.00** | | **Grand Total** | **2,42,67,91,281.00** |

## CUTTACK CENTRAL CO-OPERATIVE BANK LTD., CUTTACK
### BALANCE SHEET AS ON 31.03.2021

| LIABILITIES | | | ASSEST | | |
|---|---|---|---|---|---|
| Sl. No. | Particulars | Amount | Sl. No. | Particulars | Amount |
| 1 | Share Capital | 2,40,65,89,522.82 | 1 | Cash in Hand | 5,88,70,304.00 |
| 2 | Reserve Fund & Othe reserve | 73,31,48,128.53 | 2 | Balance with Commercial/Other Bank | 95,70,83,766.30 |
| 3 | Deposit & Other Accounts | 16,78,91,94,200.16 | 3 | Money at call and short notice | 0.00 |
| 4 | Borrowings | 17,57,35,81,453.42 | 4 | Investment | 15,50,20,75,897.00 |
| 5 | Bills for Collection being the bills received as per contra | 0.00 | 5 | Loans and Advances | 23,76,92,07,797.85 |
| 6 | Overdue interest Reserve | 49,79,52,112.40 | 6 | Interest Receivable | 1,11,88,35,496.88 |
| 7 | Interest Payable on Deposit | 1,12,14,52,781.00 | 7 | Bills Receivable as per Contra | 0.00 |
| 8 | Other Liabilities | 9,02,78,98,000.80 | 8 | Premises | 1,50,11,684.00 |
| 9 | Net Profit of the last year | 19,55,59,934.32 | 9 | Furniture & Fixture | 1,63,37,589.45 |
| 10 | Net Profit of this year | 6,51,46,525.18 | 10 | Library | 160.00 |
| | | | 11 | Vehicle | 17,80,641.00 |
| | | | 12 | Other Assets | 6,97,13,19,322.15 |
| | | | 13 | Net Loss | 0.00 |
| | | | | | |
| | **Grand Total** | **48,41,05,22,658.63** | | **Grand Total** | **48,41,05,22,658.63** |

**Sd./- Jenamani S.K. Ray**
**Manager (O&A)**

**Sd./- Ashok Ku. Dash**
**Chief Executive Officer**

**Sd./- Bhabani Sankar Chayani, IAS**
**Administrator, Cuttack Central Co-op Bank**
**-cum-Collector & District Magistrate, Cuttack**

**Sd./- M/s. Ram Prasad & Co.**
**Statutory Auditor (C/A FIRM)**

**To**
**The Members**
**Cuttack Central Cooperative Bank Ltd.**
**Cuttack, Odisha**

**Report on the Financial Statements**

1. We have audited the accompanying financial statements of Cuttack Central Cooperative Bank Ltd., Cuttack, which comprise the Balance Sheet as on 31st March 2021, profit and Loss Account for the year ended and a summary of significant accounting policies and other explanatory information incorporating the returns of 38 branches and HO. The concurrent audit of branches and head office are done by departmental auditors and other CA firms which have been selected by the Bank in accordance with the guidelines issued by the NABARD.

**Management's Responsibility for the Financial Statements:**

2. Management of the Bank is responsible for the preparation of these financial statements that give true and fair view of the financial performance of the Bank in accordance with the Odisha Coop. Societies Act 1962, complying with Reserve Bank of India and NABARD guidelines issued from time to time. This responsibility includes the design, implementation and maintenance of internal control relevant to the preparation and fair presentation of the financial statements that are free from material misstatement, whether due to fraud and error .

**Auditor's Responsibility**

3. Our responsibility is to express an opinion on the basis of financial statements based on our audit. We conducted our audit in accordance with the standards on Auditing Issued by the Institute of Chartered Accountants of India. Those standards require that we comply with ethical requirements and plan and perform the Audit to obtain reasonable assurance about whether the financial statements are free from material misstatement.
An audit involves performing procedures to obtain audit evidence about the amount and disclosures in the financial statements. The procedure selected depend on the auditor's judgments, including the assessment of the risks of material statement of the financial statement, whether due to fraud or error in making those risks assessment, the auditor considers internal control relevant to the entry's presentation and fair presentation of the financial statements in order to design audit procedures that are appropriate in the circumstances. An audit also includes evaluating the appropriates of accounting policies used and the reasonableness of the accounting estimates made by the Management, as well as evaluating the overall presentation of the financial statements.
We believe that the audit evidence we have obtained is sufficient and appropriate to provide a basis for our audit opinion.

**Basic for Opinion**

4. Subject to the limitations of Audit indicated in para 1,2 and 3 above and subject to the limitations of disclosure required there in and also subject to the effect of the following.
a) Reconciliation of Suspense payable & recoverable and the effect of the items on the financial statement,
b) Reconciliation of Sundry creditors & Sundry debtors and their effect on financial statements,
c) Reconciliation of retirement benefits claimed Gratuity received & premium paid there for & their effects on the financial statements.
d) Points mentioned in the highlights of audit findings.
Further regarding leave encashement the same has been accounted for on the basis "as & when it accrues". This is a departure from the prescription under Accounting Standard-15.

**Opinion**

5. Subject to observations in point No.4 the above and their effect on the financial statements, said financial statements give true and fair view & in conformity with the general accounting principles accepted in India.
a. In case of Balance Sheet, of the state of affairs of the Bank as at 31st March 2021.
b. In case of Profit & Loss Account of the profit of the Bank for the year ended on that date.

**Report on other Legal and regulatory requirements**

6. The balance sheet and profit and loss account have been drawn up in accordance with the provisions under Sec-31 of BR Act 1949 ( as applicable to State & Dist. Central Coop. Bank) read with provisions of Odisha Coop. Societies Act 1962 and rules made there under.

**Subject to above we report that:**

a) We have obtained all the information and explanations which to the best of our knowledge and belief were necessary for the audit and have found them to be satisfactory.
b) The transaction of the bank which have come to our notice have within the power of the Bank
c) The balance sheet and profit and loss account dealt with by this report are in agreement with the books of accounts and returns.
d) In our opinion, proper books of accounts as recurred by law have been kept by the banks so far as appears from our examination of those books.

**Place: Cuttack**
**Date: 28.09.2021**

**For Ram Prasad & Co.**
**Chartered Accountants**
**Sd./- Ram Prasad Agrawalla, Partner**
**FRN: 319232E MN: 054609**

**UDIN: 21054609AAAAJN2893**